(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୩/୨୦୨୨ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, November 23/2022 Page 20 ₹ 7.00 ★★★★★★

୪୮ଶ ଭାଗ ୩୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 357 ମୂଲ୍ୟ₹୭/-




## ବିପର୍ଯ୍ୟୟ ଘଟାଇଲା ସାଉଦି ଆରବ

ସଲିମ ଅଲ୍‌ଦାଓ୍ୱସାରିଙ୍କ ଗୋଲ ବଳରେ ସାଉଦି ଆରବ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ହରାଇ ଚଳିତ ଫିଫା ବିଶ୍ୱକପରେ ବିପର୍ଯ୍ୟୟ ସୃଷ୍ଟି କରିଛି।

୧୨

୦୨

## ବର୍ଷକରେ ୧୦୦ ବିଲିୟନ ଡଲାର ହରାଇଲେଣି ମସ୍କ

ଟେସ୍‌ଲା ସହପ୍ରତିଷ୍ଠାତା ଏଲନ୍ ମସ୍କ ଚଳିତ ବର୍ଷ ୧୦୦.୫ ବିଲିୟନ ଡଲାର ହରାଇ ବି ବିଶ୍ୱର ସର୍ବଶ୍ରେଷ୍ଠ ଧନୀ।



**ଆଜିର ସମ୍ପାଦକୀୟ**

ପ୍ରତିବାଦରେ ଦେଶପ୍ରେମ

**ମହିମାଗାଦିରେ ବୁଲିଲା ଜେସିବି**

ପୃଷ୍ଠା-୪

# ହାତୀ ମୃତ୍ୟୁ ତଦନ୍ତ ବାଟବଣା

## ହାଇକୋର୍ଟରେ ଶୁଣାଣି ପରଠୁ ମଲେଣି ୩୫

ଅସମାପିକା ସାହୁ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)



ହାତୀ ମୃତ୍ୟୁ ଏବଂ ଅପମୃତ୍ୟୁ ଲୁଚେଇବା କ୍ଷେତ୍ରରେ ଓଡ଼ିଶା ଅନେକ ଅପଯଶ ଲାଭ କରିଛି। ରାଜ୍ୟରେ ବିଦ୍ୟୁତ୍ ତାର ଜନିତ ଦୁର୍ଘଟଣା ଏବଂ ଶିକାର ଯୋଗୁ ହାତୀ ମୃତ୍ୟୁ ସଂଖ୍ୟା ବଢୁଛି। ସେହିପରି ବିଷ ପ୍ରୟୋଗ କରି ଶିକାର କରିବା ଘଟଣାକୁ ରୋକିବାରେ ବନ ବିଭାଗ ବିଫଳ ହୋଇଛି। ଗତ ଜୁଲାଇରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣିବେଳେ ଉଚ୍ଚ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ହାତୀମୃତ୍ୟୁକୁ ନେଇ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ହାଇକୋର୍ଟଙ୍କ ସମ୍ମୁଖରେ ରାଜ୍ୟର ତତ୍କାଳୀନ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶୀ ପଲଙ୍କୁ ହାଜର ହେବାକୁ ପଡ଼ିଥିଲା। ହାଇକୋର୍ଟ ବନ ବିଭାଗ ଉପରେ ବିରକ୍ତିଭାବ ପ୍ରକାଶ କରିବା ପରେ ହାତୀ ମୃତ୍ୟୁ କମିପାରେ ବୋଲି ଏକ ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଗତ ଜୁଲାଇଠାରୁ ରାଜ୍ୟରେ ୩୫ ହାତୀଙ୍କ ମୃତ୍ୟୁ ହେଲାଣି। ଓଡ଼ିଶା ବନ୍ୟପ୍ରାଣୀ ସମିତିର ପରିସଂଖ୍ୟାନ ଅନୁସାରେ ସେହି ଜୁଲାଇରେ ୭ଟି ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ଅଗଷ୍ଟରେ ୭, ସେପ୍ଟେମ୍ବରରେ ୬, ଅକ୍ଟୋବରରେ ୯ ଏବଂ ନଭେମ୍ବର ୨୧ ସୁଦ୍ଧା ୬ ହାତୀଙ୍କ ମୃତ୍ୟୁ ହୋଇଛି। ତନ୍ମଧ୍ୟରୁ ପ୍ରାକୃତିକ କାରଣ ଜନିତ ମୃତ୍ୟୁ ମାତ୍ର ୭ ହୋଇଥିବା ବେଳେ, ବିଷ କ୍ରିୟା ୧, ଶିକାର ୫, ବିଦ୍ୟୁତ ତାର ଦେଇ ଶିକାର ୧୦, ବିଦ୍ୟୁତ୍ ତାର ବାଡ଼ ଦ୍ୱାରା ୨, ଅଜଣା କାରଣ ୬ ବୋଲି ଜଣାପଡ଼ିଛି।

ଦେଖିବାକୁ ଗଲେ ରାଜ୍ୟରେ ହାତୀମୃତ୍ୟୁ ଘଟଣାଗୁଡ଼ିକର ତଦନ୍ତ ବାଟବଣା ହୋଇଯାଇଛି। ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ୱେଷ୍ଟ ରେଞ୍ଜରେ ଫେବୃୟାରୀ ୮ରେ ଏକ କଙ୍କାଳ ଖୋଳି ବାହାର କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ସେହିପରି ଜୁନ ୨ ଓ ୩ରେ ମଧ୍ୟ ସେହି ବନଖଣ୍ଡର ବଡ଼ମ୍ବା ରେଞ୍ଜରୁ ଏସ୍‌ଟିଏଫ୍ ଆଉ ଦୁଇଟି ହାତୀ କଙ୍କାଳ ଜେସିବି ଲଗେଇ ଖୋଳି ବାହାର କରିଥିଲା। ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଏହି ୩ଟି ଯାକ ହାତୀ କଙ୍କାଳ ସମ୍ପର୍କିତ ତଥ୍ୟ ଏସ୍‌ଟିଏଫ୍‌କୁ ଦେଇଥିଲେ ଏବଂ ଘଟଣାସ୍ଥଳକୁ ଯାଇଥିଲେ। ତେବେ ଆଶ୍ଚର୍ଯ୍ୟଜନକ ଭାବରେ ହାତୀ କଙ୍କାଳ ମାଟି ତଳୁ ଜବତ ହେବା ☞ପୃଷ୍ଠା-୪

# ସାନିଟାରି ନାପ୍‌କିନ୍‌ରେ ହାନିକାରକ କେମିକାଲ

## କ୍ୟାନ୍‌ସର, ମଧୁମେହ ଓ ହୃଦ୍‌ଜନିତ ସମସ୍ୟା ଆଶଙ୍କା

ନୂଆଦିଲ୍ଲୀ, ୨୨।୧୧



ମାସିକ ଋତୁସ୍ରାବ ସମୟରେ ଇନ୍‌ଫେକ୍ସନ ହେବାର ଡର ରହିଥାଏ। ଏହି ସମସ୍ୟାଠାରୁ ନିଜକୁ ଦୂରରେ ରଖିବା ଲାଗି ମହିଳା ଓ ଯୁବତୀମାନେ ସାନିଟାରି ନାପ୍‌କିନ୍ ବା ପ୍ୟାଡ୍ ବ୍ୟବହାର କରିଥାନ୍ତି। ତେବେ ଭାରତରେ ମିଳୁଥିବା କେତେ ପ୍ରକାରର ସାନିଟାରି ନାପ୍‌କିନ୍ ମହିଳାଙ୍କ ଶରୀରରେ ଅନେକ ରୋଗ ସୃଷ୍ଟି କରୁଥିବା ଇନଭାଇରନମେଣ୍ଟାଲ ଏନ୍‌ଜିଓ 'ଟକ୍ସିକ୍ସ ଲିଙ୍କ୍'ର ଏକ ଅଧ୍ୟୟନରୁ ଜଣାପଡ଼ିଛି।

ପ୍ୟାଡ୍ ବ୍ୟବହାର କରୁଥିବା ମହିଳାଙ୍କ ଶରୀରରେ ମଧୁମେହ, କ୍ୟାନ୍‌ସର ଏବଂ ହୃଦ୍‌ଜନିତ ରୋଗ ନାପ୍‌କିନ୍ ଦ୍ୱାରା ହୋଇଥିବା ପ୍ରକାଶିତ ରିପୋର୍ଟ 'ମେନ୍‌ଷ୍ଟ୍ରୁଆଲ ୱେଷ୍ଟ-୨୦୨୨'ରେ ଉଲ୍ଲେଖ କରାଯାଇଛି। ତେବେ ଏହା ପଛର ମୁଖ୍ୟ କାରଣ ହେଉଛି ନାପ୍‌କିନ୍‌ରେ ବ୍ୟବହାର ହେଉଥିବା ବହୁ କ୍ଷତିକାରକ କେମିକାଲ ବା ରସାୟନିକ ପଦାର୍ଥ। ଭାରତୀୟ ବଜାରରେ ବିକ୍ରି କରାଯାଉଥିବା ୧୦ ପ୍ରକାର ପ୍ୟାଡ୍‌ରେ ଥୋଲେଟ୍ସ (ପ୍ଲାଷ୍ଟିକ୍‌କୁ ଦୀର୍ଘସ୍ଥାୟୀ କରିବା ଲାଗି ବ୍ୟବହୃତ କେମିକାଲ) ଏବଂ ଭୋଲାଟାଇଲ୍ ଅର୍ଗାନିକ୍ କମ୍ପାଉଣ୍ଡ୍‌ସ (ସହଜରେ ବାଷ୍ପରେ ପରିଣତ ହେଉଥିବା ରସାୟନିକ ପଦାର୍ଥ) ମହଜୁଦ ରହିଥିବା ଜଣାପଡ଼ିଛି।

ମଣିଷ ଶରୀରରେ ଥୋଲେଟ୍ସ ମଧୁମେହ, କ୍ୟାନ୍‌ସର ଏବଂ ହୃଦ୍‌ଜନିତ ରୋଗ ସୃଷ୍ଟି କରିଥାଏ। ସେହିପରି ଭିଓସି ଆଜମା, କ୍ୟାନ୍‌ସର ସାଙ୍ଗକୁ ଯୌନାଙ୍ଗକୁ ବିଶେଷଭାବେ ପ୍ରଭାବିତ କରୁଥିବା ଜଣାପଡ଼ିଛି। ବ୍ୟବହାର କରାଯାଉଥିବା ଅର୍ଗାନିକ୍ ପ୍ୟାଡ୍‌ରେ ଥୋଲେଟ୍ସର ପରିମାଣ ସର୍ବାଧିକ ୧୯,୪୬୦ ମାଇକ୍ରୋଗ୍ରାମ୍/କେ.ଜି ଥିବା ଜଣାପଡ଼ିଛି। ପ୍ୟାଡ୍‌ଗୁଡ଼ିକରେ ଏସିଟୋନ୍, କ୍ଲୋରୋଫର୍ମ, ବେନ୍‌ଜିନ ଭଳି ଅନେକ ଭୋଲାଟାଇଲ୍ ଅର୍ଗାନିକ୍ କମ୍ପାଉଣ୍ଡ୍‌ସ ☞ପୃଷ୍ଠା-୪










## ଅକ୍ସଫୋର୍ଡ ପାଇଁ ଶବ୍ଦ ବାଛିବେ ଲୋକେ

ଅକ୍ସଫୋର୍ଡ ଡିକ୍ସନାରିରେ ପ୍ରତିବର୍ଷ ନୂଆ ନୂଆ ଶବ୍ଦ ସ୍ଥାନିତ ହୋଇଥାଏ। ଚଳିତବର୍ଷ ଏଥିଲାଗି ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ୨୦୨୨ ବର୍ଷର ଅକ୍ସଫୋର୍ଡ ଶବ୍ଦକୋଷରେ କେଉଁସବୁ ଶବ୍ଦ ଯୋଡ଼ାଯିବ ତାହା ବିଶ୍ୱବାସୀ ସ୍ଥିର କରିବେ। ଏନେଇ ସୋମବାରଠାରୁ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହାକି ଡିସେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଗତବର୍ଷ 'ଭାକ୍ସ'କୁ ଇୟର ଅଫ୍ ଦି ୱାର୍ଡ ମାନ୍ୟତା ମିଳିଥିଲା। ୨୦୨୨ରେ 'ମେଟାଭର୍ସ', 'ହ୍ୟାଶ୍‌ଟ୍ୟାଗ୍ ଷ୍ଟାଣ୍ଡ ୱିଥ୍' ଏବଂ 'ଗୋବ୍ଲିନ୍ ମୋଡ୍' ମଧ୍ୟରୁ ଗୋଟିଏକୁ ୱାର୍ଡ ଅଫ୍ ଦି ଇୟର ମାନ୍ୟତା ପ୍ରଦାନ ପାଇଁ ଏହି ଭୋଟିଂ କରାଯାଉଛି।



## ସଂକ୍ଷେପରେ

### ବିଟ୍‌କଏନ୍ କାରବାର କରୁଥିଲେ ମାଙ୍ଗାଲୁରୁ ବିସ୍ଫୋରଣ ଅଭିଯୁକ୍ତ

**ମାଙ୍ଗାଲୁରୁ ,୨୨।୧୧:** ମାଙ୍ଗାଲୁରୁ ଅଟୋରିକ୍ସା ବିସ୍ଫୋରଣ ଅଭିଯୁକ୍ତ ଶରିକ୍‌ଙ୍କ ସହ ଆତଙ୍କବାଦ ସମ୍ପୃକ୍ତିର ପ୍ରମାଣ ମିଳିଥିବାବେଳେ ସେ ବିଟ୍‌କଏନ କାରବାର ଚଳାଇଥିଲେ ବୋଲି ଜଣାପଡ଼ିଛି। ଜାଲ୍ ପରିଚୟରେ ମହୀଶୂରରେ ରହୁଥିବା ଶରିକ୍‌ଙ୍କ ଘର ଶିବମୋଗା ଜିଲାର ଥିର୍ଥହାଲି ସହରର ସୋପୁଗୁଡ୍ଡେ ଅଞ୍ଚଳରେ। ଗତବର୍ଷ ଜାମିନ ପାଇବା ପରେ ସେ ଫେରାର ଥିଲେ। ଶିବମୋଗା ସାମ୍ପ୍ରଦାୟିକ ସଂଘର୍ଷରେ ମଧ ସେ ସାମିଲ ଥିଲେ ବୋଲି ପୋଲିସ କହିଛି। ସେ ଶିବମୋଗାରୁ ପଳାଇଯାଇ କୋଏମ୍ବାଟୁର୍‌ରେ ୩ ଦିନ ରହି କେରଳ ଯାଇଥିଲେ ଓ ପରେ ତାମିଲନାଡୁ ହୋଇ କର୍ନାଟକ ଫେରିଥିଲେ।

### ୭୧ ହଜାରଙ୍କୁ ନିଯୁକ୍ତିପତ୍ର ଦେଲେ ମୋଦି

**ନୂଆଦିଲ୍ଲୀ ,୨୨।୧୧(ପି.ଟି.):** କେନ୍ଦ୍ର ସରକାରଙ୍କ 'ରୋଜଗାର ମେଳା' ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ୭୧ ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଗତ ମାସରେ ଏନ୍‌ଡିଏ ଶାସିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁରୂପ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଡବଲ ଇଞ୍ଜିନ ସରକାରରେ ଏହା ଦୁଇଗୁଣା ଲାଭ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗୁଜରାଟ ଓ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ଲାଗି ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଏହି ଦୁଇ ରାଜ୍ୟକୁ ବାଦ୍ ଦିଆଯାଇ ସାରା ଦେଶର ୪୫ଟି ସ୍ଥାନରେ ନିଯୁକ୍ତି ପତ୍ର ହସ୍ତାନ୍ତର କରାଯାଇଛି। ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ସ୍ୱରୂପ ଆଶାୟୀ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି। ସରକାର ନିଯୁକ୍ତି ସୃଷ୍ଟି ଉପରେ ସର୍ବାଧିକ ପ୍ରାଥମିକତା ଦେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତ ମାସରେ ୭୫,୦୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା।

### ଜମ୍ମୁ-କଶ୍ମୀରରେ ୩୦୦ ଆତଙ୍କବାଦୀ ସକ୍ରିୟ

**ପୁଞ୍ଚ୍ ,୨୨।୧୧:** ଜମ୍ମୁ-କଶ୍ମୀରରେ ୩୦୦ ଆତଙ୍କବାଦୀ ସକ୍ରିୟ ଥିବାବେଳେ ଅନୁପ୍ରବେଶ ଲାଗି ୧୬୦ ଜଣ ଏଲ୍‌ଓସି ସେପଟେ ଲଞ୍ଚ୍ ପ୍ୟାଡ୍‌ରେ ସୁଯୋଗ ଅପେକ୍ଷାରେ ରହିଥିବା ନର୍ଦର୍ନ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି। ୨୦୧୯ ଅଗଷ୍ଟ ୫ରେ ଉପତ୍ୟକାରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ କେନ୍ଦ୍ରଶାସିତ ଅଞ୍ଚଳର ସୁରକ୍ଷା ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିଛି। ଆତଙ୍କବାଦୀ କାର୍ଯ୍ୟକଳାପ ବହୁ ପରିମାଣରେ ନିୟନ୍ତ୍ରଣକୁ ଆସିଥିବା ସେ କହିଛନ୍ତି। ତେବେ ଯେଉଁମାନେ ସକ୍ରିୟ ଅଛନ୍ତି, ସେମାନେ ଆଗକୁ ଯେପରି କୌଣସି କ୍ଷୟକ୍ଷତି ନ ଘଟାଇବେ, ସେଥିପାଇଁ ପଦକ୍ଷେପ ନିଆଯାଉଛି। ପୁଞ୍ଚ୍ ଲିଙ୍କ୍-ଅପ୍ ଡେ'ର ପ୍ଲାଟିନମ୍ ଜୁବ୍‌ଲି ପାଳନ ଅବସରରେ ଖବରଦାତାମାନଙ୍କୁ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଦ୍ୱିବେଦୀ ଏହା କହିଛନ୍ତି। ପାକିସ୍ତାନୀ ଆକ୍ରମଣକାରୀଙ୍କଠାରୁ ସୀମାନ୍ତ ଜିଲାଗୁଡ଼ିକର ସୁରକ୍ଷା ପାଇଁ ୧୯୪୮ରେ ଭାରତୀୟ ସେନା 'ଅପରେଶନ ଇଜି'ଚଳାଇଥିଲା। ଏହାକୁ ମନେପକାଇବା ପାଇଁ ସେନା ଓ ପୁଞ୍ଚ୍ ଜନସାଧାରଣଙ୍କ ଦ୍ୱାରା ପୁଞ୍ଚ୍ ଲିଙ୍କ୍-ଅପ୍ ଡେ' ପାଳନ କରାଯାଉଛି।

### ଶୀତ ଅଧିବେଶନ ପୁରୁଣା କି ନୂଆ ବିଲ୍ଡିଂରେ ହେବ ନିଷ୍ପତ୍ତି ବାଚସ୍ପତି ନେବେ

**ନୂଆଦିଲ୍ଲୀ ,୨୨।୧୧(ପି.ଟି.):** ନୂଆ ପାର୍ଲାମେଣ୍ଟ ବିଲ୍ଡିଂ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୀତ ଅଧିବେଶନ ପୁରୁଣା ବିଲ୍ଡିଂରେ କି ନୂତନ ବିଲ୍ଡିଂରେ ହେବ ସେ ନେଇ ଲୋକ ସଭା ବାଚସ୍ପତି ନିଷ୍ପତ୍ତି ନେବେ ବୋଲି କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୌଶଳ କିଶୋର ମଙ୍ଗଳବାର କହିଛନ୍ତି। ଶୀତ ଅଧିବେଶନ ଡିସେମ୍ବର ୭ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ନୂଆ ପାର୍ଲାମେଣ୍ଟ ବିଲ୍ଡିଂ କାର୍ଯ୍ୟ ନଭେମ୍ବରରେ ସମ୍ପୂର୍ଣ୍ଣ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହାକୁ ଯଥାସମ୍ଭବ ଶୀଘ୍ର ଶେଷ କରିବା ଲାଗି ସମସ୍ତ ଉଦ୍ୟମ ଜାରି ରହିଛି। ୨୦୨୦ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ପାର୍ଲାମେଣ୍ଟ ବିଲ୍ଡିଂର ଶିଳାନ୍ୟାସ କରିଥିଲେ। ଟାଟା ପ୍ରୋଜେକ୍ଟସ୍ ଲିମିଟେଡ ଏହାର ନିର୍ମାଣ କରୁଛି।



ପଶ୍ଚିମ ଜାଭା ପ୍ରଦେଶର ସିଆନ୍‌ଜୁରରେ ଆହତ ଶିଶୁଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଉଛନ୍ତି ଜଣେ ସ୍ୱେଚ୍ଛାସେବୀ।

## ଇଣ୍ଡୋନେସିଆ ଭୂକମ୍ପ ମୃତ୍ୟୁସଂଖ୍ୟା ୨୬୮

**ସିଆଞ୍ଜୁର,୨୨।୧୧:** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ହୋଇଥିବା ଭୂକମ୍ପ ମୃତ୍ୟୁସଂଖ୍ୟା ମଙ୍ଗଳବାର ୨୬୮କୁ ବୃଦ୍ଧି ପାଇଛି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ସମ୍ପର୍କୀୟମାନେ ଶବସତ୍କାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜନବହୁଳ ପଶ୍ଚିମ ଜାଭାର ଉଚ୍ଚା କୋଠାଗୁଡ଼ିକରୁ ମୃତଦେହ ମିଳୁଛି। ସୋମବାର ଜାଭାର ସିଆଞ୍ଜୁର ସହର ନିକଟରେ ୫.୬ ତୀବ୍ରତାର ଭୂକମ୍ପ ହୋଇଥିଲା। ପ୍ରଥମ ଦିନ ୧୬୨ ମୃତଦେହ ମିଳିଥିବାବେଳେ ମଙ୍ଗଳବାର ଏହା ୨୬୮ରେ ପହଞ୍ଚିଛି। ଭଗ୍ନାବଶେଷ ଓ ମାଟି ଅତଡ଼ା ତଳେ ଅଧିକ ମୃତଦେହ ରହିଥାଇପାରେ ବୋଲି ଆଶଙ୍କା କରାଯାଉଛି। ୧୫୧ ଜଣ ନିଖୋଜ ଥିବାବେଳେ ହଜାରେରୁ ଊର୍ଦ୍ଧ୍ୱ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ୫ରେ ଇଲେକ୍ଟୋରାଲ ବଣ୍ଡ୍ ଶୁଣାଣି

ନୂଆଦିଲ୍ଲୀ ,୨୨।୧୧(ପି.ଟି.)

ସାଧାରଣ ନିର୍ବାଚନ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ନିର୍ବାଚନ ବର୍ଷରେ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ସମୟସୀମା ଆଉ ୧୫ ଦିନ ବଢ଼ାଇବା ଲାଗି ନିକଟରେ ସରକାରଙ୍କ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ଶୁଣାଣି ଡିସେମ୍ବର ୫ରେ ହେବ। କଂଗ୍ରେସ ନେତା ଜୟ ଠାକୁରଙ୍କ ଉକ୍ତ ପିଟିଶନ ବ୍ୟତୀତ ୨୦୧୮ ଇଲେକ୍ଟୋରାଲ ବଣ୍ଡ ସ୍କିମ୍‌ର ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଅନ୍ୟ ପିଟିଶନଗୁଡ଼ିକର ଶୁଣାଣି ଡିସେମ୍ବର ୬ରେ ହେବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ହିମା କୋହଲି ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ରାଜନୈତିକ ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ଲାଗି ନଗଦ ଚାନ୍ଦାର ବିକଳ୍ପ ଭାବେ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଥିଲା। ଏନେଇ ସରକାର ୨୦୧୮ ଜାନୁୟାରୀ ୨ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଜଣେ ଭାରତୀୟ ନାଗରିକ କିମ୍ବା ଭାରତର କୌଣସି ସଂସ୍ଥା ଏହି ବଣ୍ଡ୍ କିଣିପାରିବେ। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯ଏରେ ପଞ୍ଜୀକୃତ ହୋଇଥିବା ରାଜନୈତିକ ଦଳ ଏବଂ ଗତ ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନରେ ୧ ପ୍ରତିଶତରୁ କମ୍ ଭୋଟ ପାଇ ନ ଥିବା ଦଳ ଇଲେକ୍ଟୋରାଲ ବଣ୍ଡ୍ ଗ୍ରହଣ କରିବାକୁ ଯୋଗ୍ୟ। ରାଜନୈତିକ ଦଳ ଉକ୍ତ ବଣ୍ଡ୍‌କୁ ଅଧିକୃତ ବ୍ୟାଙ୍କରେ ଏନ୍‌କ୍ୟାଶ୍ କରିଥାନ୍ତି। ନିକଟରେ କେନ୍ଦ୍ର ସରକାର ଉକ୍ତ ବଣ୍ଡ୍ ଯୋଜନାରେ ସଂଶୋଧନ କରି ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନ ବର୍ଷରେ ଅଧିକ ୧୫ ଦିନ ବଣ୍ଡ୍ ବିକ୍ରି କରାଯିବା ବ୍ୟବସ୍ଥା କରିଥିଲେ। ଉକ୍ତ ବିଜ୍ଞପ୍ତିକୁ କଂଗ୍ରେସ ନେତା ଜୟ ଠାକୁର ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ।

## ଜଳବାୟୁ ପରିବର୍ତ୍ତନ ପ୍ରଦର୍ଶନ ସୂଚକାଙ୍କ

# ୨ ପାଦ ଉଠିଲା ଭାରତ

CCPI Climate Change Performance Index

ନୂଆଦିଲ୍ଲୀ,୨୨।୧୧(ଆଇଏଏନ୍‌ଏସ୍)

ଜଳବାୟୁ ପରିବର୍ତ୍ତନ ପ୍ରଦର୍ଶନ ସୂଚକାଙ୍କ (ସିସିପିଆଇ-୨୦୨୩)ରେ ଭାରତ ୨ ପାଦ ଉପରକୁ ଉଠି ଅଷ୍ଟମ ସ୍ଥାନରେ ରହିଛି। ଜର୍ମାନ ୱାଚ୍, ନ୍ୟୁ କ୍ଲାଇମେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ କ୍ଲାଇମେଟ୍ ଆକ୍ସନ ନେଟ୍‌ୱର୍କ ପକ୍ଷରୁ ମଙ୍ଗଳବାର ଜାରି ସୂଚକାଙ୍କରେ ଏହି ବିଷୟ ପ୍ରକାଶ ପାଇଛି। କପ୍୨୭ରେ ସଦ୍ୟ ପ୍ରକାଶିତ ସିସିପିଆଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୪ ଛୋଟ ଦେଶ ଡେନ୍‌ମାର୍କ, ସୁଇଡେନ୍, ଚିଲି ଓ ମରକ୍କୋର ସ୍ଥାନ ଭାରତ ଉପରେ ରହିଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ କୌଣସି ଦେଶକୁ ରଖାଯାଇ ନାହିଁ। ତେଣୁ ସମସ୍ତ ବୃହତ୍ ଅର୍ଥନୀତି ମଧ୍ୟରେ ଭାରତ ମଜଭୁତ ସ୍ଥିତିରେ ରହିଥିବା ଆନୁଷ୍ଠାନିକ ଭାବେ କୁହାଯାଇଛି। ସେହିପରି ଜି୨୦ର ସର୍ବୋତ୍ତମ ୫ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧ ନମ୍ବରରେ ରହିଛି। ଅନ୍ତର୍ଜାତୀୟ ଜଳବାୟୁ ରାଜନୀତିରେ ସ୍ୱଚ୍ଛତାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସିସିପିଆଇ କାର୍ଯ୍ୟ କରିଥାଏ। ଏଥିସହ ପ୍ରତ୍ୟେକ ଦେଶ ପକ୍ଷରୁ କରାଯାଉଥିବା ଜଳବାୟୁ ସୁରକ୍ଷା ଉଦ୍ୟମ ଓ ବିକାଶର ତୁଳନାତ୍ମକ ଚିତ୍ର ଆଙ୍କିଥାଏ। ୨୦୦୫ ମସିହାରୁ ପ୍ରତିବର୍ଷ ପ୍ରକାଶ ପାଉଥିବା କ୍ଲାଇମେଟ୍ ଚେଞ୍ଜ ପରଫରମାନ୍ସ ଇଣ୍ଡେକ୍ସ ହେଉଛି ଏକ ସ୍ୱାଧୀନ ନିରୀକ୍ଷଣକାରୀ ଟୁଲ୍, ଯାହା ଜରିଆରେ ୫୯ ରାଷ୍ଟ୍ର ଏବଂ ୟୁରୋପୀୟ ସଂଘ (ଇୟୁ)ର ଜଳବାୟୁ ସୁରକ୍ଷା ପ୍ରଦର୍ଶନକୁ ଟ୍ରାକ୍ କରାଯାଏ। ବୈଶ୍ୱିକ ସବୁଜଗୃହ (ଜିଏଚ୍‌ଜି) ଉତ୍ସର୍ଜନର ୯୨% ଏହି ୫୯ ରାଷ୍ଟ୍ରରେ ହୋଇଥାଏ। ଜଳବାୟୁ ସୁରକ୍ଷା ପ୍ରଦର୍ଶନର ସମୀକ୍ଷା ୪ଟି ବର୍ଗରେ କରାଯାଇଥାଏ। ଜିଏଚ୍‌ଜି ଉତ୍ସର୍ଜନ (୪୦%), ନବୀକରଣୀୟ ଶକ୍ତି (୨୦%), ଶକ୍ତି ବ୍ୟବହାର (୨୦%) ଏବଂ ଜଳବାୟୁ ନୀତି (୨୦%) ଆଧାରରେ ଦେଶଗୁଡ଼ିକର ସ୍କୋର ନିର୍ଦ୍ଧାରଣ କରାଯାଏ।

## ସୁମେରୁରେ ତରଳୁଛି ହିମବାହ

ସୋଚି(ରୁଷିଆ),୨୨।୧୧



ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ସୁମେରୁରେ ବୃହତ୍ ହିମବାହ ତରଳିବାରେ ଲାଗିଛି। ଫଳରେ ନୂଆ ଶିପିଂ ରୁଟ୍ ଖୋଲିବ। ଭାରତ ମହାସାଗର ଉପରେ ମଧ ଏହାର ପ୍ରଭାବ ପଡ଼ିବ ବୋଲି ଗବେଷକମାନେ ମତ ଦେଇଛନ୍ତି। ସୋଚିରେ ରୁଷୀୟ କମ୍ପାନୀ ରୋସାଟୋମ୍ ପକ୍ଷରୁ ଆୟୋଜିତ ଗ୍ଲୋବାଲ ନ୍ୟୁକ୍ଲିୟର ପାୱାର ସମ୍ମିଳନୀରେ ପିଲାନିସ୍ଥିତ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସର ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସେସ୍ ବିଭାଗ ପ୍ରାଧ୍ୟାପକ ରୁଦ୍ର ପ୍ରସାଦ ପ୍ରଧାନ କହିଛନ୍ତି, ଯଦି ଉତ୍ତରମେରୁ ତରଳେ ତେବେ ଜାହାଜ ଚଳାଚଳ ପାଇଁ ନୂଆ ବାଟ ଫିଟିବ। ଫଳରେ ଜାହାଜ ଚଳାଚଳ ବାବଦ ଖର୍ଚ୍ଚ ୪୦% କମିଯିବ। ସମ୍ପ୍ରତି ଭାରତ ମହାସାଗରରେ ଟ୍ରାଫିକ୍ ହେଉଛି ଏକ ଟ୍ରାଞ୍ଜିଟ୍ ରୁଟ୍। ଏହି ଜଳପଥ ଦେଇ ଭାରତକୁ ପଣ୍ୟ ସାମଗ୍ରୀ ଆସିଥାଏ। ଭବିଷ୍ୟତରେ ଆର୍କଟିକ୍ ପଥ ଖୋଲିଲେ ଭାରତ ଉପରେ କି ପ୍ରଭାବ ପଡୁଛି ତା' ଉପରେ ଅନୁଧ୍ୟାନ କରାଯିବା ଉଚିତ। ଭାରତ ସ୍ମାର୍ଟ ପୋର୍ଟ, ଗ୍ରୀନ୍ ଶପିଂ ଏବଂ ନେଟ୍ ଜିରୋ ଭଳି ନୂଆ ଥିମ୍‌ର ସୁବିଧା ମଧ ନେଇପାରିବ ବୋଲି ପ୍ରଫେସର ପ୍ରଧାନ ପରାମର୍ଶ ଦେଇଛନ୍ତି।

**ଜାହାଜ ଚଳାଚଳ ପାଇଁ ବାଟ ଫିଟିବ: ବିଶେଷଜ୍ଞ**

## ବିଦ୍ୟୁତ୍ ନାହିଁ, ବିଲ୍ ୬୦ ହଜାର

ଶାମ୍ଲି,୨୨।୧୧

ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। କିନ୍ତୁ ଘର ପିଛା ୩୦ ହଜାରରୁ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ଇଲେକ୍ଟ୍ରିସିଟି ବିଲ୍ ଆସୁଛି। ଉତ୍ତର ପ୍ରଦେଶର ଶାମ୍ଲି ଜିଲା ଅନ୍ତର୍ଗତ ଝିନ୍‌ଝାନା ଅଞ୍ଚଳର ୧୨ ଗ୍ରାମରେ ଏଭଳି ଦେଖିବାକୁ ମିଳିଛି। ଏହାକୁ ନେଇ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେମାନେ ଏନେଇ କାହା ନିକଟରେ ଅଭିଯୋଗ କରିବେ ତାହା ମଧ ଜାଣିନାହାନ୍ତି। କିଛି ବର୍ଷ ପୂର୍ବେ ଗାଁରେ ବିଦ୍ୟୁତ୍ ସଂଯୋଗ ପାଇଁ ମାଗଣାରେ ମିଟର ବସାଯାଇଥିଲା। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ହୋଇଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ହୋଇପାରି ନ ଥିବାବେଳେ ଘର ପିଛା ୩୦ ହଜାରରୁ ୬୦ ହଜାର ଟଙ୍କା ପଇଠ କରିବା ପାଇଁ ବିଲ୍ ଆସିଛି। ଏହି ଗାଁଗୁଡ଼ିକ ମଧ୍ୟରେ ରହିଛି ଖୋକ୍ସା, ଅଲାଉଦ୍ଦିନପୁର, ଦୁଧିଲି, ଡେରା ଭଗୀରଥ ଓ ନୟା ଗାଁ। ବଓରିଆ ସମାଜର ପଛୁଆ ଲୋକଙ୍କୁ ଆଲୋକ ଦେଖାଇ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଖୋକ୍ସା ଗ୍ରାମର ପ୍ରାୟ ୨୫୦ ଘରେ ମିଟର ବସାଯାଇଛି। ପଶ୍ଚିମାଞ୍ଚଳ ବିଦ୍ୟୁତ୍ ବିତରଣ ନିଗମ ଲିଃର ଶାମ୍ଲି ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ରାମ କୁମାର ଏହାର ତଦନ୍ତ ସହ ଗ୍ରାମବାସୀଙ୍କ ଅସୁବିଧା ଦୂର କରାଯିବ ବୋଲି କହିଛନ୍ତି।

## ଚାଇନା ପ୍ଲାଣ୍ଟରେ ନିଆଁ: ୩୮ ମୃତ

ବେଜିଂ ,୨୨।୧୧(ପି.ଟି.)





ଚାଇନାର ହେନାନ ପ୍ରଦେଶରେ ଥିବା ଏକ କପଡ଼ା କାରଖାନାରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟି ୩୮ ଜଣଙ୍କ ମୃତ୍ୟୁ ହୋଇଛି। ନିଆଁ ଲିଭାଇବା ଲାଗି ଅଗ୍ନିଶମ ବାହିନୀକୁ ୪ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ଦୁଇଜଣ ଗୁରୁତର ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। କପଡ଼ା ଉତ୍ପାଦନକାରୀ କମ୍ପାନୀ କାରଖାନାରେ ଅଗ୍ନିନିର୍ବାପନ ନିୟମାବଳୀ କାର୍ଯ୍ୟକାରୀ କରି ନ ଥିଲେ ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି। ୱେଲ୍ଡିଂ ଚାଲିଥିବାବେଳେ ସ୍ପାର୍କିଂରୁ ତୁଳାରେ ନିଆଁଲାଗି ଚାରିଆଡ଼କୁ ବ୍ୟାପିଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଗ୍ନିକାଣ୍ଡ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ କହିଛନ୍ତି। ପୋଲିସ କେତେଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ୨୦୧୫ ଅଗଷ୍ଟରେ ଟିଆନଜିନ୍ ପୋର୍ଟରେ ଥିବା ଏକ ୱେରହାଉସ୍‌ରେ ନିଆଁଲାଗି ୧୭୦ ଜଣଙ୍କର ମୃତ୍ୟୁ ହେବା ସହ ୭୦୦ ଆହତ ହୋଇଥିଲେ। ଉକ୍ତ ୱେରହାଉସ୍‌ରେ ୭୦୦ ଟନ୍ ସୋଡିୟମ ସିଆନାଇଡ୍ ସମେତ ବହୁ ପରିମାଣର ବିଷାକ୍ତ ରାସାୟନିକ ପଦାର୍ଥ ରହିଥିଲା।

## ମହାରାଷ୍ଟ୍ର ରାଜ୍ୟପାଳଙ୍କ ବହିଷ୍କାର ଲାଗି ହାଇକୋର୍ଟରେ ପିଟିଶନ

**ମୁମ୍ବାଇ, ୨୨।୧୧:** ଛତ୍ରପତି ଶିବାଜୀଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶ୍ୟାରିଙ୍କୁ ବହିଷ୍କାର ଲାଗି ବମ୍ବେ ହାଇକୋର୍ଟରେ ପିଟିଶନ ଦାଏର ହୋଇଛି। ଶିବାଜୀଙ୍କୁ ପୁରୁଣା ଦିନର ଆଇକନ୍ ବୋଲି ରାଜ୍ୟପାଳ କହିଥିଲେ। ତାଙ୍କ ବିରୋଧରେ ଏତଲା ଦାଏର କରିବାକୁ ପିଟିଶନରେ ଦାବି ହୋଇଛି। କୌଣସି ଅପରାଧରେ ରାଜ୍ୟପାଳ ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ମହାଭିଯୋଗରେ ବହିଷ୍କାର କରାଯାଇପାରିବ ବୋଲି କୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଦୀପକ ଦିଲୀପ ଜଗଦେବ ଦାବି କରିଛନ୍ତି। ଔରଙ୍ଗାବାଦରେ ରାଜ୍ୟପାଳ ଦେଇଥିବା ମନ୍ତବ୍ୟକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ତାଙ୍କ ବହିଷ୍କାର ଲାଗି ଶିବସେନା ଉଦ୍ଧବ ଗୋଷ୍ଠୀ, ଏନ୍‌ସିପି, କଂଗ୍ରେସ ବିକ୍ଷୋଭ କରିଛନ୍ତି।

## ୧୦୦ ବିଲିୟନ ଡଲାର ହରାଇଲେଣି ମସ୍କ

ନୂଆଦିଲ୍ଲୀ ,୨୨।୧୧(ପି.ଟି.)



ଟେସ୍‌ଲା ସହପ୍ରତିଷ୍ଠାତା ଏଲନ୍ ମସ୍କ ଚଳିତ ବର୍ଷ ୧୦୦.୫ ବିଲିୟନ ଡଲାର ହରାଇଲେଣି। ତଥାପି ସେ ଏବେ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ସୂଚକାଙ୍କ ଅନୁଯାୟୀ ତାଙ୍କ ମୋଟ ସମ୍ପତ୍ତି ପରିମାଣ ୧୬୯.୮ ବିଲିୟନ ଡଲାର। ବର୍ଷେରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ତାଙ୍କ ସମ୍ପତ୍ତି ପରିମାଣ ସର୍ବାଧିକ ୩୪୦ ବିଲିୟନ ଡଲାରରେ ପହଞ୍ଚିଥିଲା। ଏବେ ସେ ଦୈନିକ ହାରାହାରି ୨,୫୦୦ କୋଟି ଟଙ୍କା ହରାଉଥିବା ଜଣାପଡ଼ିଛି।

ଚଳିତ ବର୍ଷ ମସ୍କ ଅନେକ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହୋଇଛନ୍ତି। ନିର୍ମାଣଜନିତ ତ୍ରୁଟି ଯୋଗୁ ଆମେରିକାରେ ତାଙ୍କ ଟେସ୍‌ଲା କମ୍ପାନୀକୁ ୩ ଲକ୍ଷ ଗାଡ଼ି ଫେରାଇ ନେବାକୁ ପଡ଼ିଛି। ଫଳରେ ସୋମବାର ନ୍ୟୁୟର୍କ ଟ୍ରେଡିଂରେ ଟେସ୍‌ଲା ଶେୟାର ୬.୮ ପ୍ରତିଶତ ହ୍ରାସ ପାଇ ୧୬୭.୮୭ ଡଲାରରେ ପହଞ୍ଚିଛି, ଯାହାକି ୨୦୨୦ ନଭେମ୍ବରଠାରୁ ସର୍ବନିମ୍ନ। ବର୍ଷକରେ ଶେୟାର ମୂଲ୍ୟ ୫୨ ପ୍ରତିଶତ ହ୍ରାସ ପାଇଛି। ଗତମାସରେ ମସ୍କ ୪୪ ବିଲିୟନ ଡଲାର ବିନିମୟରେ ସୋସିଆଲ ମିଡିଆ ନେଟ୍‌ୱର୍କ ଟୁଇଟରକୁ କିଣିଥିଲେ। ଏହା ପରେ ସେ ଟୁଇଟରରୁ ୬୦ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କଲେଣି।

## ଜେଲମନ୍ତ୍ରୀଙ୍କୁ ମାଲିସ କରୁଥିଲେ ବଳାତ୍କାର ଅଭିଯୁକ୍ତ

ନୂଆଦିଲ୍ଲୀ ,୨୨।୧୧

ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ତିହାର ଜେଲରେ ଥିବା ଦିଲ୍ଲୀ ଜେଲ ବିଭାଗ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ସେଠାରେ ମସାଜ କରାଯାଉଥିବାର ଭିଡିଓ ଭାଇରାଲ ହୋଇଥିଲା। ସତ୍ୟେନ୍ଦ୍ର ଅସୁସ୍ଥ ଥିବାରୁ ତାଙ୍କର ଫିଜିଓଥେରାପି ଚିକିତ୍ସା ଚାଲିଥିବା କଥା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ କୁହାଯାଇଥିଲା। ତେବେ ମାଲିସ କରୁଥିବା ବ୍ୟକ୍ତି ଜଣକ ଫିଜିଓଥେରାପିଷ୍ଟ ନୁହନ୍ତି, ଉକ୍ତ ଜେଲରେ ଥିବା ଜଣେ ବଳାତ୍କାର ଅଭିଯୁକ୍ତ ବୋଲି ଜଣାପଡ଼ିଛି। ସେ ତାଙ୍କ ନିଜ ଝିଅକୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇ ଜେଲରେ ଅଛନ୍ତି। ଏହି ଖବର ପଦାକୁ ଆସିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ଆବାହକ ଅରବିନ୍ଦ କେଜ୍‌ରିୱାଲ କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଛି। ସତ୍ୟେନ୍ଦ୍ର ଜୈନ ମନ୍ତ୍ରୀ ପଦରେ ଆଉ ମୁହୂର୍ତ୍ତେ ମଧ ରହିବା ଉଚିତ ନୁହେଁ ବୋଲି ବିରୋଧୀ ଦଳ କହିଛି।

ତିହାର ଜେଲ ସିକ୍ୟୁରିଟି ଭିଡିଓରେ ମସାଜ କରୁଥିବା ବ୍ୟକ୍ତି ଜଣକ ବନ୍ଦୀ ରିଙ୍କୁ ବୋଲି ଜଣାପଡ଼ିଛି। ତାଙ୍କ ବିରୋଧରେ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ମାମଲା ଚାଲିଥିବା ଜେଲର ଜଣେ ଅଧିକାରୀ କହିଛନ୍ତି। ରିଙ୍କୁଙ୍କ ବିରୋଧରେ ୧୦ ଶ୍ରେଣୀରେ ପଢୁଥିବା ଝିଅ ବଳାତ୍କାର ଅଭିଯୋଗ ଆଣିବା ପରେ ସେ ଗତବର୍ଷ ଗିରଫ ହୋଇଥିଲେ। ସତ୍ୟେନ୍ଦ୍ରଙ୍କୁ ଜେଲରେ ଭିଆଇପି ଚର୍ଚ୍ଚା କରାଯାଉଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଭିଯୋଗ ଆଣିବା ପରେ ଜେଲ ମହାନିର୍ଦ୍ଦେଶକଙ୍କ ସମେତ ୧୨ ଜଣଙ୍କ ବଦଳି ହୋଇଥିଲା।

## ଫିଫା ୱାର୍ଲ୍ଡକପ୍‌ରେ ଜାକିର ନାଏକ

ନୂଆଦିଲ୍ଲୀ/ପଣଜୀ,୨୨।୧୧



**■ବକ୍ତୃତା ଦେବାକୁ ଡାକିଥିଲା କାତାର**

**■ଆପତ୍ତି ଉଠାଇବ ଭାରତ**

ବିବାଦୀୟ ଇସ୍‌ଲାମୀୟ ବିଦ୍ୱାନ ଜାକିର ନାଏକଙ୍କୁ ଫିଫା ୱାର୍ଲ୍ଡକପ୍‌କୁ ବକ୍ତୃତା ଦେବା ପାଇଁ କାତାର ପକ୍ଷରୁ ନିମନ୍ତ୍ରଣ କରାଯିବା ଉପରେ ଭାରତରେ ଉଦ୍‌ବେଗ ପ୍ରକାଶ ପାଇଛି। ଇଣ୍ଡିଆନ୍ ଫୁଟ୍‌ବଲ୍ ଆସୋସିଏଶନ୍ ଏବଂ ଖେଳ ଦେଖିବାକୁ ଯାଉଥିବା ଭାରତୀୟମାନେ ବିଶ୍ୱକପ୍‌କୁ ବର୍ଜନ କରନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।

ଆତଙ୍କବାଦୀଙ୍କ ସହ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଭାରତରୁ ପଳାତକ କରିଥିବା ଜାକିର ନାଏକଙ୍କୁ ଭାଷଣ ଦେବା ପାଇଁ ଆୟୋଜକ ରାଷ୍ଟ୍ର କାତାର ଫିଫା ୱାର୍ଲ୍ଡ କପ୍‌କୁ ନିମନ୍ତ୍ରଣ କରିଥିଲା। ବିଶ୍ୱ ଆତଙ୍କବାଦର ମୁକାବିଲା ପାଇଁ ଲଢ଼େଇ କରୁଥିବାବେଳେ ତାଙ୍କୁ ଏହି ବିଶ୍ୱମଞ୍ଚରେ ସୁଯୋଗ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତା ସାଭିଓ ରୋଡ୍ରିଗୁଏସ୍ କହିଛନ୍ତି। ଏହି ପ୍ରସଙ୍ଗ ବିବାଦୀୟ ହେବା ପରେ କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଭାରତ କାତାରକୁ କଡ଼ା ଭାଷାରେ ନିଜ ଆପତ୍ତି ଜଣାଇବ। ପ୍ରକାଶ ଯେ, ଜାକିର ଭାରତ ଓ ବିଦେଶର ଅନେକ ମୁସଲମାନ ଯୁବକଙ୍କୁ ଆତଙ୍କବାଦ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବା ପାଇଁ ଉସୁକାଉଥିବା ନେଇ ପୂର୍ବରୁ ଜଣାପଡ଼ିଥିଲା। ଗୁଜରାଟ, କର୍ନାଟକ, ଜମ୍ମୁ-କଶ୍ମୀର, ଝାଡ଼ଖଣ୍ଡ, କେରଳ, ମହାରାଷ୍ଟ୍ର ଓ ଓଡ଼ିଶାରେ ତାଙ୍କ ଅନୁଗାମୀ ଥିବା କୁହାଯାଉଛି। ଜାକିର ୨୦୧୬ରେ ଭାରତରୁ ମାଲେସିଆ ପଳାୟନ କରିଥିଲେ। ସେଠାରେ ତାଙ୍କୁ ସ୍ଥାୟୀ ବାସିନ୍ଦା ହେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ ଅନୁମତି ଦେଇଥିଲେ। ଜାକିରଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ମାଲେସିଆ ସରକାରଙ୍କୁ ଭାରତ ଅନୁରୋଧ କରିଥିଲା। ଅନ୍ୟ ଧର୍ମଗୁଡ଼ିକ ବିରୋଧରେ ଘୃଣା ମନ୍ତବ୍ୟ ଦେବା ଅଭିଯୋଗରେ ବ୍ରିଟେନ ଓ କାନାଡା ମଧ ଜାକିରଙ୍କ ଉପରେ ନିଷେଧାଦେଶ ଜାରି କରିଛନ୍ତି।

# କାର୍‌ରୁ ୨୨ଲକ୍ଷ ଟଙ୍କା ଜବତ

**ଅଭିଯୁକ୍ତ ଶରତ ଫେରାର**

- ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ
- ଜବତ ଟଙ୍କା, କାର୍‌କୁ ନେଇ ଖୋଲତାଡ଼





ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ସୂଚନା ଦେଉଛନ୍ତି। ଜବତ ଟଙ୍କା ଓ କାର୍‌।

**ଖୋର୍ଦ୍ଧା ଅଫିସ,୨୨।୧୧**

ଖୋର୍ଦ୍ଧା ସହରକୁ ନିଶାମୁକ୍ତ କରିବା ଲାଗି ପୋଲିସ ପକ୍ଷରୁ ଚାଲିଥିବା ଅପରେଶନ ହ୍ୱାଇଟ୍ ସ୍ୱାଇଡରକୁ ପୁଣି ସଫଳତା ମିଳିଛି। ଆଦର୍ଶ ଥାନା ପୋଲିସ ୧୬ ନମ୍ବର ଜାତୀୟ ରାଜପଥ ନିକଟ ଶିଆଳିଆ ରାସ୍ତାରେ ଏକ କାର୍‌ରୁ ନଗଦ ୨୨ଲକ୍ଷ ଟଙ୍କା ଜବତ କରିଛି। ତେବେ ପୋଲିସକୁ ଚକ୍‌ମା ଦେଖାଇ ବ୍ରାଉନସୁଗାର କାରବାରରେ ୱାଣ୍ଟେଡ୍ ଥିବା ଶରତ ବେହେରା ଓରଫ ବାୟା ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଜବତ କାର୍‌ର ମୂଲ୍ୟ ପ୍ରାୟ ୧୮ ଲକ୍ଷ ଟଙ୍କା ହେବ ବୋଲି ମଙ୍ଗଳବାର ଆଦର୍ଶ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ମୁର୍ମୁ କହିଛନ୍ତି, ଗତ ଅକ୍ଟୋବର ୨୧ରେ ଆଦର୍ଶ ଥାନା ପୋଲିସ ସାମନ୍ତରାପୁରରେ ଚଢ଼ାଉ କରି ୫୦ ଗ୍ରାମ ବ୍ରାଉନସୁଗାର ସମେତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଜବତ କରିଥିଲା। ଏଥିସହ ଏହି କାରବାରରେ ସମ୍ପୃକ୍ତି ଅଭିଯୋଗ ନେଇ ସେହି ଅଞ୍ଚଳର କାନି ବେହେରା, ସ୍ୱର୍ଣ୍ଣଲତା ବେହେରା, ଦମୟନ୍ତୀ ବେହେରା, କୁଳମଣି ବେହେରା, ବୀରେନ୍ଦ୍ର ସାହୁ ପ୍ରମୁଖଙ୍କୁ ଗିରଫ କରିଥିଲା। ତେବେ କାନିଙ୍କ ପୁଅ ଶରତ ଫେରାର ଥିଲେ। ସୋମବାର ଅପରାହ୍ନ ସାଢ଼େ ୨ଟା ବେଳେ ସେ ଏକ ଧଳା ରଙ୍ଗର କାର୍ (ନଂ. ଓଡି-୦୨-ସିବି-୪୨୪୨)ରେ ବ୍ରାଉନସୁଗାର ଧରି ଭୁବନେଶ୍ୱର ଯାଉଥିବାବେଳେ ପୋଲିସ ଟିମ୍ ଖବର ପାଇ ରାଜପଥର ବିଭିନ୍ନ ଛକରେ ଛକି ରହିଥିଲେ। ତେବେ ପୋଲିସକୁ ଦେଖି ଶରତ ଶିଆଳିଆ ରାସ୍ତାରେ କାର୍ ଛାଡ଼ି ଚମ୍ପଟ ମାରିଥିଲେ। ପୋଲିସ ସେଠାକୁ ଯାଇ କାର୍ ଯାଞ୍ଚ କରିବାରୁ ଡିକିରୁ ଶତାଧିକ ଟଙ୍କା ବଣ୍ଡଲ ମିଳିଥିଲା। ତାହାକୁ ଗଣତି କରିବାରୁ ସେଥିରେ ୨୨ଲକ୍ଷ ଟଙ୍କା ଥିଲା। ତେବେ ଏହି ଟଙ୍କା କୁଆଡ଼େ ଓ କାହିଁକି ନିଆଯାଉଥିଲା, ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ କି ନୁହଁନ୍ତି, କାର୍‌ର ମାଲିକ କିଏ ପ୍ରଭୃତି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଚଢ଼ାଉରେ ଇନ୍ସପେକ୍ଟର ଚନ୍ଦ୍ରଶେଖର ଜେନା, ସୁକାନ୍ତ ଦଳାଇ, କନଷ୍ଟେବଲ ପ୍ରଦୀପ ହରିଚନ୍ଦନଙ୍କ ସମେତ ସ୍ପେଶାଲ ସ୍କାଡ୍ ଟିମ୍ ସାମିଲ ଥିଲେ। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଦିଲୀପ ଦାସ ଏବଂ ଥାନାଧିକାରୀ ତାରିକ ଅହମ୍ମଦ ଉପସ୍ଥିତ ଥିଲେ।

# କୋରେଇ ଷ୍ଟେଶନରେ ୫ଦିନ ଅଟକିବନି ଟ୍ରେନ୍

**କୋରେଇ,୨୨।୧୧(ସ୍ୱ.ପ୍ର.)**

ପୂର୍ବତଟ ରେଳପଥର ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲା କୋରେଇ ରେଳ ଷ୍ଟେଶନରେ ଦୁର୍ଘଟଣା ପରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳରେ କଟକଣା ଲାଗୁ କରାଯାଇଛି। ରେଳ ବଗି ଧକ୍କାରେ ଟିକେଟଘର, ଯାତ୍ରୀ ପ୍ରତୀକ୍ଷାଳୟ ସମେତ ଅନ୍ୟାନ୍ୟ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏସବୁକୁ ମରାମତି ପାଇଁ ମଙ୍ଗଳବାର ୨୨ ତାରିଖରୁ ଆସନ୍ତା ୨୬ ତାରିଖ ୫ ଦିନ ପର୍ଯ୍ୟନ୍ତ ଉକ୍ତ ଷ୍ଟେଶନରେ କୌଣସି ଯାତ୍ରୀବାହୀ ଟ୍ରେନ୍ ଅଟକିବ ନାହିଁ ବୋଲି ରେଲ୍‌ୱେ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସୋମବାର ରାତିରେ ଡାଉନ ଲାଇନକୁ ସଫା କରାଯିବା ପରେ ପ୍ରଥମେ ମାଲ୍‌ବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା। ତେବେ ଅପ୍‌ଲାଇନ ସଫା ହେବା ପରେ ଉଭୟ ଲାଇନରେ ରେଳ ଚଳାଚଳ ସାଭାବିକ ହୋଇଛି। ସୂଚନା ମୁତାବକ, ସୋମବାର ସକାଳେ ଝାଡ଼ଖଣ୍ଡର ଡାଙ୍ଗୋଆପୋଷିରୁ ଗଞ୍ଜାମ ଜିଲା ଛତ୍ରପୁରକୁ ଯାଉଥିବା ଏକ ମାଲ୍‌ବାହୀ ଟ୍ରେନ୍ ଉକ୍ତ ରେଳ ଷ୍ଟେଶନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯଦ୍ୱାରା ପ୍ଲାଟ୍‌ଫର୍ମକୁ ଅତର୍କିତ ଭାବେ ଟ୍ରେନ୍‌ର ୧୦ରୁ ଊର୍ଦ୍ଧ୍ୱ ବଗି ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଜଣେ ଶିଶୁଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ।

# ‘ସ୍ୱଚ୍ଛତାର ସହ ହୋଇଛି ଏଏସ୍‌ଓ ପରୀକ୍ଷା’

## ମାର୍ଚ୍ଚ ସୁଦ୍ଧା ପୂରଣ ହେବ ୨୫ଶହ ପଦବୀ

**କଟକ ଅଫିସ, ୨୨।୧୧**

ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ୨୫ଶହ ପଦବୀ ପୂରଣ କରିବା ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଲକ୍ଷ୍ୟ ରଖିଛି। ୨୦୨୨-୨୩ ବର୍ଷ ପାଇଁ ପ୍ରାୟ ୪ହଜାର ପଦବୀ ପୂରଣ ପାଇଁ କ୍ୟାଲେଣ୍ଡରରେ ପ୍ରକାଶ ପାଇଥିଲା। ତେବେ ଗତ ୬ ମାସ ମଧ୍ୟରେ ସେଥିମଧ୍ୟରୁ ମୋଟ ୧୭ ଟି ବିଭାଗ ପାଇଁ ଗ୍ରୁପ ଏ ଓ ବି ବର୍ଗରେ ୧,୫୪୧ ପ୍ରାର୍ଥୀଙ୍କୁ ଯୋଗ୍ୟ ବିବେଚିତ କରାଯାଇ ସ୍ୱୀକୃତି ପ୍ରଦାନ କରାଯାଇଛି। ଏଗ୍ରିକଲ୍‌ଚର ବିଭାଗର ଆସିଷ୍ଟାଣ୍ଟ ହର୍ଟି କଲଚର ଅଫିସର ଏବଂ ଆସିଷ୍ଟାଣ୍ଟ ଏଗ୍ରିକଲଚର ଅଫିସର ପାଇଁ ୬୦, ଭେଟେନାରି ଆସିଷ୍ଟାଣ୍ଟ ସର୍ଜନ ୧୪୬, ଓଡ଼ିଶା ସିଭିଲ ସର୍ଭିସର ୩୯୨, ମେଡିକାଲ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ୨୫୦, ବିଭିନ୍ନ କଲେଜ ପାଇଁ ଆସିଷ୍ଟାଣ୍ଟ ପ୍ରଫେସର ୪୪୮, ଇନ୍‌ସ୍ୟୁରାନ୍ସ ମେଡିକାଲ ଅଫିସର ୫୫, ଓଜେଏସ୍ ୫୦, ଜୁନିୟର କଲେଜରେ ପୋଷ୍ଟ ଗ୍ରାଜୁଏଟ ଟିଚର୍ସ ୧୦୦, ଜିଓଲୋଜିଷ୍ଟ ମାଇନିଂ ଅଫିସର ୪୦ଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। ତେବେ ମାର୍ଚ୍ଚ ମଧ୍ୟରେ ୨୫ଶହ ପଦବୀ ପାଇଁ ଚୟନ ପ୍ରକ୍ରିୟା ଜାରି ରହିଛି ବୋଲି ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ମଙ୍ଗଳବାର ସୂଚନା ଦେଇଛନ୍ତି।

ଓପିଏସ୍‌ସି କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ମହାନ୍ତି ଆସିଷ୍ଟାଣ୍ଟ ସେକ୍‌ସନ ଅଫିସର(ଏଏସ୍‌ଓ) ପରୀକ୍ଷାରେ ଅନିୟମିତତା ଅଭିଯୋଗ ସମ୍ପର୍କରେ ସ୍ପଷ୍ଟୀକରଣ ରଖିଛନ୍ତି। ଅତ୍ୟନ୍ତ ସ୍ୱଚ୍ଛତାର ସହ ଏଏସ୍‌ଓ ପରୀକ୍ଷା ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଫାଇନାଲ ରେଜଲ୍ଟ ପରେ ମାର୍କଶିଟ୍ ଓ ଆନ୍‌ସର ଶିଟ୍ ଅପଲୋଡ୍ କରାଯିବ। କିଛି ପିଲାଙ୍କ ଅଭିଯୋଗ ଥିଲା କି ସେମାନଙ୍କ ଠାରୁ କମ୍ ମାର୍କ ରଖିଥିବା ପ୍ରାର୍ଥୀ ମଧ୍ୟ ଚୟନ ହୋଇଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଓପିଏସ୍‌ସି ପକ୍ଷରୁ ମାର୍କ ଦିଆଯାଇ ନାହିଁ। ସେଥିପାଇଁ ତାହା କେତେ ସତ ତାହା ସନ୍ଦେହରେ। ହେଲେ ଯଦି ଏପରି ହୋଇଛି ତେବେ ଉକ୍ତ ପ୍ରାର୍ଥୀ କ୍ୱାଲିଫାଇଂ ମାର୍କ ରଖି ନ ଥିବେ। ସେଥିପାଇଁ ସେ ମେଧା ତାଲିକାରୁ ବାଦ୍ ପଡିଥିବେ। ଭିତ୍ତିହୀନ ଅନେକ ଅଭିଯୋଗ ହୋଇଥିଲା। ଟଙ୍କା କାରବାର ନେଇ ନିଯୁକ୍ତି ଦିଆଯାଉଥିବା ଅଭିଯୋଗକୁ ବି ଅଧ୍ୟକ୍ଷ ଖଣ୍ଡନ କରି କହିଛନ୍ତି,ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ନ ହେବା ପାଇଁ ୱେବସାଇଟ ଠାରୁ ଆରମ୍ଭକରି ଖବରକାଗଜଗୁଡ଼ିକରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଉଛି। କେବଳ ଏସ୍‌ଏସ୍‌ଓ ନୁହେଁ, ଓପିଏସ୍‌ସି ପକ୍ଷରୁ କରାଯାଉଥିବା ସମସ୍ତ ପରୀକ୍ଷାକୁ ଯୋଗ୍ୟତା ଆଧାରରେ ହିଁ ପ୍ରାର୍ଥୀ ଚୟନ କରାଯାଉଛି। ଯଦି ଏକ ଦିନ ମଜୁରିଆର ପୁଅ, ଖବରକାଗଜ ବିକ୍ରି କରୁଥିବା ବ୍ୟକ୍ତିଙ୍କ ଝିଅ ଓସିଏସ୍ ପାଇ ପାରୁଛନ୍ତି, ତାହା କେବଳ ଯୋଗ୍ୟତା ଆଧାରରେ। ଓପିଏସ୍‌ସିର ସ୍ୱଚ୍ଛ ପରୀକ୍ଷା ନେଇ ଏହାହିଁ ସବୁଠାରୁ ବଡ଼ ପ୍ରମାଣ ବୋଲି ମହାନ୍ତି କହିଛନ୍ତି।

# ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ଉନ୍ନତୀକରଣ ପାଇଁ ଅନୁମତି

**ବାରିପଦା ଅଫିସ,୨୨।୧୧**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ନିମନ୍ତେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ମଞ୍ଜୁରୀ ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ(ଡିଆର୍‌ଡିଓ) ଓ ଡିଫେନ୍ସ ଜେନେରାଲ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ୧୬୦.୩୫ ଏକର ପରିମିତ ଜମି ଉପରେ ଥିବା ପ୍ରତିରକ୍ଷା ଜମି ବଦଳରେ ୨୬କୋଟି ୩ଲକ୍ଷ ୧୦ହଜାର ୪୩୮ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟାଦେଶ କାର୍ଯ୍ୟକାରୀ ପୂର୍ବରୁ ସିଏଫ୍‌ଆଇ ପାଣ୍ଠିରୁ ଏହି ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜଣେ ବୋର୍ଡ ଅଫ୍ ଅଫିସର ପରିଷଦ ଗଠନ କରି ଉନ୍ନତୀକରଣ ହେବାକୁ ଥିବା ଏୟାରଷ୍ଟ୍ରିପ୍ ଜମିର ସ୍ଥିତାବସ୍ଥା, ଜମି ଚିହ୍ନଟ, ମୂଲ୍ୟାୟନ, ସରକାରୀ ବେସରକାରୀ ସମ୍ପତ୍ତିର ଆକଳନ ସାଙ୍ଗକୁ ସୁରକ୍ଷା ଓ ନିରାପତ୍ତା ଆଦି ବ୍ୟବସ୍ଥା ସମ୍ବନ୍ଧୀୟ କାର୍ଯ୍ୟ ୪ସପ୍ତାହ ମଧ୍ୟରେ ଶେଷ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଡିଆରଡିଓ ଅଧୀନରେ ଥିବା ଅମର୍ଦ୍ଦା ଏୟାରଷ୍ଟ୍ରିପ ଉଡାନ ଯୋଜନାରେ ସାମିଲ ହୋଇଥିଲା। ଭୁବନେଶ୍ୱରରୁ ଅମର୍ଦ୍ଦା ଓ ଅମର୍ଦ୍ଦାରୁ ଭୁବନେଶ୍ୱର ମଧ୍ୟରେ ବିମାନ ଚଳାଚଳ ପାଇଁ ଯୋଜନା ଭାରତର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଗତ ଫେବୃୟାରୀରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରତିରକ୍ଷା ବିଭାଗ ସଚିବ ଅଜୟ କୁମାରଙ୍କୁ ବ୍ୟବସାୟ ଭିତ୍ତିକ ବିମାନ ଚଳାଚଳ ନିମନ୍ତେ ଏନ୍‌ଓସି ପାଇଁ ପତ୍ର ଲେଖିଥିଲେ।

# ମାଲକାନଗିରି ବିକାଶ ସବୁଠୁ ଅଧିକ ଖୁସି ଦିଏ: ମୁଖ୍ୟମନ୍ତ୍ରୀ



ଭିଡିଓ କନ୍‌ଫରେନ୍ସରେ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ମାଲକାନଗିରିରେ ୨୫ କୋଟିର ୬ ପ୍ରକଳ୍ପ ଉଦ୍‌ଘାଟିତ**

**ଭୁବନେଶ୍ୱର(ବ୍ୟୁରୋ)/ମାଲକାନଗିରି,୨୨।୧୧(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମାଲକାନଗିରି ଜିଲା ପାଇଁ ୬ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ୨୫ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହିସବୁ ପ୍ରକଳ୍ପ ଜିଲାର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଆଗେଇନେବ। ଭିଡିଓ କନ୍‌ଫରେନ୍ସରେ ପ୍ରକଳ୍ପ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମାଲକାନଗିରି ସବୁବେଳେ ତାଙ୍କ ପାଇଁ ସ୍ୱତନ୍ତ୍ର ହୋଇ ରହିଛି। ଏହାର ବିକାଶ କାମ ତାଙ୍କୁ ସବୁଠାରୁ ଅଧିକ ଖୁସି ଦେଇଥାଏ। ତାଙ୍କର ପୂର୍ଣ୍ଣ ବିଶ୍ୱାସ, ମାଲକାନଗିରି ପରିଚୟ ଆଗକୁ ଆହୁରି ଉଜ୍ଜ୍ୱଳ ହେବ। ରାଜ୍ୟର ଏକ ଆଗୁଆ ଜିଲା ଭାବେ ବିକାଶ ମାନଚିତ୍ରରେ ଏହା ନିଜର ସ୍ଥିତିକୁ ଆହୁରି ଦୃଢ଼ କରିବ।

ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି, ଅନ୍ୱେଷା କାର୍ଯ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଥିବା ଅନୁସୂଚିତ ଜନଜାତି ଓ ଜାତି ପିଲାମାନଙ୍କ ପାଇଁ ଦୁଇଟି ହଷ୍ଟେଲ। ଏଥିରେ ୬୦୦ ଝିଅ ଏବଂ ୬୦୦ ପୁଅ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ମୋଟୁ ଟ୍ରାଇ ଜଙ୍କସନ୍‌ରେ ବିଜୁ ପଟ୍ଟନାୟକ ଅନ୍ତଃରାଜ୍ୟ ବସ୍ ଟର୍ମିନାଲ ହୋଇଛି। ଏହା ଜିଲା ସହ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ଗମନାଗମନ ସୁଗମ କରିଛି। ଏହା ସହିତ ବଣ୍ଡା ଅଞ୍ଚଳକୁ ଯୋଡୁଥିବା ଏକ ଉଚ୍ଚସ୍ତରୀୟ ସେତୁ ଓ ବାଲିମେଳାଠାରେ ତମସା ନଦୀ ଉପରେ ବିଜୁ ସେତୁ, କ୍ରୀଡ଼ାର ବିକାଶ ପାଇଁ ଏକ ଜୁଡୋ ଏକାଡେମୀ ଓ ପିଲାମାନଙ୍କ ପାଇଁ ଏକ ସ୍ୱଧାର ଗୃହ ହୋଇଛି।

ମୁଖ୍ୟମନ୍ତ୍ରୀ ଏହି ଜିଲାରେ ଦ୍ରୁତ ବିକାଶ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରି କହିଛନ୍ତି, ମାଲକାନଗିରିବାସୀ ବର୍ତ୍ତମାନ ବିକାଶ ସହ ଯୋଡ଼ିହୋଇ ରହିଛନ୍ତି। ବିକାଶ କାମରେ ସମସ୍ତଙ୍କ ସହଯୋଗ ସବୁବେଳେ ଉତ୍ସାହିତ କରି ଆସିଛି। ଜିଲାରେ ଶିକ୍ଷା ଓ ସଚେତନତାର ପ୍ରସାର ଘଟିଛି। ଯୋଗାଯୋଗରେ ଉନ୍ନତି ଆସିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଠାରୁ ଆରମ୍ଭକରି ବିଭିନ୍ନ କଲ୍ୟାଣ ଯୋଜନାର ସୁଯୋଗ ଆପଣମାନେ ନେଉଥିବା ଖୁସିର କଥା। ବଣ୍ଡା ଘାଟିର ଝିଅ କରମା ମୁଦୁଲି ଭୁବନେଶ୍ୱରର ସବୁଠାରୁ ଭଲ ସରକାରୀ ମହିଳା ୟୁନିଭର୍ସିଟିରେ ପାଠ ପଢୁଥିବାର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିକ୍ଷା ହିଁ ସୁଯୋଗ ଆଣିଥାଏ। ଶିକ୍ଷା ଯୋଗୁ ଏହି ରୂପାନ୍ତର ଆସିପାରିଛି। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ି ନିଜ ପାଇଁ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏବଂ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ପ୍ରମୁଖ ବକ୍ତବ୍ୟ ରଖି ମାଲକାନଗିରି ଜିଲାରେ ଦ୍ରୁତ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚପ୍ରଶଂସା କରିଛନ୍ତି। ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

# ନନ୍ଦନକାନନରେ ଶମ୍ବର ଶାବକ ଜନ୍ମ

**ବାରଙ୍ଗ,୨୨।୧୧(ଡି.ଏନ.ଏ.):** ନନ୍ଦନକାନନର ୩୮ନମ୍ବର ଏନକ୍ଲୋଜରରେ ଥିବା ବୟସ୍କ ମାଈ ଶମ୍ବର ମଙ୍ଗଳବାର ଗୋଟିଏ ଶାବକ ଜନ୍ମ ଦେଇଛି। ଏବେ ସେମାନଙ୍କ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ଶାବକର ଲିଙ୍ଗ ଚିହ୍ନଟ ହୋଇନାହିଁ। ଏହି ପ୍ରଜାତିର ଶମ୍ବର ଭାରତର ସର୍ବତ୍ର ପାହାଡ଼ିଆ ଜଙ୍ଗଲରେ ବାସ କରନ୍ତି। ଏମାନେ ଭାରତୀୟ ସମସ୍ତ ପ୍ରଜାତିର ହରିଣଙ୍କ ମଧ୍ୟରେ ସର୍ବବୃହତ ଜୀବ। ପୁରୁଷ ଶମ୍ବର ଏକାକୀ ଜଙ୍ଗଲରେ ବିଚରଣ କରେ ଓ ୫ରୁ ୬ ମାଈ ଶମ୍ବରଙ୍କ ସହ ନିଜର ସୀମା ନିର୍ଦ୍ଧାରଣ କରି ରହେ। ଶୀତ ଋତୁ ମଧ୍ୟଭାଗରେ ସଙ୍ଗମ କରି ବର୍ଷାଋତୁ ପ୍ରାରମ୍ଭରେ ମାଈ ଶମ୍ବରମାନେ ଶାବକ ଜନ୍ମ କରିଥାନ୍ତି। ପୁରୁଷ ଶମ୍ବରଙ୍କ ବିଶାଳକାୟ ଦୁଇଟି ଶିଙ୍ଗ ଥାଏ। ପ୍ରତିବର୍ଷ ବସନ୍ତରେ ସେମାନେ ଶିଙ୍ଗ ଝଡ଼ାଇ ଦିଅନ୍ତି ଏବଂ ପରେ ପୁଣି ଏହା କଅଁଳିଥାଏ।






ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୩ ନଭେମ୍ବର, ୨୦୨୨

**ଆଜିର ମନ୍ତବ୍ୟ**

"ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକରେ ରୋଜଗାର ମେଳା ଡବଲ୍ ଇଞ୍ଜିନ୍ ସରକାରଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି।
– ନରେନ୍ଦ୍ର ମୋଦି, ପ୍ରଧାନ ମନ୍ତ୍ରୀ





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧକାନ୍ତି ସକାନ୍ତି ପକାନ୍ତି ଲୁହ**
**ପେଟେ ଭରିଥାନ୍ତି ଶଗଡେ ଗୁହ।**

ଛଳନା କରୁଥିବା ବ୍ୟକ୍ତି ନିଜକୁ ଅତି ଭଲ ବା ସଚ୍ଚୋଟ ଦେଖାଇବା ପାଇଁ ଅନେକ ପ୍ରକାରର ଛଳ ବା କୌଶଳ ମାନ ଆପଣେଇ ନେଉଥିବାର ଲକ୍ଷ୍ୟ କରାଯାଇଥାଏ। ଧୂର୍ତ୍ତ ବା ମନ୍ଦ ପ୍ରକୃତି ଲୋକଙ୍କର ଏଭଳି ଚରିତ୍ର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଧନିଆ ଧମକ ଧମେଇଲା**
**ଯାଉଁଳି ନାକରେ ସାଉଁଳି ଗୁଣା**
**ମାରି ତ ପକେଇଲା।**

ସୌନ୍ଦର୍ଯ୍ୟ ସନ୍ଦର୍ଶନରେ ମଣିଷ ନିଜକୁ ଦୁର୍ବଳ ମନେକରିଥାଏ। ନାକରେ ଗୁଣା ପିନ୍ଧିଥିବା ଶ୍ୟାମଳୀ ଯୁବତୀର ରୂପ ଲାବଣ୍ୟରେ ବିମୋହିତ ହୋଇପଡିଥିବା ଯୁବକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମହିମାଗାଦିରେ ବୁଲିଲା ଜେସିବି



ମହିମାଗାଦି ପରିସରରେ ଉଚ୍ଛେଦ କାର୍ଯ୍ୟ ଚାଲିଛି।

- **୨ ଘଣ୍ଟାରେ ମାଟିରେ ମିଶିଲା ବତି ମନ୍ଦିର, ଧୁନି ମନ୍ଦିର, ମହିମା ଟୁଙ୍ଗି**
- **କୌପୀନଧାରୀ ମହିମା ସନ୍ନ୍ୟାସୀଙ୍କ ଆଖିରେ ଲୁହ, ୧୪୪ ଧାରା ଜାରି**
- **ଥଇଥାନ ନ କରି ଜବରଦଖଲ ଉଚ୍ଛେଦ ଅଭିଯୋଗ**

ଢେଙ୍କାନାଳ ଅଫିସ, ୨୨।୧୧

ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପ୍ରମୁଖ ପୀଠସ୍ଥଳୀ ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ମହିମାଗାଦିର ବିବାଦୀୟ ତୃତୀୟ ବେଢ଼ାରୁ ମଙ୍ଗଳବାର ଉଚ୍ଛେଦ କାର୍ଯ୍ୟ ସରିଛି। କୌପିନଧାରୀ ମହିମା ଧର୍ମାବଲମ୍ବୀଙ୍କ ମୁଖ୍ୟ ଉପାସନାସ୍ଥଳୀରେ ଥିବା ବତି ମନ୍ଦିର, ଧୁନି ମନ୍ଦିର, ମହିମା ଟୁଙ୍ଗି, ବଡ଼ସିଦ୍ଧ ବାବାଙ୍କ ଭେକ ମନ୍ଦିର, ଆଶ୍ରୟସ୍ଥଳରେ ବୁଲିଛି ଜେସିବି। ମାତ୍ର ୨ ଘଣ୍ଟା ମଧ୍ୟରେ ମାଟିରେ ମିଶିଯାଇଛି ସବୁକିଛି। ଏଭଳି ଉଚ୍ଛେଦ କୌପିନଧାରୀ ମହିମା ସନ୍ନ୍ୟାସୀଙ୍କ ଆଖିରେ ଲୁହ ଆଣି ଦେଇଛି। ଥଇଥାନ କରା ନ ଯାଇ ଏକପାଖିଆ ଭାବେ ଏଭଳି ପଦକ୍ଷେପ ନିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ୧୪୪ ଧାରା ଜାରି କରାଯାଇଛି।

ସୂଚନାଯୋଗ୍ୟ, ମହିମାଗାଦିର ତୃତୀୟ ବେଢ଼ା ମଧ୍ୟରେ ସିଦ୍ଧ ବଡ଼ କୃପାସିନ୍ଧୁ ବାବାଙ୍କ ସମୟରୁ ବତି ମନ୍ଦିର, ଧୁନି ମନ୍ଦିର ନିର୍ମାଣ କରାଯାଇଥିଲା। ବାବାଙ୍କ ଅନ୍ତେ ୧୯୪୦ରୁ ଉକ୍ତ ଦୁଇ ମନ୍ଦିର ନିକଟବର୍ତ୍ତୀ ୨୮ ଡେସିମିଲ ଜାଗାକୁ ନେଇ ବଳ୍କଳଧାରୀ ଏବଂ କୌପିନଧାରୀ ସନ୍ନ୍ୟାସୀ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ମନ୍ଦିର ଉଚ୍ଛେଦ ଲାଗି ବଳ୍କଳଧାରୀ ଗୋଷ୍ଠୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଅନୁରୂପ ଭାବେ ଏଥିରେ ରୋକ ଲଗାଇବାକୁ କୌପିନଧାରୀ ମହିମା ସମାଜ ହାଇକୋର୍ଟଙ୍କ ନିକଟରେ ଅପିଲ କରିଥିବାବେଳେ ଉଚ୍ଛେଦ ଉପରେ ରହିତାଦେଶ ଜାରି କରାଯାଇଥିଲା। ଏଭଳି ବିବାଦୀୟ ସ୍ଥିତି ମଧ୍ୟରେ ଗତ ଅକ୍ଟୋବର ୩୦ରେ ହାଇକୋର୍ଟଙ୍କ ପକ୍ଷରୁ ଜାରି କରାଯାଇଥିବା ରହିତାଦେଶ ଉଠାଇ ନିଆଯାଇଥିଲା। ପୁନର୍ବାର ବଳ୍କଳଧାରୀ ମହିମା ସମାଜ ପକ୍ଷରୁ ଉଚ୍ଛେଦ ଲାଗି ହାଇକୋର୍ଟରେ ନିବେଦନ କରାଯାଇଥିବାବେଳେ ଏଥିଲାଗି ନଭେମ୍ବର ୨୨କୁ ଦିନଧାର୍ଯ୍ୟ କରିଥିଲେ ଉଚ୍ଚ ନ୍ୟାୟାଳୟ। ତଦନୁଯାୟୀ ମଙ୍ଗଳବାର ସକାଳୁ କଡ଼ା ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାଜିଷ୍ଟ୍ରେଟ୍ ଭାବେ ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ତହସିଲଦାର ଭଜନାନନ୍ଦ ସାହୁ, ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଗୋଇନ୍ଦା ଡିଏସ୍‌ପି ଅରୁଣ ସାହୁ, ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂତିଆଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଛି। ଅନ୍ୟପଟେ ନିୟମ ଅନୁଯାୟୀ ଉଚ୍ଛେଦ ପୂର୍ବରୁ ଥଇଥାନ କରାଯାଇ ନ ଥିବାରୁ ଏ ନେଇ ହାଇକୋର୍ଟର ଉପରବେଞ୍ଚ କିମ୍ବା ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟରେ ଅପିଲ କରାଯିବ ବୋଲି କୌପିନଧାରୀ ମହିମା ସମାଜ ପକ୍ଷରୁ ମକଦ୍ଦମା ଲଢୁଥିବା ଆଇନଜୀବୀ ଗିରିଜା ଶଙ୍କର ନାୟକ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ କୌପିନଧାରୀ ମହିମାସମାଜ ମୁଖ୍ୟ ଶ୍ରୀମଦ୍ ରଘୁନାଥ ବାବା କୁହନ୍ତି, ଦୀର୍ଘବର୍ଷ ହେବ ମାମଲା ଗଡ଼ି ଚାଲିଥିଲା। କୌପିନଧାରୀ ସାଧୁ ଏହାକୁ ବ୍ୟବହାର କରୁଥିଲେ। ଏଠି ୯୫ ବର୍ଷ ହେଲା ଭକ୍ତଙ୍କ କଲ୍ୟାଣ ପାଇଁ ଅଖଣ୍ଡବତି ଜଳୁଛି। ଅନ୍ୟତ୍ର ବତି ମନ୍ଦିର ସୁବିଧା ନ କରି ଏହାକୁ ଉଚ୍ଛେଦ କରାଗଲା। ସେମାନଙ୍କ ଅର୍ଥବଳ ରହିଥିବାବେଳେ ଆମେ ଦୁର୍ବଳ। ଆମର ତପସ୍ୟାର ଭୂମି ତଥା ଅଖଣ୍ଡବତି ମନ୍ଦିର, ଅଖଣ୍ଡ ଧୁନି ମନ୍ଦିର, ବଡ଼ସିଦ୍ଧ ବାବାଙ୍କ ଭେକ ମନ୍ଦିର ସହିତ ଆଶ୍ରୟ ସ୍ଥଳକୁ ଜେସିବି ଲଗାଇ ମାଟିରେ ମିଶାଇଦେଲେ। ଆମ ହୃଦୟ କାନ୍ଦୁଛି। ଶୂନ୍ୟ ମହାପ୍ରଭୁ ଯାହା ବିଚାର କରିବେ କହି ସେ କାନ୍ଦି ପକାଇଥିଲେ।

ଏ ସଂକ୍ରାନ୍ତରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ କୁହନ୍ତି, ଆମେ କେବଳ ଅଦାଲତଙ୍କ ନିର୍ଦ୍ଦେଶକୁ ପାଳନ କରୁଛୁ। ୧୯୩୯–୪୦ ମସିହାରୁ ଏହି ଜାଗାକୁ ନେଇ ଉଭୟ ମହିମା ସନ୍ନ୍ୟାସୀ ଗୋଷ୍ଠୀ ମଧ୍ୟରେ ବିବାଦ ଚାଲିଥିଲା। ଯେହେତୁ ଏହା ଏକ ଧାର୍ମିକ ପୀଠ, ଏଠାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦୁଇଗୋଷ୍ଠୀ ସାଧୁ ସନ୍ନ୍ୟାସୀଙ୍କ ସହ ଆଲୋଚନା କରିଥିଲୁ। ବର୍ତ୍ତମାନ ସୁଦ୍ଧା ସମସ୍ତ ଉଚ୍ଛେଦ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ଚାଲିଛି। ଦୁଇଦିନ ତଳୁ ୧୪୪ ଧାରା ମଧ୍ୟ ଜାରି କରାଯାଇଥିଲା। ନିୟମ ଅନୁଯାୟୀ ଏହା ୬୦ ଦିନ ଧରି ବଳବତ୍ତର ରହିବ ବୋଲି ଉପଜିଲାପାଳ କହିଛନ୍ତି।

# ଫାର୍ମା କମ୍ପାନୀ ଖୋଲିବେ ଯୁବ ବୈଜ୍ଞାନିକ ଶେଷ କିଷାନ

ରେଢାଖୋଲ,୨୨।୧୧(ଡି.ଏନ.ଏ.)

## ବିବାହ ପରେ କଲେ ଘୋଷଣା



ସ୍ତ୍ରୀଙ୍କ ସହ ଡ. ଶେଷ କିଷାନ।

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ନାକ୍ଟିଦେଉଳ ବ୍ଲକ ଅଧୀନ ବଲାସିଙ୍ଗା ଗ୍ରାମର ଯୁବ ବୈଜ୍ଞାନିକ ଡ. ଶେଷ କିଷାନ ଖୁବ୍‌ଶୀଘ୍ର ଏକ ଫାର୍ମା କମ୍ପାନୀ ଖୋଲିବାକୁ ଯାଉଛନ୍ତି। ମଙ୍ଗଳବାର ତାଙ୍କ ବିବାହ ରିସେପ୍‌ସନ ଅବସରରେ ରେଢ଼ାଖୋଲ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଖବରଦାତା ସମ୍ମିଳନୀରେ ସେ ଏହା ଘୋଷଣା କରିଛନ୍ତି। ଡ. ଶେଷ କିଷାନ ଫାର୍ମା କମ୍ପାନୀ ପ୍ରାଇଭେଟ ଲିମିଟେଡ ନାମରେ ଭୁବନେଶ୍ୱରଠାରେ ଏହା ପ୍ରତିଷ୍ଠା କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଆସନ୍ତା ୪ମାସ ଭିତରେ ଡାଇବେଟିସ, ବ୍ଲଡପ୍ରେସର, ଗ୍ୟାସ୍ଟ୍ରିକ, ଆଣ୍ଟିବାଓଟିକ ଓ ମଲଟିଭିଟାମିନ ଜେନେରିକ ଔଷଧ ବଜାରରେ ଉପଲବ୍ଧ ହେବ। ତେବେ ଜେନେରିକ ହେଲେ ମଧ୍ୟ ମାନରେ କୌଣସି ସାଲିସ କରାଯିବ ନାହିଁ। ପରବର୍ତ୍ତି ପର୍ଯ୍ୟାୟରେ କ୍ୟାନ୍‌ସର ଭଳି ମାରାତ୍ମକ ରୋଗର ଔଷଧ ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ଯୁବ ବୈଜ୍ଞାନିକ ଡ. କିଷାନ ଜର୍ମାନୀର ଗଟିନଜେନର ଜର୍ଜ ଅଗଷ୍ଟ ୟୁନିଭର୍ସିଟିରୁ ଅର୍ଗାନିକ କେମେଷ୍ଟ୍ରି ଉପରେ ପିଏଚ୍‌ଡି କରିଛନ୍ତି। ଶୈଶବରୁ ପିତା ବିପିନ କିଷାନ ଓ ମାତା ଦୁଃଖି କିଷାନଙ୍କୁ ହରାଇ ବହୁ ସଂଘର୍ଷ କରି ଶେଷରେ ସେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିଛନ୍ତି। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ତାଙ୍କ ଫାର୍ମା କମ୍ପାନୀର ଲାଭାଂଶକୁ ଖର୍ଚ୍ଚ କରିବେ ବୋଲି ସେ କହିଛନ୍ତି। ତାଙ୍କ ଗ୍ରାମର ୧୮୦ ଛାତ୍ରୀଛାତ୍ରଙ୍କ ପାଠପଢା ଦାୟିତ୍ୱ ନେଇଥିବା ବେଳେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟ ରଖିଛନ୍ତି। ତାଙ୍କ ଫାର୍ମା କମ୍ପାନୀରୁ ପ୍ରସ୍ତୁତ ଔଷଧ ଓଡ଼ିଶାର ଗରିବ ଲୋକ ଯେଭଳି ଅଳ୍ପ ମୂଲ୍ୟରେ ପାଇ ଉପକୃତ ହେବେ ସେଥିପାଇଁ ସେ ଉଦ୍ୟମରତ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି ଡ. କିଷାନ ସୋମବାର ରାତିରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଖଗଡାପାଳ ଗ୍ରାମର ଗୋପାଳକୃଷ୍ଣ ଜେନା ଓ ସୁଚିତ୍ରା ଜେନାଙ୍କ କନ୍ୟା ଜୟଶ୍ରୀଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ହାତୀ ମୃତ୍ୟୁ...

ଘଟଣାକୁ ଏସ୍‌ଟିଏଫ୍ ନିଜେ ତଦନ୍ତ ନ କରି ବନ ବିଭାଗକୁ ହସ୍ତାନ୍ତର କରିଥିଲା। ଯଦିଓ ସେତେବେଳେ ହାତୀ କଙ୍କାଳ ଜବତ ଘଟଣା ତଦନ୍ତ ପାଇଁ ବନ ବିଭାଗ ଏକ ଏସ୍‌ଆଇଟି ଗଠନ କରିଥିଲା। ଏବେ ଏସ୍‌ଆଇଟି ତଦନ୍ତ ମଧ୍ୟ ଶୀତଳ ଭଣ୍ଡାରରେ ରହିଛି। ଆଠଗଡ଼ ବନଖଣ୍ଡରେ ମଧ୍ୟ ଏସ୍‌ଆଇଟି ଆଉ ଦୁଇଟି ହାତୀ କଙ୍କାଳ ଖୋଳି ବାହାର କରିଥିଲା। ଗୋଟିଏ ବନଖଣ୍ଡରୁ ଏକାଥରକେ ୫ଟି ହାତୀର ଗଳିତ ଶବ ମାଟି ତଳୁ ବାହାରିବା ପରେ ମଧ୍ୟ ବନ ବିଭାଗ ସ୍ଥାନୀୟ ବନଖଣ୍ଡ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଲା ନାହିଁ। ବରଂ ତାଙ୍କୁ ପୁରସ୍କାର ସ୍ୱରୂପ ବଦଳି କରିଥିଲା।

ସେହିପରି ଗତ ଜୁଲାଇ ୨୪ରେ ସମ୍ବଲପୁର ଡିଭିଜନର ଧମା ରେଞ୍ଜ ଅନ୍ତର୍ଗତ କୋଲଗାଁ ସଂରକ୍ଷିତ ଜଙ୍ଗଲରୁ ମଧ୍ୟ ଦୁଇଟି ଅଲଗା ସ୍ଥାନରୁ ହାତୀ ଦରପୋଡ଼ା ହାଡ଼ ଜବତ କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଗୋଟିଏ ପଟେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟଙ୍କ ନିକଟରେ ବାରମ୍ବାର ବନ ବିଭାଗ ସତ୍ୟପାଠ କରୁଥିବା ବେଳେ ସମ୍ବଲପୁର ଘଟଣାରେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏନେଇ ଶୁଭେନ୍ଦୁ କହିଛନ୍ତି, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ନିଜେ ମାମଲା ରୁଜୁ ନ କରିବା ଦୁର୍ଭାଗ୍ୟଜନକ। ଯଦି ସମ୍ବଲପୁରରେ କେହି ବନ ଅଧିକାରୀ ଦୋଷୀ ନୁହନ୍ତି, ତେବେ ହାତୀ ଦୁଇଟି କ'ଣ ନିଜେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିଥିଲେ କି ବୋଲି ଶୁଭେନ୍ଦୁ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ ଯୋଗୁ ବନ ବିଭାଗ ଏବଂ ପୋଲିସ ବିଭାଗ ମିଳିତ ସହଯୋଗରେ ଏକ ଜଏଣ୍ଟ ଟାସ୍କ ଫୋର୍ସ(ଜେଟିଏଫ୍)ଗଠନ କରାଯାଇଥିଲା। ସେହି ଜେଟିଏଫ ଗଠନ ଉପରେ ଗତ ୧୫ ତାରିଖରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ରର ପୁରବୀ ପାତ୍ର ଯୁକ୍ତି ଉପସ୍ଥାପନ କରି ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲେ। ପୁରବୀଙ୍କ ଯୁକ୍ତିରେ ପ୍ରଭାବିତ ହୋଇ ହାଇକୋର୍ଟ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି ଏବଂ ଶୁଭେନ୍ଦୁ ମଲ୍ଲିକଙ୍କଠାରୁ ଜେଟିଏଫ୍ ପରାମର୍ଶ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁରବୀ କହିଛନ୍ତି, ହାତୀ ମୃତ୍ୟୁ/ଶିକାର ପରେ ବ୍ୟବଚ୍ଛେଦ ନ କରି ସରକାରଙ୍କଠାରୁ ଲୁଚେଇ ପୋତିଦେବା ବା ପୋଡ଼ିଦେବା ଘଟଣାରେ ଲିପ୍ତଥିବା ଦୁର୍ନୀତିଗ୍ରସ୍ତ ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ମଧ୍ୟ ନିହାତି ଜରୁରୀ। କିନ୍ତୁ ତାହା ହୋଇପାରୁନାହିଁ। ଏ ନେଇ ବନ୍ୟପ୍ରାଣୀ ଅପରାଧ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ଯେଉଁ ବନ ଅଧିକାରୀ ଅବହେଳା କରିଥିବାର ପ୍ରମାଣ ମିଳିବ, ତାଙ୍କୁ ନିଲମ୍ବନ ନ କରି ଅଧିକ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବା ଆବଶ୍ୟକ। ହାତୀ ମୃତ୍ୟୁ ଘଟଣା ସରକାରଙ୍କୁ ଲୁଚେଇ ଯେଉଁମାନେ ପୋତିଛନ୍ତି ବା ପୋଡ଼ିଛନ୍ତି ସେମାନଙ୍କୁ ଚାକିରିରୁ ବାହାର କଲେ, ଅନ୍ୟମାନେ ଡରି ଠିକ୍‌ରେ କାମ କରିବେ। ଖାଲି ଗାର୍ଡ କିମ୍ବା ଫରେଷ୍ଟର ନୁହେଁ, ଡିଏଫ୍‌ଓଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ବିଶ୍ୱଜିତ କହିଛନ୍ତି। ଏ ସମ୍ପର୍କରେ ପିସିସିଏଫ୍ (ବନ୍ୟପ୍ରାଣୀ) ଏସ୍.କେ. ପୋପଲି ଏବଂ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଫୋନ କଲ୍ ଉଠାଇ ନ ଥିଲେ।

## ସାନିଟାରି ନାପ୍‌କିନ୍‌ରେ...

ବ୍ୟବହାର କରାଯାଉଛି। ରିପୋର୍ଟରେ ପ୍ରଦତ୍ତ ତଥ୍ୟ ମୁତାବକ ଋତୁଚକ୍ର ଶେଷହେବା ଭିତରେ ଜଣେ ମହିଳା ପାଖାପାଖି ୧,୮୦୦ ପ୍ୟାଡ୍ ବ୍ୟବହାର କରିଥାନ୍ତି। ଲିକ୍ୱୁଇଡ୍ ଫର୍ମରେ ବହୁ ପ୍ଲାଷ୍ଟିକ୍ ପଦାର୍ଥ ବର୍ତ୍ତମାନ ସାନିଟାରି ନାପ୍‌କିନ୍ ନିର୍ମାଣକାରୀ କମ୍ପାନୀଗୁଡ଼ିକ ବ୍ୟବହାର କରୁଛନ୍ତି, ଯାହାଫଳରେ ପ୍ୟାଡ୍‌ର ନମନିୟତା ବେଶି ସମୟ ପର୍ଯ୍ୟନ୍ତ ରହୁଛି। ମହିଳାଙ୍କୁ ଏ ପ୍ରକାର କ୍ଷତିକାରକ କେମିକାଲଠାରୁ ଦୂରରେ ରଖିବା ପାଇଁ ସରକାରଙ୍କ ତରଫରୁ ଜରୁରୀ ପଦକ୍ଷେପ ନିଆଯିବା ଜରୁରୀ। ପ୍ୟାଡ୍ ନିର୍ମାଣକାରୀ କମ୍ପାନୀ ବ୍ୟବହାର କରୁଥିବା ସାମଗ୍ରୀ ବିଷୟରେ ପ୍ୟାକେଟ୍‌ରେ ଉଲ୍ଲେଖ କରିବା ଆବଶ୍ୟକ।

# ବିଦ୍ୟୁତ୍ ଆଘାତ ମୃତ୍ୟୁ ଘଟଣାରେ ଏନ୍‌ଏଚ୍‌ଆର୍‌ସିର ନୋଟିସ

ନୂଆଦିଲ୍ଲୀ,୨୨।୧୧

କେନ୍ଦ୍ରାପଡ଼ାରେ ଲକ୍ଷ୍ମୀପୂଜା ଭସାଣି ସମୟରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଏବଂ ଏକାଧିକ ଆହତଙ୍କ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ଜାତୀୟ ମାନବ ଅଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ଏବଂ କେନ୍ଦ୍ରାପଡ଼ା ଜିଲାପାଳ ଏବଂ ଏସ୍‌ପିଙ୍କଠାରୁ ୪ ସପ୍ତାହ ମଧ୍ୟରେ ମାମଲାର ଆକ୍ସନ ଟେକେନ୍ ରିପୋର୍ଟ (ଏଟିଆର୍) ଆୟୋଗ ମାଗିଛନ୍ତି।

ମାନବାଧିକାର କର୍ମୀ ତଥା ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଏନ୍‌ଏଚ୍‌ଆର୍‌ସିରେ କରିଥିବା ମାମଲା ଅନୁସାରେ ଗତ ଅକ୍ଟୋବର ୧୮ ତାରିଖରେ କେନ୍ଦ୍ରାପଡ଼ାରେ ଲକ୍ଷ୍ମୀପୂଜା ଭସାଣି ଚାଲିଥିଲା। ଏହି ସମୟରେ ବିଶ୍ୱଜିତ ଲେଙ୍କା ନାମକ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବାବେଳେ ୧୩ଜଣ ଆହତ ହୋଇଥିଲେ। ଭସାଣିରେ ଯାଉଥିବା ଡିଜେ ଗାଡ଼ିର ଏକ ଲୁହା ରଡ୍ ତଳିଆ ଭାବେ ଟଣା ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା କାରଣରୁ ଏଭଳି ଅଘଟଣ ଘଟିଥିଲା। ଭସାଣି ପାଇଁ ଅନୁମତି ଦେବା ପୂର୍ବରୁ ପ୍ରଶାସନ ପକ୍ଷରୁ ପ୍ରକୃତ ଯାଞ୍ଚ କରାଯାଇ ନ ଥିବାରୁ ଏଭଳି ଘଟଣା ଘଟିଲା, ଯାହାକି ପ୍ରଶାସନର ଅବହେଳା ବୋଲି ଆଡ୍‌ଭୋକେଟ ତ୍ରିପାଠୀ ଆବେଦନରେ ଦର୍ଶାଇଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପି, ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

# କମିଲା ଶୀତ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଗତ କିଛିଦିନ ଧରି ଶୀତର ପ୍ରକୋପ ସାମାନ୍ୟ ବଢ଼ିଥିବା ବେଳେ ସୋମବାରଠାରୁ ପୁଣି ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ହୋଇଛି। ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୩.୫ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ସୁନ୍ଦରଗଡ଼ ୧୩.୫, ଝାରସୁଗୁଡ଼ା ୧୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ। ତାମିଲନାଡୁ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ପାଗ ମେଘୁଆ ରହିବ। ଆସନ୍ତା ୨୫ରୁ ପୁଣି ଶୀତ ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜଧାନୀ ଉପକଣ୍ଠରେ ହତ୍ୟା

## ପାହାଡ଼ ତଳୁ ମିଳିଲା ରକ୍ତ ଜୁଡୁବୁଡୁ ମୃତଦେହ

ବାରଙ୍ଗ/ଯାଁଳା,୨୨।୧୧(ଡି.ଏନ୍.ଏ.)



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅଧୀନ ପାଇକରାପୁର ପାହାଡ଼ତଳେ ମଙ୍ଗଳବାର ସକାଳୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତକ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପଞ୍ଚପଲ୍ଲୀ ପଞ୍ଚାୟତ ବ୍ରହ୍ମକୁଣ୍ଡଳ ଗାଁର ବଂଶୀଧର ଜେନା। କିନ୍ତୁ ସେ ଚନ୍ଦକା ଥାନା ଅଧୀନ ପାଇକରାପୁର ସ୍କୁଲରେ ପିଅନ ଭାବେ କାମ କରୁଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏଥିସହ ଭୁବନେଶ୍ୱରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାସ୍ଥଳରୁ ରକ୍ତଲଗା ପଥର, ଚପଲ, ମଦ ବୋତଲ, ସିଗାରେଟ, ମୋବାଇଲ ଫୋନ ଓ ପର୍ସ ଜବତ କରିଛି। ତେବେ ବଂଶୀଧରଙ୍କ ପରିବାର ବଂଶୀଧରଙ୍କୁ କେହି ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୨୭୦/୨୨) ରୁଜୁ କରି ପ୍ରାଥମିକ ତଦନ୍ତରେ ୪ଜଣଙ୍କୁ ଅଟକ ରଖିଛି।

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ବଂଶୀଧର ସ୍କୁଲକୁ ଯାଇଥିଲେ। କାମ ସରିବା ପରେ ସନ୍ଧ୍ୟାରେ ଗାଁ ବୁଲି ଫେରୁଥିଲେ। ହେଲେ ରାତି ୧୦ଟା ୧୫ରେ ବଂଶୀଧର ତାଙ୍କ ବୋହୂ ଓ ନାତି ସହ ଫୋନରେ କଥା ହୋଇ ଗାଡ଼ି ଖରାପ ହୋଇଯାଇଥିବା କହିବା ସହ ହଜାରେ ଟଙ୍କା ପଠାଇବାକୁ କହିଥିଲେ। କିନ୍ତୁ ତାଙ୍କ ପାଖରେ ଟଙ୍କା ନ ଥିବା କହି ପୁଅସହ କଥାହେବାକୁ ବୋହୂ କହିବାରେ ବଂଶୀଧର ମନା କରିଦେଇଥିଲେ। ପରେ ସେ ବାରଙ୍ଗରେ ଥିବା ଜ୍ୱାଇଁଙ୍କ ସହ କଥାହୋଇ ହଜାରେ ଟଙ୍କା ମାଗିଥିଲେ। ଫୋନ ପେ'ରେ ପଠାଇବାକୁ କହିବାରୁ ବଂଶୀଧର ଅନ୍ୟ ଏକ ନମ୍ବର ଦେବା ସହ ଗାଡ଼ି ସଜାଡ଼ି ଘରକୁ ଯାଉଛି ବୋଲି କହିଥିଲେ। ଟଙ୍କା ପଠାଇବା ପରେ ଜ୍ୱାଇଁ କଥାହେବାକୁ ଚେଷ୍ଟା କରିବାବେଳେ ବଂଶୀଧରଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଖବର ପାଇଥିଲୁ। କେହି ଟଙ୍କା ପାଇଁ ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ବଂଶୀଧରଙ୍କ ପୁଅ ଜ୍ୟୋତିରଞ୍ଜନ ଜେନା ଓ ସମ୍ବନ୍ଧୁଣୀ ଖୋଲଣା ଜେନା କହିଛନ୍ତି। ଅପରପକ୍ଷେ ମଙ୍ଗଳବାର ସକାଳେ ପାଇକରାପୁର ଗ୍ରାମର କେତେଜଣ ଯୁବକ ସ୍କୁଲ ପଡିଆ ପଛପଟ ସନ୍ତୋଷୀ ମା' ମନ୍ଦିର ପାଖ ପାହାଡ଼ ରାସ୍ତାରେ ଯାଉଥିବା ବେଳେ ବଂଶୀଧରଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିଥିଲେ। ବିଭିନ୍ନ ସାମଗ୍ରୀ ସହ ରକ୍ତଛିଟା ଲାଗିଥିବା ପଥର ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍‌କୁ ଜଣାଇବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ପରେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ରି ଫୋନ ପେ'ରେ ହଜାରେ ଟଙ୍କା ଛଡ଼ାଯାଇଥିବା ମୋବଇଲ ନମ୍ବର ଆଧାରରେ ୪ଜଣଙ୍କୁ ଧରି ଆଣି ପଚରାଉଚରା କରୁଛି। ଉଲ୍ଲେଖଥାଉ କି, ବଂଶୀଧର ଆଉ ଗୋଟିଏ ବର୍ଷ ପରେ ଚାକିରିରୁ ଅବସର ନେଇଥାନ୍ତେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କୌଣସି କାମ ବାଧ୍ୟ ବାଧକତାରେ କରିବାକୁ ପଡ଼ିବ। ଆଲୋଚନା ଓ ସମାଲୋଚନା ଭିତରେ ପରିବାରରେ ଶାନ୍ତି ଫେରି ଆସିବ। ନିଜର ଜଣାଶୁଣା ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ଅଶ୍ୱିନୀ ନକ୍ଷତ୍ର ଜାତବ୍ୟକ୍ତିମାନେ ଧର୍ମକାର୍ଯ୍ୟରେ ବ୍ୟୟବରାଦ କରିପାରନ୍ତି ।

**ବୃଷ**
ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି ପାରିବାରିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାର ଆଶା ରହିଛି। ରୋହିଣୀ ନକ୍ଷତ୍ରର ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହି ସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ।

**ମିଥୁନ**
ଆଜି ଅର୍ଥ ଦେଣ ସମ୍ପର୍କିତ ସମସ୍ତ କାମ ସାବଧାନତା ସହକାରେ କରିବା ବିଧେୟ। ଭୁଲ୍ ହିସାବରୁ, ଅଲଗା ସ୍ଥାନରେ ରଖିଦେଇଥିବା କାରଣରୁ କିମ୍ବା ଦେବା ନେବା କ୍ଷେତ୍ରରେ ଝମେଲା ଲାଗିପାରେ । ପୁନର୍ବସୁ ନକ୍ଷତ୍ର ସନ୍ତାନ ହେତୁକ ମାନସିକ ଆଘାତ ପାଇ ପାରନ୍ତି। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**କର୍କଟ**
ଆଜି ସାମାଜିକ ସ୍ତରରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁତ ସମୟ ଲାଗିପାରେ । ଅଶ୍ଳେଷା ନକ୍ଷତ୍ର କଅଁଳିଆ କଥା କହି କାମ ହାସଲ କରିପାରିବେ।

**ସିଂହ**
ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ କୌଣସି କାମ ସହଜରେ କରାଇ ଦେବନାହିଁ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ। ମଘା ନକ୍ଷତ୍ରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ ।

**କନ୍ୟା**
ଆଜି ଆପଣଙ୍କର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ବ୍ୟବସାୟ, ବାଣିଜ୍ୟ, ପରିବହନ ଓ ଯାତ୍ରା ସମ୍ପର୍କରେ ଦୁଃଚିନ୍ତା ବଢ଼ିପାରେ। ନିର୍ମାଣାଧୀନ କାର୍ଯ୍ୟରେ ସାମାନ୍ୟ ପ୍ରତିବନ୍ଧକ ଲାଗି ରହିବାର ଆଶଙ୍କା ରହିଛି। ଚିତ୍ରା ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**
ସ୍ୱାତୀ ନକ୍ଷତ୍ର ନିଜର କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏ ଛାଡ଼ିବେ ନାହିଁ। ଭଲ ସମ୍ପର୍କ ନ ଥିବା ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପୂର୍ବ ସ୍ଥିରୀକୃତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବାର ଆଶା ରହିଛି।

**ବିଛା**
ଆଜି ଆପଣ ଖୁସିରେ ଯେମିତି ଭାବ ବିଭୋର ହେବେ କିନ୍ତୁ ପରକ୍ଷଣରେ ଦୁଃଖରେ ତାହାଠାରୁ ବଳି ମ୍ରିୟମାଣ ହୋଇପାରନ୍ତି। ଆଲୋଚନା ପରିସରରେ ତର୍କବିତର୍କଜନିତ ବାତାବରଣ ଅଶାନ୍ତ ହୋଇପାରେ। ଅନୁରାଧା ନକ୍ଷତ୍ରର କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ ।

**ଧନୁ**
ଉତ୍ତରାଷାଢ଼ା ନକ୍ଷତ୍ର ଜାତ ବ୍ୟକ୍ତିମାନେ ଶାରୀରିକ ସୁସ୍ଥତା ଫେରିପାଇବେ। ଲେଖାପଢ଼ା ତଥା ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇପାରେ । ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସୁସମ୍ପର୍କ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଶ୍ରବଣା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**କୁମ୍ଭ**
ଅଧିକାଂଶ ସମୟରେ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ନିଜର ଲୋକମାନଙ୍କ କାର୍ଯ୍ୟ କଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ ।

**ମୀନ**
ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ନ ହେବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କିନ୍ତୁ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ଜାତ ବ୍ୟକ୍ତିଙ୍କର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ପ୍ରତିବନ୍ଧକ ରହିବ ନାହିଁ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

ଆଜି ନଭେମ୍ବର ୨୩ ତାରିଖ, ମାର୍ଗଶିର ମାସର ମହୋଦଧି ଅମାବସ୍ୟା ବୁଧବାର, ମଧ୍ୟଦୀପାବଳି, ଶ୍ରୀ ମନ୍ଦିରରେ ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ସତ୍ୟସାଇ ବାବାଙ୍କ ଜୟନ୍ତୀ, ସାର୍ ଜଗଦୀଶ ଚନ୍ଦ୍ର ବୋଷ୍‌ଙ୍କ ତିରୋଧାନ ଦିବସ, ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ଆଜିର ରାଶି ନକ୍ଷତ୍ର– ବିଶାଖା/ତୁଳା, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୧୨.୪୪ମି. ପରେ ଜ୍ୟେଷ୍ଠା–ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦ମି. ଗତେ ଘ.୦୮.୧୫ମି. ମଧ୍ୟେ, ଘ.୧୦.୨୭ମି. ଗତେ ଘ.୧୧.୩୨ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ.୧୧.୩୨ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁ କାଳ।

# କ୍ଲାଇମେଟ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

## ଯୁବ ସମ୍ମିଳନୀର ବକ୍ତା

**ଧରିତ୍ରୀ ପକ୍ଷରୁ ଆସନ୍ତା ୨୪ ତାରିଖରେ ଭୁବନେଶ୍ୱରଠାରେ ଯୁବ ସମ୍ମିଳନୀ(ୟୁଥ୍ କନ୍‌କ୍ଲେଭ) ଅନୁଷ୍ଠିତ ହେବାକୁ ଯାଉଛି। 'କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍' ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ରାଜ୍ୟର ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନର ବହୁ ଯୁବ ବକ୍ତା ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସମସ୍ୟାକୁ କିପରି ସେମାନେ ଦେଖୁଛନ୍ତି ସେନେଇ ବକ୍ତବ୍ୟ ରଖିବେ। ସେହି ଯୁବବକ୍ତାଙ୍କ ସମ୍ପର୍କରେ କିଛି...**

କଟକ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଛନ୍ତି ଆଶୁତୋଷ ଅରୁଣ ମଲ୍ଲିକ। ସେ ତୃତୀୟ ବର୍ଷର ଛାତ୍ର। ସାମ୍ପ୍ରତିକ ବିଷୟବସ୍ତୁ ପଢ଼ିବା ଏବଂ କ୍ରୀଡ଼ା ଇତିହାସ ଜାଣିବା ପାଇଁ ତାଙ୍କର ବେଶ୍ ଆଗ୍ରହ ରହିଛି।


ଆଶୁତୋଷ ଅରୁଣ ମଲ୍ଲିକ

ଭୁବନେଶ୍ୱର ଏମ୍ସର ଏମ୍‌ବିବିଏସ୍‌ର ପ୍ରଥମ ବର୍ଷ ଛାତ୍ର ଦେବାଞ୍ଜନ ରୁଜ୍। ବିତର୍କକୁ ଭଲ ପାଉଥିବା ଦେବାଞ୍ଜନ ବିଶ୍ୱ ରାଜନୀତି ବିଷୟରେ ପଢ଼ିବାକୁ ପସନ୍ଦ କରନ୍ତି।


ଦେବାଞ୍ଜନ ରୁଜ୍

ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ୱେତାଲିନା ମହାନ୍ତି। ସେ ପ୍ରାଣୀ ବିଜ୍ଞାନରେ ସ୍ନାତକ କରୁଛନ୍ତି। ତାଙ୍କର ସାହିତ୍ୟ ଏବଂ କବିତା ପ୍ରତି ଆଗ୍ରହ ରହିଛି।


ଶ୍ୱେତାଲିନା ମହାନ୍ତି

ଉତ୍କଳ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ଛାତ୍ର ଅଂଶୁମାନ ସାହୁ। କବିତା, କ୍ଷୁଦ୍ର କାହାଣୀ ଲେଖିବାକୁ ଭଲ ପାଆନ୍ତି। ଏଥିସହ ସେ ଜଣେ ପକୃତିପ୍ରେମୀ।


ଅଂଶୁମାନ ସାହୁ

ଜାଭିଅର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟରେ ସନଥ କୁମାର ସ୍ୱାଇଁ ଏମ୍‌ବିଏ କରୁଛନ୍ତି। ସେ ଭ୍ରମଣ ପ୍ରତି ଆଗ୍ରହ ରଖିଥିବାବେଳେ ସଙ୍ଗୀତ ଏବଂ ଅଣକାଳ୍ପନିକ(ନନ୍-ଫିକ୍ସନାଲ) ବହି ପଢ଼ିବାକୁ ମଧ୍ୟ ବେଶ୍ ପସନ୍ଦ କରନ୍ତି।


ସନଥ କୁମାର ସ୍ୱାଇଁ

ରେଭେନ୍ସା ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ର ମହମ୍ମଦ ଫହିମ ଫୈଜଲ୍। ସେ ବକ୍ତୃତା ଦେବା ଏବଂ ବହୁ ସମ୍ମିଳନୀରେ ଯୋଗଦେଇ ନିଜ ଶିକ୍ଷାନୁଷ୍ଠାନରୁ ପ୍ରତିନିଧିତ୍ୱ କରିଛନ୍ତି।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁଜି(ଅର୍ଥନୀତି) ତୃତୀୟ ବର୍ଷ ଛାତ୍ରୀ ଅପରାଜିତା ଦାସ। ସେ ଖବରକାଗଜ, କାଳ୍ପନିକ ଗଳ୍ପ ପଢ଼ିବାକୁ ପସନ୍ଦ କରନ୍ତି। ରୋଷେଇ କରିବା ତାଙ୍କୁ ଭଲଲାଗେ।

କିଟ୍ ବିଶ୍ୱବିଦ୍ୟାଳୟର ବିଟେକ୍‌ର ତୃତୀୟ ବର୍ଷ ଛାତ୍ର ଶୁଭ୍ରନିଲ ଚଟୋପାଧ୍ୟାୟ। ସାଧାରଣରେ ବକ୍ତବ୍ୟ ଦେବା ପାଇଁ ଆଗ୍ରହ ଥିବା ଶୁଭ୍ରନିଲ ନିଜ ପ୍ରତିଭାକୁ ଦେଖାଇବା ପାଇଁ ଉଚିତ୍ ସୁଯୋଗକୁ ଅପେକ୍ଷା କରିଛନ୍ତି।


ଶୁଭ୍ରନିଲ ଚଟୋପାଧ୍ୟାୟ


ମହମ୍ମଦ ଫହିମ ଫୈଜଲ୍


ଅପରାଜିତା ଦାସ

# ଅଭିଯୁକ୍ତ ଟ୍ରକ୍ ହେଲ୍‌ପରଙ୍କୁ ଜାମିନ ଦେଲେ ସୁପ୍ରିମକୋର୍ଟ

## ଜବାବ ଦାଖଲ କରିବାରେ ଓଡ଼ିଶା ସରକାର ବିଫଳ

ନୂଆଦିଲ୍ଲୀ ,୨୨।୧୧(ପି.ଟି.)

ବେଆଇନ ନିଶାଦ୍ରବ୍ୟ କାରବାର ମାମଲାରେ ଓଡ଼ିଶା ସରକାର ଜବାବ ଦାଖଲ କରିବାରେ ବିଫଳ ହେବାରୁ ସୁପ୍ରିମକୋର୍ଟ ମଙ୍ଗଳବାର ଅଭିଯୁକ୍ତ ଟ୍ରକ୍ ହେଲ୍‌ପରଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ୧୮ ମାସରୁ ଊର୍ଦ୍ଧ୍ୱ ବିଚାର ବିଭାଗୀୟ ହାଜତରେ ରହିଲେଣି। ଗତ ଅକ୍ଟୋବର ୨୬ରେ ସରକାରଙ୍କୁ ନୋଟିସ୍ ଜାରି ସତ୍ତ୍ୱେ ଏପର୍ଯ୍ୟନ୍ତ ଜବାବ ଦାଖଲ କଲେନାହିଁ ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଅଭୟ ଏସ୍ ଓକାଙ୍କ ଖଣ୍ଡପୀଠ କହିଛନ୍ତି। ଯଦି ରାଜ୍ୟ ସରକାରଙ୍କ ପାଖରେ ସମୟ ନାହିଁ, ତେବେ ଅଦାଲତ ଅପେକ୍ଷା କରିପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ନିଶାଦ୍ରବ୍ୟ ନେଇ ଯାଉଥିବା ଟ୍ରକ୍ ଧରାପଡ଼ିବା ପରେ ଅନ୍ୟମାନେ ଖସିପଳାଇଥିବାବେଳେ ହେଲ୍‌ପରଙ୍କୁ ଗିରଫ କରାଯାଇଥିଲା। ୨୦୨୧ ମାର୍ଚ୍ଚରୁ ସେ ଜେଲରେ ଅଛନ୍ତି। ତାଙ୍କର କିଛି ଦୋଷ ନ ଥିଲା। ଟ୍ରକ୍‌ରେ ଥିବା ନିଶାଦ୍ରବ୍ୟ ପାଇଁ ତାଙ୍କୁ ଦାୟୀ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଓକିଲ କହିଥିଲେ। ସୂଚନାଯୋଗ୍ୟ, ଟ୍ରକ୍‌ରୁ ୨୮୦ କିଲୋଗ୍ରାମ ନିଷିଦ୍ଧ ନିଶାଦ୍ରବ୍ୟ ଜବତ ହୋଇଥିଲା। ପୂର୍ବରୁ ହାଇକୋର୍ଟ ହେଲ୍‌ପରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

# ପ୍ରତି ୧୧ ମିନିଟ୍‌ରେ ଜଣେ ମହିଳାଙ୍କୁ ହତ୍ୟା କରୁଛନ୍ତି ସମ୍ପର୍କୀୟ: ଗୁଟେରସ୍

ୱାଶିଂଟନ୍, ୨୨।୧୧

ବିଶ୍ୱରେ ପ୍ରତି ୧୧ ମିନିଟ୍‌ରେ ଜଣେ ମହିଳା ନିଜ ପରିଚିତ ବା ସମ୍ପର୍କୀୟଙ୍କ ଦ୍ୱାରା ହତ୍ୟାର ଶିକାର ହେଉଛନ୍ତି। ମହିଳାଙ୍କ ପ୍ରତି ବଢ଼ୁଥିବା ହିଂସାକୁ ଦୃଷ୍ଟିରେ ରଖି ଜାତିସଂଘ ମହା ସଚିବ ଆଣ୍ଟୋନିଓ ଗୁଟେରସ୍ ଏହା କହିଛନ୍ତି। ବିଶ୍ୱରେ ମହିଳା ତଥା ଯୁବତୀମାନଙ୍କ ଉପରେ ହିଂସା କ୍ରମାଗତ ବଢ଼ିଚାଲିଛି।


ଆଣ୍ଟୋନିଓ ଗୁଟେରସ୍

ସେମାନଙ୍କୁ ଏ ପ୍ରକାର ସଙ୍କଟଜନକ ପରିସ୍ଥିତିରୁ ଉଦ୍ଧାର କରିବା ଲାଗି ଉପଯୁକ୍ତ ପଦକ୍ଷେପ ନେବା ଜରୁରୀ। ବିଶ୍ୱରେ ବ୍ୟାପକ ହେଉଥିବା ହିଂସାର ଦୂରୀକରଣ ସକାଶେ ବିଭିନ୍ନ ଦେଶର ସରକାର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ନଭେମ୍ବର ୨୫ରେ ପାଳନ ହେବାକୁ ଥିବା ଅନ୍ତର୍ଜାତୀୟ 'ଏଲିମିନେଶନ୍ ଅଫ୍ ଭାଓଲେନ୍ସ ଏଗେଷ୍ଟ ଓମେନ୍' ଦିବସ ପାଖେଇ ଆସୁଥିବାବେଳେ ଗୁଟେରସ ମହିଳା ହିଂସାକୁ ନେଇ ନିଜ ମତ ପ୍ରକାଶ କରିଛନ୍ତି।

କୋଭିଡ୍ ମହାମାରୀ ଯୋଗୁ ବିଶ୍ୱ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିବାବେଳେ ବହୁ ଲୋକଙ୍କ ବ୍ୟବସାୟିକ କାରବାର ସାଙ୍ଗକୁ ରୋଜଗାର ପନ୍ଥାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା। ଏଥିଯୋଗୁ ବଢ଼ିଥିବା ମାନସିକ ଚାପ ମହିଳାଙ୍କ ପ୍ରତି ହେଉଥିବା ହିଂସାର ମୁଖ୍ୟ କାରଣ ବୋଲି କୁହାଯାଇପାରିବ। ଏହା ବ୍ୟତୀତ ମହିଳାମାନେ ଅନ୍‌ଲାଇନ୍ ହିଂସାର ଶିକାର ମଧ୍ୟ ହେଉଛନ୍ତି। ସୋସିଆଲ ମିଡିଆରେ ଅନେକ ଅସାମାଜିକ ପ୍ରବୃତ୍ତିର ଯୁବଗୋଷ୍ଠୀ ଯୁବତୀମାନଙ୍କୁ କମେଣ୍ଟ ସାଙ୍ଗକୁ ସେମାନଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ମଧ୍ୟ ଭାଇରାଲ କରୁଥିବା ଦେଖାଯାଉଛି। ମହିଳାଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ପ୍ରତ୍ୟେକ ବ୍ୟକ୍ତି ସ୍ୱର ଉତ୍ତୋଳନ କରିବା ଜରୁରୀ ବୋଲି ସେ କହିଛନ୍ତି।

# ଖବରଦାତାଙ୍କ ପରଲୋକ


ବିଭୁ ପ୍ରସାଦ ବେହେରା।

ଭଦ୍ରକ ଅଫିସ/ ପୁରୁଷୋତ୍ତମପୁର (ଡି.ଏନ.ଏ.), ୨୨।୧୧

ଖବରଦାତା ବିଭୁ ପ୍ରସାଦ ବେହେରା(୪୪)ଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଛି। ସେ ଗତ ଦୁଇବର୍ଷ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ରବିବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୀର୍ଘବର୍ଷ ଧରି ଧରିତ୍ରୀ ଖବରକାଗଜରେ ଭଦ୍ରକ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ଏବେ ସେ ରାଜ୍ୟ କାହାଣୀ ନାମକ ସାପ୍ତାହିକରେ ଖବରଦାତା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଭୁବନେଶ୍ୱରରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେହିପରି ଭଦ୍ରକର ବହୁ ଖବରଦାତା ଓ କ୍ୟାମେରାମ୍ୟାନ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଜନ୍ମମାଟି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପଞ୍ଚାୟତ ଗୋବିନ୍ଦପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ଅପରାହ୍ନରେ ଋଷିକୁଲ୍ୟା ନଦୀପଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ସେଠାରେ ମୃତ ଖବରଦାତା ବିଭୁଙ୍କ ସ୍ତ୍ରୀ ସାବିତ୍ରୀ, ଝିଅ ଶ୍ରଦ୍ଧାଞ୍ଜଳି, ପୁଅ ପ୍ରଭୁ ପ୍ରସାଦଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

**PEOPLES GROUP**
Required : Front Office, Back Office, Technical, Non-Technical, IT / Data Entry Operator
Qualifications : Any
Plot No: 216/594, Paikanagar Bhubaneswar
Contact: 9861720890, 8280498679

No.D-222

PUBLIC SERVICE COMMISSION ODISHA

# ଓଡ଼ିଶା ଲୋକ ସେବା ଆୟୋଗ

## କଟକ

No.10598/PSC, Dt. 22.11.22

## ଏଏସ୍‌ଓ ପରୀକ୍ଷା ସଂକ୍ରାନ୍ତୀୟ ବିଶେଷ ସୂଚନା

1. ଗୃହ ବିଭାଗ ଅଧୀନରେ ଥିବା ଓଡ଼ିଶା ସଚିବାଳୟ ସେବାର ଗ୍ରୁପ୍-ବିରେ ଏଏସ୍‌ଓ ପଦବୀରେ 796 ପଦବୀ ନିଯୁକ୍ତି ପାଇଁ 2021-22 ର ବିଜ୍ଞାପନ ନଂ.- 26 ତା 31.12.2021ରିଖରେ ପ୍ରକାଶିତ ହୋଇଥିଲା ।
2. ଉପରୋକ୍ତ ବିଜ୍ଞାପନ ଅନୁଯାୟୀ ୨୭.୦୮.୨୦୨୨ ତାରିଖରେ ଏଏସ୍‌ଓ ନିଯୁକ୍ତିର ଲିଖିତ ପରୀକ୍ଷା କରାଯାଇଥିଲା । 03 (ତିନୋଟି) ବିଷୟକୁ ନେଇ ଗଠିତ 03 (ତିନୋଟି) ସିଟିଂରେ ଲିଖିତ ପରୀକ୍ଷା କରାଯାଇଥିଲା, ଅର୍ଥାତ୍ ପେପର-1 (ସାଧାରଣ ଜ୍ଞାନ), ପେପର-2 (ରିଜନିଂ, ମାନସିକ ଦକ୍ଷତା ଏବଂ ଗଣିତ ପରୀକ୍ଷା), ପେପର-3 (ଓଡ଼ିଆ ଓ ଇଂରାଜୀ ଭାଷା ଭିତ୍ତିକ) । ମୋଟ ୧,୪୮,୮୮୮ ଜଣ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ।
3. ଏହା ଏକ ଦୁଇ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ; ପ୍ରଥମ ପର୍ଯ୍ୟାୟରେ ଉପରେ ଉଲ୍ଲେଖ କରାଯାଇଥିବା ବିଷୟଗୁଡ଼ିକ ପାଇଁ ଏକ ଏମ୍‌ସିକ୍ୟୁ ଡାଞ୍ଚା ପରୀକ୍ଷା କରାଯାଏ ଏବଂ ପ୍ରଥମ ପର୍ଯ୍ୟାୟରୁ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀଙ୍କୁ କମ୍ପ୍ୟୁଟର ଜ୍ଞାନ ଉପରେ ଏକ ଦକ୍ଷତା ପରୀକ୍ଷା କରାଯାଏ, ଯାହା କେବଳ ଯୋଗ୍ୟତାଭିତ୍ତିକ ଅଟେ ।
4. ଲିଖିତ ପରୀକ୍ଷାରେ ଯୋଗ୍ୟତା ପ୍ରତିପାଦନ କରିଥିବା ପ୍ରାର୍ଥୀଙ୍କ ତାଲିକା ଆୟୋଗର ୱେବ୍‌ସାଇଟରେ ବିଜ୍ଞପ୍ତି ନଂ. ୧୦୨୦୮/ପିଏସ୍‌ସି, ତା.୦୭.୧୧.୨୦୨୨ରେ ସୂଚିତ କରାଯାଇଥିଲା । ଲିଖିତ ପରୀକ୍ଷାରେ ମୋଟ 1104 ଜଣ ପ୍ରାର୍ଥୀ ଯୋଗ୍ୟତା ବିବେଚିତ ହୋଇଛନ୍ତି, ଯାହା ବିଜ୍ଞାପିତ ଖାଲି ସ୍ଥାନର ପ୍ରାୟ 1.5 ଗୁଣ ।
5. ଯୋଗ୍ୟତା ଭିତ୍ତିକ ନଥିପତ୍ର ଯାଞ୍ଚ ଏବଂ କମ୍ପ୍ୟୁଟର ଦକ୍ଷତା ପରୀକ୍ଷା ପାଇଁ ପ୍ରାର୍ଥୀଙ୍କ ଅସ୍ଥାୟୀ ତାଲିକା ପ୍ରସ୍ତୁତ କରୁଥିବାବେଳେ ଆୟୋଗଙ୍କ ବିଜ୍ଞାପନର ପାରା-୬(ସି) ଅଧୀନରେ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣ କରିଥିଲେ ଅର୍ଥାତ୍ *''ଆୟୋଗ ପରୀକ୍ଷାର ଯେକୌଣସି କିମ୍ବା ସମସ୍ତ ବିଷୟରେ ଯୋଗ୍ୟତା ମାର୍କ ସ୍ଥିର କରିବାକୁ ସକ୍ଷମ ହେବେ''* ।
6. ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଯୋଗ୍ୟତା ଭିତ୍ତିକ ନମ୍ବର ରଖିଥିବା ଆଧାରରେ ୨୪୦୮ ଜଣ ପ୍ରାର୍ଥୀ ବିଚାରାଧୀନ ତାଲିକା ପରିସର ଆସିଥିଲେ, ଯେଉଁଥିରୁ 1104 ଜଣ ପ୍ରାର୍ଥୀଙ୍କୁ ସର୍ଟଲିଷ୍ଟ କରାଯାଇଥିଲା ଏବଂ ନଥିପତ୍ର ଯାଞ୍ଚ ତା.14.11.2022 ରୁ 18.11.2022 ପର୍ଯ୍ୟନ୍ତ କରାଯାଇଥିଲା ।
7. ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ଓ ସିସିଟିଭି କଭରେଜ୍‌ରେ ଏହି ପରୀକ୍ଷା ପରିଚାଳନା କରାଯାଇଥିଲା । ପରୀକ୍ଷାର ସୁଗମ ଏବଂ ସ୍ୱଚ୍ଛ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସଂଯୋଜକ ଏବଂ ଅଧିକାରୀ ନିୟୋଜିତ କରିଥିଲେ ।
8. ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପରୀକ୍ଷା କେନ୍ଦ୍ର ଅନୁଯାୟୀ ବଣ୍ଟନର ବିଶ୍ଳେଷଣ ଉପରେ ଏହା ଦେଖାଯାଏ ଯେ, ରାଜ୍ୟର 433ଟି କେନ୍ଦ୍ର ମଧ୍ୟରୁ 415ଟି କେନ୍ଦ୍ରର ପ୍ରାର୍ଥୀମାନେ ସର୍ବନିମ୍ନ କଟ୍ ଅଫ୍ ମାର୍କ ସହିତ ଯୋଗ୍ୟତା ଅର୍ଜନ କରିଛନ୍ତି, ଏହା ପରୀକ୍ଷା ପ୍ରକ୍ରିୟାର ନିରପେକ୍ଷତା ଓ ବୈଧତାକୁ ପ୍ରମାଣିତ କରେ ।
9. ମୁଖ୍ୟସ୍ରୋତ ଏବଂ ସାମାଜିକ ଗଣମାଧ୍ୟମରେ କିଛି ପ୍ରାର୍ଥୀଙ୍କ ଅଭିଯୋଗ ଯେ ଅନୁପସ୍ଥିତ ଥିବା ପ୍ରାର୍ଥୀମାନଙ୍କୁ ଚୟନ କରାଯାଇଛି ତାହା ଭିତ୍ତିହୀନ ଏବଂ ମିଥ୍ୟା । ସମସ୍ତ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀଙ୍କ ଉପସ୍ଥାନ ପତ୍ର ଆୟୋଗଙ୍କ ପାଖରେ ଉପଲବ୍ଧ ।
10. ଓପିଏସ୍‌ସିର ନିର୍ଦ୍ଧାରିତ ନୀତି ଅନୁଯାୟୀ, ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବା ପରେ ଆୟୋଗ ୱେବ୍‌ସାଇଟରେ ଉତ୍ତର ତାଲିକା, କଟ୍ ଅଫ୍ ମାର୍କ ଏବଂ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ମାର୍କ ପ୍ରକାଶ କରନ୍ତି । ଏହା ମଧ୍ୟ ୟୁପିଏସ୍‌ସିର ଗ୍ରହଣୀୟ ନୀତି ଅଟେ । ଓପିଏସ୍‌ସି 2022 ର ଡବ୍ଲ୍ୟୁପି(ସି) ନଂ.30102 ଓ ସମାନ ରିଟ୍‌ପିଟିସନ ଆସିଥିବା ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ରାୟ ତା.14.11.2022 ମତେ ଆୟୋଗର ସଂକଳ୍ପ ନମ୍ବର 5395/ପିଏସ୍‌ସି, ତା.03.09.2016 ଅନୁସରଣ କରି ଚୂଡ଼ାନ୍ତ ଫଳାଫଳ ପ୍ରକାଶ କରାଯିବ ।

**ଆୟୋଗଙ୍କ ଆଦେଶ ଅନୁସାରେ**
**ସ୍ୱା./- ସଚିବ**

OIPR-12002/11/0203/2223

“ରାଷ୍ଟ୍ରଜାତି, ପରିବାର ଓ ମାନବଜାତି– ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ –ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି। **–ଶ୍ରୀଅରବିନ୍ଦ**



# ପ୍ରତିବାଦରେ ଦେଶପ୍ରେମ

ଗୋଟେ ରାଷ୍ଟ୍ର ପ୍ରତି ଦେଶପ୍ରେମ କେବଳ ସରକାରଙ୍କୁ ସମର୍ଥନ ବା ପ୍ରଶଂସା କରିବାରେ ନ ଥାଏ। ଯେତେବେଳେ କୌଣସି ଶାସନ ବ୍ୟବସ୍ଥା ନାଗରିକଙ୍କ ଅଧିକାରକୁ ଛଡ଼ାଇନେବା ପାଇଁ ଉଦ୍ୟମ କରେ, ସେତେବେଳେ ତାହା ବିରୋଧରେ ସ୍ୱର ଉଠାଇବା ହେଉଛି ପ୍ରତ୍ୟେକଙ୍କ ନୈତିକ କାର୍ଯ୍ୟ। କାତାରର ଦୋହାଠାରେ ଚାଲିଥିବା ଫୁଟ୍‌ବଲ ବିଶ୍ୱକପ୍ ପ୍ରତିଯୋଗିତାର ୨୧ ନଭେମ୍ବରରେ ଇଂଲଣ୍ଡ ବିପକ୍ଷରେ ଇରାନ ଖେଳିବା ପୂର୍ବରୁ ଦୁଇ ଦେଶର ଜାତୀୟ ସଙ୍ଗୀତ ବଜାଯାଇଥିଲା। ହେଲେ ଇରାନୀୟ ଖେଳାଳିମାନେ ତାଙ୍କ ଜାତୀୟ ସଙ୍ଗୀତ ବାଜୁଥିବା ବେଳେ ନୀରବ ରହିଥିବା ଦେଖାଯାଇଥିଲା। ସେମାନେ ପରସ୍ପର କାନ୍ଧ ଉପରେ ହାତ ପକାଇ ଏକତା ସୂତ୍ରରେ ବନ୍ଧା ବୋଲି ଦର୍ଶାଉଥିଲେ ମଧ୍ୟ କେତେଜଣ ତଳକୁ ମୁଣ୍ଡ ନୁଆଁଇଥିବା ଦେଖାଯାଇଥିଲା। ଏଭଳି ପ୍ରଦର୍ଶନ ପଛରେ ରହିଥିବା କାରଣ ହେଲା ଗତ ସେପ୍ଟେମ୍ବରରେ ୨୨ ବର୍ଷୀୟା ଯୁବତୀ ମହସା ଅମିନଙ୍କ ହାଜତରେ ଘଟିଥିବା ଅସ୍ୱାଭାବିକ ମୃତ୍ୟୁ ପ୍ରତିବାଦରେ ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନକୁ ସମର୍ଥନ କରିବା। ମହସା ହିଜାବ ନ ପିନ୍ଧି ରକ୍ଷଣଶୀଳ ମାନସିକତାକୁ ବିରୋଧ କରୁଥିବାରୁ ଇରାନୀୟ ପୋଲିସ ତାଙ୍କ ଉପରେ ପ୍ରତିଶୋଧ ନେଇଥିଲା। ସେବେଠାରୁ ଇରାନୀୟ ମହିଳାଙ୍କ ସମେତ ଦେଶବାସୀ ଶାସକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଚାଲିଛନ୍ତି। ଇତିମଧ୍ୟରେ ୨,୪୦୦ ଲୋକଙ୍କୁ ଜେଲଦଣ୍ଡ ଦିଆଯାଇସାରିଲାଣି ଓ ଅନେକଙ୍କୁ ମାରିଦିଆଗଲାଣି। ୧୯୭୯ ଇରାନୀୟ ବିପ୍ଳବ ପରେ ହିଜାବ ବିରୋଧୀ ମହିଳାଙ୍କ ପ୍ରତିବାଦ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। କିନ୍ତୁ ଫୁଟବଲ ବିଶ୍ୱକପ୍ ମ୍ୟାଚ୍ ପୂର୍ବରୁ ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ୍ ବାହାରେ 'ମହସା ଅମିନ୍'ଙ୍କ ନାମ ପ୍ରତିଧ୍ୱନିତ ହେବା ଓ ଷ୍ଟାଡ଼ିୟମ ଭିତରେ ଜାତୀୟ ସଙ୍ଗୀତ ବାଜୁଥିବା ବେଳେ ଯେଭଳି ଇରାନୀୟ ଖେଳାଳି ଶାସକଙ୍କ ବିରୋଧରେ ପ୍ରତିବାଦ ଜଣାଇଲେ, ତାହା ଏବେ ଅନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି କରିଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଇରାନ୍‌ରେ ୧୯୭୯ରେ ଇସ୍‌ଲାମୀୟ ହିଂସାତ୍ମକ ବିପ୍ଳବ ଦ୍ୱାରା ସେଠାକାର ରାଜା ଶାହା ମହମ୍ମଦ ରେଜା ପହଲ୍‌ବିଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ସେହି ଜନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଧର୍ମଗୁରୁ ରୁହୋଲ୍ଲା ଖୋମେନୀ। ତାଙ୍କ ଦେହାନ୍ତ ହୋଇଥିଲା ୩ ଜୁନ୍ ୧୯୮୯ରେ। ତାଙ୍କ ମୃତ୍ୟୁ ପରେ ଦେଶବ୍ୟାପୀ ଏକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଥିରେ କବିମାନଙ୍କୁ ନୂଆ ଜାତୀୟ ସଙ୍ଗୀତ ରଚନା ଲାଗି କୁହାଯାଇଥିଲା। ବିଜେତାଙ୍କ ଦ୍ୱାରା ଲେଖାଯାଇଥିବା ଜାତୀୟ ସଙ୍ଗୀତରେ ସ୍ୱାଧୀନତା ଆଣିଥିବାରୁ ଖୋମେନୀଙ୍କୁ ଇମାମ୍ ଭାବରେ ପ୍ରଶଂସା କରାଯାଇଥିଲା। ସମ୍ଭବତଃ ଏହି ପ୍ରଶଂସାକୁ ବିରୋଧ କରି ଫୁଟ୍‌ବଲ ଖେଳାଳିମାନେ ଜାତୀୟ ସଙ୍ଗୀତ ଗାଇବା ପରିବର୍ତ୍ତେ ମୌନ ରହିଥିଲେ।

ବିଶ୍ୱସ୍ତରରେ ଫୁଟ୍‌ବଲ ଖେଳର ଲୋକପ୍ରିୟତା ସର୍ବାଧିକ ରହିଆସିଛି। ଏଭଳି ଏକ ମଞ୍ଚରେ ଇରାନୀୟ ଖେଳାଳି ସାହସ ଦେଖାଇ ସେମାନଙ୍କ ଶାସକଙ୍କ ବିରୋଧରେ ଅଭିନବ ପ୍ରଦର୍ଶନ କରିବା ସାମାନ୍ୟ ବିଷୟ ନୁହେଁ। ହୁଏତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ମାତ୍ର ଏକ ରକ୍ଷଣଶୀଳ ଚିନ୍ତାଧାରା ବିରୋଧରେ ଦେଶବାସୀଙ୍କ ସ୍ୱର ସହ ସ୍ୱର ମିଳାଇବା ନିଶ୍ଚିତ ଭାବେ ସେମାନେ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଲେ ବୋଲି କୁହାଯିବ। ଶାସକ ସର୍ବଦା ଜନମଙ୍ଗଳ କାର୍ଯ୍ୟ କରି ଦେଖାଇବା କଥା। ପୂର୍ବରୁ ଗଢ଼ି ଆସିଥିବା ପୁରୁଣାକାଳିଆ ପ୍ରଥା ଓ ପରମ୍ପରାକୁ ସମୟର ଗତି ସହ ପରିବର୍ତ୍ତନ କରାଯିବା ଆବଶ୍ୟକ ହୋଇଥାଏ। କିନ୍ତୁ ଯେଉଁ ଧର୍ମୀୟ ଶାସକ ନିଜ କ୍ଷମତା ବଳରେ ନୂତନତ୍ୱ ଗ୍ରହଣ କରିବାକୁ ଅସ୍ୱୀକାର କରିଥାଆନ୍ତି, ସେତେବେଳେ ନାଗରିକମାନେ ବିପ୍ଳବ ମାଧ୍ୟମରେ ପରିବର୍ତ୍ତନ ଆଣିଥାଆନ୍ତି। ଭାରତରେ ମଧ୍ୟ ଅନେକଙ୍କ ମୁଖରୁ ରାମରାଜ୍ୟ କଥା ଶୁଣାଯାଏ। ଦେଖିବାକୁ ଗଲେ ରାମାୟଣ ଏକ ପୁରାଣଶାସ୍ତ୍ର ହୋଇଥିବା ବେଳେ ତାହାର କୌଣସି ଐତିହାସିକ ପ୍ରମାଣ ମିଳିନାହିଁ। ଅର୍ଥାତ୍ ରାମଙ୍କ ଜନ୍ମଭୂମିର ନିର୍ଦ୍ଦିଷ୍ଟ ସ୍ଥାନ ଜାଣିବା ଅସମ୍ଭବ। ଏଥିସହିତ ରାମରାଜ୍ୟରେ ଗରିବ ଲୋକର ଜୀବନଶୈଳୀ କେଉଁ ପ୍ରକାର ଥିଲା, ନ୍ୟାୟ ବ୍ୟବସ୍ଥା କିଭଳି ଭାବେ ପରିଚାଳିତ ହେଉଥିଲା, ରାଜ୍ୟରେ ଟିକସ ବ୍ୟବସ୍ଥାର ରୂପରେଖ କ'ଣ ଥିଲା, କେଉଁ ପ୍ରକାରର ବ୍ୟବସାୟୀ ସେତେବେଳେ ଲାଭବାନ ହୋଇପାରୁଥିଲେ ଏବଂ ସାମାଜିକ ପ୍ରଥା ଯଥା– ବ୍ରାହ୍ମଣମାନଙ୍କ ବ୍ରତରେ ପଢ଼ାଯାଉଥିବା ଶ୍ଳୋକରେ ରାମ ଓ କୃଷ୍ଣଙ୍କ ନାମ ଥିଲା କି ନାହିଁ ଭଳି ଉତ୍ତର କାହାରି ପାଖରେ ନାହିଁ; କାରଣ ସେତେବେଳକାର କୌଣସି ପୋଥି ମିଳିନାହିଁ। ଏଥିରୁ ବୁଝିବାକୁ ହେବ ଯେ, ମଣିଷ ତା'ର ଚିନ୍ତାଶକ୍ତି ଦ୍ୱାରା ଏକ ଉଚ୍ଚକୋଟୀର ଶାସନ ବ୍ୟବସ୍ଥାର ପରିକଳ୍ପନା କରିଥିଲା। ସେହିଭଳି ଇସ୍‌ଲାମ ଧର୍ମର ଶିୟା ସମ୍ପ୍ରଦାୟରେ ମଧ୍ୟ ଉଚ୍ଚ ଚିନ୍ତାଧାରାରେ କାଳ୍ପନିକ ରାଜ୍ୟ ସୃଷ୍ଟି କରିବାର ସ୍ୱପ୍ନ ରହିଛି। ସେହି ପ୍ରକାରର ସ୍ୱପ୍ନ ଇସ୍‌ଲାମିକ ଷ୍ଟେଟ୍‌ର ମଧ୍ୟ ଥିଲା, ଯାହାର ନାମ 'ଆଇଏସ୍' ହୋଇଥିଲା।

ତେବେ ଇରାନ୍ ଫୁଟ୍‌ବଲ ଖେଳାଳିଙ୍କ ପ୍ରତିବାଦ ମନେପକାଇଦିଏ 'ବ୍ଲାକ୍ ଲାଇଭ୍‌ସ ମେଟର' ସ୍ଲୋଗାନ। ଆମେରିକାରେ ଜର୍ଜ ଫ୍ଲଏଡ୍‌ଙ୍କୁ ଆମେରିକୀୟ ପୋଲିସ ଆଣ୍ଠୁରେ ଚାପି ମାରିଦେବା ପରେ ଏହା ବିଶ୍ୱବ୍ୟାପୀ ଚହଳ ପକାଇଥିଲା। ଫିଫା ମଧ୍ୟ ସେତେବେଳେ ଖେଳାଳିଙ୍କ ବ୍ଲାକ୍ ଲାଇଭ୍‌ସ ମେଟରକୁ କରାଯାଇଥିବା ସମର୍ଥନରେ 'ହଁ' ଭରିଥିଲା। ଚଳିତ ଥର ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ହୋଇଥିବା ଖେଳ ସମୟରେ କାତାରରେ ହେଉଥିବା ମାନବ ଅଧିକାର ଉଲ୍ଲଂଘନକୁ ବିରୋଧ କରି ନରୱେ ଏବଂ ଜର୍ମାନୀ ଖେଳାଳି 'ମାନବ ଅଧିକାର' ଲେଖା ଥିବା ଟି–ଶାର୍ଟ ପରିଧାନ କରିଥିଲେ। ଏହା ପରେ ଫିଫା ପକ୍ଷରୁ ଉଭୟ ଦେଶକୁ ସମର୍ଥନ କରାଯାଇଥିଲା। ଫିଫା ବାକ୍ ସ୍ୱାଧୀନତା ଓ ଫୁଟ୍‌ବଲର ଶକ୍ତି ଭଲ କାର୍ଯ୍ୟ ଲାଗି ବଳ ଦେଇଥିବାର ବିଶ୍ୱାସ କରେ ବୋଲି କହେ। ଏବେ ଜାତୀୟ ସଙ୍ଗୀତ ଗାନ ବେଳେ ଇରାନୀୟ ଖେଳାଳିଙ୍କ ନୀରବ ପ୍ରତିବାଦର ପ୍ରଭାବ ନିଶ୍ଚିତ ଭାବେ ସେଠାକାର ସରକାରଙ୍କ ଉପରେ ପଡ଼ିବ ବୋଲି ଆଶା କରାଯାଉଛି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 2 | 1 | | | | 4 | |
| | 4 | 7 | | | | | 8 | 5 |
| | | | | | | | | |
| | | 1 | 3 | | 5 | 9 | | |
| | | | | 6 | | | | |
| | 3 | 5 | 4 | 7 | | | | |
| | | 8 | | | | 2 | 7 | |
| | | | | | | | 1 | |
| | | | | 3 | 6 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 1 | 4 | 2 | 6 | 8 | 9 | 7 |
| 2 | 9 | 8 | 3 | 7 | 1 | 6 | 4 | 5 |
| 4 | 7 | 6 | 5 | 9 | 8 | 2 | 3 | 1 |
| 9 | 6 | 3 | 1 | 4 | 7 | 5 | 2 | 8 |
| 1 | 5 | 2 | 8 | 3 | 9 | 4 | 7 | 6 |
| 8 | 4 | 7 | 2 | 6 | 5 | 9 | 1 | 3 |
| 6 | 1 | 4 | 7 | 8 | 2 | 3 | 5 | 9 |
| 3 | 8 | 5 | 9 | 1 | 4 | 7 | 6 | 2 |
| 7 | 2 | 9 | 6 | 5 | 3 | 1 | 8 | 4 |

ଗତକାଲିର ଉତ୍ତର

# ଆମେ ଯାହା କରନ୍ତେ



ବ୍ରଜମୋହନ ମିଶ୍ର

ଏ ସଂସାର କେବଳ ବିରାଟ ନୁହଁ, ଏହା ସୁନ୍ଦର ପୁଣି ଆନନ୍ଦମୟ। ଏହା ପ୍ରକାଶ କରି ଭକ୍ତକବି ମଧୁସୂଦନ ଆମ ଆଖି ଖୋଲି ଦେବା ସହ ହୃଦୟ ଭେଦିଛନ୍ତି। ବିରାଟତା ସହ ସୌନ୍ଦର୍ଯ୍ୟ ଓ ଆନନ୍ଦ ଏତେ କୋଳାକୋଳି ହୋଇ ଯାଇଛନ୍ତି ଯେ ଗୋଟାକଠାରୁ ଆରଟିକୁ ଅଲଗାଦେଖି ହେବ ନାହିଁ କି ଅନୁଭବ କରିହେବ ନାହିଁ। ଏ ଅବିଚ୍ଛେଦ୍ୟ ତିନି ପ୍ରସ୍ଥ ସମସ୍ତଙ୍କ ସମକ୍ଷରେ ବେଶ୍ ଖୋଲାମେଲା। ପୁଣି ଏଗୁଡ଼ିକୁ ନେଇ ସମସ୍ତେ ନିତିଦିନ ବଞ୍ଚୁଛନ୍ତି। ଏଗୁଡ଼ିକ ସମସ୍ତଙ୍କ ଜୀବନ ଧାରଣର ପୋଷକ ରୂପେ କ୍ରିୟା ସମ୍ପାଦନ କରୁଛନ୍ତି ନିଃଶବ୍ଦରେ ଓ ନିର୍ବିଶେଷରେ। ଯେଉଁଠି ଘଞ୍ଚ ବନରାଜି ମାଇଲ ମାଇଲ ଧରି ଲମ୍ବି ଯାଉଛି, ସେଇଠି କେଉଁ ଜାଗାରେ ହୁଏତ କୁଳୁକୁଳୁ କରି ଝରଣାଟିଏ ବହିଯାଉଛି ତ କେଉଁ ଗହଳ ଗଛ ଉପରେ ଚଢ଼େଇମାନେ ବସି କିଚିରିମିଚିରି ହେଉଛନ୍ତି। ଏହା ଏକାଧାରରେ ସୁନ୍ଦର, ତେଣୁ ଆନନ୍ଦଦାୟୀ। ଆନନ୍ଦାଳୟ ସୌନ୍ଦର୍ଯ୍ୟ ସହ ବିରାଟତାର ଏଇ ନିବିଡ଼ ସମ୍ପର୍କ ଆମ୍ଭମାନଙ୍କୁ ବିସ୍ମିତ, ବିହ୍ୱଳିତ ଓ ବିଗଳିତ କରନ୍ତା। ସେହି ଶକ୍ତି ସେମାନଙ୍କ ପାଖରେ ନିତ୍ୟ ବିଦ୍ୟମାନ ଥିଲେ ସୁଦ୍ଧା ଆମେ ବୁଦ୍ଧିମାନ୍ ମତିହୀନମାନେ ସେ ଦିଗରେ କେବେ ଆଗ୍ରହୀ ହୋଇ ନଥାଉ। ଜୀବନ ସଂଗ୍ରାମ ନାଁରେ ଆମେ ଚେତାଶୂନ୍ୟ ହୋଇ ଏଡ଼େ ଜୋର୍‌ରେ ଆମର ଖଣ୍ଡାଟିମାନ ବୁଲାଉ ଯେ ଆଉ କିଛିକୁ ମନ କରୁନାହିଁ। ହେଲେ ଜୀବନ ସଂଗ୍ରାମ ଭିତରକୁ ତ ଆମେ କେବେ ପଶୁନା। ସତରେ ଜୀବନ ପାଇଁ ସଂଗ୍ରାମ ଅବଶ୍ୟ କରଣୀୟ। ତାହା ପୁଣି ଭିତର ସଂଗ୍ରାମ ଓ ବାହାର ସଂଗ୍ରାମ। ଭିତର ସଂଗ୍ରାମ ବାହାର ସଂଗ୍ରାମ ଅପେକ୍ଷା ଅଧିକ ଶକ୍ତିଶାଳୀ, ଅଧିକ ଏକନିଷ୍ଠ, ଅଧିକ ଶ୍ରଦ୍ଧାମୟ ହେବା କଥା। ସେଇ ସଂଗ୍ରାମ କରିବାକୁ ହେଲେ ଆମକୁ ତା' ସହ ଯଥେଷ୍ଟ ପରିଚିତ ହେବା ଏକାନ୍ତ ଆବଶ୍ୟକ।

ବାହାର ଓ ଭିତର– ଏ ଦୁଇଟି ଅଲଗା ପୁଣି ଅଭିନ୍ନ। ଅଲଗା ଏଇଥିପାଇଁ ଯେ 'ବାହାର' ଆଖିକୁ ଦେଖାଯାଏ, 'ଭିତର'ଟି ନୁହଁ। ଦେଖା ନ ଯାଉଛି ବୋଲି ତାହାକୁ ଆମେ ଅସ୍ୱୀକାର କରିବା କିମ୍ବା ଅବହେଳା କରିବା ଠିକ୍ ନୁହଁ। ମୋତେ ନିର୍ବାଚନରେ ଅଂଶ ଗ୍ରହଣ କରି ଜିତିବାକୁ ହେବ– ଏ ବାହାର କଥା– ଏହା ବେଶ୍ ପ୍ରତ୍ୟକ୍ଷ। ସେଥିପାଇଁ ମୁଁ କେତେ ମାତ୍ରାରେ ସକ୍ରିୟ, ସଜାଗ ଓ ସଶସ୍ତ୍ର। ସେହିପରି ମୋତେ ଏ ମହିମାମୟ ସଂସାରରେ 'ପରୀକ୍ଷିତ ଜୀବନ'ଟିଏ ଧାରଣ କରିବାକୁ ହେବ। ତା' ନହେଲେ ହୁଏତ ଖାଇ ପିଇ ଚଉକସରେ ମୁଁ ଦିନଯାମିନୀ କ୍ଷେପିପାରେ, କିନ୍ତୁ ମୋର ଏ ସଂସାର ସହ ଆତ୍ମୀୟତା ଆସିବ ନାହିଁ। କାରଣ ସଂସାରରେ ଥାଇ ମଧ୍ୟ ମୁଁ ସଂସାରର ହୋଇନଥିବି। ସଂସାରର ହେବାକୁ ମୁଁ ସଂସାରକୁ ଆସିଛି– ଏଇ ବିଶ୍ୱାସର ଚେର ମୋ ଭିତରେ ଖୁବ୍ ମାଡ଼ିଯିବ। ତାହା ଯେତେ ଭିତରକୁ ଭେଦୁଥିବ ମୁଁ ସେତେ ସଂସାରର ପାରାୟଣ କରିବାକୁ ଉତ୍ସାହୀ ହୋଇ ଉଠୁଥିବି। ସେଥିପାଇଁ ମୋତେ ସଂସାରପରାୟଣ ହେବାକୁ ପଡ଼ିବ। ଏଇ ଅବବୋଧକୁ ଗଣ୍ଠିଧନ କରି ମୁଁ ମୋ ଭିତର ସଂଗ୍ରାମ ଆରମ୍ଭ କରିବି। ଭିତର ସଂଗ୍ରାମ ଅର୍ଥ ମୋ ଭିତରେ ସଦା ପ୍ରସ୍ତୁତ ଏକ ସୀମାବଦ୍ଧ, ଅଶ୍ରଦ୍ଧାଳୁ ଏବଂ ଅବୈଷ୍ଣବ ଅପଶକ୍ତି ସହ ସତ୍ୟାଗ୍ରହ। ଏଠାରେ ସଂଗ୍ରାମ ସତ୍ୟାଗ୍ରହ ପର୍ଯ୍ୟାୟର। ସତ୍ୟାଗ୍ରହରେ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରାଯାଏନା, ତା' ସହ ପୁଣି ତା' ପାଇଁ ସଂଗ୍ରାମ କରାଯାଏ। ତା' ଭିତରେ ଉଦ୍ଦେଶ୍ୟ ଥାଏ ଅନ୍ୟାୟର, ଅସତ୍ୟର, ଦୁରାଗ୍ରହର ରୂପାନ୍ତର ଆଉ ଏ ରୂପାନ୍ତର ଆକ୍ରୋଶରେ ନୁହେଁ ଆତ୍ମଶକ୍ତିରେ ସମ୍ଭବ।



ଯେଉଁ ବିକଳ ବାସନାଗୁଡ଼ା ବ୍ୟକ୍ତିକୁ ଭାରି ହନ୍ତସନ୍ତ କରନ୍ତି, ସେଗୁଡ଼ିକ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରି ନୁହଁ, ସେଗୁଡ଼ିକ ସହ ପ୍ରେମପୂର୍ଣ୍ଣ କଥାବାର୍ତ୍ତା କରି ସେଗୁଡ଼ିକୁ ଅକ୍ତିଆରକୁ ଆଣିବା। ଅଧିକାର କରିବାକୁ ଛଟପଟ ହେଉଥିବା ସେଇ ଅତୃପ୍ତ ଅଶନି ସହ ସ୍ନେହରେ କଥାବାର୍ତ୍ତା କରି, 'ଅଧିକାର' ଯେ ଅଳ୍ପ, ଅଳୀକ ତାହା ବୁଝାଇ ଦେବା। କାହାକୁ ବା କିଛି ଅଧିକାର କରିବାରେ ଅଧିକ ଅତୃପ୍ତି, ଅଧିକ ଅସନ୍ତୋଷ ଜନ୍ମ ନେଇଥାଏ, ଏ ତତ୍ତ୍ୱଟି ସହ ସେହି ଅଶାନ୍ତକୁ ପରିଚିତ କରାଇଦେବା। କେତେ କେତେ ପ୍ରକାରେ କେତେ କେତେ ଲୋକ ରାଜ୍ୟ ଅଧିକାର କରିଛନ୍ତି। ଫଳରେ ସେମାନେ କ୍ଷମତାଶୀଳ ହୋଇ ଅଧିକ ଅତୃପ୍ତ ହୋଇଛନ୍ତି। ସେମାନେ ନା ହୋଇ ପାରିଛନ୍ତି ସଂଘର, ନା ଧର୍ମର, ନା ହୋଇ ପାରିଛନ୍ତି ବୁଦ୍ଧର। ବୁଦ୍ଧ, ସଂଘ, ଧର୍ମ– ହେଉଛନ୍ତି ସୀମାହୀନତା ଆଉ ଶ୍ରଦ୍ଧାମୟତା। ଅଧିକାର ଲାଳସୀ ପ୍ରପଞ୍ଚ ସତ୍ତା ଅଧିକାର ଦ୍ୱାରା ଅନେକ ସଂଗ୍ରହ କରିପାରେ। ତା' ଫଳରେ ସେ ସୀମାବଦ୍ଧ ଓ ଶ୍ରଦ୍ଧାଶୂନ୍ୟ ହୋଇଥାଏ। ଅଧିକାର ଏକ ଅସ୍ୱାଭାବିକ ଓ ଅଶିଷ୍ଟ ପ୍ରାପ୍ତି। ଏପରି ପ୍ରାପ୍ତି ସଦା ଉତ୍ତେଜକ, ଉନ୍ମାଦକ। ତେଣୁ ଭାରି ଉତ୍ପୀଡ଼କ ଓ ଉଚ୍ଛୃଙ୍ଖଳ। ବସ୍ତୁ ଅଧିକାର କରି ବ୍ୟକ୍ତି ଆଗେଇ ପାରେନାହିଁ କି ଆଗକୁ ଦେଖେନାହିଁ କି ଆଗକୁ ମନ କରେନାହିଁ। ତା'ର ସକଳ ସଂକ୍ରାନ୍ତିର ଦ୍ୱାର ବନ୍ଦ ହୋଇଯାଏ। ଏହି 'ଅଧିକାର' ବାସନାକୁ ଆମେ ଅନୁକ୍ଷଣ ବିଭିନ୍ନ ରୂପରେ ଦେଖିପାରିବା।

କିଛି 'ଅଧିକାର' କରିବାକୁ ସଂସାର ବିରାଟ, ସୁନ୍ଦର ଏବଂ ଆନନ୍ଦମୟ ହୋଇନାହିଁ। ତା'ର ଏପରି ଅଭିବ୍ୟକ୍ତି ମଧ୍ୟରେ ଯେଉଁ ସାତ୍ତ୍ୱିକ ସନ୍ଦର୍ଭ ଫୁଟିଉଠେ, ତାହା ହେଉଛି ଏକ ପୂର୍ଣ୍ଣପ୍ରାଣତା, ଯାହା 'ସବୁ' ସହ ଗୁନ୍ଥି ହୋଇଯିବାକୁ ଚାହେଁ। ପକ୍ଷାନ୍ତରେ ଆମେ ମନୁପୁତ୍ର/ପୁତ୍ରୀମାନେ ସଂସାରଯାକର ସବୁକୁ ଅଧିକାର କରିବାକୁ ଅନବରତ ଦୌଡ଼ୁଛୁ। ଏହାର ସକାଶେ ସଂଗ୍ରାମ। ଏହି 'ଅଧିକାରପ୍ରବଣତା' ପାଖରେ ସଖାଟିଏ ପରି ବସି, ହସିହସି ଯୁକ୍ତିବାଢ଼ି ତା'ର ଆଣ୍ଠ ଭାଙ୍ଗିବା ହେଉଛି ଭିତର ସଂଗ୍ରାମର ଲକ୍ଷଣ। ତାହା ହିଁ ଜୀବନ ସଂଗ୍ରାମର ମୂଳ କଥା ଓ ସାର କଥା। ଆମର ସର୍ବବିଧ ପ୍ରଗତି ତାରି ଉପରେ ଏକାନ୍ତ ଭାବେ ନିର୍ଭର କରେ। ସଂସାରକୁ ଦିନଦିନ ଦେଖୁଥିଲେ ମଧ୍ୟ ତା'ର ଉଦାରତା, ନିର୍ବିକାରତା ଏବଂ ଅପରିଗ୍ରହତା ପ୍ରତି ଆମେ କାହିଁକି ଏତେ ଅମନୋଯୋଗୀ? ସଂସାରକୁ ସତରେ ଆମେ ଦେଖୁଛୁ ତ? ମନେହୁଏ, ଆମେ ସଂସାରରେ ଜୀବନ ସଂଗ୍ରାମ ନାଁରେ ନିଜ ପାଇଁ ଯେଉଁ ବନ୍ଧନ ସୃଷ୍ଟି କରୁଛୁ, ତାହା ଫଳରେ ସଂସାରକୁ ସତରେ ଦେଖିପାରୁନାହୁଁ। ଆଉ ତା' ସହ ମିତ୍ରତା ସ୍ଥାପନ କରିବା ତ ସୁଦୂର ପରାହତ। ଆମର ଆଖି ସଂସାରଯାକର ଦ୍ରବ୍ୟ ଉପରେ ନିବଦ୍ଧ ହୋଇ ବନ୍ଦୀ ଥିବାରୁ ସଂସାରର ଆହ୍ୱାନ 'ଶୁଣିବାରେ' ଏହା ଆମେ ଅସମର୍ଥ ହେଉଛେ। ଏ ଅସାମର୍ଥ୍ୟ ବର୍ଜନ କରିବାର ସାମର୍ଥ୍ୟ ମଧ୍ୟ ଆମ ପାଖରେ ରହିଛି। ତାକୁ ଆଧ୍ୟାତ୍ମିକ ଭାଷାରେ 'ଆସ୍ପୃହା' ବୋଲି କୁହାଯାଇଛି। ଖୁବ୍ ପ୍ରସନ୍ନ ଭାବରେ, କୌଣସି ନୀଚ କି ନିମ୍ନକୁ ମନ ନ କରି ବିରାଟକୁ ବାଞ୍ଛିବା ଓ ସେଥିପାଇଁ ପ୍ରାର୍ଥନାମୟ ହେବା– ଯେଉଁ ବିରାଟ ଏକାଧାରରେ ସୁନ୍ଦର ଓ ଆନନ୍ଦମୟ। ହେଲେ ଭିତର ସଂଗ୍ରାମ ବ୍ୟତିରେକେ ଏହା କେବେ ସମ୍ଭବ ନୁହଁ। ଉପରଟା ତ ଖୁବ୍ ଅଳ୍ପରେ ସନ୍ତୁଷ୍ଟ ହୋଇଯାଏ। କିନ୍ତୁ ଭିତର, 'ଅଳ୍ପ'ର ସ୍ୱରୂପ ଜାଣିଥିବାରୁ ଏଥିରେ ଲାଖିଯାଏ ନାହିଁ। ତାହା ଅଗ୍ରଗାମୀ ହୋଇ ଅନଳ୍ପର ଆବାହନ କରେ। ଫଳରେ 'ଅଳ୍ପ' ବି ରୂପାନ୍ତରିତ ହୋଇ 'ଅନଳ୍ପ' ହେବାର ଆଧ୍ୟାତ୍ମିକତା ଲାଭକରେ।

ଅନେକ ପ୍ରକାରେ ବଞ୍ଚୁଥିବା ଆମ୍ଭେମାନେ ଭିତର (କେନ୍ଦ୍ର) ବଞ୍ଚିବା ଉପରେ ଭାରି ଜୋର୍ ଦେବା। ତେଣୁ ଭିତର ଆଡୁ ବଞ୍ଚିବା। ତାହା ହେଲେ ସଂସାର ତତ୍ତ୍ୱ ସହ ଆମ ବଞ୍ଚିବା ଯୁକ୍ତ ହୋଇପାରିବ। ଫଳରେ ଆମ ଜୀବନ ଯାହା ଗଭୀର ଭାବରେ ଆବଶ୍ୟକ କରେ, ତାହା ଆମକୁ ଅବଶ୍ୟ ମିଳିବ। ଆମ ଜୀବନ ଗତିଶୀଳ ଏବଂ ଗରିମାମୟ ହୋଇଯିବ। ସଂସାରକୁ ଚାହିଁ ପୁଣି ନିଜ ଭିତରକୁ ଶୁଣି ଆମେ ଏଇ ବୈଜ୍ଞାନିକ ପରୀକ୍ଷଣ କରିବାକୁ ସମ୍ମତ ହେବା। ଫଳରେ ଆମର ଏଠାକୁ ଆସିବା, ଏଠାରେ ରହିବା ପୁଣି ଏଠାରୁ ଚାଲିଥିବାରେ ଆଦୌ ଅମେଳ କି ଅସଙ୍ଗତି ରହିବ ନାହିଁ। ସେତେବେଳେ ଆମେ ଭିନ୍ନ ଏକ 'ବିବାହ'ର ପ୍ରତିଭୂ ହୋଇଯିବା।

**ଭଦ୍ରକ, ମୋ: ୮୦୧୮୦୮୭୮୩୧**

# ପ୍ରଶ୍ନୋପନିଷଦ୍‌ର ପ୍ରତିପାଦ୍ୟ ସିଦ୍ଧାନ୍ତ



ଡା. ଗୋପାଳ ଚନ୍ଦ୍ର ଦାଶ

ସୌର୍ଯ୍ୟାୟଣୀଙ୍କର ଚତୁର୍ଥ ପ୍ରଶ୍ନ ଥିଲା–ଗାଢ଼ ନିଦ୍ରା ଅବସ୍ଥାରେ କେଉଁ ଦେବତା(ଇନ୍ଦ୍ରିୟ)ମାନେ ଜାଗ୍ରତ ଓ ସୁପ୍ତ ଅବସ୍ଥାରେ ଥାଆନ୍ତି। ସ୍ୱପ୍ନ କିଏ ଦେଖେ ଓ ସ୍ୱପ୍ନର ସୁଖ କିଏ ଅନୁଭବ କରେ। ଉଦାହରଣ ମାଧ୍ୟମରେ ଋଷି ପିପ୍ପଳଦା କହିଛନ୍ତି ଯେ, ପକ୍ଷୀମାନେ ଦିନରେ ଏଣେତେଣେ ଉଡ଼ି ସାୟଂକାଳରେ ବୃକ୍ଷରେ ଥିବା ନିଜର ନୀଡ଼ରେ ରାତ୍ରିଯାପନ କଲାପରି ମନ ଓ ଇନ୍ଦ୍ରିୟ ନିଦ୍ରା ଅବସ୍ଥାରେ ଆତ୍ମାରେ ଲୀନ ହୋଇ ନିଜର ଅସ୍ତିତ୍ୱକୁ ହରାଇ ବସନ୍ତି। ମାତ୍ର ଅଗ୍ନିସ୍ଥାନୀୟ ପଞ୍ଚବୃତ୍ତି ପ୍ରାଣ ଜାଗରିତ ରହି ଶରୀରର ଯଜ୍ଞରୂପୀ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିଥାଆନ୍ତି। ଉପନିଷଦ୍‌କାରଙ୍କ ଭାଷାରେ ମନୁଷ୍ୟ ଶରୀରରେ ପ୍ରତି ମୁହୂର୍ତ୍ତରେ (ଅହୋରାତ୍ର) ଯଜ୍ଞକ୍ରିୟା ଅନୁଷ୍ଠିତ ହେଉଅଛି। ଏହି ଯାଜ୍ଞିକ କ୍ରିୟାରେ ଶରୀର ଅଧିଷ୍ଠାନ, ମନ ଯଜମାନ, ଇନ୍ଦ୍ରିୟଗଣ ସାଧାନ, ପ୍ରାଣ ଅପାନ ଓ ବ୍ୟାନ ବାୟୁ ଯଥାକ୍ରମେ ଅବହନୀୟ, ଗ୍ରାହପତ୍ୟ ଓ ଦକ୍ଷିଣାଗ୍ନି, ଶ୍ୱାସ–ପ୍ରଶ୍ୱାସ ଆହୁତି, ସମାନବାୟୁ ପୁରୋହିତ ଓ ଉଦାନବାୟୁ ଯଜ୍ଞଫଳ କର୍ତ୍ତା ଅଟନ୍ତି। ମନରୂପୀ ଯଜମାନଙ୍କୁ ଉଦାନ ବାୟୁ ପ୍ରତିଦିନ ସୁଷୁପ୍ତି ଅବସ୍ଥାରେ ଉତ୍କ୍ରମଣ କରାଇ ବ୍ରହ୍ମ ଜ୍ଞାନ ପ୍ରାପ୍ତ ପାଇଁ ବ୍ରହ୍ମ ସମିପସ୍ତ କରାଇଥାନ୍ତି। ଅସ୍ତଗାମୀ ସୂର୍ଯ୍ୟର କିରଣରାଜି ସୂର୍ଯ୍ୟମଣ୍ଡଳରେ ଏକୀଭୂତ ଓ ସୂର୍ଯ୍ୟୋଦୟ ସମୟରେ ପୁନଃ ବିକଶିତ ହେବାପରି ସ୍ୱପ୍ନାବସ୍ଥାରେ ଇନ୍ଦ୍ରିୟଗଣ ମନରେ ଏକୀଭୂତ ହୁଅନ୍ତି ଓ ଜାଗ୍ରତ ଅବସ୍ଥାରେ ପୁନଃ ପ୍ରକାଶିତ ହୋଇ ନିଜ ନିଜ ବିଷୟରେ ପ୍ରବୃତ୍ତ ହୁଅନ୍ତି। ଜୀବାତ୍ମା ସ୍ୱପ୍ନାବସ୍ଥାରେ ଇନ୍ଦ୍ରିୟଗୁଡ଼ିକର ବିନା ସହାୟତାରେ ମନ ଦ୍ୱାରା ଦୃଷ୍ଟ–ଅଦୃଷ୍ଟ, ଶୃତ–ଅଶୃତ ଓ ଅନୁଭୂତ –ଅନନୁଭୂତ ବାସନାଗୁଡ଼ିକୁ ଉପଲବ୍ଧି କରିଥାଏ। ଜୀବାତ୍ମା ସ୍ୱପ୍ନ ଦେଖୁଥିଲେ ମଧ୍ୟ ସ୍ୱପ୍ନ ଜଗତ ଉପରେ ଏହାର ନିୟନ୍ତ୍ରଣ ନ ଥାଏ। କାରଣ ସ୍ୱୟଂ ପରମାତ୍ମା ଜୀବର କର୍ମ ଅନୁସାରେ ସ୍ୱପ୍ନର ସୃଷ୍ଟି ଓ ବିନାଶ କରିଥାନ୍ତି। ଗାଢ଼ନିଦ୍ରା ବା ସୁଷୁପ୍ତି ଅବସ୍ଥାରେ ମନ ଆତ୍ମାରେ ବିଲୀନ ହୋଇଯିବା ଦ୍ୱାରା ମନର ଅସ୍ତିତ୍ୱ ଲୋପ ହୁଏ ଓ ସ୍ୱପ୍ନ ଅପସରି ଯାଏ। ପରମାତ୍ମା ପୁନର୍ବାର ଆତ୍ମାକୁ ସୁଷୁପ୍ତିରୁ ଜାଗ୍ରତ ଅବସ୍ଥାକୁ ଆଣିଥାଆନ୍ତି। ଯାହାଦ୍ୱାରା ଜୀବାତ୍ମା ଇନ୍ଦ୍ରିୟମାନଙ୍କ ମାଧ୍ୟମରେ ବାହ୍ୟଜଗତ ସହିତ ସମ୍ବନ୍ଧ ସ୍ଥାପନ କରିଥାଏ। ଅତଏବ ଶରୀରରେ ଥିବା ସମସ୍ତ ଇନ୍ଦ୍ରିୟରୂପୀ ଦେବଗଣ ପରମାତ୍ମାଙ୍କର ଆଶ୍ରିତ ଅଟନ୍ତି।

ପଞ୍ଚମ ପ୍ରଶ୍ନରେ ଋଷି ସତ୍ୟକାମ ଓଁକାର ଉପାସନାର ଫଳ ସମ୍ବନ୍ଧରେ ଜିଜ୍ଞାସା କରିଛନ୍ତି। ଉତ୍ତରରେ ଋଷି ପିପ୍ପଳାଦ କହିଛନ୍ତି ଯେ, ତିନି ମାତ୍ରା (ଅ–ଉ–ମ) ବିଶିଷ୍ଟ ଓଁକାର ପରମାତ୍ମାଙ୍କର ସର୍ବୋତ୍ତମ ନାମ ହୋଇଥିବାରୁ ଏହାର ଉପାସନା ଦ୍ୱାରା ମନୁଷ୍ୟକୁ ଉଭୟ ଭୌତିକ ଓ ଆଧ୍ୟାତ୍ମିକ ସୁଖ ମିଳିଥାଏ। ଏକମାତ୍ର ଋକ୍‌ବେଦ ଦ୍ୱିମାତ୍ରା ଯଜୁର୍ବେଦ ଓ ତ୍ରିମାତ୍ରା ସାମବେଦର ପ୍ରତୀକ। ଏହି ତିନି ମାତ୍ରା ଉପରେ ଉପାସନା କଲେ ତିନି ବେଦ ପଠନର



ଫଳ ସହିତ ତିନିଲୋକ (ଭୂଲୋକ, ଚନ୍ଦ୍ରଲୋକ, ଆଦିତ୍ୟଲୋକ)ର ସୁଖପ୍ରାପ୍ତ ହୋଇଥାଏ। ଓଁକାର ଉଭୟ ସାକାର ଓ ନିରାକାର ବ୍ରହ୍ମର ପ୍ରତୀକ। ଓଁକାର ମନ୍ତ୍ରର ଆଂଶିକ ଜପରେ ଅପର ବ୍ରହ୍ମ ଓ ସମ୍ପୂର୍ଣ୍ଣ ଜପରେ ପରଂବ୍ରହ୍ମ ପ୍ରାପ୍ତି ହୋଇଥାଏ। ତେଣୁ ତିନିମାତ୍ରା ବିଶିଷ୍ଟ ଓଁକାରର ପ୍ରକୃତ ଅର୍ଥ ବୁଝି ଏକାଗ୍ର ଚିତ୍ତରେ ଧ୍ୟାନ କଲେ ସାପ କାତି ଛାଡ଼ିବା ପରି ମନୁଷ୍ୟ ସମସ୍ତ ସାଂସାରିକ ଦୁଃଖ–ଯନ୍ତ୍ରଣା(ପାପ)ରୁ ମୁକ୍ତ ହୋଇ ସ୍ୱର୍ଗ ସୁଖ ପ୍ରାପ୍ତି କରେ। ତେଣୁ ଓଁକାର ଉପାସନା ସର୍ବଦା ଶୁଭଫଳ ପ୍ରଦାନକାରୀ।

ଷଷ୍ଠ ପ୍ରଶ୍ନରେ ଋଷି ସୁକେଶା ଷୋଡ଼ଶ କଳାମୁକ୍ତ ପୁରୁଷ ଓ ତାଙ୍କର ନିବାସ ସମ୍ବନ୍ଧରେ ଜିଜ୍ଞାସା କରିଛନ୍ତି। ଋଷି ପିପ୍ପଳାଦ କହିଛନ୍ତି ଯେ, ସ୍ୱୟଂ ପରମେଶ୍ୱର ୧୬ କଳାଯୁକ୍ତ ପୁରୁଷ। ଏହି କଳାଗୁଡ଼ିକ ମାନବ ଶରୀରର ୧୬ଗୋଟି ଗୁଣ ବା ତତ୍ତ୍ୱ। ସେଗୁଡ଼ିକ ହେଲା– ପ୍ରାଣ, ଶ୍ରଦ୍ଧା, ପୃଥିବୀ, ଜଳ, ତେଜ, ବାୟୁ, ଆକାଶ, ଦଶ ଇନ୍ଦ୍ରିୟ (୫ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ) ମନ, ଅନ୍ନ, ବୀର୍ଯ୍ୟ, ତପ, ମନ୍ତ୍ର, କର୍ମ, ଲୋକ ଓ ନାମ। ଚକ୍ରର କେନ୍ଦ୍ରବିନ୍ଦୁରେ ଅରଗୁଡ଼ିକ ସଂଯୁକ୍ତ ହେବାପରି ଶରୀର ମଧ୍ୟରେ ବିଦ୍ୟମାନ ଚେତନ ପୁରୁଷଠାରୁ ଏହି ୧୬ଗୋଟି ଗୁଣ (କଳା) ଚତୁର୍ଦ୍ଦିଗକୁ ବିଚ୍ଛୁରିତ ହୋଇଥାଏ। କେବଳ ପରମାତ୍ମା ଏହି ୧୬ କଳାର ଅଧିକାରୀ। ତେଣୁ ସେ ପୂର୍ଣ୍ଣ ପୁରୁଷ। ଆତ୍ମା ନିଜର କର୍ମଫଳ ସମ୍ବନ୍ଧରେ ଅଭିଜ୍ଞ ହେବା ପାଇଁ ପରମାତ୍ମା ମାନବ ଶରୀରରେ ଏହି ୧୬ କଳାର ନିର୍ମାଣ କରିଛନ୍ତି। ୧୬ କଳା ମଧ୍ୟରୁ ୮ଟି କଳା ଜଡ଼ଜଗତ ଓ ୮ଟି କଳା ଚେତନ ଜଗତ ସହିତ ସମ୍ପୃକ୍ତ। ପ୍ରାଣ କଳାରୁ ଜୀବନ ପ୍ରାରମ୍ଭ ହୁଏ। ଦେହରୁ ପ୍ରାଣ ଅସ୍ତମିତ ହେଲେ ଅନ୍ୟ ସମସ୍ତ କଳା ଆପେ ଆପେ ସ୍ୱତଃ ଅପସରି ଯାଏ। ତେଣୁ ପ୍ରାଣ କଳା ମୁଖ୍ୟ ଓ ସର୍ବଶ୍ରେଷ୍ଠ ପ୍ରଥମ କଳା। ଦିବ୍ୟଜ୍ଞାନର ପ୍ରକାଶ ହେଲେ ମାୟାର ଅପସାରଣ ଦ୍ୱାରା ସମଗ୍ର ବାହ୍ୟଜଗତ ଅଦୃଶ୍ୟ ହୋଇ କେବଳ ବ୍ରହ୍ମଦର୍ଶନ ହୋଇଥାଏ। ଉଦାହରଣ ସ୍ୱରୂପ ବିଭିନ୍ନ ନାମ ଧାରଣ କରିଥିବା ନଦୀ ସାଗରରେ ମିଶିବା ପରେ ନିଜର ନାମ, ରୂପ ଓ ସ୍ୱତନ୍ତ୍ରତା ହରାଇ ଏକାକାର ହୋଇଯିବା ପରି, ୧୬ କଳାରେ ବିମଣ୍ଡିତ ପୁରୁଷ ନିଜର ଅଧିଷ୍ଠାନ ପୁରୁଷ(ଆତ୍ମା)ଠାରେ ସମାହିତ ହେଲେ ନିଜର ଅସ୍ତିତ୍ୱ ବିଲୋପ ହୋଇ କଳାରହିତ ହୁଏ ଓ ଅମର ହୋଇଯାଏ। ତେଣୁ କଳାଗୁଡ଼ିକ ଚେତନ ପୁରୁଷର ଉପାଧି ମାତ୍ର। ଏହି ତତ୍ତ୍ୱକୁ ଜାଣିଲେ ମନୁଷ୍ୟ ଦୁଃଖ–ଶୋକ ଓ ଜନ୍ମ–ମୃତ୍ୟୁ ଆଦି ଯନ୍ତ୍ରଣାରୁ ମୁକ୍ତ ହୋଇ ପରମ ସୁଖ ପ୍ରାପ୍ତି କରିଥାଏ।

ଉପନିଷଦ୍‌ର ୬ ଗୋଟି ପ୍ରଶ୍ନୋତ୍ତର ମାଧ୍ୟମରେ ଋଷି ଆମ୍ଭମାନଙ୍କୁ ଅବଗତ କରାଇ ଦେବାକୁ ଚାହାନ୍ତି ଯେ, ଶରୀର ସାଂସାରିକ ସୁଖକୁ ଉପଭୋଗ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ମୁକ୍ତି ପାଇଁ ଏହା ଏକ ମାଧ୍ୟମ। ସୃଷ୍ଟିର ନିର୍ମାଣ, ପିଣ୍ଡ ଓ ବ୍ରହ୍ମାଣ୍ଡ ମଧ୍ୟରେ ଥିବା ସମ୍ବନ୍ଧ ବିଷୟରେ ଜ୍ଞାନ ତଥା ଧ୍ୟାନ, ପ୍ରଣବ ଜପ ଓ ଈଶ୍ୱର ଉପାସନା ଦ୍ୱାରା ଜୀବାତ୍ମାର ମୁକ୍ତି ହୋଇଥାଏ। ସର୍ବୋପରି ପରମାତ୍ମା ସମଗ୍ର ଜଡ଼ ଓ ଚେତନ ପଦାର୍ଥର ଅଧିକାରୀ। ଏହା ହେଉଛି ପ୍ରଶ୍ନୋପନିଷଦ୍‌ର ପ୍ରତିପାଦ୍ୟ ସିଦ୍ଧାନ୍ତ।

**ମୋ: ୭୮୪୮୮୫୦୯୫୦**

## ଏଇ ଭାରତରେ

ପଞ୍ଜାବର ଚାଷୀ ଜଗମୋହନ ସିଂ ନେଗୀଙ୍କ କାର୍ଯ୍ୟଶୈଳୀ ଭାରତୀୟ କୃଷକଙ୍କ ପାଇଁ ପ୍ରେରଣାଦାୟକ। ସେ ନିଜସ୍ୱ ଚେଷ୍ଟାରେ ଚାଷ କରିବା ସହ ଏକ ସଫଳ ଫୁଡ୍ ବିଜ୍‌ନେସ୍ ଆରମ୍ଭ କରି ବହୁକୋଟି ଟଙ୍କା ରୋଜଗାର କରିପାରୁଛନ୍ତି। ସେ ନିଜ ଉତ୍ପାଦକୁ ପେପ୍ସି କୋ, କେଲୋଗସ୍, ଡିମୋନସ୍ ପିଜା ସହ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦୁବାଇ ଓ ହଂକଂକୁ ରପ୍ତାନି କରୁଛନ୍ତି। ଭାରତ ବିଭାଜନ ପରେ କରାଚୀରୁ ଆସି ତାଙ୍କ ପରିବାର ପଞ୍ଜାବର ବାଟାଲାରେ ରହିଥିଲେ। ଜଗମୋହନ ୩୦୦ ଏକରରେ ଚୁକ୍ତିଭିତ୍ତିକ କୃଷି କରୁଛନ୍ତି। ୧୯୯୧ରୁ ସେ ଏହି ଚାଷ କରିଆସୁଛନ୍ତି। ସେଥିରେ ସେ ମକା, ସୋରିଷ, ଗହମ ଏବଂ ଗାଜର, ବିଟ୍, ସୂର୍ଯ୍ୟମୁଖୀ, ଟମାଟୋ ଆଦି ଚାଷ କରୁଛନ୍ତି। ସେ ତାଙ୍କ ନେଟ୍‌ୱର୍କରେ ପଞ୍ଜାବ ଓ ହିମାଚଳରେ ୩୦୦ କୃଷକଙ୍କୁ ଯୋଡ଼ିପାରିଛନ୍ତି। ଜଗମୋହନ ଇଂଲଣ୍ଡର ବ୍ରର୍ମିଂହାମ ୟୁନିଭର୍ସିଟିରୁ ଫୁଡ୍ ସେରିଆଲ ମିଲିଂ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ସେଠାରୁ ଫେରି 'କୁଲୱନ୍ତ ନ୍ୟୁଟ୍ରିସନ' ଏଗ୍ରି ବିଜ୍‌ନେସ୍ ଆରମ୍ଭ କରିଥିଲେ। ଏବେ ତାଙ୍କ କାର୍ଯ୍ୟରେ ସେ ୭୦ ଜଣଙ୍କୁ ନିଯୁକ୍ତ କରିଛନ୍ତି ଏବଂ କୃଷି ଛାତ୍ର ଓ କୃଷକମାନଙ୍କୁ ଅତ୍ୟାଧୁନିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ସେମାନଙ୍କୁ ଆଞ୍ଚଳିକ ସ୍ତରୀୟ କୃଷିଭିତ୍ତିକ ବିଜ୍‌ନେସ୍ ଆରମ୍ଭ କରିବାକୁ ମଧ୍ୟ ପ୍ରେରିତ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ନଭେମ୍ବର ୧୯୯୭

- ବହୁ ବାଦାନୁବାଦ ପରେ ଜାତିସଂଘର ଅସ୍ତ୍ରଶସ୍ତ୍ର ତଦାରଖକାରୀମାନେ ଇରାକ୍‌ର ଅସ୍ତ୍ରଶସ୍ତ୍ର ମହଜୁଦ ସ୍ଥାନ ତଦାରଖ କାର୍ଯ୍ୟ ଆରମ୍ଭ କରିଛନ୍ତି।
- ସିଚେଲେସ୍ ଦ୍ୱୀପରେ ଅନୁଷ୍ଠିତ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ମିସ୍ ଇଣ୍ଡିଆ ଡାଏନା ହେଡେନ୍ ବିଜୟିନୀ ହୋଇ ମିସ୍ ୱାର୍ଲ୍ଡ ମୁକୁଟ ଲାଭ କରିଛନ୍ତି।
- ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟୀଠାରେ ଭାରତର ଅତ୍ୟାଧୁନିକ ସ୍ଥଳଗାମୀ ଭୂପୃଷ୍ଠରୁ ଆକାଶ ତ୍ରିଶୁଳ କ୍ଷେପଣାସ୍ତ୍ରର ସଫଳ ଉତ୍କ୍ଷେପଣ।

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ଲକ ଗ୍ରାଣ୍ଟ ସ୍କୁଲ ପ୍ରତି ଦୃଷ୍ଟିପଡ଼ୁ

ମହାଶୟ,

ବହୁ ଆନ୍ଦୋଳନ, ଧର୍ମଘଟ ପରେ ରାଜ୍ୟ ସରକାର ଘରୋଇ ସ୍କୁଲ ଓ କଲେଜକୁ ବ୍ଲକ ଗ୍ରାଣ୍ଟ ପ୍ରଦାନ କରିଥିଲେ। ଇତିମଧ୍ୟରେ ୧୫ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକମାନେ ବାର୍ଷିକ ବର୍ଦ୍ଧିତ ବେତନ ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅବସର ଗ୍ରହଣ କଲେ ମଧ୍ୟ କିଛି ସୁବିଧା ମିଳୁନି। ଅବସରପ୍ରାପ୍ତ ଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡୁଛି। ସ୍କୁଲରେ ଅନ୍ୟ ଶିକ୍ଷକଙ୍କ ଦ୍ୱାରା କାମ ଚଳାଇ ନିଆଯାଉଥିବାର ଦେଖାଯାଉଛି। କିନ୍ତୁ କନିଷ୍ଠ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଅବସର ଗ୍ରହଣ କଲେ ବିଜ୍ଞାନ ଓ କଳା ବିଭାଗରେ ପାଠପଢ଼ା ଠପ୍ ହୋଇଯାଉଛି। ଛାତ୍ରୀଛାତ୍ରମାନେ ମନ ପସନ୍ଦର ବିଷୟ ଅଧ୍ୟୟନରୁ ବଞ୍ଚିତ ହେଉଛନ୍ତି। ଫଳରେ ଅନ୍ୟ ବିଷୟ ନେବାକୁ ବାଧ୍ୟ ହେଉଛନ୍ତି। ଅଧିକାଂଶ ବିଦ୍ୟାଳୟ ରୂପାନ୍ତକରଣ କରାଯାଇ ବିଶେଷ ଆକର୍ଷଣୀୟ କରାଯାଇଛି। କିନ୍ତୁ ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ଦୈନନ୍ଦିନ ପାଠପଢ଼ା ବାଧାପ୍ରାପ୍ତ ହେଉଛି। କନିଷ୍ଠ ମହାବିଦ୍ୟାଳୟରେ ପିଜିଟି ଓ ମାଧ୍ୟମିକ ବ୍ଲକ ଗ୍ରାଣ୍ଟ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ପାଇଁ ଅଭିଭାବକମାନେ ଦାବି କରୁଛନ୍ତି। ଏ ଦିଗରେ ସରକାର ଦୃଷ୍ଟି ଦେବା ଉଚିତ।

**ନିର୍ମଳ ଚନ୍ଦ୍ର ସାମଲ, ବଡ଼ଚଣା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ପାଉଁ ବାରତା ମୋର
ପଠାଏଁ ପବନେ
ଲାଗଇ କି ସେ ବାରତା
ତା'ର ଅପଘନେ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୩ ଲକ୍ଷ ଟଙ୍କା ଆତ୍ମସାତ, ଚାଳକ ଗିରଫ

କଟକ ସଦର,୨୨।୧୧(ଡି.ଏନ୍.ଏ.): ମାଲିକଙ୍କଠାରୁ ୩ଲକ୍ଷ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ଚାଳକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ସାଲେପୁର ଅଞ୍ଚଳର ସ୍ମୃତି ରଞ୍ଜନ ସାମଲ(୩୮)। କନ୍ଦରପୁର ଅଞ୍ଚଳର ପ୍ରକାଶ ଚନ୍ଦ୍ର ମାହାଳି ନାମକ ବ୍ୟବସାୟୀ କଟକରୁ ସାମଗ୍ରୀ କିଣିବା ପାଇଁ ଫେବୃଆରୀରେ ଚାଳକ ସାମଲଙ୍କୁ ୩ ଲକ୍ଷ ଟଙ୍କା ଦେଇଥିଲେ। ପରେ ସାମଲ ଉକ୍ତ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ପ୍ରକାଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୫/୨୨) ରୁଜୁ କରିଥିଲା। ଖବରପାଇ ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଘର ପାଖରୁ କାବୁ କରିଥିଲା।

### ଜମିବାଡ଼ିକୁ କେନ୍ଦ୍ର କରି ଗଣ୍ଡଗୋଳ, ଜଣେ ଗିରଫ

ଯାଁଳା,୨୨।୧୧(ଡି.ଏନ୍.ଏ.): ଇନଫୋସିଟି ଥାନା ଅଞ୍ଚଳରେ ଏକ ଜମି ବାଡିକୁ ନେଇ ଗଣ୍ଡଗୋଳ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଁଳା ଗ୍ରାମର ଜ୍ୟୋତି ରଞ୍ଜନ ବାରିକ (୩୦)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଇନଫୋସିଟି ଥାନା ଅନ୍ତର୍ଗତ ସାମନ୍ତରାପୁର ମୌଜାରେ ହରେକୃଷ୍ଣ ଶଙ୍ଖୁଆ ନାମକ ବ୍ୟକ୍ତି ୧୪୦୦ ସ୍କୋୟାର ଫୁଟର ଏକ ଜମି କିଣି ଥିଲେ। ଉକ୍ତ ଜମିରେ ଘର ନିର୍ମାଣ ପାଇଁ ଜଣେ ଠିକାଦାରଙ୍କୁ ଦାୟିତ୍ୱ ମଧ ଦେଇଥିଲେ। ଘର ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଜ୍ୟୋତିରଞ୍ଜନ ସେଠାକୁ ଯାଇ ଠିକାଦାର ଓ ଶ୍ରମିକମାନଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ଉକ୍ତ ସ୍ଥାନରେ ତାଙ୍କର ଜମି ଅଛି, ତେଣୁ ଟଙ୍କା ଦେବାକୁ ପଡିବ ନହେଲେ ଘର କରିପାରିବ ନାହିଁ ବୋଲି ଧମକ ଦେଇଥିଲେ। ଏହି କଥାକୁ ନେଇ ସେଠାରେ ଗଣ୍ଡଗୋଳ ହୋଇଥିଲା। ଏହି କଥା ହରେକୃଷ୍ଣ ଜାଣିବା ପରେ ଇନଫୋସିଟି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଜ୍ୟୋତିରଞ୍ଜନଙ୍କୁ ଗିରଫ କରିଥିଲେ।

### 'ଶ୍ରୀଜଗନ୍ନାଥ, ତିରୁପତିଙ୍କ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଉ'

ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କୁ ଉତ୍କଳ ବିଦ୍ୱତ ପରିଷଦର ନିବେଦନ

ପୁରୀ ଅଫିସ, ୨୨।୧୧: ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ମଙ୍ଗଳବାର ଉତ୍କଳ ବିଦ୍ୱତ ପରିଷଦର ସଭାପତି ମନୋଜ ରଥ ଭେଟି ଏକ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ପତ୍ରରେ ରଥ ଉଲ୍ଲେଖ କରିଛନ୍ତି ଯେ, ସ୍କନ୍ଦ ପୁରାଣ ବୈଷ୍ଣବ ଖଣ୍ଡରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଭଗବାନ ତିରୁପତି ବାଲାଜୀଙ୍କ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ଏହି ଦୁଇ କ୍ଷେତ୍ର ଆସ୍ଥା ଦୃଷ୍ଟିରୁ ବିଶ୍ୱବିଦିତ। ଏହି ବୈଷ୍ଣବ କ୍ଷେତ୍ର ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ। ଦୁଇ ରାଜ୍ୟର ଓଡ଼ିଆ ଓ ତେଲୁଗୁ ଭାଷାଭାଷୀ ଭକ୍ତଙ୍କ ମଧରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀତିରୁପତିଙ୍କ ପରମ୍ପରା ଓ ସଂସ୍କୃତି ବହୁଳ ଭାବରେ ପ୍ରଚାର ପ୍ରସାର ପାଇଁ ଏକ ନିରନ୍ତର ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ରହିଛି। ସେ ଆହୁରି କହିଛନ୍ତି, ପ୍ରତ୍ୟେକ ବର୍ଷ ଉଭୟ ଦେବସ୍ଥାନରୁ ବିଦ୍ୱାନ, ପଣ୍ଡିତ, ସେବକଙ୍କ ଏକ ଗୋଷ୍ଠୀ ତିରୁପତି ବା ପୁରୀରେ ସମ୍ମିଳିତ ହୋଇ ଦୁଇଦିନିଆ ସଂଗୋଷ୍ଠୀର ଆୟୋଜନ କରିବା ସହ ଏହାର ସାରାଂଶକୁ ପୁସ୍ତକ ରୂପରେ ବହୁ ଭାଷାରେ ପ୍ରକାଶ କରାଯାଉ ବୋଲି ଉଲ୍ଲେଖ କରିଛନ୍ତି। ଏତଦ୍‌ବ୍ୟତୀତ ଦୁଇ ରାଜ୍ୟର ଭକ୍ତଙ୍କ ସୁବିଧା ନିମନ୍ତେ ଉଭୟ ଦେବସ୍ଥାନରେ ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବା ପାଇଁ ନିବେଦନ କରାଯାଇଛି। ଏ ସମସ୍ତ କାର୍ଯ୍ୟର ଶୁଭାରମ୍ଭ ଓ ଆନୁଷଙ୍ଗିକ ବ୍ୟବସ୍ଥା ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କ ନେତୃତ୍ୱରେ ହେଉ ବୋଲି ରଥ ଅନୁରୋଧପତ୍ରରେ ଉଲ୍ଲେଖ କରିଛନ୍ତି।

### କଟକ ଜିଲାପାଳଙ୍କ ନାଁରେ ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ

କଟକ ଅଫିସ, ୨୨।୧୧- କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନାଁରେ ପୁଣି ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ। ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ ନମ୍ବର ୬୩୯୭୧୨୪୬୪୪ରେ କେହି ଦୁର୍ବୃତ୍ତ ଉକ୍ତ ଆକାଉଣ୍ଟ ଖୋଲିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଚୟନୀ କହିଛନ୍ତି, ନକଲି ନମ୍ବର ଜରିଆରେ ବିଭ୍ରାନ୍ତି ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି। ଏଣୁ ଉକ୍ତ ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟକୁ ପ୍ରତ୍ୟାଖ୍ୟାନ କରିବା ସହ ନମ୍ବରଟିକୁ ବ୍ଲକ କରିବାକୁ ଜିଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଧୂଳି ନ ଉଡ଼ିବାକୁ ୨୧ ଲକ୍ଷ ଖର୍ଚ୍ଚ

**ସିଏମ୍‌ସିର ବାଲିଯାତ୍ରା ଖର୍ଚ୍ଚ ବିବରଣୀ**

- ମାଟି, ରାସ୍ତା ପାଇଁ ୨କୋଟି
- କର୍ପୋରେଟରଙ୍କୁ ଅନ୍ଧାରରେ ରଖୁଛି ସିଏମ୍‌ସି: ବିରୋଧୀ

କଟକ ଅଫିସ,୨୨।୧୧

ବାଲିଯାତ୍ରାରେ ଅନିୟମିତତା ଅଭିଯୋଗରେ ଜିଲା ପ୍ରଶାସନ ବିବାଦରେ ଥିବା ବେଳେ ଏବେ ଏହା ଭିତରକୁ ଟାଣି ହୋଇଆସିଛି କଟକ ମହାନଗର ନିଗମ(ସିଏମ୍‌ସି)। ବିରୋଧୀ କର୍ପୋରେଟର ଅଭିଯୋଗ କରିଛନ୍ତି ଯେ ଏହି ବାଲିଯାତ୍ରାରେ ପ୍ରାୟ ୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସିଏମ୍‌ସି ଏହାର ତିନି ଭାଗରୁ ଗୋଟିଏ ଭାଗର ରିପୋର୍ଟ ପ୍ରଦାନ କରିଛି। ବାଲିଯାତ୍ରାରେ ସମୁଦାୟ କେତେ ଟଙ୍କା ଖର୍ଚ୍ଚ ହୋଇଛି ସିଏମ୍‌ସି କର୍ପୋରେଟରମାନଙ୍କୁ ଖର୍ଚ୍ଚର ବିବରଣୀ ପ୍ରଦାନ କରୁନାହିଁ। ଏପରିକି ବାଲିଯାତ୍ରା ପାଇଁ ସିଏମ୍‌ସି ପକ୍ଷରୁ କରାଯାଇଥିବା ସବ୍ କମିଟିଗୁଡ଼ିକୁ ମଧ କୌଣସି ଗୁରୁତ୍ୱ ଦିଆଯାଇ ନାହିଁ। ସବ କମିଟିକୁ ଆୟ ଏବଂ ବ୍ୟୟକୁ ନେଇ ଅନ୍ଧାରରେ ରଖାଯାଉଛି ବୋଲି ଅଭିଯୋଗ ହେଉଛି।

ସିଏମ୍‌ସି ପକ୍ଷରୁ କର୍ପୋରେଟରଙ୍କୁ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ବାଲିଯାତ୍ରାରେ ୩ କୋଟି ୩୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବାଲିଯାତ୍ରା ପଡିଆରେ ବିଭିନ୍ନ କାର୍ଯ୍ୟ ପାଇଁ ବୁଲଡୋଜର, ହାଇଡ୍ରୋଲିକ୍ ଟିପ୍ପର ଏବଂ ଖନନକାରୀଙ୍କ ପାଇଁ ୧ ଲକ୍ଷ ୧୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ମୋରମ ବାବଦରେ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ସମୁଦାୟ ମାଟି ପକାଇବା ଏବଂ ରାସ୍ତା ଆଦି ନିର୍ମାଣ ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ଯାତ୍ରା ସମୟରେ ଧୂଳି ନଉଡ଼ିବା ପାଇଁ କେମିକାଲ ସିଞ୍ଚନ କରାଯାଉଥିବା କୁହାଯାଇଥିଲା। ହେଲେ ଏହାର ସେଭଳି କୌଣସି ପରିଣାମ ଦେଖିବାକୁ ମିଳିନଥିଲା। ତଳ ପଡିଆରେ କୌଣସି ପ୍ରକାରର ସିଞ୍ଚନ କରାଯାଇ ନଥିବା ବେଳେ ଉପର ପଡିଆରେ ଓରମାସ ପରିସରରେ ସବୁଜ ରଙ୍ଗ କପଡାରେ ଭୂମିକୁ ଘୋଡା ଯାଇଥିଲା। ଆଉ ବାକି ଖାଲି ପଡିଥିବା ସ୍ଥାନରେ କେମିକାଲ ସିଞ୍ଚନ କରାଯାଉଥିଲା। ଏଥିପାଇଁ ୨୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି 'କଟକ ଇନ କଟକ' ପରିସରରେ ଗଛ ଚାରି ପାଖରେ ପିଣ୍ଡି ନିର୍ମାଣ ପାଇଁ ୧୫ ଲକ୍ଷ, ଅସ୍ଥାୟୀ ଷ୍ଟଲ ନିର୍ମାଣ ପାଇଁ ୩୦ ଲକ୍ଷ, ଇଲେକ୍ଟ୍ରି କାର୍ଯ୍ୟ ପାଇଁ ୭୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଏନେଇ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ କହିଛନ୍ତି ସିଏମସି କର୍ତ୍ତୃପକ୍ଷ ଦେଇଥିବା ତଥ୍ୟ ଅନୁଯାୟୀ ଧୂଳି ନ ଉଡିବା ପାଇଁ ୨୧ ଲକ୍ଷ ଖର୍ଚ୍ଚ ହୋଇଥିଲା ଯାହା ଅବିଶ୍ୱସନୀୟ। ସିଏମ୍‌ସି ଅଧିକ ଖର୍ଚ୍ଚ ଦେଖାଉଥିବା ବୋଲି ଭୋଳ ଅଭିଯୋଗ କରିବାସହ କେବଳ ଏହାର ତଦନ୍ତ ନୁହେଁ ବରଂ ଆୟ ଏବଂ ବ୍ୟୟ ଉପରେ ଏକ ସ୍ୱତନ୍ତ୍ର ଅଡିଟ୍ ମଧ କରାଯାଉ ବୋଲି ସେ ଦାବି କରିଛନ୍ତି।

ସେହିଭଳି ଭାଜପା କର୍ପୋରେଟର ଗୋପାଳ ବେହେରା ଅଭିଯୋଗ କରିଛନ୍ତି ଯେ ସିଏମସି ଏଥିରେ ଅନାବଶ୍ୟକ ଖର୍ଚ୍ଚ କରିଛି। ବାଲିଯାତ୍ରା ପଡିଆ ସଫା କରିବା ପାଇଁ ସିଏମ୍‌ସି ଏକ ଘରୋଇ ଏଜେନ୍ସିକୁ ନିୟୋଜିତ କରିଥିବାବେଳେ ୱାର୍ଡ ସଫେଇ କର୍ମୀଙ୍କୁ ଏଥିରେ ନିୟୋଜିତ କରିବା ସହ ଆବର୍ଜନା ପରିବହନ ପାଇଁ ଏଜେନ୍ସି ଦ୍ୱାରା ସିଏମ୍‌ସି ଗାଡି ବ୍ୟବହାର କରାଯାଇଛି। କଟକ ପାଇଁ ଗର୍ବର ବିଷୟ ଯେ ପ୍ରସିଦ୍ଧ ବାଲିଯାତ୍ରା ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଥିଲା। କିନ୍ତୁ ରେକର୍ଡ ସୃଷ୍ଟି କରିବାରେ ବ୍ୟୟବରାଦର ସବିଶେଷ ତଥ୍ୟ ଲୋକମାନେ ଜାଣିବା ଉଚିତ ବୋଲି କର୍ପୋରେଟର କହିଛନ୍ତି। ତେବେ ଦିଆଯାଇଥିବା ରିପୋର୍ଟରେ ଡଙ୍ଗା ତିଆରି ଓ ଲେଜର ଲାଇଟ ଶୋ ବାବଦକୁ କେତେ ଖର୍ଚ୍ଚ ହୋଇଛି ତଥ୍ୟ ଦେଇନାହିଁ। କେବଳ ବିରୋଧୀ ଦଳର ନୁହନ୍ତି, ଶାସକ ଦଳର କିଛି କର୍ପୋରେଟର ମଧ ଏନେଇ ପ୍ରଶ୍ନ ଉଠାଇଛନ୍ତି। ଏନେଇ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଏସବୁ ଅଭିଯୋଗ ଭିତ୍ତିହୀନ। ଆୟବ୍ୟୟର ତଥ୍ୟ କିମ୍ବା ଏ ସମ୍ପର୍କିତ ସଫେଇ ପ୍ରଶାସନିକ ଅଧିକାରୀ ଦେବେ। ମୁଁ କିଛି କହିପାରିବି ନାହିଁ।

# ୪ ଛୁଆ ଜନ୍ମଦେଲା ସିଂହୀ ବିଜ୍‌ଲୀ


ସିସିଟିଭି ଫୁଟେଜ୍‌ରେ ୪ ନବଜାତ ଛୁଆଙ୍କ ସହ ସିଂହୀ ।

ବାରଙ୍ଗ,୨୨।୧୧(ଡି.ଏନ୍.ଏ.)

ଆରମ୍ଭ ହୋଇଯାଇଛି ପର୍ଯ୍ୟଟନ ଋତୁ। ଧୀରେ ଧୀରେ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ସମୟରେ ନନ୍ଦନକାନନର ସିଂହୀ ବିଜଳୀ ପର୍ଯ୍ୟଟକଙ୍କୁ ଭେଟି ଦେଇଛି। ଏସୀୟ ସିଂହୀ ବିଜଳୀ ମଙ୍ଗଳବାର ତା'ର ତୃତୀୟ ଗର୍ଭରୁ ୪ଟି ଶାବକଙ୍କୁ ଜନ୍ମ ଦେଇଛି। ପ୍ରଥମ ଶାବକ ଅପରାହ୍ନ ୨ଟା ୩୨, ୨ୟ ଶାବକ ଅପରାହ୍ନ ୪ଟା ୧୬, ୩ୟ ଶାବକ ଅପରାହ୍ନ ୫ଟା ୩୬ ଏବଂ ୪ର୍ଥ ଶାବକ ସନ୍ଧ୍ୟା ୭ଟା ୨୧ରେ ଜନ୍ମ ହୋଇଛନ୍ତି। ବିଜଳୀର ନବଜାତ ୪ଟି ଛୁଆ ସୁସ୍ଥ ଥିବାବେଳେ ମା' ସେମାନଙ୍କୁ ତା' ଜିଭରେ ଚାଟୁଥିବାର ଦୃଶ୍ୟ ସିସିଟିଭିରେ ଦେଖିବାକୁ ମିଳିଛି। ତେବେ ଜନ୍ମିତ ଛୁଆ ୪ଟିର ଲିଙ୍ଗ ଚିହ୍ନଟ ହୋଇନାହିଁ। ସିଂହ ସମ୍ରାଟ୍ ଏବଂ ସିଂହୀ ବିଜଳୀର ମିଳନ ଗତ ଅଗଷ୍ଟ ମାସରେ ହୋଇଥିଲା। ପରେ ଗର୍ଭବତୀ ବିଜଳୀ ପ୍ରତି କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ସିଂହ ସଫାରୀ ଫିଡିଂ ଚାମ୍ବର ପଛପଟ ପୃଥକୀକରଣ ଏନ୍‌କ୍ଲୋଜରରେ ବିଜଳୀକୁ ରଖିବା ସହ ସିସିଟିଭି ଲଗାଇ ତା'ର ଗତିବିଧି ଲକ୍ଷ୍ୟ କରୁଥିଲେ। ଏହି ୪ ଶାବକଙ୍କ ଜନ୍ମ ପରେ ନନ୍ଦନକାନନରେ ଏହି ପ୍ରଜାତିର ସିଂହଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ତହିଁ ମଧ୍ୟରେ ୪ ଅଣ୍ଡିରା, ୪ ମାଈ ଓ ନବଜାତ ୪ ଶାବକ ରହିଛନ୍ତି।


ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀରେ ଭୁବନେଶ୍ୱର ଆଦିବାସୀ ପଡ଼ିଆସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ । (ଫଟୋ-ମନୋରଞ୍ଜନ)

## 'ବିଜ୍ଞାନକୁ ଓଡ଼ିଆରେ ଅନୁବାଦ କରିବାରେ ହରିହରଙ୍କ ଅବଦାନ ଅତୁଳନୀୟ'

**ବୈଜ୍ଞାନିକ ହରିହର ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ**

କଟକ ଅଫିସ, ୨୨।୧୧

ବୈଜ୍ଞାନିକ, ଶିକ୍ଷାବିତ୍ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ୧୭ତମ ଶ୍ରାଦ୍ଧୋତ୍ସବ କଟକ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡ. ହରିହର ପଟ୍ଟନାୟକ ସ୍ମୃତି ସଂସଦ ସଭାପତି ପଦ୍ମନାଭ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ସୁଦର୍ଶନ ପଟ୍ଟନାୟକ ଯୋଗଦେଇ କହିଥିଲେ, ପଟ୍ଟନାୟକ ପ୍ରଥମେ ରେଭେନ୍‌ଶା କଲେଜରେ ଅଧ୍ୟାପକ ଭାବେ ଶିକ୍ଷକତା ଆରମ୍ଭ କରିଥିଲେ। ପରେ ସେ ପିଏଚ୍‌ଡି ପାଇଁ ଲଣ୍ଡନ ଯାଇଥିଲେ। ସେଠାରେ ୩ ବର୍ଷ ପର୍ଯ୍ୟନ୍ତ ନୀଳ ହରିତ ଶୈବାଳ ଉପରେ ଗବେଷଣା କରିଥିଲେ। ଏହାବାଦ୍ ବିଜ୍ଞାନକୁ ଓଡ଼ିଆ ଭାଷାରେ ଅନୁବାଦ କରି ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ପଟ୍ଟନାୟକ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଡ. ସତ୍ୟ ରାୟ ଯୋଗଦେଇ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦିଲ୍ଲୀପ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଓ ଭୁବନାନନ୍ଦ ମହାନ୍ତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚୌଧୁରୀ ଶରତ ଚନ୍ଦ୍ର ଦାସ, ରଘୁନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ସୁଭାଷ ଚନ୍ଦ୍ର ସାହୁ, ବିଚିତ୍ରାନନ୍ଦ ମିଶ୍ର, ଡା. ଜ୍ଞାନେନ୍ଦ୍ର ନାଥ ମହାନ୍ତି, ଡା. କଲ୍ୟାଣୀ ମହାନ୍ତି, ଇଂ. ଯଦୁନାଥ ମହାପାତ୍ର ଓ କର୍ପୋରେଟର ବନଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାର୍ଥୀଙ୍କୁ ଗ୍ରାମାଞ୍ଚଳ ଚାଷକାର୍ଯ୍ୟ ଉପରେ ପ୍ରଶିକ୍ଷଣ

ବାରଙ୍ଗ,୨୨।୧୧(ଡି.ଏନ୍.ଏ.)

ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥା ଆନୁକୂଲ୍ୟରେ କୃଷି ବିଜ୍ଞାନ ବିଭାଗର ୪ର୍ଥ ବର୍ଷ ଶିକ୍ଷାର୍ଥୀଙ୍କୁ ନେଇ ଏକ କାର୍ଯ୍ୟଦକ୍ଷତା ଶିବିର ମଙ୍ଗଳବାର ମେଣ୍ଢାଶାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାର୍ଥୀଙ୍କୁ ଗ୍ରାମାଞ୍ଚଳ ଚାଷକାର୍ଯ୍ୟର କାର୍ଯ୍ୟଦକ୍ଷତା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଡ. ସୌମ୍ୟାମିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେଣ୍ଢାଶାଳ ସରପଞ୍ଚ କୌଶଲ୍ୟା ବଳିୟାରସିଂ, ସେବା ସମବାୟ ସମିତି ସଭାପତି ମହେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଛାତ୍ରୀମାନେ ରଙ୍ଗ ସାହାଯ୍ୟରେ ଏକ ନକ୍ସା ପ୍ରସ୍ତୁତ କରି ଗ୍ରାମର ଗୁରୁତ୍ୱପୂର୍ଣ୍ଣ ଜାଗାକୁ ଚିହ୍ନଟ କରିଥିଲେ।

## ଶହୀଦ ଲକ୍ଷ୍ମଣ ନାୟକଙ୍କ ଦେଶପ୍ରେମ ଯୁଗେ ଯୁବପିଢ଼ିଙ୍କୁ ଉଦ୍‌ବୁଦ୍ଧ କରିବ

**ସଂସ୍କୃତି ବିଭାଗ ପକ୍ଷରୁ ଲକ୍ଷ୍ମଣ ନାୟକ ଜୟନ୍ତୀ**

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୩ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଲକ୍ଷ୍ମଣ ନାୟକ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କୋରାପୁଟ ଜିଲାର ଦୁର୍ଗମ ଅଞ୍ଚଳରୁ ହିଁ ବ୍ରିଟିଶ ସରକାର ବିରୋଧରେ ଦୁର୍ବାର ଆନ୍ଦୋଳନ ଆରମ୍ଭ କରିଥିଲେ, ଯାହା ବ୍ରିଟିଶ ଶକ୍ତିକୁ ଥରହର କରିଥିଲା। ମାଥିଲିରେ ବ୍ରିଟିଶ ଗୁଳିରେ ବହୁ ସାଧାରଣ ଜନତା ପ୍ରାଣବଳି ଦେଇଥିଲେ। ହେଲେ ଏହି ଘଟଣାରେ ଲକ୍ଷ୍ମଣ ନାୟକଙ୍କୁ ଫସାଇ ଫାଶି ଦିଆଯାଇଥିଲା। ଫାଶୀ ପୂର୍ବରୁ ସେ କହିଥିଲେ, ଦେଶର ସ୍ୱାଧୀନତା ଆଉ ବେଶିଦିନ ଅଟକିବ ନାହିଁ। ଦେଶପାଇଁ ନିଜ ଜୀବନକୁ ବଳି ଦେଇଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ଦେଶପ୍ରେମ ଯୁଗେ ଯୁଗେ ଯୁବପିଢ଼ିଙ୍କୁ ଉଦ୍‌ବୁଦ୍ଧ କରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବତନ ମନ୍ତ୍ରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଉଇ ଫର୍ ଭୁବନେଶ୍ୱରର ସଦସ୍ୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଇଲା ସ୍ୱାଇଁ, ମନୋଜ ସ୍ୱାଇଁ, ଗୀତାଞ୍ଜଳି ସ୍ୱାଇଁ, ନୀଳମାଧବ ଦାସ, ମନମୋହନ ପଣ୍ଡା, ଭୃଗୁ ବକ୍ସିପାତ୍ର, ତୁଷାର ଦାସ, ଶବରୀ ସାଂସ୍କୃତିକ ପରିଷଦ ସହ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସାମ୍ବାଦିକ ଗୌରପ୍ରସାଦ ରାଜଗୁରୁଙ୍କ ସହ ୫ଜଣଙ୍କୁ 'ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସମ୍ମାନ'ରେ ସମ୍ମାନିତ କରଯାଇଥିଲା।

# ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଲେ ମହାପ୍ରଭୁ

**ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ**

ପୁରୀ ଅଫିସ, ୨୨।୧୧:

ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଦେବଦୀପାବଳି ନୀତି ଆରମ୍ଭ ହୋଇଛି। ଏହା ୩ଦିନ ଯାଏ ଚାଲିବ। ଏହି ୩ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ପ୍ରଭୁ ବଳଦେବ ଓ ଦେବୀ ସୁଭଦ୍ରା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ଦେବେ। ମଙ୍ଗଳବାର ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଶ୍ରୀବିଗ୍ରହମାନେ ଅଦିତି ଏବଂ କଶ୍ୟପଙ୍କ ଉଦ୍ଦେଶ୍ୟରେ ଦୀପଦାନ କରି ଶ୍ରାଦ୍ଧ ଦେଇଛନ୍ତି। ଦ୍ୱିତୀୟ ଦିନ ଅମାବାସ୍ୟା ତିଥିରେ ଦଶରଥ ଓ କୌଶଲ୍ୟା ଏବଂ ତୃତୀୟ ଦିନ ଅର୍ଥାତ ପ୍ରତିପଦା ତିଥିରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ରାଣୀଙ୍କୁ ଦୀପଦାନ ସହ ଶ୍ରାଦ୍ଧ ତର୍ପଣ କରିବାର ପରମ୍ପରା ରହିଛି। ଏହି ଅବସରରେ ଶ୍ରୀବିଗ୍ରହମାନେ ଧଳାବସ୍ତ୍ରରେ ଶ୍ରାଦ୍ଧବେଶ ଧାରଣ କରିଥିଲେ। ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତମାନେ ଶ୍ରୀଜଗନ୍ନାଥଙ୍କୁ ୧୬ ହାତ, ଶ୍ରୀବଳଭଦ୍ରଙ୍କୁ ୧୪ ହାତ ଓ ଦେବୀ ସୁଭଦ୍ରାଙ୍କୁ ୧୨ ହାତ ଲମ୍ବର ସୂତା ଶାଢ଼ି ବା ନାଗପୁରୀ ଶାଢ଼ି ପରିଧାନ କରାଇଥିଲେ। ଶ୍ରାଦ୍ଧବେଶରେ ଠାକୁରମାନେ ତଡ଼ଗୀ, ନଳୀଭୁଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡକାନି, ହରିଡ଼ା ମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ।

ସେହିପରି ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ହେବା ପରେ ରତ୍ନସିଂହାସନ ତଳେ ଭଣ୍ଡାରମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରିଥିଲେ। ପାଳିଆ ମେକାପ ଘୃତ ପୂର୍ଣ୍ଣକରି ଚାଉଳ ଗଛରେ ୨୮ଟି ବତି ବସାଇଥିଲେ। ଶ୍ରୀଜଗନ୍ନାଥଙ୍କ ନିମନ୍ତେ ୧୦, ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କ ନିମନ୍ତେ ୯ଟି ଲେଖାଏ ଦୀପ ବସାଯାଇଥିଲା। ୩ଟି ସୁନାଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳ ଗଛ ଓ ଦୀପକୁ ସଂସ୍କାର କରିଥିଲେ। ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକମାନେ ସିଂହାସନକୁ ଉଠି ତିନିବାଡ଼ରେ ବନ୍ଦାପନା କରିବା ପରେ ତିନୋଟି ମହାଦୀପରେ ବନ୍ଦାପନା କରିଥିଲେ। ପରେ ଜୟବିଜୟ ଦ୍ୱାର ଭିତରପଟେ ଚାଉଳ ଗଛକୁ ପୂଜାପଣ୍ଡା ସଂସ୍କାର କରି ପାଣି ପକାଇଥିଲେ। ସେହି ମହାଦୀପ କଳସଗୁଡ଼ିକୁ ପାଳିଆ ଚୁନରାଙ୍କୁ ଦିଆଯାଇଥିଲା। ବଡ଼ଓଡ଼ିଆ ମଠ ଦେଇଥିବା ତେଲ ଓ ଘିଅ ନେଇ ଚୁନରା ସେବକ ଶ୍ରୀମନ୍ଦିର ଅଁଳାବେଢ଼ା ଉପରେ ଦୀପ ଜାଳିଥିଲେ। ଚନ୍ଦ୍ରଉଦିଆ ଜାଳି ଗଜପତି ମହାରାଜାଙ୍କୁ ମହାପ୍ରଭୁ ଶଙ୍ଖେ ପୂରାଇ ଚକ୍ରେ ଆଡୁଆଳ କରନ୍ତୁ କହି ହରିବୋଲ ଡାକ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଜୀବନାଦର୍ଶକୁ ନେଇ ମୋଦି @୨୦

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ସୁଭଦ୍ରା ଆର୍ଟ ଗ୍ୟାଲେରି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପ୍ରେସ୍‌କ୍ଲବଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନାଦର୍ଶକୁ ନେଇ ଚିତ୍ରକଳା ପ୍ରଦର୍ଶନୀ 'ମୋଦି @୨୦' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସାରା ଦେଶରୁ ୪୦ରୁ ଊର୍ଦ୍ଧ୍ୱ ଚିତ୍ରଶିଳ୍ପୀ ଯୋଗଦେଇଛନ୍ତି। ଏହି ୨ ଦିନିଆ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ବିଧାୟକ ମୋହନ ମାଝି କହିଲେ, ଦେଶର ବିକାଶକୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ବହୁ ଗୁରୁତ୍ୱ ଦେଉଛନ୍ତି। ତାଙ୍କର ବିଶେଷ ମୁହୂର୍ତ୍ତକୁ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରିବା ଏକ ଅଭିନବ ପଦକ୍ଷେପ। ଶିଳ୍ପୀମାନେ ବହୁ ସୁନ୍ଦର ଭାବେ ମୋଦିଙ୍କ ଜୀବନାଦର୍ଶକୁ ପ୍ରକାଶିତ କରିଥିବା ସେ କହିଥିଲେ। ଲୋକସେବକ ମଣ୍ଡଳର ସଚିବ ପ୍ରଭାସ ଆଚାର୍ଯ୍ୟ, ସାମ୍ବାଦିକ ଅରୁଣ କୁମାର ପଣ୍ଡା, ବିଶ୍ୱ ମାନବ ଅଧିକାର କମିଶନ ନିର୍ଦ୍ଦେଶକ ଡ. ଅଭିନ୍ନ ହୋତା, ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ରବି ନାରାୟଣ ରଥ ଓ ଶଙ୍କର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

ପ୍ରଦର୍ଶନୀରେ ଶିଳ୍ପୀ ମାନସ ଜେନାଙ୍କ ପୋଟ୍ରେଟ୍ ବେଶ୍ ଆକର୍ଷଣୀୟ ତଥା ହୃଦୟସ୍ପର୍ଶୀ ହୋଇଛି। ମୋଦି ତାଙ୍କ ମା'ଙ୍କଠାରୁ ଆଶୀର୍ବାଦ ନେଉଥିବାର ଫଟୋ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୋଦିଙ୍କୁ ଜଗନ୍ନାଥଙ୍କ ଛବି ପ୍ରଦାନ କରୁଥିବାର ଚିତ୍ର ସହ ଅନ୍ୟାନ୍ୟ ଚିତ୍ରକଳା ଦେଖିବାକୁ ମିଳିଛି। ଗ୍ୟାଲେରି ଅଧ୍ୟକ୍ଷ ସୂର୍ଯ୍ୟ ରଥ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଗ୍ୟାଲେରି ନିର୍ଦ୍ଦେଶକ ଅଶୋକ ନାୟକ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଚିତ୍ରଶିଳ୍ପୀ ସୁବୋଧ କୁମାର ସାହୁ, ମୀନକେତନ ପଟ୍ଟନାୟକ, ପ୍ରିୟଦର୍ଶିନୀ ମହାନ୍ତି, ରଞ୍ଜନ ପଟ୍ଟନାୟକ, ଅନନ୍ତ ମହାନ୍ତି, ମମତା ସାମନ୍ତରାୟ, ସୁଜାତା ବେହେରା ପ୍ରମୁଖଙ୍କ ଚିତ୍ରକଳାକୁ ଅତିଥିମାନେ ପ୍ରଶଂସା କରିଥିଲେ। ଗ୍ୟାଲେରିର ପ୍ରତିଷ୍ଠାତା ରବି ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଚିତ୍ରକଳା ପ୍ରଦର୍ଶନୀ 'ମୋଦି@୨୦'ର ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି। । (ଫଟୋ-ମନୋରଞ୍ଜନ)

# ରାଷ୍ଟ୍ରପତିଙ୍କୁ ଜେଜେମା' ସମ୍ବୋଧନ କରି ଚିଠି

**ବରୁଣେଇ ବୁଲି ଆସିବାକୁ ନିମନ୍ତ୍ରଣ କଲେ ୪ର୍ଥ ଶ୍ରେଣୀ ଛାତ୍ର**

ଖୋର୍ଦ୍ଧା ଅଫିସ,୨୨।୧୧

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ଓଡ଼ିଶାର ସୁଖ୍ୟାତି ବଢ଼ିଛି। ସେ ପିଲାଙ୍କୁ ଭଲ ପାଉଥିବା ତାଙ୍କ ପ୍ରଥମ ଓଡ଼ିଶା ଗସ୍ତ ଅବସରରେ ପ୍ରମାଣିତ ହୋଇଛି। ଖୋର୍ଦ୍ଧା ବିଡିଏ କଲୋନୀର ବାସିନ୍ଦା ତଥା ପାନବରଜସ୍ଥିତ ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲର ଚତୁର୍ଥଶ୍ରେଣୀ ଛାତ୍ର ସମ୍ଭବ ବଳିଆରସିଂହ ସମ୍ପ୍ରତି ରାଷ୍ଟ୍ରପତିଙ୍କୁ ୫ପୃଷ୍ଠା ସମ୍ବଳିତ ଏକ ଚିଠି ଲେଖିଛନ୍ତି। ଚିଠିରେ ସେ ରାଷ୍ଟ୍ରପତିଙ୍କୁ ଜେଜେମା' ବୋଲି ସମ୍ବୋଧନ କରିବା ସହ ବରୁଣେଇ ଓ ଖୋର୍ଦ୍ଧାର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିଆସିବା ପାଇଁ ଅନୁରୋଧ କରିଛନ୍ତି।

ସମ୍ଭବ ଲେଖିଛନ୍ତି, 'ଆପଣ ଆମର ଗର୍ବ ଓ ଗୌରବ। ବିଶ୍ୱରେ ଆପଣଙ୍କ ଯୋଗୁ ଆମର ସୁନାମ ବଢ଼ିଛି। ଆପଣ ଓଡ଼ିଶା ଗସ୍ତରେ ଥିବାବେଳେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ଏହା ଟିଭିରୁ ଦେଖି ବହୁତ ଖୁସି ଲାଗିଥିଲା। ମୋ'ଜେଜେ ଏବଂ ଆମଘର ଲୋକେ ଆପଣଙ୍କର ବହୁତ ପ୍ରଶଂସା କରନ୍ତି। ରାଷ୍ଟ୍ରପତି ହେବା ପରେ ଆପଣ ନିଜ ଭାଷଣରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର କଥା କହିଥିଲେ। ଲାଲ୍‌ମାଟି ଖୋର୍ଦ୍ଧାର ପିଲା ହିସାବରେ ଏଥିପାଇଁ ଆମେ ଗର୍ବ କରୁଛୁ। ଖୋର୍ଦ୍ଧାଗଡ଼ ହେଉଛି ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗ। ଏଠାକାର ବୀର ପାଇକମାନେ ଇଂରେଜମାନଙ୍କୁ ପାଣି ପିଆଇଦେଇଥିଲେ। ବୀର ସେନାପତି ବକ୍ସିଜଗବନ୍ଧୁଙ୍କ ନେତୃତ୍ୱରେ ପାଇକମାନେ ଗେରିଲା ଯୁଦ୍ଧ କରିଥିଲେ। ସେଥିପାଇଁ ପାଇକ ବିଦ୍ରୋହ ଭାରତ ଇତିହାସର ଏକ ବଡ଼ ଘଟଣା। ସେଇ ପାଇକ ବିଦ୍ରୋହର ସ୍ମୃତିରକ୍ଷା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ଆସି ପାଇକ ସ୍ମାରକୀର ଶୁଭ ଦେଇଥିଲେ। ପୁରାଣରେ ବରୁଣେଇ ପାହାଡ଼କୁ ବାରୁଣୀ ପର୍ବତ ଓ ବାରୁଣାବନ୍ତ ବୋଲି କୁହାଯାଉଥିଲା। ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତା ଏବଂ ଦ୍ୱାପର ଯୁଗରେ ପାଣ୍ଡବମାନେ ବରୁଣେଇ ପାହାଡ଼ରେ ବନବାସ କରିଥିଲେ। ସେହିପରି ରାଷ୍ଟ୍ରପତିଙ୍କୁ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ବୁଲି ଆସିବାକୁ ମଧ ନିମନ୍ତ୍ରଣ କରିଛନ୍ତି। 'ଆପଣ ମୋ' ଜେଜେମାଙ୍କ ବୟସର। ସେଥିପାଇଁ ଆପଣଙ୍କୁ ଜେଜେମା ବୋଲି ଲେଖିଲି। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ଭଲରେ ରଖନ୍ତୁ' ବୋଲି ସେ ଲେଖିଛନ୍ତି। ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ନାତି ତଥା ଖବରଦାତା ସମରେନ୍ଦ୍ର ବଳିଆରସିଂହ ଓ ଶୁଭ୍ରାଙ୍କ ପୁତ୍ର ସମ୍ଭବ ଗତ ୧୦ତାରିଖରେ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଏହି ଚିଠି ରାଷ୍ଟ୍ରପତି ଭବନକୁ ପଠାଇଛନ୍ତି। ରାଷ୍ଟ୍ରପତି ତାଙ୍କ ନିମନ୍ତ୍ରଣ ରକ୍ଷା କରିବେ ବୋଲି ସେ ଆଶା ରଖିଛନ୍ତି।


ସମ୍ଭବ ବଳିଆରସିଂହ

## ୧୦.୭୦ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଜଟଣୀ,(ଡି.ଏନ୍.ଏ.): ଜଟଣୀ ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା ପିପିଲି ନରସିଂହପୁର ଅଞ୍ଚଳର ସେକ ଡବ୍ଲୁ (୨୭)। ତାଙ୍କଠାରୁ ୧୦.୭୦ଗ୍ରାମର ବ୍ରାଉନ ସୁଗାର, ମୋବାଇଲ ଏବଂ ବାଇକ୍‌କୁ ଜବତ କରିଛି। ଏନେଇ ପୋଲିସ ନଂ. ୪୧୬/୨୨ରେ ମାମଲା ରୁଜୁ କରିଛି। ଖବର ମୁତାବକ, ସ୍ଥାନୀୟ କୁଦିଆରୀ ମୁଖ୍ୟ ରାସ୍ତା ମହାବୀରଙ୍କ ମନ୍ଦିର ନିକଟରେ ମଙ୍ଗଳବାର ସକାଳେ ବ୍ରାଉନ ସୁଗାର କାରବାର ହେଉଥିଲା। ଏ ସମ୍ପର୍କରେ ବିଶେଷ ସୂତ୍ରରୁ ଖବରପାଇ ଜଟଣୀ ଥାନା ଏସ୍‌ଆଇ ପ୍ରଫୁଲ୍ଲ କୁମାର ସାହୁ ଟିମ୍ ସହ ସେଠାରେ ଚଢ଼ାଉ କରିଥିଲେ। ସେକ ଡବ୍ଲୁ ଉକ୍ତ ଉକ୍ତ ମନ୍ଦିର ନିକଟରେ ଠିଆହୋଇ ବ୍ରାଉନ ସୁଗାର ବେପାର ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲା। ଠିକ ସେହି ସମୟରେ ପୋଲିସ ତାଙ୍କୁ କାବୁ କରିଥିଲେ।

### ସଂକ୍ଷେପରେ

## ଜମିବାଡ଼ିକୁ କେନ୍ଦ୍ର କରି ଗଣ୍ଡଗୋଳ, ଜଣେ ଗିରଫ

ଯାଁଳା,୨୨।୧୧(ଡି.ଏନ୍.ଏ.): ଇନଫୋଭ୍ୟାଲି ଥାନା ଅଞ୍ଚଳରେ ଏକ ଜମି ବାଡିକୁ ନେଇ ଗଣ୍ଡଗୋଳ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଁଳା ଗ୍ରାମର ଜ୍ୟୋତି ରଞ୍ଜନ ବାରିକ (୩୦)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ସାମନ୍ତରାପୁର ମୌଜାରେ ହରେକୃଷ୍ଣ ଶଙ୍ଖୁଆ ନାମକ ବ୍ୟକ୍ତି ୧୪୦୦ ସ୍କୋୟାର ଫୁଟର ଏକ ଜମି କିଣି ଥିଲେ। ଉକ୍ତ ଜମିରେ ଘର ନିର୍ମାଣ ପାଇଁ ଜଣେ ଠିକାଦାରଙ୍କୁ ଦାୟିତ୍ୱ ମଧ୍ୟ ଦେଇଥିଲେ। ଘର ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଜ୍ୟୋତିରଞ୍ଜନ ସେଠାକୁ ଯାଇ ଠିକାଦାର ଓ ଶ୍ରମିକମାନଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ଉକ୍ତ ସ୍ଥାନରେ ତାଙ୍କର ଜମି ଅଛି, ତେଣୁ ଟଙ୍କା ଦେବାକୁ ପଡିବ ନହେଲେ ଘର କରିପାରିବ ନାହିଁ ବୋଲି ଧମକ ଦେଇଥିଲେ। ଏହି କଥାକୁ ନେଇ ସେଠାରେ ଗଣ୍ଡଗୋଳ ହୋଇଥିଲା। ଏହି କଥା ହରେକୃଷ୍ଣ ଜାଣିବା ପରେ ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଜ୍ୟୋତିରଞ୍ଜନଙ୍କୁ ଗିରଫ କରିଥିଲେ।

## ୪ଫୁଟର ନାଗ ଉଦ୍ଧାର

ଖୋର୍ଦ୍ଧା ଅଫିସ, ୨୨।୧୧(ଡି.ଏନ୍.ଏ.): ସ୍ଥାନୀୟ ବିଡିଏ କଲୋନୀରେ ଶରତ ଚନ୍ଦ୍ର ରଥଙ୍କ ଘରେ ମଙ୍ଗଳବାର ଏକ ସାପ ଥିବା ଜଣାପଡ଼ିଥିଲା। ଖବରପାଇ ସ୍ଥାନୀୟ ଲୋକମାନେ ଖୋଜାଖୋଜି କରିଥିଲେ। ସାମାଜିକ କର୍ମୀ ମନୋଜ କୁମାର ସାହୁ ତୁରନ୍ତ ସ୍ନେକ ହେଲ୍ପ ଲାଇନର ସହାୟତା ନେଇଥିଲେ। ପରେ ସ୍ନେକ ହେଲ୍ପ ଲାଇନ ସଦସ୍ୟ ଆସି ଘରୁ ନାଗ ସାପ ଥିବା ଜାଣିବା ପରେ ଉଦ୍ଧାର କରିଥିଲେ। ଏହାର ଲମ୍ବ ପ୍ରାୟ ୪ଫୁଟ ହେବ। ଏହି ସାପକୁ ଧରାଯାଇ ବରୁଣେଇ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଜଟଣୀ,୨୨।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଜାମୁକୋଳି ପଞ୍ଚାୟତର ପୂର୍ବତନ ସରପଞ୍ଚ କାର୍ତ୍ତିକ ପରିଡାଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା। ସେ ଲିଭର ଜନିତ ରୋଗରେ ଦୀର୍ଘ ଦିନ ହେବ ପୀଡିତ ଥିଲେ। ଗତ ସପ୍ତାହରେ ହଠାତ ଗୁରୁତର ଅସୁସ୍ଥ ହେବା ପରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଭୋର ସମୟରେ ହସ୍ପିଟାଲରେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜାମୁକୋଳି ପଞ୍ଚାୟତ ତଥା ଜଟଣୀ, ଖୋର୍ଦ୍ଧା, ଭୁବନେଶ୍ୱର ଇତ୍ୟାଦି ଅଞ୍ଚଳରୁ ତାଙ୍କର ବହୁ ସମର୍ଥକ ଏବଂ ରାଜନୈତିକ ବନ୍ଧୁମାନେ ଜାମୁକୋଳିରେ ପହଞ୍ଚି ଶୋକ ପ୍ରକାଶ କରିଥିଲେ। ପଞ୍ଚାୟତର ସବୁ ଗାଁରେ ତାଙ୍କ ମରଶରୀରକୁ ପରିକ୍ରମା କରିବା ସହ ଜନ୍ମମାଟି ଜାମୁକୋଳି ଶ୍ମଶାନରେ ଶେଷକୃତ୍ୟ ସମ୍ପୂର୍ଣ୍ଣ ହୋଇଛି। ତାଙ୍କର ଏକମାତ୍ର କନ୍ୟା ମୁଖାଗ୍ନି ଦେଇଥିଲେ।

# ରାଷ୍ଟ୍ରପତିଙ୍କୁ 'ଜେଜେମା' ସମ୍ବୋଧନ କରି ଚିଠି

### ବରୁଣେଇ ବୁଲି ଆସିବାକୁ ନିମନ୍ତ୍ରଣ କଲେ ୪ର୍ଥ ଶ୍ରେଣୀ ଛାତ୍ର

ଖୋର୍ଦ୍ଧା ଅଫିସ,୨୨।୧୦

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ଓଡ଼ିଶାର ସୁଖ୍ୟାତି ବଢ଼ିଛି। ସେ ପିଲାଙ୍କୁ ଭଲ ପାଉଥିବା ତାଙ୍କ ପ୍ରଥମ ଓଡ଼ିଶା ଗସ୍ତ ଅବସରରେ ପ୍ରମାଣିତ ହୋଇଛି। ଖୋର୍ଦ୍ଧା ବିଡିଏ କଲୋନୀର ବାସିନ୍ଦା ତଥା ପାନବରଜସ୍ଥିତ ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲର ଚତୁର୍ଥଶ୍ରେଣୀ ଛାତ୍ର ସମ୍ଭବ ବଳିଆରସିଂହ ସମ୍ପ୍ରତି ରାଷ୍ଟ୍ରପତିଙ୍କୁ ୫ପୃଷ୍ଠା ସମ୍ବଳିତ ଏକ ଚିଠି ଲେଖିଛନ୍ତି। ଚିଠିରେ ସେ ରାଷ୍ଟ୍ରପତିଙ୍କୁ ଜେଜେମା' ବୋଲି ସମ୍ବୋଧନ କରିବା ସହ ବରୁଣେଇ ଓ ଖୋର୍ଦ୍ଧାର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିଆସିବା ପାଇଁ ଅନୁରୋଧ କରିଛନ୍ତି।

ସମ୍ଭବ ଲେଖିଛନ୍ତି, 'ଆପଣ ଆମର ଗର୍ବ ଓ ଗୌରବ। ବିଶ୍ୱରେ ଆପଣଙ୍କ ଯୋଗୁ ଆମର ସୁନାମ ବଢ଼ିଛି। ଆପଣ ଓଡ଼ିଶା ଗସ୍ତରେ ଥିବାବେଳେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ଏହା ଟିଭିରୁ ଦେଖି ବହୁତ ଖୁସି ଲାଗିଥିଲା। ମୋ'ଜେଜେ ଏବଂ ଆମଘରର ଲୋକେ ଆପଣଙ୍କର ବହୁତ ପ୍ରଶଂସା କରନ୍ତି। ରାଷ୍ଟ୍ରପତି ହେବା ପରେ ଆପଣ ନିଜ ଭାଷଣରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର କଥା କହିଥିଲେ। ଲାଲ୍‌ମାଟି ଖୋର୍ଦ୍ଧାର ପିଲା ହିସାବରେ ଏଥିପାଇଁ ଆମେ ଗର୍ବ କରୁଛୁ। ଖୋର୍ଦ୍ଧାଗଡ଼ ହେଉଛି ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗ। ଏଠାକାର ବୀର ପାଇକମାନେ ଇଂରେଜମାନଙ୍କୁ ପାଣି ପିଆଇଦେଇଥିଲେ। ବୀର ସେନାପତି ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକମାନେ ଗେରିଲା ଯୁଦ୍ଧ କରିଥିଲେ। ସେଥିପାଇଁ


ସମ୍ଭବ ବଳିଆରସିଂହ

ପାଇକ ବିଦ୍ରୋହ ଭାରତ ଇତିହାସର ଏକ ବଡ଼ ଘଟଣା। ସେଇ ପାଇକ ବିଦ୍ରୋହର ସ୍ମୃତିରକ୍ଷା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ଆସି ପାଇକ ସ୍ମାରକୀର ଶୁଭ ଦେଇଥିଲେ। ପୁରାଣରେ ବରୁଣେଇ ପାହାଡ଼କୁ ବାରୁଣୀ ପର୍ବତ ଓ ବାରୁଣାବନ୍ତ ବୋଲି କୁହାଯାଉଥିଲା। ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତା ଏବଂ ଦ୍ୱାପର ଯୁଗରେ ପାଣ୍ଡବମାନେ ବରୁଣେଇ ପାହାଡ଼ରେ ବନବାସ କରିଥିଲେ। ସେହିପରି ରାଷ୍ଟ୍ରପତିଙ୍କୁ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ବୁଲି ଆସିବାକୁ ମଧ୍ୟ ନିମନ୍ତ୍ରଣ କରିଛନ୍ତି। 'ଆପଣ ମୋ' ଜେଜେମାଙ୍କ ବୟସର। ସେଥିପାଇଁ ଆପଣଙ୍କୁ ଜେଜେମା ବୋଲି ଲେଖିଲି। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ଭଲରେ ରଖନ୍ତୁ' ବୋଲି ସେ ଲେଖିଛନ୍ତି। ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ନାତି ତଥା ଖବରଦାତା ସମରେନ୍ଦ୍ର ବଳିଆରସିଂହ ଓ ଶୁଭ୍ରାଙ୍କ ପୁତ୍ର ସମ୍ଭବ ଗତ ୧୦ତାରିଖରେ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଏହି ଚିଠି ରାଷ୍ଟ୍ରପତି ଭବନକୁ ପଠାଇଛନ୍ତି। ରାଷ୍ଟ୍ରପତି ତାଙ୍କ ନିମନ୍ତ୍ରଣ ରକ୍ଷା କରିବେ ବୋଲି ସେ ଆଶା ରଖିଛନ୍ତି।

# ବିଭିନ୍ନ ଦାବି ନେଇ ସିପିଆଇଏମ୍‌ର ଗଣଧାରଣା


ଟାଙ୍ଗୀ ତହସିଲଦାରଙ୍କ କାର୍ଯ୍ୟାଳୟ ସାମ୍ନାରେ ସିପିଆଇଏମ୍ ପକ୍ଷରୁ ଗଣଧାରଣା ଦିଆଯାଇଛି।

ନିରାକାରପୁର/ଟାଙ୍ଗୀ(ଖୋର୍ଦ୍ଧା), ୨୨।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳରେ ହିତାଧିକାରୀଙ୍କୁ ଘରଡିହ ପଟ୍ଟା, ଜୱାଦ ବାତ୍ୟା କ୍ଷତିପୂରଣ ଦେବା ଦାବିରେ ସିପିଆଇଏମ୍ ପକ୍ଷରୁ ଟାଙ୍ଗୀ ତହସିଲଦାରଙ୍କ କାର୍ଯ୍ୟାଳୟ ସାମ୍ନାରେ ମଙ୍ଗଳବାର ଗଣଧାରଣା ଦିଆଯାଇଥିଲା। ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅଧିକାଂଶ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ମିଳିନାହିଁ। ସେହିପରି ବାତ୍ୟା(ଜୱାଦ)କୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅନେକ ବିପନ୍ନଙ୍କୁ ସହାୟତା ମିଳି ନାହିଁ। ଏ ନେଇ ବାତ୍ୟା ବିପନ୍ନ ଓ ହିତାଧିକାରୀମାନେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଫଳରେ ସେମାନେ ସିପିଆଇଏମ୍ ସଂଘକୁ ଅଭିଯୋଗ ବିଷୟରେ କହିଥିଲେ। ଫଳରେ ସିପିଆଇଏମ୍ ପକ୍ଷରୁ ଏହି ଦାବି ନେଇ ମଙ୍ଗଳବାର ବିଭିନ୍ନ ପଞ୍ଚାୟତ ସମେତ ଏହାର ଆଖପାଖ ପଞ୍ଚାୟତ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ ହାତରେ ଲାଲ ଝଣ୍ଡା ଧରି ଟାଙ୍ଗୀଠାରେ ଥିବା ବଳରାମ ଦେବ ପୀଠଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲା। ବାଟସାରା ବିଭିନ୍ନ ନାରାବାଜି ଦେଇ ଟାଙ୍ଗୀ ବଜାର ପରିକ୍ରମା କରି ତହସିଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିଥିଲେ। ଧାରଣାସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଯାଇ ତହସିଲଦାରଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ତହସିଲଦାର କହିଛନ୍ତି, ନୂଆକରି ଯୋଗ ଦେଇଛି। ତେଣୁ ଭଲଭାବେ ଜମିପଟ୍ଟା ପାଇଁ ଅବଗତ ନାହିଁ। ଏଥିପାଇଁ କର୍ମଚାରୀଙ୍କଠାରୁ ବୁଝି ସମାଧାନ କରିବି ବୋଲି କହିବା ପରେ ଧାରଣ ହଟିଥିଲା। ଧାରଣାରେ ଟାଙ୍ଗୀ ଲୋକାଲ କମିଟି ସମ୍ପାଦକ ଗିରୀଶ ଚନ୍ଦ୍ର ମହାରଣା, ଖୋର୍ଦ୍ଧା ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ସର୍ବେଶ୍ୱର ଶତ୍ରୁଶଲ୍ୟ, ହୃଷୀକେଶ ପଲେଇ, ସାନୁଜ ବରାଳ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

# ୮ ଦଫା ଦାବିରେ ଅଙ୍ଗନୱାଡ଼ି କର୍ମୀଙ୍କ ଧାରଣା


ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମୀ ଓ ସହକର୍ମୀମାନେ ମଙ୍ଗଳବାର ବାଣପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ବାଣପୁର/ଗମ୍ଭାରିମୁଣ୍ଡା,୨୨।୧୧(ଡି.ଏନ୍.ଏ.)

ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଡାକରାରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀ ଓ ସହକର୍ମୀମାନେ ୮ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ଅଙ୍ଗନୱାଡି କର୍ମୀ ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସରକାରଙ୍କ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଆସୁଛନ୍ତି। ବିଭିନ୍ନ ସମସ୍ୟାକୁ ନେଇ ୨୦୨୧ ଡିସେମ୍ବର ୬ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ମଧ୍ୟ କରିଥିଲେ। ସେତେବେଳେ ସରକାର ଦାବି ପୂରଣ ପାଇଁ ସମୟ ନେଇଥିବା ବେଳେ ଅଦ୍ୟାବଧି କୌଣସି ଦାବି ପୂରଣ ପୂରଣ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ମଙ୍ଗଳବାରଠାରୁ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଥିବା ବେଳେ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀ ଓ ସହକର୍ମୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଯୋଗଦେଇଛନ୍ତି। ଏଥିସହ ବ୍ଲକ ସମ୍ମୁଖରେ ପ୍ରତିଦିନ ଧରଣା ଦେବେ। ଦାବିଗୁଡିକ ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଅଙ୍ଗନୱାଡି କର୍ମୀମାନେ କହିଛନ୍ତି।

# ୧୨ହଜାର ମହୁଲି, ୬୮୦ ଲିଟର ଦେଶୀ ମଦ ନଷ୍ଟ

ବାଣପୁର/ଗମ୍ଭାରିମୁଣ୍ଡା, ୨୨।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅବକାରୀ ଅଧୀକ୍ଷକ ଝସକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ବାଣପୁର ବ୍ଲକ ଦାମିଆବରବରା ପଞ୍ଚାୟତର କୋଷରଡ଼ା ଜଙ୍ଗଲରେ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଦେଶୀ ମଦ ଭାଟି ଉପରେ ମିଳିତ ଚଢ଼ାଉ କରାଯାଇଛି। ଗ୍ରାମର ଏକାଧିକ ସ୍ଥାନରେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ଯାଏଁ ଚଢ଼ାଉ ଜାରି ରହିଥିଲା। ଟାଙ୍ଗୀ ରେଞ୍ଜ ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନଙ୍କ ନେତୃତ୍ୱରେ ବାଣପୁର ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ କରିଥିଲେ। ଚଢ଼ାଉରେ ମୋଟ ୧୨ ହଜାର କେଜି ଗୁଡ ମିଶ୍ରିତ ମହୁଲି ପୋଚ ଓ ୬୮୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଦିଆଯାଇଛି। ଉକ୍ତ ଚଢାଉରେ ବାଣପୁର ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ବାଣପୁର ଥାନା ଏଏସ୍‌ଆଇ ଗଙ୍ଗାଧର ହେମ୍ବ୍ରମ, ବାଲୁଗାଁ ଅବକାରୀ ଅଧିକାରୀ ରୋହିତ ଦଣ୍ଡସେନା, ଜିଲା ମୋବାଇଲ ସବ୍ ଇନ୍ସପେକ୍ଟର ମନୋଜ କୁମାର ବାରିକ୍, ଖୋର୍ଦ୍ଧା ରେଞ୍ଜ ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ, ଟାଙ୍ଗୀ ଅବକାରୀ ଅଧିକାରିଣୀ ସୁନୀତା ଦଳାଇ, ଜଟଣୀ ଅବକାରୀ ଅଧିକାରିଣୀ ଗୀତାଞ୍ଜଳି ବେହେରା ଏବଂ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଓ ପୋଲିସ ଫୋର୍ସ ସାମିଲ ଥିଲେ। କିନ୍ତୁ ଦେଶୀ ମଦ ବେପାରୀ ପୋଲିସ ଆସୁଥିବାର ପୂର୍ବ ସୂଚନା ପାଇ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏହି ପରିପ୍ରେକ୍ଷୀରେ ଅବକାରୀ ବିଭାଗ ୨ଟି ମାମଲା ରୁଜୁ କରିଛି।

# ୨ ମୃତ ପକ୍ଷୀ ଜବତ, ଶିକାରୀ ଗିରଫ

ଖୋର୍ଦ୍ଧା ଅଫିସ/ଟାଙ୍ଗୀ(ଖୋର୍ଦ୍ଧା), ୨୨।୧୧(ଡି.ଏନ୍.ଏ.)



ରାଜ୍ୟରେ ଶୀତର ପ୍ରଭାବ ଆରମ୍ଭ ହୋଇଯାଇଥିବା ବେଳେ ନିଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଆଗମନ ହେଲାଣି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ଚିଲିକା ତଟବର୍ତ୍ତୀ ଗ୍ରାମାଞ୍ଚଳରେ ପକ୍ଷୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି। ତେବେ ସବୁ ବ୍ୟବସ୍ଥା ସତ୍ତ୍ୱେ ଶିକାରୀମାନେ ପକ୍ଷୀଙ୍କ ଶିକାର କରିବାରେ ଲାଗିଛନ୍ତି। ମଙ୍ଗଳବାର ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଭୁଷଣ୍ଡପୁର ବାଲିପାଟପୁର ରିଙ୍ଗ ବନ୍ଧଠାରେ ଚଢ଼ାଉ କରି ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ଟାଙ୍ଗୀ ଥାନା ଭୂଷଣ୍ଡପୁର ଗଡେଇସ୍ୱାଇ ପାଟଣାର ଦିବାକର ସାହୁ(୪୦)। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ରେଞ୍ଜ ଅଧିକାରୀ ଚୁଡାମଣି ମୁର୍ମୁ ସୂଚନା ଦେଇଛନ୍ତି। ତାଙ୍କଠାରୁ ୨ଟି ମୃତ ପକ୍ଷୀଙ୍କ ଜବତ କରାଯାଇଛି। ଏ ନେଇ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୧୦/୨୨) ରୁଜୁ କରିଛି। ଚଢ଼ାଉରେ ଫରେଷ୍ଟର ଜିତେନ୍ଦ୍ରୀୟ ଜେନା ଓ ଫରେଷ୍ଟ ଗାର୍ଡ ଭାନୁମତୀ ବେହେରା ସାମିଲ ଥିଲେ। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅଧୀନ ମଙ୍ଗଳାଯୋଡିରେ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ଏଥିସହିତ ପକ୍ଷୀ ସୁରକ୍ଷା ସମିତି, ସ୍ଥାନୀୟ ସ୍ତରରେ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଏଥିସହିତ ନାଇଟ ପାଟ୍ରୋଲିଂ କରାଯାଉଥିବା ମୁର୍ମୁ ସୂଚନା ଦେଇଛନ୍ତି। ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

# ନିଶାମୁକ୍ତ ସମାଜ ସମସ୍ତଙ୍କ ଦାୟିତ୍ୱ

ଖୋର୍ଦ୍ଧା ଅଫିସ,୨୨।୧୧

ନିଶା ସମାଜର ବିକାଶରେ ବାଧକ। ଏହାଦ୍ୱାରା ସମାଜରେ କଳୁଷିତ ବାତାବରଣ ସୃଷ୍ଟି ହେଉଛି। ଅନେକ ପରିବାର ନିଶା ଯୋଗୁ ଛାରଖାର ହୋଇଯାଉଛି। ଏକ ନିଶାମୁକ୍ତ ଗ୍ରାମ ଗଠନ ଲାଗି ବ୍ୟାପକ ସଚେତନତା ଜରୁରୀ। ସଚେତନତା ପ୍ରଥମେ ଘରୁ ଆରମ୍ଭ ହେବା ଉଚିତ। ଏଥିରେ ମହିଳାଙ୍କ ପ୍ରମୁଖ ଭୂମିକା ରହିଛି। ମହିଳାମାନେ ଏ ଦିଗରେ ଆଗେଇ ଆସିଲେ, ଏକ ସୁସ୍ଥ ପରିବାର ସହ ସୁସ୍ଥ ନିଶାମୁକ୍ତ ଗ୍ରାମ ଗଠନ ହୋଇପାରିବ ବୋଲି ସାମାଜିକ କର୍ମୀ ରାମଶଙ୍କର କହିଛନ୍ତି। ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନନ୍ଦିପୁର ପଞ୍ଚାୟତର ଛତରପରରେ ନିଶା ନିବାରଣ ଅଭିଯାନ ପକ୍ଷରୁ ନିଶା ନିବାରଣ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ରାମଶଙ୍କର ଅତିଥି ଭାବେ ଯୋଗଦେଇ ଅଞ୍ଚଳରେ ନିଶାମୁକ୍ତ ପାଇଁ ସଚେତନତା କରିଥିଲେ। ସରପଞ୍ଚ ବିପ୍ଳବ କୁମାର ବଳିୟାରସିଂ ଉପସ୍ଥିତ ଥିଲେ। ନିଶାକୁ ନା'' ପ୍ରତ୍ୟେକ ପରିବାର ଆପଣଇବାକୁ ଅନୁରୋଧ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ପଞ୍ଚାୟତ ସଭାନେତ୍ରୀ ସୀତା ଦେଈ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମଣ୍ଡଳ, ବିନୋଦିନୀ ବେହେରା, ଲିପିକା ସାମନ୍ତସିଂହାର , ମାମି ପ୍ରଧାନ, ଓକିଲ ଲକ୍ଷ୍ମଣ କୁମାର ପରି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗୀରଥି ମଙ୍ଗରାଜ, ରାଧାଶ୍ୟାମ ଜେନା, ଶ୍ରୀନିବାସ ପ୍ରଧାନ, ସେକ ହୁସେନ, ଧ୍ରୁବଚରଣ ଗରୁ, ପ୍ରମୋଦ କୁମାର ପାଇକରାୟ, ହୃଷୀକେଶ ବେହେରା, ସର୍ବେଶ୍ୱର ପରି, ବିଷ୍ଣୁପ୍ରସାଦ ଶ୍ରୀଚନ୍ଦନ, କବୀନ୍ଦ୍ର ପଶ୍ଚିମ କବାଟ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାଲେସେମିଆ ରୋଗୀଙ୍କୁ ସୁବିଧା ଯୋଗାଇବାକୁ ଦାବି

ଖୋର୍ଦ୍ଧା ଅଫିସ,୨୨।୧୧


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଥାଲେସେମିଆ କେୟାର ସୋସାଇଟି ଓ ଅଭିଭାବକ।

ଖୋର୍ଦ୍ଧା ଅଞ୍ଚଳରେ ଥାଲେସେମିଆ ରୋଗୀଙ୍କୁ ସମସ୍ତ ସୁବିଧା ଯୋଗାଇବା ଦାବିରେ ରୋଗୀଙ୍କ ଅଭିଭାବକମାନେ ମଙ୍ଗଳବାର ଥାଲେସେମିଆ କେୟାର ସୋସାଇଟି ଓ ସଂଘର ସାଧାରଣ ସମ୍ପାଦକ ନିରାକାର ପଣ୍ଡାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଥାଲସେମିଆ ରୋଗୀଙ୍କୁ ରକ୍ତ ଆବଶ୍ୟକ ଥିବାବେଳେ ରକ୍ତଭଣ୍ଡାରରୁ ରକ୍ତ ଆଣିବା ପାଇଁ ପ୍ରାୟ ଦୁଇ କିମି ସିଡିଏମ୍‌ଓଙ୍କ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି। ଫଳରେ ରୋଗୀ ଓ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଖାନା ପରିସରରେ ରକ୍ତଭଣ୍ଡାର ରଖିବା ବ୍ୟବସ୍ଥା କରାଯାଉ। ଏଥିସହିତ ଗୋଟିଏ ସ୍ଥାନରେ ରୋଗୀକୁ ପାଥୋଲୋଜି, ଡାକ୍ତର, ନର୍ସ, ଉନ୍ନତମାନର ଔଷଧ ଏବଂ କମ୍ପନେଟ ରକ୍ତର ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, ଓଡ଼ିଶାରେ ପ୍ରାୟ ୨୫ ହଜାର ଥାଲେସେମିଆ ରୋଗୀ ଥିବାବେଳେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ୧୫୦ରୁ ୨୦୦ ଥାଲେସେମିଆ ରୋଗୀ ୨ ବର୍ଷଠାରୁ ଆରମ୍ଭକରି ୧୨ ବର୍ଷ ପର୍ଯ୍ୟନ୍ତ ଚିକିତ୍ସିତ ହେଉଛନ୍ତି। ଥାଲେସେମିଆ ରୋଗୀଙ୍କୁ ଏହି ସବୁ ପ୍ରାକୃତିକ ଉପକରଣ ସହିତ ରକ୍ତର ଆବଶ୍ୟକ ହୋଇଥାଏ। ବୟସ ଅନୁସାରେ ଜଣେ ବ୍ୟକ୍ତିଙ୍କ ଓଜନ ଅନୁଯାୟୀ ମାସିକ ଏକ ଲିଟର ପର୍ଯ୍ୟନ୍ତ ରକ୍ତର ଆବଶ୍ୟକ ହୋଇଥାଏ। ଏଥିସହିତ ପ୍ରତିଟି ଥାଲେସେମିଆ ରୋଗୀ ପାଇଁ ବାର୍ଷିକ ୨ଲକ୍ଷଠାରୁ ଆରମ୍ଭକରି ୬ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିରେ ବହୁତ ଗରିବ ବ୍ୟକ୍ତି ଥିବାରୁ ସେମାନଙ୍କ ପାଇଁ ଏହି ଆର୍ଥିକ ବୋଝ ଉଠାଇବା ବହୁ କଷ୍ଟକର ହେଉଥିବା ସଂଘ ପକ୍ଷରୁ କୁହାଯାଇଛି। ତେବେ ସରକାର ୫ଶହ ଟଙ୍କା ମାସିକ ଅର୍ଥ ସହାୟତା ଦେଉଥିବା ବେଳେ ରୋଗୀ ପାଇଁ ଆବଶ୍ୟକ ହେଉଥିବା ଆନୁସଙ୍ଗିକ ସୁବିଧା ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ରୋଗୀ ଓ ତାଙ୍କର ଅଭିଭାବକମାନେ ସବୁ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ସଂଘ କହିଛି। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟଠାରୁ ରକ୍ତ ଭଣ୍ଡାର ଦୂରରେ ଥିବା ଏବଂ ପାଥୋଲୋଜିର ବ୍ୟବସ୍ଥା ନ ଥିବାରୁ ରୋଗୀମାନେ ପାଥଲୋଜି ଟେଷ୍ଟ କରି ଡାକ୍ତରଖାନାକୁ ଆସିବା ବେଳକୁ ବିଳମ୍ବ ହେଉଛି। ସେତେବେଳେ ଓପିଡି ସମୟ ଅବଧି ପରେ ଡାକ୍ତର ଡ୍ୟୁଟି ସାରି ଚାଲିଯାଉଛନ୍ତି। ତେଣୁ ରୋଗୀଙ୍କୁ ପୁଣିଥରେ ପରଦିନ ଆସିବାକୁ ପଡୁଛି। ସେହିପରି ପୂର୍ବରୁ ଯେଉଁଭଳି ଉନ୍ନତମାନର ଔଷଧ ମିଳୁଥିଲା ବର୍ତ୍ତମାନ ତାହା ମିଳୁନାହିଁ। ଫଳରେ ରୋଗୀର ଶରୀରରୁ ଆଇରନ ଠିକ୍ ଭାବରେ ନିଷ୍କାସନ ହୋଇ ନ ଥାଏ। ଏଥିପାଇଁ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ଯଦି ସରକାର ଥାଲେସେମିଆ ରୋଗୀଙ୍କ ପାଇଁ ଏହିସବୁ ବ୍ୟବସ୍ଥା ନ କରନ୍ତି ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଜୋରଦାର ଭାବେ କରିବୁ ବୋଲି ସଂଘର ସମ୍ପାଦକ ପଣ୍ଡା ପ୍ରକାଶ କରିଛନ୍ତି ।

# ନିରାଶ୍ରୟ ଜୀବନ ବିତାଉଛନ୍ତି ୪ ଅନାଥ

ବେଗୁନିଆ,୨୨।୧୧(ଡି.ଏନ.ଏ)

- ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିଲେ ମା', ବାପା
- ୨ ଭଉଣୀ, ଭାଇଙ୍କ ଆଶା ବଡ଼ ଭଉଣୀ ପୁଷ୍ପଲତା
- ସମ୍ବଳ ନ ଥିବାରୁ ପାଠପଢ଼ାରେ ଡୋରି


ବଡ଼ ଭଉଣୀ ପୁଷ୍ପଲତାଙ୍କ ସହ ଦୁଇ ଭଉଣୀ ଓ ଭାଇ।

ରାଜ୍ୟରୁ ହଟିବେ ଗରିବ, ଆଉ ରହିବେନି ନିରାଶ୍ରୟ। ଏଭଳି ବାର୍ତ୍ତା ନେଇ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା ଓ ସହାୟତା ଯୋଗାଇ ଦିଆଯାଉଛି। ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅଞ୍ଚଳରେ। ନୀଳକଣ୍ଠପୁର ଗାଁର ଆଦିବାସୀ ସାହିରେ ଏବେ ମଧ୍ୟ ନିରାଶ୍ରୟ ଜୀବନ ବିତାଉଛନ୍ତି ୪ଜଣ ଅନାଥ ଶିଶୁ। ସେମାନଙ୍କ ପାଇଁ ସାହା ଭରସା କେହି ନ ଥିବାବେଳେ ପର ଆଶ୍ରୟରେ କଟୁଛି ଜୀବନ। ଅଗ୍ନିର କୋପରୁ ଉଦ୍ଧାର ପାଇବା ପରେ ଏବେ ଖୋଜୁଛନ୍ତି ମା' ବାପାଙ୍କ ପରିଚୟ। ଶୈଶବ ଅବସ୍ଥାରେ ମା' କୋଳରେ ବଢ଼ିବା ପରିବର୍ତ୍ତେ କଅଁଳ ବୟସରେ ଖୋଜୁଛନ୍ତି ବଞ୍ଚିବାର ରାହା। ଉଚ୍ଚ ଶିକ୍ଷିତ ପାଇଁ ଆଶା ବାନ୍ଧିଥିବା ବେଳେ ସମ୍ବଳ ଅଭାବରୁ ପାଠପଢ଼ାରେ ବନ୍ଧା ହୋଇଯାଇଛି ଡୋରି।

ପ୍ରକାଶଥାଉକି, ନୀଳକଣ୍ଠପୁର ଆଦିବାସୀ ସାହିର ବିରାଟ ନାୟକ, ସ୍ତ୍ରୀ ପ୍ରତିମା, ବଡ଼ ଝିଅ ପୁଷ୍ପଲତା, ଅନ୍ୟ ଦୁଇ ଝିଅ ଝିଲି ଓ ପ୍ରୀତିଙ୍କ ସହିତ ସାନ ପୁଅ ରାଜେଶଙ୍କୁ ନେଇ ଗୋଟିଏ ପରିବାର। ୨୦୧୬ ଏପ୍ରିଲ ୬ରେ ସମସ୍ତ ପରିବାର ଗୋଟିଏ ଚାଳଛପର ଗୃହରେ ରାତ୍ରିଯାପନ କରିଥିଲେ। ବିଳମ୍ବିତ ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିର ପ୍ରକୋପରୁ ପରିବାରର ସମସ୍ତ ୬ ଜଣଙ୍କୁ ଉଦ୍ଧାର କରିଥିଲେ ପଡୋଶୀ ଲୋକେ। ଆହତ ଅବସ୍ଥାରେ ସମସ୍ତଙ୍କୁ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ବିରାଟ ଓ ସ୍ତ୍ରୀ ପ୍ରତିମାଙ୍କ ମୃତ୍ୟୁ ଘଟିଥିବା ବେଳେ ସୁସ୍ଥ ହୋଇଥିଲେ ୩ ଭଉଣୀ ଓ ଭାଇ। ମା'ବାପାଙ୍କୁ ହରାଇବା ପରେ ଭଉଣୀ ଭାଇଙ୍କୁ ଆତ୍ମୀୟମାନେ ପାଳି ପୋଷୁଛନ୍ତି। ସାହି ପଡ଼ୋଶୀଙ୍କ ସାହାଯ୍ୟ ଓ ସହାନୁଭୂତିରୁ ସେମାନଙ୍କ ବୟସ ବଢ଼ିବାରେ ଲାଗିଛି। ବଡ଼ ଝିଅ ପୁଷ୍ପଲତାଙ୍କୁ ଏବେ (୧୬), ଝିଲି(୧୩), ପ୍ରୀତି (୧୦) ଓ ରାଜେଶ (୭) ବର୍ଷରେ ପହଞ୍ଚି ସାରିଲେଣି। ଦାଦା ନିରାଟ ଓ ଖୁଡ଼ୀ ସତ୍ୟଭାମା ସହଯୋଗ କରିଥିବା ବେଳେ ପୁଷ୍ପଲତାଙ୍କୁ ୯ମ ପାସ, ଝିଲିଙ୍କୁ ୭ମ ପାସ କରାଇବା ପରେ ଅର୍ଥ ଅଭାବରୁ ହାରି ଯାଇଥିଲେ। ଉଚ୍ଚ ଶିକ୍ଷା ପାଇଁ ଆଶା ବାନ୍ଧିଥିବା ବେଳେ ସମ୍ବଳ ଅଭାବରୁ ପୁଷ୍ପଲତା ଓ ଝିଲିଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଛି। ସେହିପରି ଗାଁ ସରକାରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ, ମାଗଣାରେ ପୋଷାକ ଓ ବହି ପାଉଛନ୍ତି ବୋଲି ପ୍ରୀତି ୫ମ ଓ ରାଜେଶ ୩ୟରେ ପଢୁଛନ୍ତି। ଏବେ ବଡ଼ ଭଉଣୀ ପୁଷ୍ପଲତାଙ୍କ ଉପରେ ଦୁଇ ଭଉଣୀ ଓ ଭାଇଙ୍କ ଦାୟିତ୍ୱ ପଡ଼ିଛି। କଅଁଳ ବୟସରେ ପୁଷ୍ପଲତା ଦୈନିକ ସାନ ଭାଇ ଭଉଣୀଙ୍କ ସେବା କରିବା ପାଇଁ ଲାଗି ପଡ଼ିଛନ୍ତି। ଓଳିଏ ଖାଇଲେ ଦୁଇ ଓଳି ଉପବାସରେ ରହୁଥିବା ଏହି ୪ଜଣ ପିଲାଙ୍କ ପାଇଁ ସରକାରୀ ସହାୟତା ସାତ ସପନ ପାଲଟିଛି। ୩ଜଣଙ୍କ ପାଇଁ ମୁଣ୍ଡ ପିଛା ୫କେଜି ଚାଉଳ ମିଳୁଥିବା ବେଳେ ସାନ ଭାଇଙ୍କ ନାମ ଏବେ ଯାଏଁ ତାଲିକାଭୁକ୍ତ କରାଯାଇ ନାହିଁ। ପୋଡି ଯାଇଥିବା ଚାଳିଆ ତଳେ ୪ଜଣ ଶିଶୁ ମୁଣ୍ଡ ଗୁଞ୍ଜିଥିବା ବେଳେ ଆବାସ ଖଣ୍ଡିଏ ପାଇଁ ସ୍ୱପ୍ନ ଦେଖୁଛନ୍ତି। ତେବେ ସରକାର ସେମାନଙ୍କ ଦୁଃଖ ହୃଦୟଙ୍ଗମ କରିବା ପାଇଁ ପଡୋଶୀଙ୍କ ପକ୍ଷରୁ ନିବେଦନ କରାଯାଇଛି। ଏ ସମ୍ପର୍କରେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି ଆମେ ଏ ସମ୍ପର୍କରେ ଅବଗତ ହୋଇ ନ ଥିଲୁ। ବର୍ତ୍ତମାନ ଆବାସ ଖଣ୍ଡିଏ ଯୋଗାଇଦେବା ଅସମ୍ଭବ। ସରକାରୀ ସ୍କୁଲରେ ସେମାନେ ପାଠ ପଢୁଥିବାରୁ ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି। ସାନ ଭାଇ ରାଜେଶଙ୍କ ନାମ ଯଥାଶୀଘ୍ର ରାଶନ ତାଲିକାଭୁକ୍ତ କରାଯିବ। ସେହିଭଳି ପୋଡାଡିହ ସରପଞ୍ଚ ଲତା ସେଠୀ କହିଛନ୍ତି, ଆମେ ଏବେ ଆଠ ମାସ ତଳେ ପଞ୍ଚାୟତ ଦାୟିତ୍ୱ ନେଇଛୁ। ତଥାପି ବିଡିଓଙ୍କ ସହିତ ଆଲୋଚନା କରି ଅନାଥ ଏହି ପିଲାମାନଙ୍କୁ କି ପ୍ରକାର ସହାୟତା ଯୋଗାଇ ଦିଆଯାଇପାରିବ ଆମେ ବ୍ୟବସ୍ଥା କରିବୁ।

**୫ ମୋବାଇଲ ଜବତ, ଜଣେ ଗିରଫ**

ମଙ୍ଗୁଳି/ଜଗତପୁର(ଡ଼ି.ଏନ.ଏ): ଚୋରି ମୋବାଇଲ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ଖଇରାର ଯନ୍ତ୍ରୀ ଓରଫ କାହ୍ନୁ ପ୍ରଧାନ । ତାଙ୍କ ନିକଟରୁ ୫ଟି ଚୋରି ମୋବାଇଲ ପୋଲିସ ଜବତ କରିଛି। ଜଗତପୁର ଥାନା ଅଧିନସ୍ଥ ଟ୍ରକ ଟର୍ମିନାଲ ଅଞ୍ଚଳରେ କାହ୍ନୁ କିଛି ଦାମୀ ମୋବାଇଲ ଆଣି କମ ଦାମରେ ଲୋକମାନଙ୍କୁ ବିକ୍ରି କରୁଥିଲେ। ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ପାଟ୍ରୋଲିଂ କରୁଥିବା ଜଗତପୁର ଥାନା ଏସ୍ଆଇ ରାଧାକାନ୍ତ ସେଠୀଙ୍କୁ ଜଣାଇବାରୁ ସେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲେ। ଯୁବକ ଜଣଙ୍କ ମୋବାଇଲଗୁଡିକର ଠିକ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ୩ ଲକ୍ଷ ଟଙ୍କା ଆତ୍ମସାତ୍, ଚାଳକ ଗିରଫ

**କଟକ ସଦର,୨୨।୧୧(ଡି.ଏନ୍.ଏ.):** ମାଲିକଙ୍କଠାରୁ ୩ଲକ୍ଷ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ଚାଳକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ସାଲେପୁର ଅଞ୍ଚଳର ସ୍ମୃତି ରଞ୍ଜନ ସାମଲ(୩୮)। କନ୍ଦରପୁର ଅଞ୍ଚଳର ପ୍ରକାଶ ଚନ୍ଦ୍ର ମାହାଳି ନାମକ ବ୍ୟବସାୟୀ କଟକରୁ ସାମଗ୍ରୀ କିଣିବା ପାଇଁ ଫେବୃୟାରୀରେ ଚାଳକ ସାମଲଙ୍କୁ ୩ ଲକ୍ଷ ଟଙ୍କା ଦେଇଥିଲେ। ପରେ ସାମଲ ଉକ୍ତ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ପ୍ରକାଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୫/୨୨) ରୁଜୁ କରିଥିଲା। ଖବରପାଇ ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଘର ପାଖରୁ କାବୁ କରିଥିଲା।

### ଚୋରି ସାମଗ୍ରୀ ଜବତ, ୨ ଗିରଫ

**କଣ୍ଟାପଡା, ୨୨।୧୧(ଡି.ଏନ୍.ଏ.):** ଚୋରି ଅଭିଯୋଗରେ ଗୋବିନ୍ଦପୁର ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଧାନମଣ୍ଡଳ ଗ୍ରାମର ବବୁଲ ଓରଫ ରଣଜିତ୍ ରାଉତ ଓ ଭୋଲା ଓରଫ ତ୍ରିଲୋଚନ ଜେନା। ସେମାନଙ୍କଠାରୁ ଏକ ବାଇକ୍ ଓ ବିଦ୍ୟୁତ୍‌ଚାଳିତ ମୋଟର ଜବତ କରାଯାଇଛି। ଗୋବିନ୍ଦପୁର ଥାନା ଅଧୀନ ନେତକୁଣ୍ଡି ଗ୍ରାମର ଲକ୍ଷ୍ମଣ କୁମାର ବେହେରାଙ୍କ ଘରୁ ଗତ ଅକ୍ଟୋବର ୯ ତାରିଖରେ ଅଭିଯୁକ୍ତଦ୍ୱୟ ବାଇକ୍ ଓ ବିଦ୍ୟୁତ୍ ଚାଳିତ ମୋଟର ଚୋରିକରି ନେଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୪୪/୨୨) ରୁଜୁ କରିଛି।

### ୩୦ରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

**କଟକ ଅଫିସ, ୨୨।୧୧:** ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକୀ ପାଳନ ଅବସରରେ ପୁରାତନ ଛାତ୍ର ସଂସଦ ଓ ଇଂଲିଶ ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୩୦ ତାରିଖରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର ଅଫ୍ ୱିଜ୍‌ଡମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଥିବା ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ଏବଂ ସମାଲୋଚକ ପ୍ରଫେସର ସୌଭାଗ୍ୟ କୁମାର ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

### ଦୁର୍ଘଟଣା:୨ ଗୁରୁତର

**ମଙ୍ଗୁଳି/ଜଗତପୁର,୨୨।୧୧(ଡ଼ି.ଏନ୍.ଏ):** ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ହନୁମାନ ପେଟ୍ରୋଲ ପମ୍ପ ନିକଟସ୍ଥ ଏକ ଗାଡ଼ି ଶୋ'ରୁମ୍ ସମ୍ମୁଖରେ ସୋମବାର ରାତିରେ ଏକ ବାଇକ ଜଣେ ପଥଚାରୀଙ୍କୁ ଧକ୍କା ଦେବା ଫଳରେ ଉଭୟ ବାଇକ ଚାଳକ ଏବଂ ପଥଚାରୀ ଗୁରୁତର ହୋଇଛନ୍ତି। ଉଭୟଙ୍କ ପରିଚୟ ମିଳି ପାରିନାହିଁ। ଜଣେ ବ୍ୟକ୍ତି ରାସ୍ତାରେ ଚଣ୍ଡିଖୋଲ ପଟୁ କଟକ ଆଡକୁ ଚାଲି ଚାଲି ଯାଉଥିବା ସମୟରେ ହଠାତ ଜଣେ ନିଶାସକ୍ତ ଯୁବକ ବାଇକରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଛିଟିକି ଦଶ ଫୁଟ ଦୂରକୁ ପଡି ଗୁରୁତର ହୋଇ ବେହୋସ ହୋଇ ଯାଇଥିଲେ। ଖବର ପାଇ ହାଇୱେ ପେଟ୍ରୋଲିଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ପଠାଇଛି ।

### ଖବରଦାତାଙ୍କ ପରଲୋକ

**ଫୁଲନଖରା,୨୨।୧୧(ଡି.ଏନ୍.ଏ.):** ଦୈନିକ ଖବରକାଗଜ ପ୍ରମେୟର ଖବରଦାତା ସୁବାସ ଚନ୍ଦ୍ର ନାୟକ(୬୨)ଙ୍କର ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମରଶରୀର କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ବାସଭବନକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ଦୁଇପୁତ୍ର ଚିନ୍ମୟ ନାୟକ, ବିସ୍ମୟ ନାୟକଙ୍କ ସମେତ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଟ୍ୱିନ୍‌ସିଟି ପ୍ରେସ୍ କ୍ଲବର ଉପାଧ୍ୟକ୍ଷ ଟୁନା ଜେନା, ସଭାପତି ଅମିତ୍ କୁମାର ପରିଜା, କାର୍ଯ୍ୟକାରୀ ସଭାପତି ଚିନ୍ମୟ ମହାରଣା, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ପାତ୍ର, ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ ଓ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଚିନ୍ମୟ ମୁଖାଗ୍ନି ଦେଇଥିଲେ।

# ଧୂଳି ନ ଉଡ଼ିବାକୁ ୨୧ଲକ୍ଷ ଖର୍ଚ୍ଚ

**ସିଏମ୍‌ସିର ବାଲିଯାତ୍ରା ଖର୍ଚ୍ଚ ବିବରଣୀ**
- ମାଟି, ରାସ୍ତା ପାଇଁ ୨କୋଟି
- କର୍ପୋରେଟରଙ୍କୁ ଅନ୍ଧାରରେ ରଖୁଛି ସିଏମ୍‌ସି: ବିରୋଧୀ

**କଟକ ଅଫିସ,୨୨।୧୧**

ବାଲିଯାତ୍ରାରେ ଅନିୟମିତତା ଅଭିଯୋଗରେ ଜିଲା ପ୍ରଶାସନ ବିବାଦରେ ଥିବା ବେଳେ ଏବେ ଏହା ଭିତରକୁ ଟାଣି ହୋଇଆସିଛି କଟକ ମହାନଗର ନିଗମ(ସିଏମ୍‌ସି) । ବିରୋଧୀ କର୍ପୋରେଟର ଅଭିଯୋଗ କରିଛନ୍ତି ଯେ ଏହି ବାଲିଯାତ୍ରାରେ ପ୍ରାୟ ୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସିଏମ୍‌ସି ଏହାର ତିନି ଭାଗରୁ ଗୋଟିଏ ଭାଗର ରିର୍ପୋଟ ପ୍ରଦାନ କରିଛି । ବାଲିଯାତ୍ରାରେ ସମୁଦାୟ କେତେ ଟଙ୍କା ଖର୍ଚ୍ଚ ହୋଇଛି ସିଏମ୍‌ସି କର୍ପୋରେଟରମାନଙ୍କୁ ଖର୍ଚ୍ଚର ବିବରଣୀ ପ୍ରଦାନ କରୁନାହିଁ । ଏପରିକି ବାଲିଯାତ୍ରା ପାଇଁ ସିଏମ୍‌ସି ପକ୍ଷରୁ କରାଯାଇଥିବା ସବ୍ କମିଟିଗୁଡ଼ିକୁ ମଧ୍ୟ କୌଣସି ଗୁରୁତ୍ୱ ଦିଆଯାଇ ନାହିଁ । ସବ କମିଟିକୁ ଆୟ ଏବଂ ବ୍ୟୟକୁ ନେଇ ଅନ୍ଧାରରେ ରଖାଯାଉଛି ବୋଲି ଅଭିଯୋଗ ହେଉଛି ।

ସିଏମ୍‌ସି ପକ୍ଷରୁ କର୍ପୋରେଟରଙ୍କୁ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ବାଲିଯାତ୍ରାରେ ୩ କୋଟି ୩୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ବାଲିଯାତ୍ରା ପଡିଆରେ ବିଭିନ୍ନ କାର୍ଯ୍ୟ ପାଇଁ ବୁଲଡୋଜର, ହାଇଡ୍ରୋଲିକ୍ ଟିପ୍ପର ଏବଂ ଖନନକାରୀଙ୍କ ପାଇଁ ୧ ଲକ୍ଷ ୧୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ସେହିପରି ମୋରମ ବାବଦରେ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ତେବେ ସମୁଦାୟ ମାଟି ପକାଇବା ଏବଂ ରାସ୍ତା ଆଦି ନିର୍ମାଣ ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ଯାତ୍ରା ସମୟରେ ଧୂଳି ନଉଡ଼ିବା ପାଇଁ କେମିକାଲ ସିଞ୍ଚନ କରାଯାଉଥିବା କୁହାଯାଇଥିଲା। ହେଲେ ଏହାର ସେଭଳି କୌଣସି ପରିଣାମ ଦେଖିବାକୁ ମିଳିନଥିଲା। ତଳ ପଡିଆରେ କୌଣସି ପ୍ରକାରର ସିଞ୍ଚନ କରାଯାଇ ନଥିବା ବେଳେ ଉପର ପଡିଆରେ ଓରମାସ ପରିସରରେ ସବୁଜ ରଙ୍ଗ କପଡାରେ ଭୂମିକୁ ଘୋଡା ଯାଇଥିଲା। ଆଉ ବାକି ଖାଲି ପଡିଥିବା ସ୍ଥାନରେ କେମିକାଲ ସିଞ୍ଚନ କରାଯାଉଥିଲା। ଏଥିପାଇଁ ୨୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି 'କଟକ ଇନ କଟକ' ପରିସରରେ ଗଛ ଚାରି ପାଖରେ ପିଣ୍ଡି ନିର୍ମାଣ ପାଇଁ ୧୫ ଲକ୍ଷ, ଅସ୍ଥାୟୀ ଷ୍ଟଲ ନିର୍ମାଣ ପାଇଁ ୩୦ ଲକ୍ଷ, ଇଲେକ୍ଟ୍ରି କାର୍ଯ୍ୟ ପାଇଁ ୭୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ତେବେ ଏନେଇ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ କହିଛନ୍ତି ସିଏମସି କର୍ତ୍ତୃପକ୍ଷ ଦେଇଥିବା ତଥ୍ୟ ଅନୁଯାୟୀ ଧୂଳି ନ ଉଡିବା ପାଇଁ ୨୧ ଲକ୍ଷ ଖର୍ଚ୍ଚ ହୋଇଥିଲା ଯାହା ଅବିଶ୍ୱସନୀୟ। ସିଏମ୍‌ସି ଅଧିକ ଖର୍ଚ୍ଚ ଦେଖାଉଥିବା ବୋଲି ଭୋଳ ଅଭିଯୋଗ କରିବାସହ କେବଳ ଏହାର ତଦନ୍ତ ନୁହେଁ ବରଂ ଆୟ ଏବଂ ବ୍ୟୟ ଉପରେ ଏକ ସ୍ୱତନ୍ତ୍ର ଅଡିଟ୍ ମଧ୍ୟ କରାଯାଉ ବୋଲି ସେ ଦାବି କରିଛନ୍ତି।

ସେହିଭଳି ଭାଜପା କର୍ପୋରେଟର ଗୋପାଳ ବେହେରା ଅଭିଯୋଗ କରିଛନ୍ତି ଯେ ସିଏମସି ଏଥିରେ ଅନାବଶ୍ୟକ ଖର୍ଚ୍ଚ କରିଛି । ବାଲିଯାତ୍ରା ପଡିଆ ସଫା କରିବା ପାଇଁ ସିଏମ୍‌ସି ଏକ ଘରୋଇ ଏଜେନ୍ସିକୁ ନିୟୋଜିତ କରିଥିବାବେଳେ ୱାର୍ଡ ସଫେଇ କର୍ମୀଙ୍କୁ ଏଥିରେ ନିୟୋଜିତ କରିବା ସହ ଆବର୍ଜନା ପରିବହନ ପାଇଁ ଏଜେନ୍ସି ଦ୍ୱାରା ସିଏମ୍‌ସି ଗାଡି ବ୍ୟବହାର କରାଯାଇଛି। କଟକ ପାଇଁ ଗର୍ବର ବିଷୟ ଯେ ପ୍ରସିଦ୍ଧ ବାଲିଯାତ୍ରା ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଥିଲା। କିନ୍ତୁ ରେକର୍ଡ ସୃଷ୍ଟି କରିବାରେ ବ୍ୟୟବରାଦର ସବିଶେଷ ତଥ୍ୟ ଲୋକମାନେ ଜାଣିବା ଉଚିତ ବୋଲି କର୍ପୋରେଟର କହିଛନ୍ତି। ତେବେ ଦିଆଯାଇଥିବା ରିପୋର୍ଟରେ ଡଙ୍ଗା ତିଆରି ଓ ଲେଜର ଲାଇଟ ଶୋ ବାବଦକୁ କେତେ ଖର୍ଚ୍ଚ ହୋଇଛି ତଥ୍ୟ ଦେଇନାହିଁ। କେବଳ ବିରୋଧୀ ଦଳର ନୁହନ୍ତି, ଶାସକ ଦଳର କିଛି କର୍ପୋରେଟର ମଧ୍ୟ ଏନେଇ ପ୍ରଶ୍ନ ଉଠାଇଛନ୍ତି। ଏନେଇ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଏସବୁ ଅଭିଯୋଗ ଭିତ୍ତିହୀନ। ଆୟବ୍ୟୟର ତଥ୍ୟ କିମ୍ବା ଏ ସମ୍ପର୍କିତ ସଫେଇ ପ୍ରଶାସନିକ ଅଧିକାରୀ ଦେବେ। ମୁଁ କିଛି କହିପାରିବି ନାହିଁ।



କଟକ ବାଲିଯାତ୍ରା ଗୁରୁବାର ଶେଷ ହୋଇଥିଲେ ମଧ୍ୟ ମଙ୍ଗଳବାର ସୁଦ୍ଧା ପଡ଼ିଆରେ ଆବର୍ଜନା ଜମି ରହିଛି। (ଫଟୋ: ରାଜ କିଶୋର ମହାନ୍ତି)

## ପଦ୍ମିନୀ କେୟାରରେ 'ପିଠା ପସରା'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ। (ଫଟୋ: ରାଜ କିଶୋର ମହାନ୍ତି)

**କଟକ ଅଫିସ, ୨୨।୧୧**

କଟକ ଜିଲା ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ପରମ୍ପରାଭିତ୍ତିକ ନିଆରା କାର୍ଯ୍ୟକ୍ରମ 'ପିଠା ପସରା' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲ କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ନାନା ପ୍ରକାର ସୁସ୍ୱାଦୁ ପିଠା ଓ ମିଠା ପ୍ରଦର୍ଶିତ ହୋଇଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି ରୁଚିପୂର୍ଣ୍ଣ ପ୍ରୟାସ ପାଇଁ ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ଏଥିରେ ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ଚିତ୍ତପ୍ରକାଶ ଦାସ, ଶକ୍ତି ପ୍ରସାଦ ଦାସ, ପ୍ରତିମା ମିଶ୍ର, ଡା. ହିମାଂଶୁ ମିଶ୍ର, ବିପ୍ଲବୀ ଦାସ, ଆତ୍ମାରଞ୍ଜନ ଦାଶ, ଅର୍ପିତା ଆଚାର୍ଯ୍ୟ. ସୁପ୍ରଭା ଜେନା, ବିନୟ ଜୟସ୍ୱାଲ, ବର୍ଣ୍ଣାଂଶୁ ପଟ୍ଟନାୟକ, ଡା. ରାଜେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ସାରଦା ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ।

## ଜିଲାପାଳଙ୍କ ନାଁରେ ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ

**କଟକ ଅଫିସ, ୨୨।୧୧**




କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନାଁରେ ପୁଣି ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ। ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ ନମ୍ବର ୬୩୯୭୧୨୪୬୪୪ରେ କେହି ଦୁର୍ବୃତ୍ତ ଉକ୍ତ ଆକାଉଣ୍ଟ ଖୋଲିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଚୟନୀ କହିଛନ୍ତି, ନକଲି ନମ୍ବର ଜରିଆରେ ବିଭ୍ରାନ୍ତି ସୃଷ୍ଟି କରିବାକୁ ଉଦ୍ୟମ କରାଯାଇଛି। ଏଣୁ ଉକ୍ତ ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟକୁ ପ୍ରତ୍ୟାଖ୍ୟାନ କରିବା ସହ ନମ୍ବରଟିକୁ ବ୍ଲକ କରିବାକୁ ଜିଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୪ ମାସ ତଳେ ମଧ୍ୟ ଜିଲାପାଳଙ୍କ ନାଁରେ ୭୬୯୭୬୯୧୮୧୫୧ ନମ୍ବରରେ ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲାଯାଇଥିଲା। ଆମାଜନ ଗିଫ୍ଟ ଭାଉଚର କିଣିବା ପାଇଁ ସଜେସନ ଦିଆଯାଇଥିଲା। ଏ ସମ୍ପର୍କରେ ଜିଲାପାଳ ଜାଣିବା ପରେ ସାଇବର ଥାନାରେ ଏତଲା ଦେଇଥିଲେ।

## 'ବିଜ୍ଞାନକୁ ଓଡ଼ିଆରେ ଅନୁବାଦ କରିବାରେ ହରିହରଙ୍କ ଅବଦାନ ଅତୁଳନୀୟ'

**ବୈଜ୍ଞାନିକ ହରିହର ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ**

**କଟକ ଅଫିସ, ୨୨।୧୧**

ବୈଜ୍ଞାନିକ, ଶିକ୍ଷାବିତ୍ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ୧୭ତମ ଶ୍ରାଦ୍ଧୋତ୍ସବ କଟକ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡ. ହରିହର ପଟ୍ଟନାୟକ ସ୍ମୃତି ସଂସଦ ସଭାପତି ପଦ୍ମନାଭ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ସୁଦର୍ଶନ ପଟ୍ଟନାୟକ ଯୋଗଦେଇ କହିଥିଲେ, ପଟ୍ଟନାୟକ ପ୍ରଥମେ ରେଭେନ୍ସା କଲେଜରେ ଅଧ୍ୟାପକ ଭାବେ ଶିକ୍ଷକତା ଆରମ୍ଭ କରିଥିଲେ। ପରେ ସେ ପିଏଚ୍‌ଡି ପାଇଁ ଲଣ୍ଡନ ଯାଇଥିଲେ। ସେଠାରେ ୩ ବର୍ଷ ପର୍ଯ୍ୟନ୍ତ ନୀଳ ହରିତ୍ ଶୈବାଳ ଉପରେ ଗବେଷଣା କରିଥିଲେ। ଏହାବାଦ୍ ବିଜ୍ଞାନକୁ ଓଡ଼ିଆ ଭାଷାରେ ଅନୁବାଦ କରି ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ପଟ୍ଟନାୟକ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଡ. ସତ୍ୟ ରାୟ ଯୋଗଦେଇ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦିଲ୍ଲିପ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଓ ଭୁବନାନନ୍ଦ ମହାନ୍ତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚୌଧୁରୀ ଶରତ ଚନ୍ଦ୍ର ଦାସ, ରଘୁନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ସୁଭାଷ ଚନ୍ଦ୍ର ସାହୁ, ବିଚିତ୍ରାନନ୍ଦ ମିଶ୍ର, ଡା. ଜ୍ଞାନେନ୍ଦ୍ର ନାଥ ମହାନ୍ତି, ଡା. କଲ୍ୟାଣୀ ମହାନ୍ତି, ଇଂ. ଯଦୁନାଥ ମହାପାତ୍ର ଓ କର୍ପୋରେଟର ବନଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାଗା ମିଶନ ଯୋଜନାରେ ବସ୍ତିବାସିନ୍ଦାଙ୍କୁ ମିଳିବ ଭୂମି ଅଧିକାର

**କଟକ ଅଫିସ, ୨୨।୧୧**



କାର୍ଯ୍ୟକ୍ରମରେ ମେୟର, କମିଶନର ଓ ଅନ୍ୟମାନେ। (ଫଟୋ: ରାଜ କିଶୋର ମହାନ୍ତି)

- ଖୁବ୍‌ଶୀଘ୍ର ୨୬୩ ବସ୍ତିରେ ସର୍ଭେ ଆରମ୍ଭ
- ଗଠନ ହେବ ୱାର୍ଡ କମିଟି

ଜାଗା ମିଶନ ଯୋଜନାରେ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଯୋଗାଇ ଦେବା ପାଇଁ ଖୁବ୍‌ଶୀଘ୍ର ସର୍ଭେ ଆରମ୍ଭ ହେବ। ମୋଟ ୨୬୩ ବସ୍ତିରେ ଏହି ସର୍ଭେ କାର୍ଯ୍ୟ କରାଯିବ। ଏ ନେଇ ମଙ୍ଗଳବାର ସିଏମ୍‌ସି ବିଜୁ ଭବନରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ଯୋଗଦେଇ ହିତାଧିକାରୀମାନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ସହଜରେ ଯୋଗାଇ ଦିଆଯିବା ଉପରେ ଆଲୋଚନା କରିଥିଲେ। ଏହାଛଡା ଆଗକୁ ହେବାକୁ ଥିବା ସର୍ଭେ ପାଇଁ କେଉଁ ନିୟମାବଳୀ ଅନୁସରଣ କରାଯିବ ତାହା ସ୍ପଷ୍ଟ କରାଯାଇଥିଲା। ବିଶେଷକରି କାର୍ଯ୍ୟକ୍ରମରେ ନିୟୋଜିତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଭୂମିକା କ'ଣ ରହିବ, ରାଜସ୍ୱ ଆଇନକୁ ନେଇ ହିତାଧିକାରୀଙ୍କୁ ସୁହାଇଲା ଭଳି କିପରି ଜମିର କିସମ ଧାର୍ଯ୍ୟ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏତଦ୍‌ବ୍ୟତୀତ କାର୍ଯ୍ୟକୁ ଅଧିକ ସରଳ କରିବା ପାଇଁ ୱାର୍ଡ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କମିଟିରେ ୱାର୍ଡ ଅଫିସର, ସିଓ, ଆର୍‌ଆଇ, ସିଏମ୍‌ଏମ୍‌ୟୁ ସଦସ୍ୟ ସ୍ଥାନ ପାଇବେ । ସେମାନେ ଉକ୍ତ କାର୍ଯ୍ୟକୁ ତଦାରଖ କରିବେ । ପ୍ରକୃତ ହିତାଧିକାରୀ ଯେଭଳି ସୁବିଧା ପାଇବେ ତାହା ଉକ୍ତ କମିଟି ସ୍ଥିର କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜାଗା ମିଶନ ଟିମ୍ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲା। ଏଥିରେ ଜାଗା ମିଶନର ଅତିରିକ୍ତ ନିର୍ଦ୍ଦେଶକ ସୌରେନ୍ଦ୍ର ରାଉତରାୟ, ଓଏସ୍‌ଡି ସଞ୍ଜୟ ରାଉତ, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜମି ପଟ୍ଟା ଦେଖାଇ ଟଙ୍କା ହଡ଼ପ, ୨ ଗିରଫ

**ଫୁଲନଖରା,୨୨।୧୧(ଡି.ଏନ୍.ଏ.)**

ଅନ୍ୟ ଜଣଙ୍କ ଜମି ପଟ୍ଟାକୁ ନିଜ ଲୋକର କହି ସମ୍ପର୍କୀୟ ମାଉସୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଠକିନେଲା ପୁତୁରା। ଏ ନେଇ ଅଭିଯୋଗ ହେବା ପରେ କଟକ ସଦର ପୋଲିସ ଦୁଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ଗୋପୀନାଥ ନଗରର ଅଞ୍ଜଳି ମହାରଣା ଓ ଏହି ଥାନା ଅଧିନସ୍ଥ ଶ୍ରୀହରି ବିହାର କଲୋନୀର ସୌମ୍ୟରଞ୍ଜନ ନାୟକ। ଏହି ଥାନା ଅଧୀନ ସୁଭଦ୍ରାପୁର ଗ୍ରାମର ଭବାନୀ ବେଉରା ଗତ ଅଗଷ୍ଟ ୮ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ସେ ଜମି ବିକ୍ରୟ କରି ୨୦ ଲକ୍ଷ ଟଙ୍କା ରଖିଥିଲେ। ଏ କଥା ତାଙ୍କ ସମ୍ପର୍କୀୟ ପୁତୁରା ସୌମ୍ୟରଞ୍ଜନ ନାୟକ ଜାଣିଥିଲେ। ଏହାପରେ ସୌମ୍ୟରଞ୍ଜନ ତାଙ୍କ ସମ୍ପର୍କୀୟ ମାଉସୀଙ୍କୁ ଜଟଣୀରେ ଜାଗା କିଣିବା ପାଇଁ କହି ପୂର୍ବରୁ ଅଞ୍ଜଳି ମହାରଣା ନାମକ ଜଣେ ମହିଳାଙ୍କ ସହ ଯୋଗାଯୋଗ କରିଥିଲେ। ଅଞ୍ଜଳି ଅନ୍ୟ ଜଣେ ଲୋକଙ୍କ ଜମିପଟ୍ଟା ସଂଗ୍ରହ କରିଥିଲେ। ଉଭୟ ଅଞ୍ଜଳି ଓ ଗୋପୀନାଥ ସୁଭଦ୍ରାପୁରରେ ରହୁଥିବା ଭବାନୀ ବେଉରାଙ୍କ ଘରକୁ ଆସିଥିଲେ। ଅଞ୍ଜଳି ଉକ୍ତ ପଟ୍ଟାକୁ ଦେଖାଇ ଏହା ତାଙ୍କ ବାପାଙ୍କ ଜମି ପଟ୍ଟା ବୋଲି କହି ଭବାନୀଙ୍କୁ କିଣିବା ପାଇଁ କହିଥିଲେ। ଭବାନୀ ଏହି ପ୍ରସ୍ତାବରେ ରାଜି ହୋଇ ୪ ଲକ୍ଷ ନଗଦ ଟଙ୍କା ଆକାରରେ ଓ ୬ ଲକ୍ଷ ଟଙ୍କା ବ୍ୟାଙ୍କ ପାସ୍‌ବୁକ ମାଧ୍ୟମରେ ଦେଇଥିଲେ। ଅଭିଯୁକ୍ତ ଦ୍ୱୟ ଜମି ଦେବା ପାଇଁ ଏକ ସ୍ୱୀକାରୋକ୍ତି ପତ୍ର ପ୍ରଦାନ କରିଥିଲେ। ଟଙ୍କା ନେଇ ବହୁ ଦିନ ଧରି ଜମି ନ ଦେବାରୁ ଭବାନୀ ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ଏସ୍‌ଆଇ ପି. କେ ସାସମଲ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ।

## ପୁସ୍ତକ ପଠାଇ ଛାତ୍ରୀଙ୍କୁ ଉତ୍ସାହିତ କଲେ ୫-ଟି ସଚିବ

**କଟକ ଅଫିସ, ୨୨।୧୧**

୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ଦ୍ୱାରା ପ୍ରେରିତ ଫ୍ୟାଶନ୍ ଡିଜାଇନ୍ ସମ୍ପର୍କିତ ଏକ ପୁସ୍ତକ ବାଦାମବାଡି ନିଉ କଲୋନୀ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଶ୍ରୁତିକା ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପଓ୍ୱନ କଲ୍ୟାଣ ଉକ୍ତ ପୁସ୍ତକକୁ ମଙ୍ଗଳବାର ଶ୍ରୁତିକାଙ୍କୁ ପ୍ରଦାନ କରିଛନ୍ତି। ଗତ ୧୮ ତାରିଖରେ ତୃତୀୟ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ୨୦ଟି ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟକୁ ଭିଡିଓ କନ୍‌ଫରେନ୍ସି ଜରିଆରେ ୫-ଟି ସଚିବ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ୫ ଜଣ ପିଲାଙ୍କ ସହ କଥା ହୋଇ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଶ୍ରୁତିକା ଯେପରି ଢଙ୍ଗରେ ଭବିଷ୍ୟତର ସ୍ୱପ୍ନକୁ ନେଇ ବଖାଣିଥିଲେ ତାହା ପାଣ୍ଡିଆନ୍‌ଙ୍କୁ ଭାବବିହ୍ୱଳ କରିଥିଲା। ତାଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୁତିକା କହିଥିଲେ, ମୁଁ ଫ୍ୟାଶନ୍ ଡିଜାଇନର ହେବାକୁ ଚାହୁଁଛି। ଫଳରେ ତାଙ୍କୁ ଉତ୍ସାହିତ କରିବା ପାଇଁ ପାଣ୍ଡିଆନ୍ ଉକ୍ତ ପୁସ୍ତକ ପଠାଇଥିଲେ। ଏହି ପୁସ୍ତକ ଗ୍ରହଣ କରି ଶ୍ରୁତିକା କହିଛନ୍ତି, ଏହି ଘଟଣା ତାଙ୍କ ଜୀବନରେ ଅବିସ୍ମରଣୀୟ ହୋଇ ରହିବ।



ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ଛାତ୍ରୀ ଶ୍ରୁତିକା ସ୍ୱାଇଁଙ୍କୁ ପୁସ୍ତକ ପ୍ରଦାନ କରୁଛନ୍ତି।

## ଯୋଜନା ସମ୍ବନ୍ଧରେ ଜ୍ଞାନ ଆହରଣ କରନ୍ତୁ ଜନପ୍ରତିନିଧି

**କଟକ ଅଫିସ, ୨୨।୧୧**



ବୈଠକରେ କଟକ ଏମ୍‌ପି, ଜିଲାପାଳ ଓ ବିଧାୟକଙ୍କ ସହ ଅନ୍ୟମାନେ। (ଫଟୋ: ରାଜ କିଶୋର ମହାନ୍ତି)

**ଚତୁର୍ଥ ଜିଲା ପରିଷଦ ବୈଠକ**

କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚତୁର୍ଥ ଜିଲା ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କଲେ ଜନପ୍ରତିନିଧିମାନେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବେ। ଲୋକହିତକର କାର୍ଯ୍ୟ କରିବା ପୂର୍ବରୁ ସମ୍ପୃକ୍ତ ପକ୍ଷମାନଙ୍କ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷାପୂର୍ବକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ। ଫଳରେ ବିକାଶର ଧାରା ତ୍ୱରାନ୍ୱିତ ହୋଇପାରିବ। ଏଥିସହ ଯୁବ ପ୍ରତିନିଧିଙ୍କ ସମ୍ପୃକ୍ତିରେ ବିକାଶ ଧାରାକୁ ଇନ୍ଧନ ଦିଆଯାଇପାରିବ। ଜନପ୍ରତିନିଧିମାନେ ଯେକୌଣସି ଯୋଜନାର ବ୍ୟୟ ଅଟକଳ ସମ୍ବନ୍ଧରେ ସବିଶେଷ ଜ୍ଞାନ ଆହରଣ କରିବା ବିଧେୟ। ଫଳରେ ଯୋଜନାକୁ ସଫଳ ଭାବେ ପ୍ରଣୟନ କରିବାରେ ବାଧା ଉପୁଜିବ ନାହିଁ। ଜନପ୍ରତିନିଧିମାନଙ୍କ କାର୍ଯ୍ୟପଦ୍ଧତି ପ୍ରଶିକ୍ଷଣ ଉପରେ ମହତାବ ଗୁରୁତ୍ୱ ଦେଇଥିଲେ। ସେହିପରି ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ କହିଥିଲେ, ଗ୍ରାମାଞ୍ଚଳର ବିକାଶ ପାଇଁ ଜିଲା ପରିଷଦ ଏକ ପ୍ରମୁଖ ପ୍ରତିଷ୍ଠାନ। ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ବାସ୍ତବତାକୁ ହୃଦୟଙ୍ଗମ କରି ଲୋକାଭିମୁଖୀ ଯୋଜନାଗୁଡିକର ସଫଳ ରୂପାୟନ ଦିଗରେ ପୂର୍ଣ୍ଣ ସହଯୋଗ କରିବାର ଆବଶ୍ୟକତା ରହିଛି। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଜନପ୍ରତିନିଧିମାନେ ଜିଲା ପ୍ରଶାସନର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ପ୍ରଗତିର ଧାରାକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ବୈଠକରେ ଶିକ୍ଷା, କୃଷି, ଜଳସେଚନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, କଟକ ସଦର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଉଡ୍ ଫେଷ୍ଟ: କ୍ଷେତ୍ର ପ୍ରସ୍ତୁତି ସମୀକ୍ଷା କଲେ ବିଡିଏ ଉପାଧ୍ୟକ୍ଷ

ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)- ରାଜଧାନୀକୁ ପୁଣି ଫେରୁଛି ଉଡ୍ ଫେଷ୍ଟ। ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡିଆରେ ଜାନୁଆରୀ ୧୫ରୁ ୨୯ ତାରିଖ ୧୫ ଦିନ ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିବେ ରାଜଧାନୀବାସୀ। ପୂର୍ବବର୍ଷ ଅପେକ୍ଷା ଏଥର ଆହୁରି ରଙ୍ଗିନ ଓ ଆକର୍ଷଣୀୟ କାର୍ଯ୍ୟକ୍ରମ କରିବାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି। ଉଡ୍ ଫେଷ୍ଟ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ସରିଥିବାବେଳେ ଏବେ ସଂସ୍ଥା ଚୟନ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଉତ୍ସବରେ ହେବାକୁ ଥିବା ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ପରିଚାଳନା ଓ ପାର୍କିଂ ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଡିଏ, କମିଶନରେଟ ପୋଲିସ୍, କ୍ୟାପିଟାଲ ହାଇସ୍କୁଲ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ମଧୁସୂଦନ ମାର୍ଗ, ଇଡ୍କୋ ପ୍ରଦର୍ଶନୀ ପଡ଼ିଆ, କ୍ୟାପିଟାଲ ହାଇସ୍କୁଲରେ ପ୍ରସ୍ତୁତିର ସମୀକ୍ଷା କରାଯାଇଛି।

### ୧୩ ନଂ ୱାର୍ଡରେ ଆଧାର କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ୱାର୍ଡ ନଂ. ୧୩ରେ ଏକ ଆଧାର କାର୍ଡ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବିଡିଏ କଲୋନୀ ୱାର୍ଡ ଅଫିସଠାରେ ମେୟର ସୁଲୋଚନା ଦାସଙ୍କ ଉପସ୍ଥିତିରେ ମଙ୍ଗଳବାର ଏହି କେନ୍ଦ୍ର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସ, ସାମାଜିକ କର୍ମୀ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ଦାଶ ଏବଂ ଆମ୍ବିଶନ କ୍ଲବର ସଦସ୍ୟ ରତିକାନ୍ତ ଦାସ, ବିଜୟ ଶ୍ରୀଚନ୍ଦନ, ଦୀପକ ଘଡ଼େଇ, ଆକାଶ ନାୟକ, ମଜର ଖାଁ, ମିଳନ ଜେନା ଓ ଦେବୀଦତ୍ତ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି)ର ମହିଳା, ବରିଷ୍ଠ ନାଗରିକ, ଯୁବକ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ଆଧାର କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ୱାର୍ଡବାସୀ ଓ ଅଞ୍ଚଳର ଲୋକ ଉପକୃତ ହେବା ନେଇ ଆଶା ରଖିଥିବା କର୍ପୋରେଟର ଇତିଶ୍ରୀ ଦାସ କହିଛନ୍ତି।

### ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)-ରୋଟାରୀ କ୍ଲବ୍ କଳିଙ୍ଗ ଆନୁକୂଲ୍ୟରେ ନାଗେଶ୍ୱର ଟାଙ୍ଗି ଗୋଷ୍ଠୀ କେନ୍ଦ୍ରଠାରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ବିଏମ୍‌ସି ମେୟର ସୁଲୋଚନା ଦାସ ଏହି ଶିବିରକୁ ଉଦଘାଟନ କରିଥିବାବେଳେ ୱାର୍ଡ-୫୪ର କର୍ପୋରେଟର ନୃପେଶ ନାୟକ, କ୍ଲବର ସଭାପତି ମନୀନ୍ଦ୍ର କୁମାର ପାଣିଗ୍ରାହୀ, ସମ୍ପାଦକ ତ୍ରିଲୋକ ରଞ୍ଜନ ଦାଶ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ୧୧୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାଇବେଟିସ୍, ଇସିଜି, ବ୍ଲଡ୍ ପ୍ରେସର ଆଦି ପରୀକ୍ଷା କରାଯିବା ସହ ଆବଶ୍ୟକ ଔଷଧର ପରାମର୍ଶ ଦିଆଯାଇଥିଲା। କ୍ଲବ୍ ପକ୍ଷରୁ ସମସ୍ତ ଡାକ୍ତର ତଥା କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅନ୍ୟଜଣଙ୍କ ଜମି ପଟ୍ଟା ଦେଖାଇ ଟଙ୍କା ହଡ଼ପ

### ମାଉସୀଠାରୁ ୧୦ଲକ୍ଷ ଠକିନେଲା ପୁତୁରା

ଫୁଲନଖରା, ୨୨।୧୧(ଡି.ଏନ୍.ଏ.)- ଅନ୍ୟ ଜଣଙ୍କ ଜମି ପଟ୍ଟାକୁ ନିଜ ଲୋକର କହି ସମ୍ପର୍କୀୟ ମାଉସୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଠକିନେଲା ପୁତୁରା। ଏ ନେଇ ଅଭିଯୋଗ ହେବା ପରେ କଟକ ସଦର ପୋଲିସ ଦୁଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ଗୋପୀନାଥ ନଗରର ଅଞ୍ଜଳି ମହାରଣା ଓ ଏହି ଥାନା ଅଧିନସ୍ଥ ଶ୍ରୀହରି ବିହାର କଲୋନୀର ସୌମ୍ୟରଞ୍ଜନ ନାୟକ। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ ସୁଭଦ୍ରାପୁର ଗ୍ରାମର ଭବାନୀ ବେଉରା ଗତ ଅଗଷ୍ଟ ୮ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ସେ ଜମି ବିକ୍ରୟ କରି ୨୦ ଲକ୍ଷ ଟଙ୍କା ରଖିଥିଲେ। ଏ କଥା ତାଙ୍କ ସମ୍ପର୍କୀୟ ପୁତୁରା ସୌମ୍ୟରଞ୍ଜନ ନାୟକ ଜାଣିଥିଲେ। ଏହାପରେ ସୌମ୍ୟରଞ୍ଜନ ତାଙ୍କ ସମ୍ପର୍କୀୟ ମାଉସୀଙ୍କୁ ଜଟଣୀରେ ଜାଗା କିଣିବା ପାଇଁ କହି ପୂର୍ବରୁ ଅଞ୍ଜଳି ମହାରଣା ନାମକ ଜଣେ ମହିଳାଙ୍କ ସହ ଯୋଗାଯୋଗ କରିଥିଲେ। ଅଞ୍ଜଳି ଅନ୍ୟ ଜଣେ ଲୋକଙ୍କ ଜମିପଟ୍ଟା ସଂଗ୍ରହ କରିଥିଲେ। ଉଭୟ ଅଞ୍ଜଳି ଓ ଗୋପୀନାଥ ସୁଭଦ୍ରାପୁରରେ ରହୁଥିବା ଭବାନୀ ବେଉରାଙ୍କ ଘରକୁ ଆସିଥିଲେ। ଅଞ୍ଜଳି ଉକ୍ତ ପଟ୍ଟାକୁ ଦେଖାଇ ଏହା ତାଙ୍କ ବାପାଙ୍କ ଜମି ପଟ୍ଟା ବୋଲି କହି ଭବାନୀଙ୍କୁ କିଣିବା ପାଇଁ କହିଥିଲେ। ଭବାନୀ ଏହି ପ୍ରସ୍ତାବରେ ରାଜି ହୋଇ ୪ ଲକ୍ଷ ନଗଦ ଟଙ୍କା ଆକାରରେ ଓ ୬ ଲକ୍ଷ ଟଙ୍କା ବ୍ୟାଙ୍କ ପାସବୁକ ମାଧ୍ୟମରେ ଦେଇଥିଲେ। ଅଭିଯୁକ୍ତ ଦ୍ୱୟ ଜମି ଦେବା ପାଇଁ ଏକ ସ୍ୱୀକାରୋକ୍ତି ପତ୍ର ପ୍ରଦାନ କରିଥିଲେ। ଟଙ୍କା ନେଇ ବହୁ ଦିନ ଧରି ଜମି ନ ଦେବାରୁ ଭବାନୀ ସଦର ଥାନାରେ ଅଭିଯୋଗ କରିଥିଲେ।

# ଓଏଚ୍‌ଆର୍‌ସି ଦ୍ୱାରସ୍ଥ ହେଲେ ରାଗିଂ ଶିକାର ଛାତ୍ରୀ

## ମିଳିମିଶି ମୋତେ ପରୀକ୍ଷାରୁ ବଞ୍ଚିତ କରାଇଲେ : ରୋଜାଲିନ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ରାଗିଂ ଘଟଣା ଥମିବାର ନାଁ ନେଉ ନାହିଁ। ଥାନାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ହାତ ଯାକି ବସିଛି। କଲେଜ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ସମସ୍ତେ ମିଶି ଘଟଣାକୁ ଚାପିବାକୁ ଚେଷ୍ଟା କରୁଛନ୍ତି ଏବଂ ମୋ ଭବିଷ୍ୟତ ନଷ୍ଟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ରାଗିଂର ଶିକାର ରୋଜାଲିନ ବିଶ୍ୱାଳ। ଗତ ୧୨ତାରିଖରେ ତାଙ୍କର ପରୀକ୍ଷା ଥିବାବେଳେ ତାଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯାଇଛି। ଶେଷରେ ନ୍ୟାୟ ପାଇଁ ରୋଜାଲିନ ମଙ୍ଗଳବାର ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ରୋଜାଲିନ ଯୁକ୍ତ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗରେ ପାଠ ପଢ଼ିବା ସହ କଲେଜ ପରିସରରେ ଥିବା ଯୁବଜ୍ୟୋତି ହଷ୍ଟେଲରେ ରୁହନ୍ତି। କଲେଜର ଦୁଇ ସିନିଅର ଛାତ୍ରୀ ରୋଜାଲିନକୁ ୩ମାସ ଧରି ରାଗିଂ କରିବା ସହ ଚାରି ଜଣ ପୁରୁଷ ବନ୍ଧୁଙ୍କ ସହାୟତାରେ ଗାଳିଗୁଲଜ, ଧମକ ସହ ନାନା ନିର୍ଯାତନା ଦେଉଥିଲେ। ଗତ ଅକ୍ଟୋବର ୩୦ରେ ରାଗିଂ ଅସହ୍ୟ ହେବାରୁ ରୋଜାଲିନ ତାଙ୍କ ପାରିବାର ସଦସ୍ୟଙ୍କୁ ଡାକି ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ପରିବାର ସଦସ୍ୟ ଏନେଇ ନିମାପଡ଼ା ଥାନା ଅଧିକାରୀଙ୍କୁ ଫୋନ୍‌ରେ ଜଣାଇବା ପରେ ତାଙ୍କ ପରାମର୍ଶ ଅନୁସାରେ ରୋଜାଲିନ ଓ ତାଙ୍କ ଭଉଣୀ କଲେଜ ସହ ଥାନାରେ ଅଭିଯୋଗ କରିଥିଲେ। ହେଲେ କଲେଜ କର୍ତ୍ତୃପକ୍ଷ ଓ ପୋଲିସ ନିରବଦ୍ରଷ୍ଟା ସାଜିବାରୁ ପୀଡ଼ିତା ପୁନର୍ବାର ନଭେମ୍ବର ୪ରେ ଥାନାରେ ଅଭିଯୋଗ କରିଲେ। କିନ୍ତୁ ସମ୍ପୃକ୍ତ ୪ଜଣ ଯୁବକଙ୍କୁ ଲୁଚାଇ ଉକ୍ତ ଛାତ୍ରୀଙ୍କ ସହିତ ସମାଧାନ କରିବାକୁ ଥାନା ଅଧିକାରୀ କହିବାରୁ ପୀଡ଼ିତା ଏସ୍‌ପି ଓ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କେହିହେଲେ ନ୍ୟାୟ ଦେଲେ ନାହିଁ। ଏବେ କଲେଜ କର୍ତ୍ତୃପକ୍ଷ, ପୋଲିସ ମିଳିମିଶି ତାଙ୍କୁ ହଇରାଣ କରୁଥିବାରୁ ଭବିଷ୍ୟତକୁ ନେଇ ସେ ମାନସିକ ସ୍ତରରେ ଭାଙ୍ଗିପଡିଛନ୍ତି। ଓଏଚ୍‌ଆର୍‌ସି ତାଙ୍କୁ ନ୍ୟାୟ ଦେବେ ବୋଲି ରୋଜାଲିନ ଆଶାବ୍ୟକ୍ତ କରିଛନ୍ତି।



ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ମଙ୍ଗଳବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି।

# ସ୍କୁଲରେ ଚାକିରି ଦେବା ଆଳରେ ୧୨ ଲକ୍ଷ ଠକେଇ, ଶିକ୍ଷକ ଗିରଫ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ):

ସ୍କୁଲରେ ଚାକିରି କରାଇ ଦେବାକୁ କହି ଏକାଧିକ ଆଶାୟୀଙ୍କଠାରୁ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିବା ଅଭିଯୋଗରେ ଧଉଳି ଥାନା ପୋଲିସ ମଙ୍ଗଳବାର ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ନୟାହାଟ ଗ୍ରାମର ଅତିଶ କୁମାର ଓଝା(୨୬)। ପୋଲିସ ଅଭିଯୁକ୍ତ ଅତିଶଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଅତିଶ ସ୍ଥାନୀୟ ଥାନା ଅଞ୍ଚଳରେ ଥିବା 'ୟଙ୍ଗ ଫୋଏନିକ୍ସ' ସ୍କୁଲରେ ଶିକ୍ଷକତା କରନ୍ତି। ସେ ଉକ୍ତ ସ୍କୁଲରେ ଚାକିରି କରାଇ ଦେବାକୁ କହି ସ୍ଥାନୀୟ ଅଞ୍ଚଳର ନୀରଜ କୁମାର ସିଂହଙ୍କୁ ଫସାଇଥିଲେ। ଅତିଶ ୨୦୨୧ରୁ ଗତ ଅକ୍ଟୋବର ମାସ ମଧ୍ୟରେ ଫୋନ ପେ' ଏବଂ ଗୁଗୁଲ ପେ' ଜରିଆରେ ନୀରଜଙ୍କଠାରୁ ମୋଟ ୨ଲକ୍ଷ ୩୩ହଜାର ୩୦୦ଟଙ୍କା ଠକି ନେଇଥିଲେ। ତେବେ ଅତିଶ ଅନ୍ୟମାନଙ୍କଠାରୁ ମଧ ସମାନ ଉପାୟରେ ଟଙ୍କା ଠକିଥିବା ନୀରଜ ଜାଣିବାକୁ ପାଇଥିଲେ। ଟଙ୍କା ଫେରାଇବା ଲାଗି କହିବାରୁ ଅତିଶ ତାଙ୍କୁ ଆତ୍ମହତ୍ୟା କରି ଫସାଇବାର ଧମକ ଦେଇଥିଲେ। ଏ ନେଇ ନୀରଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୨୨୭/୨୦୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏଯାବତ୍ ଅତିଶ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ବିଭିନ୍ନ ଆଶାୟୀଙ୍କଠାରୁ ୧୨ ଲକ୍ଷ ୮୩ ହଜାର ଟଙ୍କା ଠକିଥିବା ପୋଲିସ ଜାଣିବାକୁ ପାଇଥିଲା। ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ପ୍ରାଣୀପ୍ରେମୀଙ୍କ ପରାମର୍ଶ ନେଲା ବିଏମ୍‌ସି

## ପୋଷା ଜୀବଜନ୍ତୁଙ୍କ ନୂଆ ଗାଇଡ୍‌ଲାଇନ୍ ପ୍ରସଙ୍ଗ



ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ମଙ୍ଗଳବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ। ବୈଠକରେ ଯୋଗଦେଇଥିବା ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି, ପେଟ୍ ଶପ୍ ଆସୋସିଏଶନ୍, ପ୍ରାଣୀପ୍ରେମୀଙ୍କ ସହ ଆଲୋଚନା କରାଯାଇଥିଲା। ସମସ୍ତଙ୍କଠାରୁ ପରାମର୍ଶ ଗ୍ରହଣ କରିବା ପରେ ବିଚାର ବିମର୍ଶ କରାଯାଇ ଆସନ୍ତା ୧୦ ଦିନ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମେୟର କହିଛନ୍ତି। ତେବେ ବୈଠକରେ କୁକୁର ମାଲିକ କେଉଁ ସବୁ ଦିଗ ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ତାହା ଉପରେ କମିଶନର ଆଲୋଚନା କରିଥିଲେ। ବିଶେଷକରି କୁକୁର ରଖୁଥିବା ମାଲିକମାନେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ କରାଯିବ। ସେହିପରି ପୋଷା କୁକୁରଙ୍କ ଟିକାକରଣକୁ ଗୁରୁତ୍ୱ ଦିଆଯିବା ସହ ପରିମଳରେ ଖିଲାପ ନ କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ମାଲିକ ରହୁଥିବା ଘରେ ପର୍ଯ୍ୟାପ୍ତ ସ୍ଥାନ ନ ଥିଲେ ଏକାଧିକ କୁକୁର ରଖିବା ଉପରେ ମଧ ରୋକ ଲାଗିବା ନେଇ କୁହାଯାଇଥିଲା। ତେବେ ସମସ୍ତ ପ୍ରକ୍ରିୟାରେ ଉପସ୍ଥିତ ପ୍ରତିନିଧିଙ୍କ ସହଯୋଗ ଲୋଡ଼ିଛି ବିଏମ୍‌ସି। ଅନ୍ୟପଟେ କୁକୁର ପାର୍କ ନିର୍ମାଣ ତଥା ମୃତ କୁକୁରଙ୍କ ଶରୀର ପୋତିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଇପାରେ। ଯଦି ଏପରି ହୁଏ ଏଥିପାଇଁ ବିଏମସି ଗାଡ଼ି ଯୋଗାଇବ ଏବଂ କୁକୁରକୁ ପ୍ରାୟ ୩ଫୁଟ୍ ଗାତ ଖୋଳି ପୋତିବା ଭଳି ନିୟମ ମଧ ଲାଗୁ ହେବ ବୋଲି ଜଣାପଡ଼ିଛି। ଆସନ୍ତାକାଲି ବୁଧବାର ହେବାକୁ ଥିବା କର୍ପୋରେଶନ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇପାରେ।

# ରିମାଣ୍ଡରେ ରାଜସ୍ଥାନର ୨ ସାଇବର ଠକଙ୍କ ସହ ୩ ଅଭିଯୁକ୍ତ

## ଆଇପିପିବି ବ୍ୟାଙ୍କ ଆକାଉଣ୍ଟ, ସିମ୍ ଠକେଇ ମାମଲା

ଭୁବନେଶ୍ୱର,୨୨।୧୧(ବ୍ୟୁରୋ):

ଗରିବ ଲୋକଙ୍କୁ ଫସାଇ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ(ଆଇପିପିବି)ରେ ବହୁ ଆକାଉଣ୍ଟ ଖୋଲି ତାହା ମାଧ୍ୟମରେ ଟଙ୍କା ଲୁଟୁଥିବା ରାଜସ୍ଥାନ ସାଇବର ଠକ ଗ୍ୟାଙ୍ଗର ୨ ସମେତ ୩ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଙ୍ଗଳବାରଠାରୁ ରିମାଣ୍ଡରେ ଆଣିଛି। ସେମାନେ ହେଲେ ଗ୍ୟାଙ୍ଗ ସଦସ୍ୟ ମହମ୍ମଦ ଖାନ ଓ ମୁନଫେଦ୍ ଖାନ ଏବଂ ସେମାନଙ୍କୁ ସିମ୍ ଯୋଗାଉଥିବା ମୟୂରଭଞ୍ଜର ଅନିଲ ଖିଲାର। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବା ପରେ ଇଓଡବ୍ଲ୍ୟୁ ମାରାଥନ ଜେରା କରୁଛି। ଗ୍ୟାଙ୍ଗ ମୁଖ୍ୟଙ୍କ ସମେତ ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଆଶା ରଖିଛି। ଅଭିଯୁକ୍ତଙ୍କୁ ଗତ ୧୫ ତାରିଖରେ କୋର୍ଟଚାଲାଣ କରାଯାଇ ୫ ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିଲା ଇଓଡବ୍ଲ୍ୟୁ। ତେବେ କୋର୍ଟ ସୋମବାର ୩ ଦିନ ଲାଗି ରିମାଣ୍ଡ ଅନୁମତି ଦେଇଥିଲେ।

ସୂଚନାଯୋଗ୍ୟ, ରାଜସ୍ଥାନର ଅଲ୍‌ୱାର ଓ ଭରତପୁର ଜିଲାର ପ୍ରାୟ ୧ ହଜାର ଜଣ ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଅଛନ୍ତି। ରାଜସ୍ଥାନ, ହରିୟାଣା ଏବଂ ଉତ୍ତରପ୍ରଦେଶର ତ୍ରିକୋଣୀ ଅଞ୍ଚଳରେ ରହି ସାରା ଦେଶରେ ଭିନ୍ନ ଭିନ୍ନ ଠକେଇ ର୍‍ୟାକେଟ ଚଳାଉଛନ୍ତି। ବେନାମୀ ସିମ୍‌ରେ ଟଙ୍କା ଠକିନେବା ପରେ ତାହାକୁ ଅନ୍ୟ ଆକାଉଣ୍ଟ ମାଧ୍ୟମରେ ଉଠାଇ ନେଇଥାନ୍ତି। ରାଜସ୍ଥାନ ଅଲ୍‌ୱାର ଜିଲାର ୧୦ରୁ ୧୫ଟି ଗ୍ୟାଙ୍ଗ୍ ଫେକ୍ ସିମ୍ ବ୍ୟବସାୟ କରୁଛନ୍ତି। ଏହି ଗ୍ୟାଙ୍ଗର ସଦସ୍ୟମାନେ ଓଡ଼ିଶା, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଏଜେଣ୍ଟଙ୍କ ଦ୍ୱାରା ୩୦୦ ଟଙ୍କାରେ ସିମ୍ କିଣିଥାନ୍ତି। ଏପରିକି ଧରା ନ ପଡ଼ିବା ପାଇଁ ମଧ ଅଭିନବ ଉପାୟ ଅବଲମ୍ବନ କରିଥାନ୍ତି। ଗ୍ୟାଙ୍ଗର ସଦସ୍ୟମାନେ ବିଶେଷକରି ଆଦିବାସୀ ଅଧୁଷିତ ଅଞ୍ଚଳ ବା ଗାଁରେ ରହୁଥିବା ସାଧାରଣ ଲୋକଙ୍କୁ ଟାର୍ଗେଟ କରିଥାନ୍ତି। ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ସେମାନଙ୍କ ନାମରେ ଆକାଉଣ୍ଟ ଖୋଲି ଠକେଇ ଟଙ୍କା ହାତେଇଥାନ୍ତି। ଗ୍ୟାଙ୍ଗର ସଦସ୍ୟମାନେ ଓଡ଼ିଶାର ନବରଙ୍ଗପୁର ଜିଲାରୁ ଗିରଫ ହୋଇଥିବା ୫ ଏଜେଣ୍ଟଙ୍କ ଦ୍ୱାରା ସେଠାରେ ଗରିବ ଲୋକଙ୍କୁ ଫଶାଇ ଉକ୍ତ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ପ୍ରତି ଆକାଉଣ୍ଟ ପିଛା ଏଜେଣ୍ଟମାନେ ୨ ହଜାର ଟଙ୍କା ପାଉଥିଲେ। ବଡ଼କଥା ହେଲା ନବରଙ୍ଗପୁର ଅଞ୍ଚଳରେ ୧ ହଜାର ଆଇପିପିବି ଆକାଉଣ୍ଟ ଖୋଲାଯାଇଥିବା ଇଓଡବ୍ଲ୍ୟୁ କହିଛି।

# ଡମଣାରୁ ହଟିଲା ଜବରଦଖଲ



ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଡମଣା ଅଞ୍ଚଳରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ଲଟ୍-୩୯୧ରେ ଗଢ଼ିଥିବା ନିର୍ମାଣକୁ ମାଟିରେ ମିଶାଇଛି ବିଡିଏ ଉଚ୍ଛେଦକାରୀ ଦଳ। ଏହି ଉଚ୍ଛେଦକୁ ତୀବ୍ର ପ୍ରତିବାଦ କରାଯାଇଥିଲେ ମଧ୍ୟ ଗୋଟିଏ ତାରିଣୀ ମନ୍ଦିର, ୩ଜଣ ବସ୍ତିବାସନ୍ଦାଙ୍କ ୧୧ ବଖରା ଘର ଓ ୨ଟି କ୍ୟାବିନ୍ ଭଙ୍ଗାଯାଇଛି। ଏହି କ୍ରମରେ ମୋଟ୍ ୧୨ହଜାର ବର୍ଗଫୁଟ୍ ଜମି ଜବରଦଖଲ ମୁକ୍ତି ହୋଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର, ଚନ୍ଦ୍ରଶେଖରପୁର ଥାନା ଆଇଆଇସିଙ୍କ ସମେତ ପୋଲିସ୍ ଫୋର୍ସ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା।

# ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପହଞ୍ଚିବ ବିଶ୍ୱକୋଷ 'ଜ୍ଞାନବୃତ୍ତ'




ଅତିଥିମାନେ ଓଡ଼ିଆ ବିଶ୍ୱକୋଷ 'ଜ୍ଞାନବୃତ୍ତ'କୁ ଉନ୍ମୋଚନ କରୁଛନ୍ତି । (ଫଟୋ-ମନୋରଞ୍ଜନ)

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ପ୍ରାଥମିକଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବିଶ୍ୱ କୋଷ 'ଜ୍ଞାନବୃତ୍ତ' ପହଞ୍ଚିବ। ବିନୋଦ କାନୁନ୍‌ଗୋ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର ପକ୍ଷରୁ ସଦ୍ୟ ପ୍ରକାଶିତ 'ଜ୍ଞାନବୃତ୍ତ'ର ବ୍ୟାପକ ତଥା ଫଳପ୍ରଦ କାର୍ଯ୍ୟକ୍ରମର ଶୁଭାରମ୍ଭ ନେଇ ଭାଷାକେନ୍ଦ୍ର ବିଶ୍ୱକୋଷ ଅଭିଯାନର ଆବାହକ ଡ. ଆଲୋକ କାନୁନ୍‌ଗୋ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଧ୍ୟାପକ ବିଶ୍ୱରଞ୍ଜନ ଓ ଗାନ୍ଧୀବାଦୀ ପ୍ରହ୍ଲାଦ କୁମାର ସିଂହ ଉପସ୍ଥିତ ରହି ଏହି ବିଶ୍ୱକୋଷ ସମ୍ପର୍କରେ ଆଲୋକପାତ କରିଥିଲେ। ଜ୍ଞାନବୃତ୍ତ ଏକ ୧୦ଭାଗ ବିଶିଷ୍ଟ ବିଶ୍ୱକୋଷ ତଥା ଶିକ୍ଷା ସହାୟକ ପୁସ୍ତକ। ଏହାର ୨,୫୦୦ରୁ ଅଧିକ ପୃଷ୍ଠାରେ ପାଖାପାଖି ୪ହଜାର ବିଷୟବସ୍ତୁ ସ୍ଥାନ ପାଇଛି।

# ଆଇଏଫ୍‌ଏଫ୍‌ଆଇରେ 'ପ୍ରତୀକ୍ଷା' ପ୍ରଦର୍ଶିତ




ଆଇଏଫ୍‌ଏଫ୍‌ଆଇରେ ଚଳଚ୍ଚିତ୍ର 'ପ୍ରତୀକ୍ଷା'ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ,ଅଭିନେତା ଦ୍ୱୀପନ୍ୱିତ ଦାସମହାପାତ୍ର, ଅଭିନେତ୍ରୀ ବର୍ଷା ପଟ୍ଟନାୟକ ଓ ଅନ୍ୟମାନେ ।

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ(ଆଇଏଫ୍‌ଏଫ୍‌ଆଇ)ର ୫୩ତମ ସଂସ୍କରଣରେ ପ୍ରଦର୍ଶିତ ହେଲା ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା'। ଗୋଆର ରାଜଧାନୀ ପାନାଜୀରେ ଥିବା ଆଇନକ୍ସରେ ଏହି ଚଳଚ୍ଚିତ୍ରକୁ ଦର୍ଶକ ଉପଭୋଗ କରିଛନ୍ତି। ମଙ୍ଗଳବାର ଅପରାହ୍ନ ୫ଟା ବେଳେ 'ପ୍ରତୀକ୍ଷା' ଟିମ୍ ରେଡ୍ କାର୍ପେଟରେ ଚାଲିବା ସହ ଗଣମାଧ୍ୟମକୁ ଚଳଚ୍ଚିତ୍ର ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ରାତି ୮. ୪୫ ମିନିଟରେ ପ୍ରଦର୍ଶିତ ହୋଇଥିଲା। ଅଭିନେତା ଦ୍ୱୀପନ୍ୱିତ ଦାସମହାପାତ୍ରଙ୍କ ସହ ଅଭିନେତ୍ରୀ ବର୍ଷା ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ନଭେମ୍ବର ୨୦ ରୁ ୨୮ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ୫୩ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଭାରତୀୟ ପାନୋରାମା ବିଭାଗରେ ୨୫ଟି ଭାରତୀୟ ଭାଷାର ୩୫୪ଟି ଚଳଚ୍ଚିତ୍ର ମଧ୍ୟରୁ 'ପ୍ରତୀକ୍ଷା' ମନୋନୀତ ହୋଇଥିଲା। ପ୍ରଯୋଜନା ସଂସ୍ଥା ଅମିୟ ପଟ୍ଟନାୟକ ପ୍ରଡକ୍ସନ ପକ୍ଷରୁ ନିର୍ମିତ ଏହି ଚଳଚ୍ଚିତ୍ରଟି ଲେଖକ ଗୌରହରି ଦାସଙ୍କ କ୍ଷୁଦ୍ରଗଳ୍ପ ଉପରେ ଆଧାରିତ ଏକ ମଧ୍ୟବିତ୍ତ ଓଡ଼ିଆ ପରିବାରର ଆଶା, ଆକାଂକ୍ଷା, ସ୍ୱପ୍ନ ଓ ନୈରାଶ୍ୟର କାହାଣୀ ଉପରେ ପର୍ଯ୍ୟବସିତ ହୋଇଛି। ରୋଶନ୍ ବିଶୋଇ ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ସଂଳାପ ଲେଖିଥିବା ବେଳେ ଅଙ୍କେଶ ଆନନ୍ଦ ଓ ଆଶିଷ ପ୍ରଧାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ବର୍ଷା ପଟ୍ଟନାୟକ ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜିକା ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ଚଳଚ୍ଚିତ୍ରରେ ଦ୍ୱୀପନ୍ୱିତ ଦାସମହାପାତ୍ର, ବର୍ଷା ପଟ୍ଟନାୟକ, ସିଦ୍ଧାନ୍ତ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ରୋଶନ୍ ବିଶୋଇ, ଦୀପକ ଉପାଧ୍ୟାୟ, ଶୀଲା ତ୍ରିପାଠୀ, ଅବକାଶ ମିଶ୍ର, ରୂପମ୍ଜିକା ନାୟକ ପ୍ରମୁଖ ଅଭିନୟ କରିଛନ୍ତି।






କଲେଜରେ ନିର୍ବାଚନ କରିବା ଦାବିରେ ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟ୍ସ ଭଏସ୍ ପକ୍ଷରୁ ମଙ୍ଗଳବାର ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ। ପୋଲିସ ଜଣେ ବିକ୍ଷୋଭକାରୀଙ୍କୁ ଉଠାଇ ନେଉଛି। (ଫଟୋ-ମନୋରଞ୍ଜନ)

## ସଂକ୍ଷେପରେ

### ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

ବାଙ୍କୀ,୨୨।୧୧(ସ୍ୱ.ପ୍ର.): କଟକ ମର୍ଡନ ଆଇ କେୟାର ଓ ଢ଼ଁସର ପଞ୍ଚାୟତ ମିଳିତ ଆନୁକୂଲ୍ୟରେ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ନିଃଶୁଳ୍କ ଚକ୍ଷୁଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୫୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୧୫ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ କଟକ ପଠାଯାଇଥିଲା। ସରପଞ୍ଚ ପ୍ରତିମା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ତଥା ଗ୍ରାମ୍ୟ ସଭାପତି ଯୋଗେଶ ଚନ୍ଦ୍ର ପଣ୍ଡା, ୱାର୍ଡ ସଭ୍ୟ ବିନୋଦିନୀ ରାଉତ, ଛାତ୍ର ବିଜେଡି ଉପସଭାପତି ତପନ ରାଉତ, ଛାତ୍ର ବିଜେଡି ସଭାପତି ତେର୍ଜସ୍ୱ କୁମାର ସ୍ୱାଇଁ, ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପଞ୍ଚାୟତ କର୍ମଚାରୀ ଭୀମସେନ ମହାନ୍ତି ଏନେଇ ସମସ୍ତ ସୁବିଧା ଯୋଗାଇ ଦେଇଥିଲେ।

### ବୈକୁଣ୍ଠ ନାଥ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ମାହାଙ୍ଗା, ୨୨।୧୧(ସ୍ୱ.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ଗ୍ରାମର ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ବୈକୁଣ୍ଠ ନାଥ ମହାନ୍ତିଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସାମାଜିକ କର୍ମୀ ସଂଗ୍ରାମ ସାମଲଙ୍କ ଅଧକ୍ଷତାରେ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. କାର୍ତ୍ତିକେଶ୍ୱର ସାହୁ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଆଦର୍ଶ ଜୀବନ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ କବି ପ୍ରଶାନ୍ତ କର,ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, 'ଆଗାମୀ ଶତାବ୍ଦୀ' ପତ୍ରିକାର ସମ୍ପାଦକ ମସୁଦ ଅଲି, ଶିକ୍ଷାବିତ କୈଳାସ ବଳବନ୍ତରାୟ, ଆଇନଜୀବୀ ଦୀପକ କୁମାର ମହାନ୍ତି, କବି ଉତ୍ତମ ଜେନା, ପଣ୍ଡିତ ପ୍ରଭାତ କର, ରାମଚନ୍ଦ୍ର ମହାପାତ୍ର, ସୁକାନ୍ତ ନନ୍ଦ, ସଚ୍ଚିଦ୍ରେ ବାରିକ, ଅରୁଣ ନାଥ,ବଟକୃଷ୍ଣ ଦାଶ,ମନ୍ମଥ ଖଟୁଆ ପ୍ରମୁଖ ଆଲୋଚନାରେ ଭାଗ ନେବା ସହ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଥିରେ ସନ୍ତୋଷ କୁମାର ମହାନ୍ତି, ଦୀପକ ମହାନ୍ତି, ସତ୍ୟାନନ୍ଦ ମହାନ୍ତି, ଅଜିତ ମହାନ୍ତି, ପ୍ରମିଳା ମହାନ୍ତି, ଅନ୍ନପୂର୍ଣ୍ଣା ମହାନ୍ତି, ଦେବୀ ପ୍ରସାଦ ମହାନ୍ତି, ସନନ୍ଦନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ନମିତା ନାୟକଙ୍କୁ ସଙ୍ଗୀତ ମୂର୍ଚ୍ଛନା ସମ୍ମାନ

ମାହାଙ୍ଗା, ୨୨।୧୧(ସ୍ୱ.ପ୍ର): ମାହାଙ୍ଗା ସାରସ୍ୱତ ସେବାମଞ୍ଚ ପକ୍ଷରୁ ବରାହିପୁରଠାରେ ରାଜ୍ୟସ୍ତରୀୟ ଗଣକବି ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମଞ୍ଚ ସଭାପତି ଭାବଗ୍ରାହୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଶିଷ୍ଟ ସାହିତ୍ୟିକ ଶରତ କୁମାର ବିଶ୍ୱାଳ, ସମାଜସେବୀ ମୀରା ପରିଡା, ପ୍ରଦୀପ୍ତ କୁମାର ଦାସ, ଡ. ଚନ୍ଦନା ହରିଚନ୍ଦନ, ନାଟ୍ୟକାର ମନୋଜ କୁମାର ପଣ୍ଡା, କୃଷକ ସମ୍ବାଦ ସମ୍ପାଦକ ଭାସ୍କର ଚନ୍ଦ୍ର ବେହୁରା ପ୍ରମୁଖ ଯୋଗଦେଇ ଗଣକବି



ବୈଷ୍ଣବ ପାଣି ସାହିତ୍ୟ ଜଗତର ଦିଗବିଜୟୀ ସମ୍ରାଟ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟରେ ସୁନାମ ଅର୍ଜନ କରିଥିବା କଣ୍ଠଶିଳ୍ପୀ ନମିତା ନାୟକଙ୍କୁ 'ସଙ୍ଗୀତ ମୂର୍ଚ୍ଛନା ସମ୍ମାନ' ପ୍ରଦାନ କରାଯାଇଥିଲା।

# ବଢୁଛି ଖାଦ୍ୟ ଅପମିଶ୍ରଣ, ମାଦକ ଦ୍ରବ୍ୟ କାରବାର

**ନିଶ୍ଚିନ୍ତକୋଇଲି ବ୍ଲକ**
- ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲାରହୁଛି
- ନୀରବଦ୍ରଷ୍ଟା ପାଲଟିଛି ପୋଲିସ ଅବକାରୀ ବିଭାଗ

ନିଶ୍ଚିନ୍ତକୋଇଲି, ୨୨।୧୧(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଦିନକୁ ଦିନ ହୋଟେଲ ଓ ଢାବା ସଂଖ୍ୟା ବଢ଼ି ଚାଲିଛି। ମାତ୍ର ଅନେକ ହୋଟେଲ ଓ ଢ଼ାବା ମାଲିକ ସରକାରୀ ନିୟମକୁ ଖୋଲାଖୋଲ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏସବୁ ହୋଟୋଲଗୁଡ଼ିକ ଖୋଲା ରହୁଛି। ଫଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ବ୍ଲକର ଅନେକ ହୋଟେଲରେ ବାସୀ ଓ ଅପମିଶ୍ରଣ ଖାଦ୍ୟ ବିକ୍ରି କରାଯାଉଛି। ନିଶ୍ଚିନ୍ତକୋଇଲି ବଜାରସ୍ଥିତ ବିଦେଶୀ ମଦ ଦୋକାନ ପାଖରେ ୨ରୁ ୩ଟି ଢାବାରେ ମାଦକଦ୍ରବ୍ୟ କାରବାର ଚାଲିଛି। ଥାନାଠାରୁ ୧୦୦ ମିଟର ଦୂରରେ ଥିବା ଢାବାଗୁଡିକରେ ଏଭଳି କାର୍ଯ୍ୟକଳାପ ଚାଲିଥିଲେ ପୋଲିସ ଅବା ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବ୍ଲକର ନିଶ୍ଚିନ୍ତକୋଇଲି, କେନ୍ଦୁପାଟଣା, କୁଳିଆ, ମହାଜନପୁର, ବ୍ଲକ କାର୍ଯ୍ୟାଳୟ ଛକ, ଶୁକରପଡା, କଟିକଟା, ଅସୁରେଶ୍ୱର, ତରତ, ନରେନ୍ଦ୍ରପୁର, ନେମାଳ, ବାଲିଗଡା, ନଗସପୁର, ବରପଡା, ଓରିକଣ୍ଟା, ଉତ୍ତରକୂଳ, ବିଲହାଟ ଆଦି ସ୍ଥାନରେ ଅନେକ ହୋଟେଲ ଓ ଢ଼ାବା ରହିଛି। ମାତ୍ର ଅଧିକାଂଶ ସ୍ଥାନରେ ସମ୍ପୃକ୍ତ ହୋଟେଲ ମାଲିକମାନେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାର ରାସାୟନିକ ରଙ୍ଗ ଓ ମସଲା ବ୍ୟବହାର କରୁଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ଏପରିକି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ବେଳେ ପୋଡା ଓ ଅପମିଶ୍ରିତ ନିମ୍ନମାନର ତେଲ ଏବଂ ଘିଅ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏହି ଅପମିଶ୍ରିତ ରଙ୍ଗଯୁକ୍ତ ଏବଂ ପୋଡା ତେଲରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ଲୋକେ ବିଭିନ୍ନ ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। କେବଳ ସେତିକି ନୁହେଁ, ଢାବା ଓ ହୋଟେଲ ମାଲିକମାନେ ରାସ୍ତା ପାର୍ଶ୍ୱରେ ଅଳିଆ ଆବର୍ଜନା ପକାଉଥିବା ଯୋଗୁ ପରିବେଶ ଦୂଷିତ ହେଉଛି। ଏଥିଯୋଗୁ ଫସଲ ଠିକ୍ ଭାବେ ହୋଇପାରୁ ନ ଥିବା ନେଇ କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ବହୁ ସମୟରେ ଅପମିଶ୍ରିତ ଓ ବିଷାକ୍ତ ମଦ୍ୟପାନ କରି ବହୁ ଧନଜୀବନ ହାନୀ ହେଉଥିବା ନେଇ ପୂର୍ବରୁ ନଜୀର ମଧ ରହିଛି। ଏହାସତ୍ତ୍ୱେ ସ୍ଥାନୀୟ ଖାଦ୍ୟ ଓ ଯୋଗାଣ ବିଭାଗ ତରଫରୁ ଢାବା ଓ ହୋଟେଲ ଉପରେ କୌଣସି ଅଙ୍କୁଶ ଲଗାଯାଉ ନଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖାଦ୍ୟ ଓ ଯୋଗାଣ, ପୋଲିସ ପ୍ରଶାସନ, ଅବକାରୀ ବିଭାଗ ତରଫରୁ ଏସବୁ ଢାବା ଓ ହୋଟେଲ ଉପରେ ଚଢାଉ କରିବା ଲାଗି ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ କୁହନ୍ତି, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏସମ୍ପର୍କରେ ଫୁଡ ଇନିସପେକ୍ଟର ଅମିତା ଦାଶ କୁହନ୍ତି, ବିଭିନ୍ନ ସମୟରେ ଅପମିଶ୍ରିତ ଖାଦ୍ୟ ଯାଞ୍ଚ କରିବା ପାଇଁ ଚଢ଼ାଉ ଜାରି ରହିଛି। ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସାଲେପୁର ଫାର୍ମାସି କଲେଜକୁ ବିପିୟୁଟି ଷ୍ଟାର୍ଟ ଅପ୍ ଆୱାର୍ଡ




ଅଧ୍ୟାପକ ଡ. ପ୍ରଭାତ କୁମାର ସାହୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

ସାଲେପୁର,୨୨।୧୧(ଡି.ଏନ୍.ଏ.)

ସାଲେପୁରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ୍ ଟେକ୍‌ନୋଲୋଜିକୁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ୨୦୨୧-୨୨ ବର୍ଷ ପାଇଁ ବିପିୟୁଟି ଷ୍ଟାର୍ଟ ଅପ୍ ଆୱାର୍ଡ୍ ପୁରସ୍କୃତ କରାଯାଇଛି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୨୧ତମ ପ୍ରତିଷ୍ଠା ଦିବସ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଡ. ଗିରିଶ ଚନ୍ଦ୍ର ସିଂହ ପୌରୋହିତ୍ୟ କରିଥିଲେ। ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରେ ଥିବା ଷ୍ଟାର୍ଟଅପ୍ ସେଲ୍‌ର ଯୋଗ୍ୟତାକୁ ଆଧାର କରି ଏହି ପୁରସ୍କାର ଦିଆଯାଇଥିଲା। ସାଲେପୁର ଫାର୍ମାସୀ କଲେଜ ତରଫରୁ ଷ୍ଟାର୍ଟଅପ୍ ସେଲ୍‌ର ସଂଯୋଜକ ଅଧ୍ୟାପକ ଡ. ପ୍ରଭାତ କୁମାର ସାହୁ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ।

# ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ଧାରଣା



ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଧାରଣାରେ ବସିଛନ୍ତି । (ଫଟୋ: ଅରବିନ୍ଦ ଭୂୟାଁ)

ସାଲେପୁର,୨୨।୧୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ଅଲ୍ ଓଡ଼ିଶା ଲେଡିଜ୍ ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ୍ ପକ୍ଷରୁ ବିଭିନ୍ନ ବ୍ଲକ୍‌ରେ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସାଲେପୁର ବ୍ଲକ୍‌ର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ମଙ୍ଗଳବାର ବିଭିନ୍ନ ଦାବି ନେଇ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସାଲେପୁର ବ୍ଲକ୍ ଅଙ୍ଗନୱାଡି ଆସୋସିଏଶନ୍‌ର ସଭାନେତ୍ରୀ ପ୍ରମିଳା ଦାସ, ସମ୍ପାଦିକା ପ୍ରଭାତୀ ପରିଡ଼ା, ସହସମ୍ପାଦିକା ସ୍ୱପ୍ନାଞ୍ଜଳି ପ୍ରହରାଜ, ବିଷୟା ପ୍ରଧାନ, ପ୍ରେମଲତା ପରିଡ଼ା, କନକଲତା ସାହୁ, ସୁଚିତ୍ରା ମଲ୍ଲିକ, କୁନିଲତା ସାହୁ, ସଞ୍ଜୁବାଳା ଦୀକ୍ଷିତ, ପ୍ରଜ୍ଞାପାରମିତା ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ବଧୂହତ୍ୟା ଅଭିଯୋଗ ; ସ୍ୱାମୀ, ଶାଶୁ ଅଟକ

ଆଠଗଡ, ୨୨।୧୧(ସ୍ୱ.ପ୍ର):

ଆଠଗଡ଼ ଥାନା ଅନ୍ତର୍ଗତ ବୀରକିଶୋରପୁରର କଙ୍ଗଡ଼ାସାହି ଅଞ୍ଚଳରେ ଏକ ବଧୂହତ୍ୟା ଅଭିଯୋଗ ହୋଇଛି। ପୋଲିସ ସ୍ୱାମୀ ଏବଂ ଶାଶୁଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ଗତ ଜୁଲାଇ ମାସରେ କଙ୍ଗଡାସାହି ଅଞ୍ଚଳର ସମରେନ୍ଦ୍ର ଦାସ କଟକ ଜଗତପୁର ଅଞ୍ଚଳର ନରେଶ ବେହେରାଙ୍କ ଝିଅ ନିରୁପମା ବେହେରାଙ୍କୁ ବିବାହ କରିଥିଲେ। ସମରେନ୍ଦ୍ର ଯାଜପୁର ଜିଲା କୋରେଇ ବ୍ଲକରେ କମ୍ପ୍ୟୁଟର ଆସିଷ୍ଟାଣ୍ଟ ଭାବେ କାମ କରୁଥିବା ବେଳେ ନିରୁପମା ଅନୁଗୁଳ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଷ୍ଟାଫ ନର୍ସ ଭାବେ କାମ କରନ୍ତି । ବିବାହ ପରଠାରୁ ଶାଶୁଘର ଲୋକେ ନିରୁପମାଙ୍କୁ ଯୌତୁକ ଜନିତ ନିର୍ଯ୍ୟାତନା ଦେଇ ମାରଧର କରନ୍ତି। ଅନେକ ଥର ସ୍ଥାନୀୟ ଭଦ୍ରଲୋକଙ୍କ ସହାୟତାରେ ସମାଧାନ ହୋଇଛି। ମଙ୍ଗଳବାର ସକାଳେ ନିରୁପମା କୂଅକୁ ଡେଇଁ ପଡିଥିବା ଶାଶୁଘର ଲୋକେ ବାପଘରକୁ ଖବର ଦେଇଥିଲେ। ବାପ ଘର ପରିବାର ଲୋକ ଆଠଗଡ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ନିରୁପମାଙ୍କ ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ମୃତ ନିରୁପମାଙ୍କ ମା' ସଚଳା ବେହେରା ତାଙ୍କ ଝିଅକୁ ଯୌତୁକ କାରଣରୁ ହତ୍ୟା କରାଯାଇଥିବା ଆଠଗଡ଼ ଥାନାରେ ଏତଲା ଦେବା ପରେ ପୋଲିସ ଯୌତୁକ ନିର୍ଯାତନା ଆଇନ ବଳରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଆଠଗଡ ଥାନା ଅଧିକାରୀ ବାମଦେବ ସ୍ୱାଇଁ ଆଠଗଡ଼ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ସହିତ ନିରୁପମାଙ୍କ ସ୍ୱାମୀ ସମରେନ୍ଦ୍ର ଦାସ (୩୨) ଏବଂ ଶାଶୁ ମଞ୍ଜୁଲତା ଦାସଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସାଇଣ୍ଟିଫିକ୍ ଟିମର ତଦନ୍ତ

ନିଶ୍ଚିନ୍ତକୋଇଲି, ୨୨।୧୧(ସ୍ୱ.ପ୍ର):

ନିଶ୍ଚିନ୍ତକୋଇଲି ବ୍ଲକ ଝାଡ଼େଶ୍ୱରପୁର ପଞ୍ଚାୟତ ନରୁଆ ମଙ୍ଗଳପୁର ଗ୍ରାମରେ ଜଣେ ବିବାହିତା ମହିଳାଙ୍କର ସୋମବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ନେମାଳ ପୋଲିସ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ କରିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ନରୁଆ ମଙ୍ଗଳପୁର ଗ୍ରାମର ଭିକାରୀ ମହାନ୍ତିଙ୍କ ପୁତ୍ର ରୁଦ୍ର ପ୍ରସାଦ ମହାନ୍ତି ୨୦୧୯ରେ ସୁଭଦ୍ରାରାଣୀ ମହାନ୍ତିଙ୍କୁ ବିବାହ କରିଥିଲେ। ସୁଭଦ୍ରାଙ୍କର ପିତାମାତା କିମ୍ବା ଭାଇ ନଥିଲେ। ତେଣୁ ତାଙ୍କର ଜଣେ ସମ୍ପର୍କୀୟ ମାମୁ ତାଙ୍କର ବିବାହ କରାଇଥିଲେ। ତାଙ୍କ ଘର କଲିକତା ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ସୋମବାର ଦିନ ୨ଟା ବେଳୁ ସୁଭଦ୍ରା ନିଖୋଜ ହୋଇଯାଇଥିବା ପ୍ରଚାର ହୋଇଥିଲା। ରାତି ପ୍ରାୟ ୧୦ଟା ବେଳେ ସୁଭଦ୍ରାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ପକ୍ଷରୁ କୁହାଯାଇଥିଲା। ଖବର ପାଇ ତହସିଲଦାର ଦିଲୀପ କୁମାର ନାୟକ, ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ୍, ନେମାଳ ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ସାଇଣ୍ଟିଫିକ୍ ଟିମ ସହ ଘଟଣାର ତଦନ୍ତ କରିଥିଲେ। ଏହି ସମୟରେ ସୁଭଦ୍ରା ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ତେବେ ସୁଭଦ୍ରାଙ୍କୁ ଶାଶୁଘର ତରଫରୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଅପମୃତ୍ୟୁର ରୂପ ଦିଆଯାଉଥିବା ଚର୍ଚ୍ଚା ହେଉଛି। ସୁଭଦ୍ରାଙ୍କ ଏକ ଅଢେଇ ବର୍ଷର ଶିଶୁକନ୍ୟା ଅଛି। ନେମାଳ ଥାନା ଆଇଆଇସି ଉମେଶ ସାହୁ କହିଛନ୍ତି, ଶବ ବ୍ୟବଛେଦ ରିପୋର୍ଟ ହସ୍ତଗତ ହେଲେ ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ।

# ଶାଶୁଘର ଆଗରେ ଆତ୍ମାହୁତି ଦେବାକୁ ଚେତାବନୀ

**ଥାନାରେ ଲିଖିତ ଅଭିଯୋଗ କଲେ ବୋହୂ**

ସାଲେପୁର,୨୨।୧୧(ଡି.ଏନ୍.ଏ.)

ବିବାହର ୩ ମାସ ପରେ କୌଣସି କାରଣ ନ ଥାଇ ବିଭିନ୍ନ ଆଳ ଦେଖାଇ ନବବଧୂଙ୍କୁ ଶାଶୁଘର ଲୋକେ ବାପଘରକୁ ପଠାଇ ଦେଇଥିଲେ। ଆଉ ଆଣିବାକୁ ରାଜି ହେଉ ନ ଥିଲେ। ଏପରି କି ବୋହୂ ଆସିଲେ ଶାଶୁଘର ଲୋକେ ଘର ବାହାରପଟେ ତାଲା ପକାଇ ଦେଉଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ସମ୍ପୃକ୍ତା ମହିଳା ଥାନାରେ ଅଭିଯୋଗ କରିବା ସହ ନ୍ୟାୟ ନ ମିଳିଲେ ଆତ୍ମାହୁତି କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଭଳି ଘଟଣା ସାଲେପୁର ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରେ ଘଟିଛି। ଅଭିଯୋଗ ଅନୁଯାୟୀ, ୨୦୨୦ ଜୁଲାଇ ୧୩ରେ ଏହି ଗ୍ରାମର ସୁଶେନ୍ ମହାରଣାଙ୍କ ସହ ଢେଙ୍କାନାଳ ଜିଲା ରାଧାକୃଷ୍ଣ ବଜାରର ସତ୍ୟନାରାୟଣ ମହାରଣାଙ୍କ ଝିଅ ସସ୍ମିତା ମହାରଣା ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହର ୩ମାସ ପରେ ଶାଶୁଘର ଲୋକେ ନବବଧୂଙ୍କୁ ବାପଘରକୁ ପଠାଇ ଦେବା ସହ ୧୫ଦିନ ପରେ ଆସିବାକୁ କହିଥିଲେ। ମାତ୍ର ସସ୍ମିତା ଶାଶୁଘରକୁ ଫେରିବା ବେଳକୁ ସେମାନେ ଆଉ ଘରେ ପୂରାଇ ଦେଇ ନ ଥିଲେ। ସସ୍ମିତା ଏନେଇ ସ୍ୱାମୀ ଓ ଶ୍ୱଶୁରଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଥାନାରେ ଏନେଇ ଦୁଇଥର ଅଭିଯୋଗ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ନବଦମ୍ପତିଙ୍କୁ ଚାରା ଉପହାର

ମାହାଙ୍ଗା, ୨୨।୧୧(ସ୍ୱ.ପ୍ର):

ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତ କଲ୍ୟାଣପୁର ଗ୍ରାମର ଅଧ୍ୟାପକ ଶ୍ୟାମସୁନ୍ଦର ପଲେଇଙ୍କ ପୁତ୍ର ରାଜେଶଙ୍କ ବିବାହ ଭୋଜିରେ ନବ ଦମ୍ପତିଙ୍କୁ ପରିବେଶବିତ୍ ପି.ବି.ଏସ. ପୃଷ୍ଟି ନିଆରା ଢଙ୍ଗରେ ଏକ ଚାରା ଉପହାର ପ୍ରଦାନ କରିଛନ୍ତି। ପରିବେଶବିତ୍ ପୃଷ୍ଟି ନବ ଦମ୍ପତିଙ୍କ ନୂଆ ଜୀବନ ଆରମ୍ଭ କରିବା ପୂର୍ବରୁ ଏହି ଚାରାକୁ ଲଗାଇବାକୁ ପରାମର୍ଶ ଦେବା ସହ ତାଙ୍କ ଜୀବନ ସୁଖମୟ ହେଉ ବୋଲି ଆର୍ଶୀବାଦ କରିଥିଲେ ।

# କିଶନନଗର ଥାନାରେ କର୍ମଚାରୀ ଅଭାବ

କଟକ ସଦର,୨୨।୧୧(ଡି.ଏନ୍.ଏ.):

କଟକ ଜିଲା କିଶନନଗର ଥାନାରେ କର୍ମଚାରୀ ଅଭାବ ୧୬ଟି ପଞ୍ଚାୟତବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ତୁରନ୍ତ ଥାନାରେ ଖାଲିଥିବା ଏସ୍‌ଆଇ, ଏଏସ୍‌ଆଇ ଓ କନଷ୍ଟେବଳ ପଦବୀ ପୂରଣ ପାଇଁ ମଙ୍ଗଳବାର ଉତ୍କଳ ବିକାଶ ପରିଷଦ ପକ୍ଷରୁ ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାଛଡା ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ପାଇଁ ଗାଡ଼ି ଓ କିଶୋର ନଗର ବିଜୁସେତୁ ନିକଟରେ ସିସିଟିଭି ଲଗାଇବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏହାର ନକଲ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ସମେତ ସାଲେପୁର ଏସ୍‌ଡିପିଓଙ୍କୁ ଦିଆଯାଇଛି। ଏହି ଥାନା ଅଧୀନରେ କଟକ ସଦର ଓ ସାଲେପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ରହିଛି।

# ଜମାତ ଅହମଦିୟା କର୍ମକର୍ତ୍ତାଙ୍କ ବାର୍ଷିକ ସମ୍ମିଳନୀ




ସମ୍ମିଳନୀରେ ଯୋଗଦେଇଥିବା ଜମାତ ଅହମଦିୟାର ନେତୃମଣ୍ଡଳି ।

ତିଗିରିଆ,୨୨।୧୧(ଡି.ଏନ.ଏ.):

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମଦିୟା ପଙ୍କାଳ ନିକଟସ୍ଥ ରଷି ଆମ୍ବ ବଗିଚାଠାରେ ଜମାତ ଅହମଦିୟା ସମ୍ପ୍ରଦାୟ କର୍ମକର୍ତ୍ତାଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜମାତ ଅହମଦିୟା ଭାରତର ଉପସଚିବ ମୌଲାନା ଓକିଲି ନିୟାଜ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ କୋରାନ କିଛି ଅଂଶ ସୟଦ ଅନୱାରୁଦ୍ଦିନ ପାଠ କରିଥିଲେ। ଜମିଲ ମହମ୍ମଦ ଉର୍ଦ୍ଦୁ କବିତା ପାଠ କରିଥିଲେ। କଟକ ଜିଲା ଜମାତ ଅହମଦିୟା ସଭାପତି ଅବଦୁଲ ମାଲିକ ସଭାପତିତ୍ୱ କରିଥିଲେ। ମୌଲାନା ହଲିମ ଅହମ୍ମଦ ଓ ମୁଖ୍ୟ ଅତିଥି ନିୟାଜ ଉପସ୍ଥିତ ଜମାତ କର୍ମକର୍ତ୍ତାଙ୍କୁ ବର୍ତ୍ତମାନ ପରିସ୍ଥିତିରେ ଶାନ୍ତି ପ୍ରତିଷ୍ଠା ପାଇଁ କିପରି କାର୍ଯ୍ୟ କରିବା କହିବା ସହିତ ପ୍ରତ୍ୟହ ପାଞ୍ଚ ଥର ନମାଜ(ଉପାସନା) କରିବା, କୋରାନ କଥା ମାନିବା ଓ ଜମାତର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମିଳନୀରେ ଜମାତ ଅହମଦିୟା ପଙ୍କାଳର ସଭାପତି ଅବଦୁଲ ଇସମାଇଲ ଖାଁଙ୍କ ସହିତ ଗ୍ରାମ୍ୟ କମିଟି କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଖୋର୍ଦ୍ଧା ଓ ଝାରସୁଗୁଡ଼ା ଜିଲାର କର୍ମକର୍ତ୍ତା ଏଥିରେ ଉପସ୍ଥିତ ଥିଲେ।

# ସହାୟିକା, ପାଚିକାଙ୍କୁ ସମ୍ବର୍ଦ୍ଧନା

**ଲଳିତଗିରି ଅଙ୍ଗନୱାଡ଼ି କେନ୍ଦ୍ରରେ ନିଆଁ ଲାଗିବା ଘଟଣା**

ମାହାଙ୍ଗା, ୨୨।୧୧(ସ୍ୱ.ପ୍ର):

ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡ଼ି-୨ କେନ୍ଦ୍ରରେ ଗତ ୧୧ ତାରିଖରେ ରୋଷେଇ ଚାଲିଥିବା ବେଳେ ଗ୍ୟାସ ଟାଙ୍କି ଫାଟି ଘର ଜଳିଯାଇଥିଲା । ଉପସ୍ଥିତ ବୁଦ୍ଧି ଖଟାଇ ଅଘଟଣ ପୂର୍ବରୁ କେନ୍ଦ୍ରର ସହାୟିକା ଓ ପାଚିକା ୨୦ଜଣ ଛାତ୍ରୀଛାତ୍ରୀଙ୍କୁ ସେହି ଘର ମଧ୍ୟରୁ ଉଦ୍ଧାର କରିଥିଲେ । ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ପୁଅ ଅଙ୍କିତ ପ୍ରତାପ ଜେନା ଲଳିତଗିରି ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦୁଇଜଣ ନାରୀ ନିଜ ଜୀବନକୁ ବାଜି ଲଗାଇ ୨୦ଜଣ କୋମଳମତୀ ଛାତ୍ରୀଛାତ୍ରଙ୍କ ଜୀବନ ରକ୍ଷା କରିବା ସହ ନିଜ ଅଞ୍ଚଳ



ମୁଖ୍ୟ ଅତିଥି ସହାୟିକା ଓ ପାଚିକାମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ସମେତ ରାଜ୍ୟ ପାଇଁ ଏକ ଉଦାହରଣ ପାଲଟିଛନ୍ତି ବୋଲି କହିଥିଲେ। ସେମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ନଗଦ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ । ସରପଞ୍ଚ ବଳରାମ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ସମାଜସେବୀ ନିରଞ୍ଜନ ପ୍ରଧାନ, ସୁପରଭାଇଜର ବେଙ୍ଗ ପଣ୍ଡା, ରଶ୍ମିବାଳା ମହାନ୍ତି, ପଣସପୁର ସରପଞ୍ଚ ଚିନ୍ମୟ ସାମନ୍ତରାୟ, କୁସୁପୁର ସରପଞ୍ଚଙ୍କ ପ୍ରତିନିଧି ଶିବ ପ୍ରସାଦ ସାହୁ , ଯୁବ ସଂଗଠକ ରତ୍ନାକର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅକରପଡାସ୍ଥିତ ସୁନନ୍ଦା ମଣ୍ଡପଠାରେ ପଣସପୁର ସରପଞ୍ଚ ଚିନ୍ମୟ ସାମନ୍ତରାୟଙ୍କ ନେତୃତ୍ୱରେ ଅଙ୍କିତ ପ୍ରତାପ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# 'ତମାଖୁ ସେବନରୁ ଦୂରେଇ ରୁହନ୍ତୁ ଯୁବଗୋଷ୍ଠୀ'

ବାଙ୍କୀ,୨୨।୧୧ (ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦୃଶ୍ୟଶ୍ରାବ ଗୃହରେ ତମାଖୁମୁକ୍ତ କ୍ୟାମ୍ପସ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏହି ସଚେତନତା ଶିବିର ସହ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରି ତମାଖୁ ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। କଟକ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଣ ସଂକ୍ରାମକ ରୋଗ ବିଭାଗର ସହକାରୀ ପରିଚାଳକ ସୁଧାରଞ୍ଜନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ତମାଖୁ ମୁକ୍ତ ଜୀବନର ଉପକାରିତା ଓ ଏହାର ଭୟାବହତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଜିଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗୀ ସୁଚିସ୍ମିତା ସିହ୍ନା, ଯୁକ୍ତ ଦୁଇ ଅଧ୍ୟକ୍ଷ ରାଜକିଶୋର ପାଲ ଓ ମୁଖ୍ୟ ବକ୍ତାଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। କଟକ ଜିଲା ଏନ.ଏସଏସ ଜିଲା କାର୍ଯ୍ୟକାରୀ ଅଧିକାରୀ ଡ.ସତ୍ୟଜିତ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ 'ତମାଖୁ ମୁକ୍ତ ବିଶ୍ୱ ଓ ଏଥିରେ ଯୁବଗୋଷ୍ଠୀର ଭୂମିକା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ଅଧ୍ୟାପିକା ସୁଲଗ୍ନା ପଣ୍ଡା ଓ ଅଧ୍ୟାପକ ସତ୍ୟଜିତ ଦାସ ଯୋଗଦେଇଥିଲେ । ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ ସଭା ପରିଚାଳନା କରିଥିଲେ ।



ତମାଖୁ ସଚେତନ କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ ।

**୨୦ରୁ ଊର୍ଦ୍ଧ୍ୱ ଗାଈଙ୍କୁ ଅଜଣା ରୋଗ**

ପିପିଲି(ସ୍ୱ.ପ୍ର.) : ପିପିଲି ବ୍ଲକ ଚନ୍ଦ୍ରାଦେଇପୁର ପଞ୍ଚାୟତ ବେହେରା ସାହି ଓ ମଠସାହି ଆଖପାଖ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ଗାଈ ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗାଈଙ୍କ ଦେହରେ ଫଁଲିଯିବା ସହିତ ସେମାନେ ଖାଦ୍ୟ ଖାଉ ନ ଥିବା ଦେଖିବାକୁ ମିଳିଛି। ବାହାରୁ ଔଷଧ କିଣି ହତାଶ ହେଉଥିବା ଅଞ୍ଚଳର ଗୋପାଳକମାନେ କହିଛନ୍ତି। ଏନେଇ ଗୋପାଳକ ଶଙ୍କର ବେହେରା, ଧୋବା ବେହେରା, ଚରଣ ବେହେରା, ରାଜୁ ବେହେରା, ବେଲୁ ବିଶ୍ୱାଳ ନନ୍ଦ ପ୍ରଧାନ ପ୍ରମୁଖ ଔଷଧ ଯୋଗାଇ ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଏସ୍‌ପିଙ୍କ ନାଁରେ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଠକେଇ

### ଅଭିଯୁକ୍ତ ଗିରଫ

**ପୁରୀ ଅଫିସ, ୨୨।୧୧:** ପୁରୀ ଏସ୍‌ପିଙ୍କ ନାମରେ ନକଲି ଫେସବୁକ୍ ଆକାଉଣ୍ଟ ଖୋଲି ଠକିବା ଅଭିଯୋଗରେ ଜଣେ ଯୁବକଙ୍କୁ ମଙ୍ଗଳବାର ସାଇବର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ତାହାରପୁରର ମନୋଜ କୁମାର ସାହୁ (୨୨)। ପୋଲିସ ଏନେଇ ଏକ କେସ୍ (ନଂ.୨୫/୨୨) ରୁଜୁ କରିଛି।
ପୋଲିସ ସୂଚନା ଅନୁଯାୟୀ, ଗତ ୨୧ ତାରିଖରେ ସାଇବର ଥାନାର ହେଲ୍ପ ଲାଇନ ନମ୍ବରକୁ ଏକ ଫୋନ ଆସିଥିଲା। ଫୋନ୍‌ରେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, କେହି ଜଣେ ବ୍ୟକ୍ତି ପୁରୀ ଏସ୍‌ପି କନୱର ବିଶାଲ ସିଂଙ୍କ ନାମରେ ଏକ ଫେସ୍‌ବୁକ୍ ଆଇଡି ଖୋଲିଛନ୍ତି। ସେହି ଆଇଡିରେ ପୁରୀ ଏସ୍‌ପି ଲେଖାଥିବା ସହ ଏସ୍‌ପିଙ୍କ ଫଟୋ ରହିଛି। ଉକ୍ତ ଫେସ୍‌ବୁକ୍ ଆକାଉଣ୍ଟରେ ଲୋକଙ୍କୁ ପୋଲିସ ବିଭାଗରେ ଚାକିରି କରାଇଦେବାକୁ କହି ଟଙ୍କା ମଗାଯାଉଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୫/୨୨) ରୁଜୁ କରି ତୁରନ୍ତ ଉକ୍ତ ଫେସ୍‌ବୁକ୍‌ର ତଥ୍ୟ ସଂଗ୍ରହ କରିଥିଲା। ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ୧୨ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ। ଅନ୍ୟପକ୍ଷରେ ଏପରି କୌଣସି ତଥ୍ୟ ଆସିଲେ ତାହାକୁ ବିଶ୍ୱାସ ନ କରିବା ସହ ଯଦି କିଛି ସନ୍ଦେହ ହୁଏ ତେବେ ସାଇବର ହେଲ୍ପଲାଇନ ନମ୍ବର ୬୩୭୦୯୬୭୧୦୦ରେ ଯୋଗାଯୋଗ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି।

### 'ଶ୍ରୀଜଗନ୍ନାଥ, ତିରୁପତିଙ୍କ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଉ'

■ ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କୁ ଉତ୍କଳ ବିଦ୍ୱତ ପରିଷଦର ନିବେଦନ

**ପୁରୀ ଅଫିସ, ୨୨।୧୧:** ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ମଙ୍ଗଳବାର ଉତ୍କଳ ବିଦ୍ୱତ ପରିଷଦର ସଭାପତି ମନୋଜ ରଥ ଭେଟି ଏକ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ପତ୍ରରେ ରଥ ଉଲ୍ଲେଖ କରିଛନ୍ତି ଯେ, ସ୍କନ୍ଦ ପୁରାଣ ବୈଷ୍ଣବ ଖଣ୍ଡରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଭଗବାନ ତିରୁପତି ବାଲାଜୀଙ୍କ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ଏହି ଦୁଇ କ୍ଷେତ୍ର ଆସ୍ଥା ଦୃଷ୍ଟିରୁ ବିଶ୍ୱବିଦିତ। ଏହି ବୈଷ୍ଣବ କ୍ଷେତ୍ର ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ। ଦୁଇ ରାଜ୍ୟର ଓଡ଼ିଆ ଓ ତେଲୁଗୁ ଭାଷାଭାଷୀ ଭକ୍ତଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀତିରୁପତିଙ୍କ ପରମ୍ପରା ଓ ସଂସ୍କୃତି ବହୁଳ ଭାବରେ ପ୍ରଚାର ପ୍ରସାର ପାଇଁ ଏକ ନିରନ୍ତର ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ରହିଛି। ସେ ଆହୁରି କହିଛନ୍ତି, ପ୍ରତ୍ୟେକ ବର୍ଷ ଉଭୟ ଦେବସ୍ଥାନରୁ ବିଦ୍ୱାନ, ପଣ୍ଡିତ, ସେବକଙ୍କ ଏକ ଗୋଷ୍ଠୀ ତିରୁପତି ବା ପୁରୀରେ ସମ୍ମିଳିତ ହୋଇ ଦୁଇଦିନିଆ ସଂଗୋଷ୍ଠୀର ଆୟୋଜନ କରିବା ସହ ଏହାର ସାରାଂଶକୁ ପୁସ୍ତକ ରୂପରେ ବହୁ ଭାଷାରେ ପ୍ରକାଶ କରାଯାଉ ବୋଲି ଉଲ୍ଲେଖ କରିଛନ୍ତି। ଏତଦ୍‌ବ୍ୟତୀତ ଦୁଇ ରାଜ୍ୟର ଭକ୍ତଙ୍କ ସୁବିଧା ନିମନ୍ତେ ଉଭୟ ଦେବସ୍ଥାନରେ ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବା ପାଇଁ ନିବେଦନ କରାଯାଇଛି। ଏ ସମସ୍ତ କାର୍ଯ୍ୟର ଶୁଭାରମ୍ଭ ଓ ଆନୁଷଙ୍ଗିକ ବ୍ୟବସ୍ଥା ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କ ନେତୃତ୍ୱରେ ହେଉ ବୋଲି ରଥ ଅନୁରୋଧପତ୍ରରେ ଉଲ୍ଲେଖ କରିଛନ୍ତି।

# ଜିଲାରେ ହିତାଧିକାରୀଙ୍କୁ ଗହମ ମିଳୁନି

### ଭାଜପା ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କୁ ଦାବିପତ୍ର

**ପୁରୀ ଅଫିସ, ୨୨।୧୧**


ଜିଲାପାଳଙ୍କୁ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଭାଜପା କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

ପୁରୀ ଜିଲାର ରାଶନକାର୍ଡଧାରୀଙ୍କୁ ଗହମ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ଆଣି ଭାରତୀୟ ଜନତା ପାର୍ଟି (ଭାଜପା) ପୁରୀ ଶାଖା ପକ୍ଷରୁ ମଙ୍ଗଳବାର ଶୋଭାଯାତ୍ରା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଭାଜପାର ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଖାଉଟିଙ୍କୁ ଗହମ ନ ମିଳିବାର କାରଣ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଭାଜପା ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ଫେବୃଆରୀ ମାସଠାରୁ ଜିଲାର ରାଶନ କାର୍ଡ ହିତାଧିକାରୀ ଗହମ ପାଉନାହାନ୍ତି। ଫଳରେ ଖାଉଟିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାର ଏହି ଗହମ ରାଜ୍ୟ ସରକାରଙ୍କୁ ଯୋଗାଇ ଦେଉଥିବା ବେଳେ ବିତରଣ କେନ୍ଦ୍ର ସ୍ଥାନାନ୍ତର ଭଳି ଛୋଟିଆ କାରଣ ଯୋଗୁ ଡିଲର ଓ ସରକାରଙ୍କ ମଧ୍ୟରେ ସମନ୍ୱୟର ଅଭାବ ପାଇଁ ହିତାଧିକାରୀମାନେ ସମସ୍ୟା ଭୋଗୁଛନ୍ତି। ରାଜ୍ୟ ସରକାର ପୂର୍ବପରି କାର୍ଡଧାରୀଙ୍କୁ ଗହମ ଦେବାପାଇଁ ପଦକ୍ଷେପ ନିଅନ୍ତୁ ବୋଲି ବିଧାୟକ ଷଡ଼ଙ୍ଗୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭାଜପା ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ସିଂହଦ୍ୱାର ମଣ୍ଡଳ ସଭାପତି ରବିନାରାୟଣ ଦାଶ, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ କୁମାର ମୁଖାର୍ଜୀ, କବିତା ରଥ, ରାଜେଶ କୁମାର ନନ୍ଦ, ଦିଗ୍‌ଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜିଲାପାଳ କହିଛନ୍ତି, ଏବେ ଗୋଟିଏ ମାସର ଗହମ ଆସିଛି। ଖୁବଶୀଘ୍ର ହିତାଧିକାରୀଙ୍କୁ ବଣ୍ଟନ କରାଯିବ। ବାକି ମାସର ଗହମ କିପରି ହିତାଧିକାରୀଙ୍କୁ ମିଳିବ ସେ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରାଯିବ।

# ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଲେ ମହାପ୍ରଭୁ

**ପୁରୀ ଅଫିସ, ୨୨।୧୧**



ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଦେବଦୀପାବଳି ନୀତି ଆରମ୍ଭ ହୋଇଛି। ଏହା ୩ଦିନ ଯାଏ ଚାଲିବ। ଏହି ୩ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ପ୍ରଭୁ ବଳଦେବ ଓ ଦେବୀ ସୁଭଦ୍ରା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ଦେବେ। ମଙ୍ଗଳବାର ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଶ୍ରୀବିଗ୍ରହମାନେ ଅଦିତି ଏବଂ କଶ୍ୟପଙ୍କ ଉଦ୍ଦେଶ୍ୟରେ ଦୀପଦାନ କରି ଶ୍ରାଦ୍ଧ ଦେଇଛନ୍ତି। ଦ୍ୱିତୀୟ ଦିନ ଅମାବାସ୍ୟା ତିଥିରେ ଦଶରଥ ଓ କୌଶଲ୍ୟା ଏବଂ ତୃତୀୟ ଦିନ ଅର୍ଥାତ ପ୍ରତିପଦା ତିଥିରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ରାଣୀଙ୍କୁ ଦୀପଦାନ ସହ ଶ୍ରାଦ୍ଧ ତର୍ପଣ କରିବାର ପରମ୍ପରା ରହିଛି। ଏହି ଅବସରରେ ଶ୍ରୀବିଗ୍ରହମାନେ ଧଳାବସ୍ତ୍ରରେ ଶ୍ରାଦ୍ଧବେଶ ଧାରଣ କରିଥିଲେ। ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତମାନେ ଶ୍ରୀଜଗନ୍ନାଥଙ୍କୁ ୧୬ ହାତ, ଶ୍ରୀବଳଭଦ୍ରଙ୍କୁ ୧୪ ହାତ ଓ ଦେବୀ ସୁଭଦ୍ରାଙ୍କୁ ୧୨ ହାତ ଲମ୍ବର ସୂତା ଶାଢ଼ି ବା ନାଗପୁରୀ ଶାଢ଼ି ପରିଧାନ କରାଇଥିଲେ। ଶ୍ରାଦ୍ଧବେଶରେ ଠାକୁରମାନେ ତଡ଼ଗୀ, ନଳୀଭୁଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡକାନି, ହରିଡ଼ା ମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ।

ସେହିପରି ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ହେବା ପରେ ରତ୍ନସିଂହାସନ ତଳେ ଭଣ୍ଡାରମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରିଥିଲେ। ପାଳିଆ ମେକାପ ଘୃତ ପୂର୍ଣ୍ଣକରି ଚାଉଳ ଗଛରେ ୨୮ଟି ବତି ବସାଇଥିଲେ। ଶ୍ରୀଜଗନ୍ନାଥଙ୍କ ନିମନ୍ତେ ୧୦, ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କ ନିମନ୍ତେ ୯ଟି ଲେଖାଏ ଦୀପ ବସାଯାଇଥିଲା। ୩ଟି ସୁନାଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳ ଗଛ ଓ ଦୀପକୁ ସଂସ୍କାର କରିଥିଲେ। ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକମାନେ ସିଂହାସନକୁ ଉଠି ତିନିବାଡ଼ରେ ବନ୍ଦାପନା କରିବା ପରେ ତିନୋଟି ମହାଦୀପରେ ବନ୍ଦାପନା କରିଥିଲେ। ପରେ ଜୟବିଜୟ ଦ୍ୱାର ଭିତରପଟେ ଚାଉଳ ଗଛକୁ ପୂଜାପଣ୍ଡା ସଂସ୍କାର କରି ପାଣି ପକାଇଥିଲେ। ସେହି ମହାଦୀପ କଳସଗୁଡ଼ିକୁ ପାଳିଆ ଚୁନରାଙ୍କୁ ଦିଆଯାଇଥିଲା। ବଡ଼ଓଡ଼ିଆ ମଠ ଦେଇଥିବା ତେଲ ଓ ଘିଅ ନେଇ ଚୁନରା ସେବକ ଶ୍ରୀମନ୍ଦିର ଅଁଳାବେଢ଼ା ଉପରେ ଦୀପ ଜାଳିଥିଲେ। ଚନ୍ଦ୍ରଉଦିଆ ଜାଳି ଗଜପତି ମହାରାଜାଙ୍କୁ ମହାପ୍ରଭୁ ଶଙ୍ଖେ ପୂରାଇ ଚକ୍ରେ ଆଡୁଆଳ କରନ୍ତୁ କହି ହରିବୋଲ ଡାକ ଦେଇଥିଲେ।


ପୁରୀ ସଂସ୍କୃତି ଭବନରେ ଆୟୋଜିତ ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ। (ଫଟୋ: ଯଜ୍ଞେଶ୍ୱର)

# ପୂର୍ବକ୍ଷେତ୍ର ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା

**ପୁରୀ ଅଫିସ, ୨୨।୧୧**

ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତ ବିକାଶ ପରିଷଦର ରାଷ୍ଟ୍ରୀୟ ସମ୍ପାଦକ ବିକ୍ରାନ୍ତ ଖଣ୍ଡେଲୱାଲ, ସଭାପତି ଚନ୍ଦ୍ରକାନ୍ତ ଜେନା, ପୂର୍ବକ୍ଷେତ୍ର ସଭାପତି ଦୀପକ ରୁଇଆ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଅର୍ଥସଚିବ ନନ୍ଦଲାଲ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଶୁଭାଶିଷ କର, ମହିଳା ବାଲ୍ ବିକାଶ ସଚିବ ସୁପ୍ରୀତି ରଥ, ପ୍ରାନ୍ତୀୟ ସଭାପତି ସତ୍ୟବାଦୀ ଦାଶ, ସମ୍ପାଦକ ପି.କେ. ମହାରଣା, ଅର୍ଥ ସଚିବ ଦୁଃଖୀଶ୍ୟାମ ଦାଶ, ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳାଇ, ଶ୍ରୀଜଗନ୍ନାଥ ଧାମ ଶାଖା ପୁରୀର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ସମ୍ପାଦକ ସୌମେନ୍ଦ୍ର ଦାସ, ଅର୍ଥ ସଚିବ ନିମାଇଁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ର ଯଥା ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶାର ୬ଟି ଦଳ ଭାଗ ନେଇଥିଲେ। ବିଚାରକ ଭାବେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ପ୍ରଚ୍ଛଦପଟ୍ଟ ଗାୟିକା ଦୀପ୍ତିରେଖା ପାଢ଼ୀ ଏବଂ ଶଶାଙ୍କ ଶେଖର ଯୋଗଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟଲକ୍ଷ୍ମୀ ସାହୁ, ଶରତ ଜୟସିଂହ, ବୁଦ୍ଧଦେବ ମହାପାତ୍ର, ପୀତାମ୍ବର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୋନାଲିସା ପଟ୍ଟନାୟକ, ଜୟନ୍ତୀ ମହାପାତ୍ର, ଲାଲା ଅନନ୍ତ କୁମାର ସିଂହ, ଉର୍ମିଳା ସ୍ୱାଇଁ, ମୀରା ମହାରଣା, ଅନୁସୂୟା ମଙ୍ଗରାଜ, ରାଜେଶ୍ୱର ମହାରଣା, କୃଷ୍ଣଚନ୍ଦ୍ର ରଥ,ସନ୍ତୋଷ ମହାନ୍ତି, ମନୋଜ ସାମନ୍ତରାୟ, ଜଗଦୀଶ ଆଗର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜକ ଶାଖା ସମ୍ପାଦକ ସୌମେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

### ଏକଲବ୍ୟ ଶିକ୍ଷାକେନ୍ଦ୍ରର ମାତୃ ସମ୍ମିଳନୀ

**ନିମାପଡ଼ା,୨୨।୧୧(ଡି.ଏନ୍.ଏ.)**

ନିମାପଡ଼ାସ୍ଥିତ ଏକଲବ୍ୟ ଶିକ୍ଷାକେନ୍ଦ୍ର ପକ୍ଷରୁ ଏକ ମାତୃ ସମ୍ମିଳନୀ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ଗୋବିନ୍ଦଚନ୍ଦ୍ର ନାୟକ, ସଭାପତି ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଆୟୋଜିତ ସମ୍ମିଳନୀରେ ଅଧ୍ୟୟନରତ ପ୍ରାୟ ୨ଶହ ବିଦ୍ୟାର୍ଥୀଙ୍କ ମା' ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଶିକ୍ଷା, ବୌଦ୍ଧିକ ଓ ମାନସିକ ବିକାଶ ଦିଗରେ ଶିକ୍ଷାକେନ୍ଦ୍ରର କର୍ତ୍ତୃପକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକ ଦୃଢ଼ ଦୃଷ୍ଟି ଦେବାସହ ସେମାନଙ୍କ ଉତ୍ତମ ଭବିଷ୍ୟତ ଗଠନ ଦିଗରେ ଯତ୍ନବାନ ହେବାକୁ ମତ ପୋଷଣ କରିଥିଲେ। ଶିକ୍ଷା ସହ କମ୍ପ୍ୟୁଟର, ଯୋଗ, ଶାରୀରିକ, କ୍ରୀଡ଼ା ଆଦିରେ ଛାତ୍ରୀଛାତ୍ରଙ୍କୁ ସାମିଲ କରାଗଲେ ସେମାନଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ହେବ ବୋଲି ଶତାଧିକ ମା' ପରାମର୍ଶ ଦେଇଥିଲେ। ଅଧକ୍ଷା ମଧୁମିତା ଜେନା, ଗାୟତ୍ରୀ ସେନାପତି ପ୍ରମୁଖ ସମ୍ମିଳନୀର ସଂଯୋଜନା ଓ ପରିଚାଳନା କରିଥିଲେ।

# ପ୍ରାଚୀ ଅଞ୍ଚଳର ବିକାଶ ଦାବି


ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ପ୍ରାଚୀ ସାଂସ୍କୃତିକ ସମିତି ପକ୍ଷରୁ ସ୍ମାରକପତ୍ର ଦିଆଯାଉଛି।

**ଅସ୍ତରଙ୍ଗ,୨୨।୧୧(ଡି.ଏନ୍.ଏ.)**

ପ୍ରାଚୀନଦୀ ଉପତ୍ୟକା ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ମଙ୍ଗଳବାର ପ୍ରାଚୀ ସାଂସ୍କୃତିକ ସମିତି କର୍ମକର୍ତ୍ତାମାନେ କାକଟପୁର ବିଧାୟକ ତଥା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଆଲୋଚନା କରି ୧୪ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମିତି ପକ୍ଷରୁ କାକଟପୁର, ଅସ୍ତରଙ୍ଗ ଓ ଜାହାନିଆଁ ରାସ୍ତାର ପ୍ରଶସ୍ତୀକରଣ, ଅସ୍ତରଙ୍ଗ-ଜାହାନିଆଁ ପୀଠ ଓ ମଙ୍ଗଳା ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା, ଦେଉଳି ମଠକୁ ପ୍ରଶସ୍ତ ରାସ୍ତା, କାକଟପୁର-କୋଣାର୍କକୁ ନୂତନ ରାସ୍ତା ସଂଯୋଗ, କାକଟପୁର ଅଞ୍ଚଳରେ ୨ ମିନି ଷ୍ଟାଡିୟମ୍, କୁଡାମଚଣ୍ଡୀ ପୀଠର ଉନ୍ନତୀକରଣ, ଭୁବନେଶ୍ୱରରୁ ଅସ୍ତରଙ୍ଗ ଓ କାକଟପୁରକୁ ମୋ ବସ୍ ଚଳାଚଳ, କାକଟପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା, କାକଟପୁରରେ କୋର୍ଟ ପ୍ରତିଷ୍ଠା, ପ୍ରାଚୀନଦୀର ପୁନରୁଦ୍ଧାର ଓ ପ୍ରଦୂଷଣମୁକ୍ତ କରିବା ପ୍ରଭୃତି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ମନ୍ତ୍ରୀ ବେହେରା ସମିତିର ପ୍ରସ୍ତାବଗୁଡ଼ିକ ଉପରେ ତର୍ଜମା କରି ଅଞ୍ଚଳର ବିକାଶ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ସଭାପତି ଡ. ଜଗବନ୍ଧୁ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ଡ଼. ଉପେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ମର୍ଦ୍ଦରାଜ ବିଶ୍ୱାଳ, ସହ ସମ୍ପାଦକ ତପନ ସ୍ୱାଇଁ ଏବଂ ଉପଦେଷ୍ଟା କମିଟି ସଭ୍ୟ ସ୍ୱପ୍ନେଶ୍ୱର ସାହୁ ପ୍ରମୁଖ ସାମିଲ ଥିଲେ।

# ଶିଶୁ ଯତ୍ନ, ସୁରକ୍ଷା ଉପରେ ଗୁରୁତ୍ୱ

**କଣାସ,୨୨।୧୧(ସ୍ୱ.ପ୍ର.)**

ପୁରୀ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏକ କର୍ମଶାଳା 'ଶିଶୁ ପାଇଁ ଦିନଟିଏ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧକ୍ଷା ପ୍ରଭାତୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, ବିଡିଓ ପବିତ୍ର ବେହେରା, ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ, ସିଡିପିଓ ସ୍ମିତା ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶକ୍ତି ପ୍ରସାଦ ମିଶ୍ର ଯୋଗଦେଇଥିଲେ। ୧୮ ବର୍ଷରୁ କମ୍ ବୟସର ଯଦି କୌଣସି ଶିଶୁ ଅସହାୟ ଅବସ୍ଥାରେ କିମ୍ବା ବିପଦସଂକୁଳ ଅବସ୍ଥାରେ ଥାଏ, ସରକାର ସେମାନଙ୍କୁ ସହାୟତା ପାଇଁ ହାତ ବଢ଼ାଇଛି। ସରପଞ୍ଚ ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇବେ। ଚାଇଲ୍ଡଲାଇନ, ପୋଲିସ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

# ସିସିଟିଭି ନଜରରେ ରହିବେ ପରୀକ୍ଷାର୍ଥୀ

**ସାକ୍ଷୀଗୋପାଳ,୨୨।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମାଟ୍ରିକ ସମେଟିଭି-୧ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେଉଛି। ସତ୍ୟବାଦୀ ବ୍ଲକର ୯ ପରୀକ୍ଷାକେନ୍ଦ୍ରକୁ ପ୍ରସ୍ତୁତ ରଖାଯାଇଛି। ୭ଟି କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ରହିଛି। ସତ୍ୟବାଦୀ ହାଇସ୍କୁଲକୁ ନୋଡାଲ ସେଣ୍ଟର ଭାବେ ଚିହ୍ନଟ କରାଯାଇଛି। ଏହା ବ୍ୟତୀତ ସୁକଳରେ ହେଉଥିବା ଏକ କେନ୍ଦ୍ରକୁ ପୁରୀ ସଦର ନୋଡାଲ ସେଣ୍ଟର ପରିଚାଳନା କରିବ। ଚଳିତବର୍ଷ ବ୍ଲକରେ ୧୫୮୭ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେବେ। ୬୦ ଜଣ ପର୍ଯ୍ୟବେକ୍ଷକଙ୍କ ସହ ଜିଲାସ୍ତରୀୟ ଏକ ଟିମ୍, ସତ୍ୟବାଦୀ ବିଡିଓଙ୍କ ଦ୍ୱାରା ଗଠିତ ଟିମ୍ ଓ ଅନ୍ୟ ସରକାରୀ ତଥା ଶିକ୍ଷା ବିଭାଗ ପକ୍ଷରୁ କରାଯାଇଥିବା ଟିମ୍‌ର ଅଧିକାରୀମାନେ ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ଅନୁଧ୍ୟାନ କରିବେ। ପରୀକ୍ଷା କେନ୍ଦ୍ରରେ ଜିରୋ ଟଲେରାନ୍ସ ବା ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ। ପରୀକ୍ଷା ହଲ ମଧ୍ୟକୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରୀକ୍ଷାର୍ଥୀମାନେ ସାଙ୍ଗରେ ମୋବାଇଲ ଫୋନ, ସ୍ମାର୍ଟ ଘଣ୍ଟା ନେବା ପାଇଁ ବାରଣ ହୋଇଛି। ବିଦ୍ୟାର୍ଥୀଙ୍କ ପାଇଁ ପାନୀୟ ଜଳ, ଶୌଚାଳୟର ବ୍ୟବସ୍ଥା ରହିଛି।

# ଓଏଚ୍‌ଆର୍‌ସି ଦ୍ୱାରସ୍ଥ ହେଲେ ରାଗିଂ ଶିକାର ଛାତ୍ରୀ

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ରାଗିଂ ଘଟଣା ଥମିବାର ନାଁ ନେଉ ନାହିଁ। ଥାନାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ହାତ ଯାକି ବସିଛି। କଲେଜ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ସମସ୍ତେ ମିଶି ଘଟଣାକୁ ଚାପିବାକୁ ଚେଷ୍ଟା କରୁଛନ୍ତି ଏବଂ ମୋ ଭବିଷ୍ୟତ ନଷ୍ଟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ରାଗିଂର ଶିକାର ରୋଜାଲିନ ବିଶ୍ୱାଳ। ଗତ ୧୨ତାରିଖରେ ତାଙ୍କର ପରୀକ୍ଷା ଥିବାବେଳେ ତାଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯାଇଛି। ଶେଷରେ ନ୍ୟାୟ ପାଇଁ ରୋଜାଲିନ ମଙ୍ଗଳବାର ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରୋଜାଲିନ ଯୁକ୍ତ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗରେ ପାଠ ପଢ଼ିବା ସହ କଲେଜ ପରିସରରେ ଥିବା ଯୁବଜ୍ୟୋତି ହଷ୍ଟେଲରେ ରୁହନ୍ତି। କଲେଜର ଦୁଇ ସିନିଅର ଛାତ୍ରୀ ରୋଜାଲିନଙ୍କୁ ୩ମାସ ଧରି ରାଗିଂ କରିବା ସହ ଚାରି ଜଣ ପୁରୁଷ ବନ୍ଧୁଙ୍କ ସହାୟତାରେ ଗାଳିଗୁଲଜ, ଧମକ ସହ ନାନା ନିର୍ଯାତନା ଦେଉଥିଲେ। ଗତ ଅକ୍ଟୋବର ୩୦ରେ ରାଗିଂ ଅସହ୍ୟ ହେବାରୁ ରୋଜାଲିନ ତାଙ୍କ ପାରିବାର ସଦସ୍ୟଙ୍କୁ ଡାକି ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ପରିବାର ସଦସ୍ୟ ଏନେଇ ନିମାପଡ଼ା ଥାନା ଅଧିକାରୀଙ୍କୁ ଫୋନ୍‌ରେ ଜଣାଇବା ପରେ ତାଙ୍କ ପରାମର୍ଶ ଅନୁସାରେ ରୋଜାଲିନ ଓ ତାଙ୍କ ଭଉଣୀ କଲେଜ ସହ ଥାନାରେ ଅଭିଯୋଗ କରିଥିଲେ। ହେଲେ କଲେଜ କର୍ତ୍ତୃପକ୍ଷ ଓ ପୋଲିସ ନିରବଦ୍ରଷ୍ଟା ସାଜିବାରୁ ପୀଡ଼ିତା ପୁନର୍ବାର ନଭେମ୍ବର ୪ରେ ଥାନାରେ ଅଭିଯୋଗ କରିଲେ। କିନ୍ତୁ ସମ୍ପୃକ୍ତ ୪ଜଣ ଯୁବକଙ୍କୁ ଲୁଚାଇ ଉକ୍ତ ଛାତ୍ରୀଙ୍କ ସହିତ ସମାଧାନ କରିବାକୁ ଥାନା ଅଧିକାରୀ କହିବାରୁ ପୀଡ଼ିତା ଏସ୍‌ପି ଓ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କେହିହେଲେ ନ୍ୟାୟ ଦେଲେ ନାହିଁ। ଏବେ କଲେଜ କର୍ତ୍ତୃପକ୍ଷ, ପୋଲିସ ମିଳିମିଶି ତାଙ୍କୁ ହଇରାଣ କରୁଥିବାରୁ ଭବିଷ୍ୟତକୁ ନେଇ ସେ ମାନସିକ ସ୍ତରରେ ଭାଙ୍ଗିପଡିଛନ୍ତି। ଓଏଚ୍‌ଆର୍‌ସି ତାଙ୍କୁ ନ୍ୟାୟ ଦେବେ ବୋଲି ରୋଜାଲିନ ଆଶାବ୍ୟକ୍ତ କରିଛନ୍ତି।


ଆଇଟିବିପି ଖୋର୍ଦ୍ଧାରୁ ସାଇକେଲ ଯାତ୍ରାରେ ମଙ୍ଗଳବାର ଶ୍ରୀମନ୍ଦିର ଆସିଥିବା ଯାତ୍ରୀମାନେ।



ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପୁରୀ ଶାଖା ପକ୍ଷରୁ ବିଭିନ୍ନ ଦାବି ପୂରଣ ନିମନ୍ତେ କାମନା କରି ମଙ୍ଗଳବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।



ପିପିଲି ମହାବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ ଏବଂ ନେକ୍ସସ୍ ହେଲ୍ପ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଆୟୋଜିତ ରକ୍ତଦାନ ଶିବିର।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧୧।୨୦୨୨

| | |
|---|---|
| ୩, ୪୪, ୬୭୮ ଟଙ୍କା | |
| ସୁନା | ୨.୮୨୦ ଗ୍ରାମ |
| ରୁପା | ୨୫୦ ମିଲିଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୧ତମ ଜୟନ୍ତୀ, ଓଡ଼ିଶା ବିଧାନସଭା ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ୬ଷ୍ଠ ନ୍ୟାଶନାଲ ମିଡିଆ କନ୍‌କ୍ଲେଭ୍, କିଟ୍ ଅଡିଟୋରିୟମ୍, ପୂର୍ବାହ୍ନ ୯ଟା ୩୦।
- ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆଇଡିଏଟ୍ ୨୦୨୨, ଅର୍ଚିଡ୍-ମେ'ଫେୟାର, ପୂର୍ବାହ୍ନ ୧୦ଟା ୩୦।
- ପାକ୍ଷିକ ପତ୍ରିକା କୋଶଲଟାଇମ୍ ଆନୁକୂଲ୍ୟରେ ୧୨୨ତମ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଏବଂ ସମ୍ବର୍ଦ୍ଧନା ସମାରୋହ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା ୪୫।
- କ୍ରେଲ୍‌ସ ପ୍ଲେ ସ୍କୁଲ୍‌ର ଉଦ୍‌ଘାଟନୀ, ଏ/୩ ଇଣ୍ଡଷ୍ଟ୍ରିଆଲ ଏରିଆ, ସ୍ୱସ୍ତି ପ୍ରିମିୟମ୍ ନିକଟ, ପୂର୍ବାହ୍ନ ୧୧ଟା।
- ପ୍ରଦର୍ଶନୀ 'ମୋଦି ଆର୍ଟ ୨୦', ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ପୂର୍ବାହ୍ନ ୧୧ଟା।

କଟକ

- ଜାତୀୟ କବି ବୀରକିଶୋର ଜୟନ୍ତୀ, ଜେକେବିକେ ସରକାରୀ ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ଗୁଣନିଧି ଭବନ, ଅପରାହ୍ନ ୫ଟା।

# ମାର୍ଚ୍ଚ ସୁଦ୍ଧା ନାଟମଣ୍ଡପ ମରାମତି ସରିବ

### ଗୁଣ୍ଡିଚା ମନ୍ଦିର ସ୍ଥିତି ଅନୁଧ୍ୟାନ କଲେ ଗଜପତି ମହାରାଜା



ପୁରୀ ଅଫିସ, ୨୨।୧୧

ଗଜପତି ମହାରାଜା ଦିବ୍ୟସିଂହ ଦେବ ମଙ୍ଗଳବାର ଶ୍ରୀଗୁଣ୍ଡିଚା ମନ୍ଦିରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ତାଙ୍କ ସହିତ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଏବଂ କୋର୍ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ପୂର୍ବରୁ ଗତ ଅକ୍ଟୋବରରେ ସ୍ଥିତି ଯାଞ୍ଚ ବେଳେ ମନ୍ଦିର ନାଟମଣ୍ଡପର ୪ଟି କଲମ ସମେତ ବିମ୍‌ରେ ପୁଣି ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ରଥଯାତ୍ରା ପୂର୍ବରୁ ଏହାର ସାମୟିକ ମରାମତି ହୋଇଥିଲା। କିନ୍ତୁ ଲୁଣିପବନ ମାଡ଼ ଯୋଗୁ ଏହା ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଏହାର ପୂର୍ଣ୍ଣାଙ୍ଗ ମରାମତି ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ ପରେ ଗଜପତି ମହାରାଜା ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ଗୁଣ୍ଡିଚା ମନ୍ଦିର ନାଟମଣ୍ଡପ କଲମଗୁଡିକର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ନାଟମଣ୍ଡପର ଯେଉଁ ଚାରୋଟି ମୁଖ୍ୟ କଲମ ରହିଛି ତା'ର ବଡ଼ କ୍ୟାପିଟାଲ ଯାହା ଛାତର ଭାରକୁ ଧରି ରଖିଥାଏ, ତାହା ସ୍ଥିତି ଠିକ୍ ନାହିଁ। ତେଣୁ ମରାମତି କରାଯିବ। ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଛି। ତାଙ୍କ ପରାମର୍ଶ କ୍ରମେ କାର୍ଯ୍ୟ ଚାଲିଛି। ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ମରାମତି ହେବାକୁ ଥିବା ସ୍ଥାନରେ ପୂର୍ବରୁ ରଡ୍ ଆଇରନ ବିମ୍ ଲଗାଯାଇଥିଲା, ଯାହା ଲୁଣି ପବନ ଖାଇ ନଷ୍ଟ ହେବା ସହ ଫୁଲିଯାଇଛି ଓ ଫାଟ ସୃଷ୍ଟି ହୋଇଛି। ତେବେ ବୈଷୟିକ କମିଟିର ନିଷ୍ପତ୍ତି ଅନୁଯାୟୀ ସେଗୁଡ଼ିକୁ ବଦଳାଯାଇ ସେହିସବୁ ସ୍ଥାନରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବିମ୍ ଲଗାଯିବ। ତାହାକୁ ଭଲ ଭାବେ ମରାମତି କରାଯାଇ ନାଟମଣ୍ଡପ ସହ ମିଶାଯିବ। ଗୁଣ୍ଡିଚା ମନ୍ଦିର ଗର୍ଭଗୃହରେ ସମସ୍ୟା ନାହିଁ। ତା'ର ମରାମତି ପୂର୍ବରୁ ହୋଇସାରିଛି। ଶ୍ରୀଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯିବ। ଏଥିରେ ଏଏସ୍‌ଆଇର ଦାୟିତ୍ୱ ନାହିଁ, କିନ୍ତୁ ଏଏସ୍‌ଆଇ ପରାମର୍ଶରେ କାର୍ଯ୍ୟ ହେବ। ସେହିପରି ୫ ଏକର ପରିମିତ ଗୁଣ୍ଡିଚା ମନ୍ଦିରର ବିକାଶ ପାଇଁ ଏକ ବୃହତ୍ ଯୋଜନା ପ୍ରସ୍ତୁତ ହୋଇଛି। ଦେଶର ବିଭିନ୍ନ ଐତିହ୍ୟସ୍ଥଳୀ ବିକାଶ ପାଇଁ କାର୍ଯ୍ୟ କରୁଥିବା ଦିଲ୍ଲୀର ଲୋଟସ ଷ୍ଟୁଡିଓ ଏ ନେଇ ପ୍ରସ୍ତୁତ କରିଥିବା ଯୋଜନାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁମୋଦନ ଦେଇଛି ବୋଲି ଗଜପତି ମହାରାଜା କହିଛନ୍ତି। ସେହିପରି ଶ୍ରୀମନ୍ଦିର ବୈଷୟିକ କମିଟି ସଦସ୍ୟ ଏନ୍.ସି. ପାଲ୍ କହିଛନ୍ତି, ଶ୍ରୀମନ୍ଦିର ନାଟମଣ୍ଡପ ଓ ଗୁଣ୍ଡିଚା ମନ୍ଦିର ନାଟମଣ୍ଡପ ନିର୍ମାଣ ଶୈଳୀ ପ୍ରାୟ ସମାନ। ଗୁଣ୍ଡିଚା ମନ୍ଦିର ନାଟମଣ୍ଡପରେ ଥିବା କଲମ ଓ ଆଇରନ ରଡ୍ ବିମ୍ କାରଣରୁ କଳଙ୍କି ଲାଗି ନଷ୍ଟ ହୋଇଯାଇଛି ଓ ଫାଟ ସୃଷ୍ଟି ହୋଇଛି। ଗ୍ରାନାଇଟ ଷ୍ଟୋନରେ ମରାମତି କରାଯିବ। ଏଥିପାଇଁ ପ୍ରାୟ ୪ ମାସ ଲାଗିବ। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୯ରେ ଗୁଣ୍ଡିଚା ମନ୍ଦିର ସ୍ଥିତି ଅନୁଧ୍ୟାନ ପରେ ନାଟମଣ୍ଡପର ୪ଟି କଲମ ସହ ବିମ୍‌ରେ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି, ରୁର୍କି ଆଇଆଇଟି ପ୍ରଫେସର ଏବଂ ସିବିଆର୍‌ଆଇ ବିଶେଷଜ୍ଞ ଏସ୍.କେ. ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ୭ଜଣିଆ ଟିମ୍ ସ୍ଥିତି ଅନୁଧ୍ୟାନ କରି ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ।

# ଅହିଂସାଧର୍ମୀ ସୈନିକ ଥିଲେ ଶହୀଦ ଲକ୍ଷ୍ମଣ ନାଏକ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)




ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ। (ଫଟୋ- ମୌସମ)

### ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ସୂଚନା ଓ ଲୋକସଂପର୍କ ବିଭାଗ ତଥା ଶବରୀ ସାଂସ୍କୃତିକ ପରିଷଦ ପକ୍ଷରୁ ମଙ୍ଗଳବାର ସୂଚନା ଭବନରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଯୋଗଦେଇ କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାଏକଙ୍କ ଭୂମିକା ଓଡ଼ିଶାର ଜନଜାତିଙ୍କ ସ୍ୱାଭିମାନକୁ ଋଦ୍ଧିମନ୍ତ କରିଛି। ସମ୍ମାନିତ ଅତିଥି ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କହିଛନ୍ତି, ଶହୀଦ ଲକ୍ଷ୍ମଣ ନାଏକ ପରାଧୀନତା, ଜନଜାତିଙ୍କୁ ଶୋଷଣ, ଅତ୍ୟାଚାର ଏବଂ ନିର୍ଯାତନା ବିରୋଧରେ ସଂଗ୍ରାମ କରିଥିଲେ। ତାଙ୍କର ଦେଶପ୍ରୀତି ସବୁବେଳେ ଉତ୍ତରପିଢ଼ିଙ୍କୁ ଅନୁପ୍ରେରିତ କରୁଥିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ପୁଣେସ୍ଥିତ ମିଟ୍ ୱାର୍ଲ୍ଡ ପିସ୍ ୟୁନିଭର୍ସିଟିର ଉପକୁଳପତି ତଥା ସାହିତ୍ୟିକ ପ୍ରଫେସର ଡ. ତପନ କୁମାର ପଣ୍ଡା କହିଲେ, ଲକ୍ଷ୍ମଣ ନାଏକ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପୂର୍ବରୁ ଦମନବିରୋଧୀ, ପ୍ରତିବାଦୀ, ଶିକ୍ଷା-ସଂସ୍କୃତି ସେବକ, ରୋଗୀସେବା ଓ ଜନକଲ୍ୟାଣରେ ବ୍ରତୀ ଥିଲେ। ଜନଜାତିଙ୍କ ମଧ୍ୟରେ ଗାନ୍ଧୀବାର୍ତ୍ତା ପ୍ରଚାର କରିଥିଲେ। ମାଥିଲି ଥାନା ଘେରାଉ ଥିଲା ତାଙ୍କ ସଂଗ୍ରାମୀ ଜୀବନର ବଡ଼ ଘଟଣା। ସେ ଥିଲେ ଫାଶିଖୁଣ୍ଟରେ ଝୁଲିଥିବା ଦେଶବତ୍ସଳ, ଶାନ୍ତିପ୍ରିୟ ଓ ଅହିଂସାଧର୍ମୀ ସୈନିକ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନାଦର୍ଶ ସମ୍ପର୍କରେ କହିଥିଲେ। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶବରୀ ସାଂସ୍କୃତିକ ପରିଷଦ ଉପସଭାପତି ଗୌରଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କୋରାପୁଟ ଜୟପୁରର ମୋନାଲିସା ପଣ୍ଡା ଏବଂ ତାଙ୍କ ସାଥୀଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ଯୁବକ ଗିରଫ

ଖୋର୍ଦ୍ଧା ଅଫିସ,୨୨।୧୧

ଫେସବୁକରୁ ଜଣେ ମହିଳାଙ୍କ ଫଟୋକୁ ଡାଉନଲୋଡ କରି ଅଶ୍ଳୀଳ ଚିତ୍ର ସହ ଏଡିଟିଂ କରି ପରେ ତାକୁ ଭାଇରାଲ କରିବା ଘଟଣାରେ ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଡିହପୁର ଗ୍ରାମର ପ୍ରକାଶ ଜୟସିଂହ (୨୦)। ସୂଚନା ଅନୁସାରେ ଆଦର୍ଶ ଥାନା ଅଞ୍ଚଳର ଜଣେ ମହିଳାଙ୍କ ଫଟୋକୁ ଏଡିଟିଂ କରି ସୋସିଆଲ ମିଡିଆରେ ପ୍ରକାଶ ଛାଡିଥିଲେ। ଏହା ଫଳରେ ସମ୍ପୃକ୍ତ ମହିଳା ଓ ତାଙ୍କ ପରିବାର ମାନସିକ ଚାପରେ ଥିଲେ। ଏ ନେଇ ଗତ ୨୦ ତାରିଖରେ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୫୯୬/୨୨) ରୁଜୁ କରି ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ସ୍ୱାଧୀନତା ସଂଗ୍ରାମୀ ଗଜେନ୍ଦ୍ର କୁମାର ଦାସ ଅସୁସ୍ଥ



ଭୁବନେଶ୍ୱର,୨୨।୧୧(ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀବାଦୀ ନେତା ଗଜେନ୍ଦ୍ର କୁମାର ଦାସ ଅସୁସ୍ଥ ହୋଇପଡ଼ିଛନ୍ତି। ସେ ଭୁବନେଶ୍ୱରସ୍ଥିତ ସ୍ୱର୍ଣ୍ଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ୧୯୨୬ ମସିହାରେ ଗଜେନ୍ଦ୍ର ବରଗଡ଼ ଜିଲାର ପଦ୍ମପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଏବେ ତାଙ୍କୁ ୯୬ ବର୍ଷ। ପିଲାବେଳୁ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଭିନ୍ନ ଆନ୍ଦୋଳନରେ ସାମିଲ ହୋଇଥିଲେ। ଗାନ୍ଧୀଙ୍କ ପ୍ରଚାରପତ୍ର ବାଣ୍ଟିବା ସହ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ। ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ସମୟରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ମଧ ଦିଆଯାଇଥିଲା।

# ୧୦ ବିଶ୍ୱସ୍ତରୀୟ ଆହ୍ୱାନର ସମାଧାନ କରିବ ମାଣ୍ଡିଆ

### ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ମିଲେଟ୍ ମିଶନ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)



କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରୁଛନ୍ତି।

ମାଣ୍ଡିଆ ଶସ୍ୟର ବ୍ୟବହାର ଓ ଏହାର ଉପକାରିତାକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଓଡ଼ିଶା ସରକାର ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ରୂପେ ପାଳନ କରିଥିବାବେଳେ ମଙ୍ଗଳବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ମିଲେଟ୍ ମିଶନକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଜ୍ୟ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାର ୧୪ଟି ଜିଲା ୭୨ଟି ବ୍ଲକରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ। ମାଣ୍ଡିଆ ଚାଷ ଓ ଏହାର ବ୍ୟବସହାର ସାରା ବିଶ୍ୱ ପାଇଁ ୧୦ ପ୍ରକାର ଲାଭ ହେବ। କମ୍ ଅର୍ଥ ବିନିଯୋଗରେ ଚାଷ, ଅଧିକ ଲାଭ, କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସଠାରୁ ଆରମ୍ଭ କରି ଜଳବାୟୁ ପରିବର୍ତ୍ତନ, ମଧୁମେହର ଓ ମେଦବହୁଳତାର ସରଳ ଉପଚାର, ଗ୍ରାମାଞ୍ଚଳର ଦାରିଦ୍ର୍ୟ ଦୂରୀକରଣ ଆଦି ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ସମାଧାନ କରାଯାଇପାରିବ। ତେବେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଖାଦ୍ୟ ମେନ୍ୟୁରେ ପ୍ରତି ସପ୍ତାହରେ ଥରେ ମାଣ୍ଡିଆରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ଜାଣି ପାଢ଼ୀ ଖୁସି ହୋଇଥିଲେ। କୃଷି ଏବଂ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଗୋଟିଏ ଗ୍ଲାସ୍ ମାଣ୍ଡିଆ ୩ ଗ୍ଲାସ୍ କ୍ଷୀର ସହ ସମାନ। ଆଫ୍ରିକୀୟ ଉପ ମହାଦେଶର ପ୍ରତ୍ୟେକ ଦେଶ ଏହି କ୍ଷୁଦ୍ର ବିହନଯୁକ୍ତ ଶସ୍ୟକୁ ଚାଷ କରିବା ଦରକାର। ରୋମ୍‌ରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ମିଲେଟ୍ ଫୋରମ୍‌ରେ ସେ ରାଜ୍ୟର ମଡେଲ୍‌କୁ ନେଇ ପ୍ରତିନିଧିତ୍ୱ କରିବେ ବୋଲି ପ୍ରକାଶ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଲ୍ପୀ ସାହୁ କହିଥିଲେ, ଓଡ଼ିଶାବାସୀଙ୍କ ପାଇଁ ଏହା ଖୁସିର ଖବର ଯେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ସବୁଜ ବିପ୍ଳବର ଅନ୍ୟତମ ବିକଳ୍ପ ଭାବରେ ମିଲେଟ୍ ମିଶନ୍‌କୁ ଅଧ୍ୟୟନ କରୁଛି। ଏହି ଅବସରରେ ଆୟୋଜିତ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ନରେନ୍ଦ୍ର



@ ଲିପୁନ୍



@ ଫଗୁ



@ ଅଜିତ



@ ଭଗବାନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଦେବଦୀପାବଳି ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଦୀପରେ ସଜାଯାଇଛି।



ଦେବଦୀପାବଳି ଅବସରରେ ମଙ୍ଗଳବାର ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ। (ଫଟୋ-ଯଜ୍ଞେଶ୍ୱର)




ଓଡ଼ିଶାରେ (ଓଡ଼ିଶା ବେସାମରିକ ସେବା) ପୁନଃ ଥଇଥାନ ନିୟମ ୧୯୯୦କୁ କାର୍ଯ୍ୟକ୍ଷମ କରି ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ନ୍ୟାୟ ଦାବିରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ଥଇଥାନ ଆଶାୟୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ- ମନୋରଞ୍ଜନ)

# ବିଶ୍ୱକପ୍‌ର ୧୦ ବଡ଼ ବିପର୍ଯ୍ୟୟ

ମଙ୍ଗଳବାର କାତାର ବିଶ୍ୱକପ୍‌ରେ ଘଟିଯାଇଛି ଚଳିତ ବର୍ଷର ବଡ ବିପର୍ଯ୍ୟୟ। ଲିଓନେଲ ମେସିଙ୍କ ଆର୍ଜେଣ୍ଟିନାକୁ ୨-୧ରେ ପରାସ୍ତ କରିଛି ସୌଦୀଆରବ। ବେଳେ ବେଳେ ଡିଫେଣ୍ଡିଂ ଚାମ୍ପିୟନ ଦଳ ପ୍ରଥମ ରାଉଣ୍ଡରୁ ବିଦାୟ ନେବାର ନଜିର ରହିଥିବା ବେଳେ ଅନେକ ନୂତନ ସ୍ୱପ୍ନ ତିଆରି ହୋଇଥାଏ ଓ ଅନେକ ସ୍ୱପ୍ନ ଭାଙ୍ଗିଥାଏ। ବିଭିନ୍ନ ବିଶ୍ୱକପ୍ ସଂସ୍କରଣର ଇତିହାସରେ ଘଟିଥିବା ୧୦ଟି ବଡ ବିପର୍ଯ୍ୟୟ...


ଗେଲସନ୍ ଫର୍ନାଣ୍ଡେସ୍

▶▶ **୧୦- ନର୍ଦ୍ଦର୍ନ ଆୟର୍ଲାଣ୍ଡ ବନାମ ସ୍ପେନ୍(୧-୦):** ୧୯୮୨ ବିଶ୍ୱକପ୍‌ରେ ଆୟୋଜକ ସ୍ପେନ୍‌କୁ ୧-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା ନର୍ଦ୍ଦର୍ନ ଆୟର୍ଲାଣ୍ଡ। ବିଲି ବର୍ମିଂହାମଙ୍କ ନର୍ଦ୍ଦର୍ନ ଆୟର୍ଲାଣ୍ଡ ଦଳ ଅଭିଜ୍ଞ ମାର୍ଟିନ୍ ଓ' ନୀଲଙ୍କ ନେତୃତ୍ୱରେ ଖେଳୁଥାଏ। ପ୍ରଥମ ଦୁଇ ଗ୍ରୁପ୍ ମ୍ୟାଚ ଡ୍ର ରଖିବା ପରେ ଭାଲେନ୍ସିଆରେ ସ୍ପେନ୍‌କୁ ଭେଟୁଥାଏ ନର୍ଦ୍ଦର୍ନ ଆୟର୍ଲାଣ୍ଡ। ଗେରି ଆର୍ମଷ୍ଟ୍ରଙ୍ଗଙ୍କ ଐତିହାସିକ ଗୋଲ ବଳରେ ନର୍ଦ୍ଦର୍ନ ଆୟର୍ଲାଣ୍ଡ ମ୍ୟାଚ ଜିତିବା ସହିତ ଦଳ ନକଆଉଟରେ ପ୍ରବେଶ କରିଥିଲା।

▶▶ **୯- ଦକ୍ଷିଣ କୋରିଆ ବନାମ ଇଟାଲୀ(୨-୧)(୨୦୦୨):** ୧୯୮୬-୯୮ ମଧ୍ୟରେ ଦକ୍ଷିଣ କୋରିଆ ମାତ୍ର ୪ଟି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଜିତିଥିଲା। ତେବେ ୨୦୦୨ରେ ଘରୋଇ ଦର୍ଶକଙ୍କ ସାମ୍ନାରେ ଦଳ ଅଭୂତପୂର୍ବ ପ୍ରଦର୍ଶନ କରିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ପୋଲାଣ୍ଡ ଓ ପର୍ତ୍ତୁଗାଲ ପରି ଦଳକୁ ପରାସ୍ତ କରିଥିଲା ଦକ୍ଷିଣ କୋରିଆ। ତେବେ କ୍ୱାର୍ଟରରେ ଇଟାଲୀ ବିପକ୍ଷ ମ୍ୟାଚକୁ ୨-୧ରେ ଜିତି ସମସ୍ତଙ୍କୁ ଆଚମ୍ବିତ କରି ଦେଇଥିଲା ହିଡ୍ଡିଙ୍କଙ୍କ ଦଳ।

▶▶ **୮- ବୁଲଗେରିଆ ବନାମ ଜର୍ମାନୀ(୨-୧)(୧୯୯୪):** ୧୯୯୦ରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ନିଜ ଟାଇଟଲ ଡିଫେଣ୍ଡ କରିବା ପ୍ରୟାସରେ ଥାଏ। ତେବେ କ୍ୱାର୍ଟର ଫାଇନାଲରେ ବେର୍ଟି ଭଗ୍ଟସଙ୍କ ଦଳ ଅପ୍ରତ୍ୟାଶିତ ଭାବରେ ବୁଲଗେରିଆ ନିକଟରୁ ପରାଜିତ ହୋଇଥିଲା। ବାର୍ସେଲୋନା ଷ୍ଟାର ହ୍ରିଷ୍ଟୋ ଷ୍ଟୋଇକୋଭଙ୍କ ଚମତ୍କାର ପ୍ରଦର୍ଶନ ବଳରେ ବୁଲଗେରିଆ ଏହି ମ୍ୟାଚ ଜିତି ନେଇଥିଲା। ଏହା ପୂର୍ବରୁ ଷ୍ଟୋଇକୋଭ ଆର୍ଜେଣ୍ଟିନାକୁ ମଧ୍ୟ ବିଦା କରିଥିଲେ।

▶▶ **୭- ସ୍ୱିଜରଲାଣ୍ଡ ବନାମ ସ୍ପେନ୍, (୧-୦) (୨୦୧୦):** ଦକ୍ଷିଣ ଆଫ୍ରିକା ବିଶ୍ୱକପରେ ସ୍ପେନ୍ ଚାମ୍ପିୟନ୍ ହୋଇଥିଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରେ ଦଳ ସ୍ୱିଜରଲାଣ୍ଡ ନିକଟରୁ ଅପ୍ରତ୍ୟାଶିତ ଭାବରେ ପରାଜିତ ହୋଇଥିଲା। ଡର୍ବାନରେ ସ୍ୱିସ୍ ତାରକା ଗେଲସନ୍ ଫର୍ନାଣ୍ଡେସ୍‌ଙ୍କ ଗୋଲ ବଳରେ ୧-୦ରେ ବିଜୟୀ ହୋଇଥିଲା। ତେବେ ଆନ୍ଦ୍ରେ ଇନିଏଷ୍ଟାଙ୍କ ଦଳ ଶେଷରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା।

▶▶ **୬- ଉତ୍ତର କୋରିଆ ବନାମ ଇଟାଲୀ (୧-୦) (୧୯୬୬):** ୧୯୬୬ ବିଶ୍ୱକପ୍‌ର ଏହି ବିଜୟ ସହିତ ଏସୀୟ ଫୁଟବଲ ଇତିହାସରେ ନୂତନ ଅଧ୍ୟାୟ ଯୋଡିଥିଲା ଉତ୍ତର କୋରିଆ। ଉତ୍ତର କୋରିଆ ଇତିହାସର ସର୍ବଶ୍ରେଷ୍ଠ ଖେଳାଳି ପାକ୍ ଡୁ ଇକ୍ ଜାତୀୟ ଦଳ ପାଇଁ ସର୍ବଶ୍ରେଷ୍ଠ ମୁହୂର୍ତ୍ତ ପକ୍କା କରିଥିଲେ। ଡୁ ଇକ୍‌ଙ୍କ ଗୋଲ ବଳରେ ଉତ୍ତର କୋରିଆ ନକ୍ ଆଉଟରେ ସ୍ଥାନ ପକ୍କା କରିଥିବା ବେଳେ ଇଟାଲୀ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା।

▶▶ **୫- ୟୁଏସ୍‌ଏ ବନାମ ଇଂଲଣ୍ଡ (୧-୦) (୧୯୫୦):** ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ) ଦଳରେ ଏକାଧିକ ପାର୍ଟ ଟାଇମର ଖେଳାଳି ରହିଥିଲେ ହେଁ ଦଳ ଜୋଏ ଗାଏଟେନଙ୍କ ଗୋଲ ବଳରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ନେଇ ପରେ 'ଦ ଗେମ ଅଫ୍ ଦେୟାର ଲାଇଭ୍ସ' ନାମକ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କରାଯାଇଥିଲା।



୧୯୮୨ ବିଶ୍ୱକପରେ ଇଟାଲୀ ଓ ବ୍ରାଜିଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

▶▶ **୪- ରିପବ୍ଲିକ ଅଫ୍ ଆୟର୍ଲାଣ୍ଡ ବନାମ ଇଟାଲୀ(୧-୦) (୧୯୯୪):** ଜ୍ୟାକ୍ ଚାର୍ଲଟନଙ୍କ ଦଳ ଇଟାଲୀ-୯୦ ପରାଜୟର ପ୍ରତିଶୋଧ ନେବା ପାଇଁ ପଡିଆକୁ ଓହ୍ଲାଇଥିଲା। ରେ ହୌଟନଙ୍କ ଗୋଲ ବଳରେ ଆୟର୍ଲାଣ୍ଡ ଅଗ୍ରଣୀ ହାସଲ କରିଥିବା ବେଳେ ଇଟାଲୀ ପକ୍ଷରୁ ମଧ୍ୟ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରାଯାଇଥିଲା। ତେବେ ପଲ ମ୍ୟାକଗ୍ରାଥଙ୍କ ଡିଫେନ୍ସ ବଳରେ ଆୟର୍ଲାଣ୍ଡ ବିଜୟୀ ହୋଇଥିଲା।

▶▶ **୩- ଇଟାଲୀ ବନାମ ବ୍ରାଜିଲ(୩-୨)(୧୯୮୨):** କାମ୍ପ ନୋଉରେ ବ୍ରାଜିଲ ୧୨ ବର୍ଷର ଟାଇଟଲ ପ୍ରତୀକ୍ଷାର ଅନ୍ତ ଘଟାଇବାକୁ ପ୍ରୟାସ କରିଥିଲା। ପୂର୍ବରୁ ଇଟାଲୀ ବିପକ୍ଷରେ ଶତ ପ୍ରତିଶତ ବିଜୟ ରେକର୍ଡ ରଖିଥିବା ଦଳ ପାଓଲୋ ରୋସିଙ୍କ ଆଗରେ ହାର ମାନିଥିଲା। ରୋସି ହ୍ୟାଟ୍ରିକ ଅର୍ଜନ କରିଥିବା ବେଳେ ବ୍ରାଜିଲ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲା।

▶▶ **୨- କାମେରୁନ୍ ବନାମ ଆର୍ଜେଣ୍ଟିନା (୧-୦)(୧୯୯୦):** ୧୨ ବର୍ଷ ପରେ ପ୍ରଥମ ଦଳ ଭାବେ ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରି ଜର୍ମାନୀଠାରୁ ହାରିଥିଲା ଆର୍ଜେଣ୍ଟିନା। ତେବେ ଏହି ସଂସ୍କରଣରେ ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ କାମେରୁନ୍ ନିକଟରୁ ହାରିଥିଲା ମାରାଡୋନଙ୍କ ଦଳ। ଫ୍ରାନ୍ସିସ ଓମାମ ବିଇକ୍‌ଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ କାମେରୁନ୍ ବିଜୟୀ ହୋଇଥିଲା।

▶▶ **୧- ସେନେଗାଲ ବନାମ ଫ୍ରାନ୍ସ (୧-୦) (୨୦୦୨):** ଟାଇଟଲ ଡିଫେଣ୍ଡ କରିବା ପାଇଁ ଖେଳୁଥିବା ରୋଜର ଲେମେରଙ୍କ ଫ୍ରାନ୍ସ ୧-୦ରେ ସେନେଗାଲ ନିକଟରୁ ହାରିଥିଲା। ଜିନେଡାଇନ୍ ଜିଡାନଙ୍କ ଅନୁପସ୍ଥିତିରେ ପ୍ୟାଟ୍ରିକ୍ ଭିଏରା ଓ ଥିଏରୀ ହେନେରୀ ଅସହଜ ମନେ ହୋଇଥିଲେ। ପାପା ବୌବା ଡିଓପଙ୍କ ଐତିହାସିକ ଗୋଲ ବଳରେ ସେନେଗାଲ ବିଜୟୀ ହୋଇଥିଲା।



ମେକ୍ସିକୋ ଓ ପୋଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ପୋଲାଣ୍ଡ ବିପକ୍ଷରେ ଓଚୋଆ ହିରୋ

**ଦୋହା,୨୨।୧୧**

ଗୋଲକିପର ଗୁଇଲର୍ମୋ ଓଚୋଆ ଏକ ପେନାଲ୍ଟି ଶଟ୍‌କୁ ରୋକିବା ସହିତ ମେକ୍ସିକୋ ପାଇଁ ହିରୋ ପାଲଟି ଯାଇଛନ୍ତି। ଓଚୋଆଙ୍କ ଏହି ପ୍ରଦର୍ଶନ ବଳରେ ମେକ୍ସିକୋ ପ୍ରଥମ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇଛି। ନିଜର ପଞ୍ଚମ ବିଶ୍ୱକପ ଖେଳୁଥିବା ଓଚୋଆ ମ୍ୟାଚର ଦ୍ୱିତୀୟ ହାଫ୍‌ରେ ଚମତ୍କାର ସେଭ୍ କରିଥିଲେ। ମାତ୍ର ୧୨ ୟାର୍ଡ ଦୂରରୁ ରବର୍ଟ ଲିୱାଣ୍ଡୋସ୍କିଙ୍କୁ ମିଳିଥିଲା ଏକ ପେନାଲ୍ଟି ଶଟ୍। ପୋଲାଣ୍ଡର ସର୍ବାଧିକ ଗୋଲସ୍କୋରର ଲିୱାଣ୍ଡୋସ୍କି ଗୋଟିଏ ବି ବିଶ୍ୱକପ ଗୋଲ କରିନଥିବା ବେଳେ ଏହା ତାଙ୍କ ପାଇଁ ଥିଲା ସୁବର୍ଣ୍ଣ ସୁଯୋଗ। ତେବେ ମାତ୍ର ୧୨ ୟାର୍ଡ ଦୂରରୁ ଲିୱାଣ୍ଡୋସ୍କି ମାରିଥିବା ଶଟ୍‌କୁ ଚମତ୍କାର ଡାଇଭ୍ ଦ୍ୱାରା ଅଟକାଇବାରେ ସମର୍ଥ ହୋଇଥିଲେ ଗୁଇଲର୍ମୋ ଓଚୋଆ। ଷ୍ଟାଡିୟମ ୯୭୪ରେ ଖେଳାଯାଇଥିବା ମ୍ୟାଚରେ ଉଭୟ ଦଳ ପକ୍ଷରୁ ସ୍କୋର କରିବାରେ ଅସମର୍ଥ ହୋଇଥିଲେ। ମେକ୍ସିକୋ ଦଳ ୬୧ ପ୍ରତିଶତ ସମୟ ବଲ ନିୟନ୍ତ୍ରଣରେ ରଖିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ପୋଲାଣ୍ଡ ପକ୍ଷରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ଏହି ମ୍ୟାଚରେ ପ୍ରଥମ ଥର ପାଇଁ ଏକ ପୁରୁଷ ବିଶ୍ୱକପରେ ଜଣେ ମହିଳା ଅଫିସିଆଲ(ରେଫରି) ରହିଛନ୍ତି। ଫ୍ରାନ୍ସର ଷ୍ଟିଫାନୀ ଫ୍ରାପାର୍ଟ ପ୍ରଥମ ମହିଳା ଭାବରେ ଏହି ସୌଭାଗ୍ୟ ହାସଲ କରିଛନ୍ତି। ଜାପାନର ୟମାଶିଟା ୟୋଶିମି ଏବଂ ରୁଆଣ୍ଡାର ସଲିମା ମୁକାନସାଙ୍ଗାଙ୍କ ସହିତ ମିଳିତ ଭାବରେ ମ୍ୟାଚ ପରିଚାଳନା କରିଥିଲେ।






ମଙ୍ଗଳବାର ପୋଲାଣ୍ଡ ବିପକ୍ଷ ମ୍ୟାଚ ପୂର୍ବରୁ ଷ୍ଟାଡିୟମ ୯୭୪ରେ ମେକ୍ସିକୋ ଜାତୀୟ ପତାକା ଏବଂ ଉପସ୍ଥିତ ଦର୍ଶକ। ପେନାଲ୍ଟି କିକ୍ ସେଭ୍ କରି ହିରୋ ବିବେଚିତ ହୋଇଥିବା ମେକ୍ସିକୋ ଗୋଲକିପର ଗୁଇଲେର୍ମୋ ଓଚୋଆ।

## ସପ୍ତରଙ୍ଗୀ ଟୋପିକୁ ମନା



**ଦୋହା, ୨୨।୧୧ (ଏପି)**

ସପ୍ତରଙ୍ଗୀ ବିଶିଷ୍ଟ ଟୋପି ପିନ୍ଧି ଆସିଥିବା ୱେଲ୍ସ ଦଳର କିଛି ସମର୍ଥକଙ୍କୁ ଏକ ବିଶ୍ୱକପ୍ ଷ୍ଟାଡିୟମ ପ୍ରବେଶ ପଥରେ କାହିଁକି ଅଟକା ଗଲା ସେ ନେଇ କାରଣ ଦର୍ଶାଇବା ଲାଗି ୱେଲ୍ସ ଫୁଟ୍‌ବଲ ମହାସଂଘ ଫିଫାକୁ କହିଛି। ସୋମବାର ଆମେରିକା ବିପକ୍ଷ ବିଶ୍ୱକପ୍ ମ୍ୟାଚ ଲାଗି ୱେଲ୍ସ ଫୁଟ୍‌ବଲ ମହାସଂଘ ଏହାର ପ୍ରଶଂସକଙ୍କ ଲାଗି ଟୋପି ତିଆରି କରିଥିଲା। ସପ୍ତରଙ୍ଗୀ ହେଉଛି କାଳ୍ପନିକ। ଏଲଜିବିଟିକ୍ୟୁ (ଲେସ୍‌ବିଆନ, ଗେ, ବାଇସେକ୍ସୁଆଲ ଆଣ୍ଡ୍ ଟ୍ରାନ୍ସଜେଣ୍ଡର) ଅଧିକାରର ଏହା ଏକ ପ୍ରତୀକ। ମାତ୍ର ସମଲିଙ୍ଗୀ ସମ୍ପର୍କକୁ ଅପରାଧ ବୋଲି ବିବେଚନା କରାଯାଉଥିବା ଦେଶ ପାଇଁ ଏହା ବିବାଦୀୟ। ଅହମଦ ବିନ୍ ଅଲି ଷ୍ଟାଡିୟମର ପ୍ରବେଶ ପୂର୍ବରୁ ସମର୍ଥକ ଓ କିଛି ଷ୍ଟାଫଙ୍କୁ ବିବାଦୀୟ ଟୋପିକୁ ଉତାରି ଦେବା ଲାଗି କୁହାଯାଇଥିଲା। ଏହା ଅତ୍ୟନ୍ତ ନୈରାଶର ବିଷୟ ବୋଲି ୱେଲ୍ସ ମହାସଂଘ କହିଛି।

## ମ୍ୟାଚ୍ ଅବଧି ବୃଦ୍ଧି କରୁଛି ଫିଫା

**ଦୋହା,୨୨।୧୧(ପି.ଟି.)**

ସମଗ୍ର ବିଶ୍ୱରେ ଫୁଟ୍‌ବଲ ମ୍ୟାଚ ୯୦ ମିନିଟ ଧରି ଖେଳା ଯାଉଥିବା ବେଳେ କାତାର ବିଶ୍ୱକପ୍‌ରେ ଖେଳା ଯାଉଥିବା ମ୍ୟାଚଗୁଡିକର ଅବଧି ସର୍ବନିମ୍ନ ୧୦୦ ମିନିଟ ରହିଛି। ଫ୍ୟାନ୍‌ଙ୍କୁ ଅଧିକ ମନୋରଞ୍ଜନ ପ୍ରଦାନ କରିବା ପାଇଁ ଫିଫା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏକ ପରିସଂଖ୍ୟାନ ସାଇଟ୍ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ପ୍ରତି ମ୍ୟାଚରେ ଅନ୍ୟୁନ ୧୦ ମିନିଟର ଅତିରିକ୍ତ ସମୟ ପ୍ରଦାନ କରାଯାଉଛି। ଏହା ସହିତ ଏପରି କରିବା ପାଇଁ ମ୍ୟାଚ ରେଫରିଙ୍କୁ ନିର୍ଦ୍ଦେଶ ମିଳିଥିବା କୁହାଯାଇଛି। ସୌଦୀ ଆରବ ବିପକ୍ଷ ମ୍ୟାଚରେ ଆର୍ଜେଣ୍ଟିନାର ୨-୧ ପରାଜୟରେ ଅତିରିକ୍ତ ସମୟ ୧୪ ମିନିଟ ରଖାଯାଇଥିଲା। ଇଂଲଣ୍ଡ ଓ ଇରାନ ମ୍ୟାଚରେ ପ୍ରଥମ ହାଫ୍‌ରେ ୧୫ ମିନିଟର ଷ୍ଟପେଜ ଟାଇମ ଓ ଦ୍ୱିତୀୟ ହାଫ୍‌ରେ ୧୪ ମିନିଟର ଷ୍ଟପେଜ ଟାଇମ ଲାଗୁ କରାଯାଇଥିଲା। ପ୍ରଥମ ହାଫ୍‌ରେ ଇରାନ ଗୋଲକିପରଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଷ୍ଟପେଜ୍ ଟାଇମ୍ ବୃଦ୍ଧି ଯୁକ୍ତିଯୋଗ୍ୟ, ମାତ୍ର ଦ୍ୱିତୀୟ ହାଫ୍‌ରେ ମଧ୍ୟ ଷ୍ଟପେଜ ଟାଇମ ବୃଦ୍ଧି ହେବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେନେଗାଲ ଓ ନେଦରଲାଣ୍ଡ୍ସ ମୁକାବିଲାରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା। ଉଭୟ ହାଫ୍‌ରେ ୧୧ ମିନିଟର ଷ୍ଟପେଜ ଟାଇମ୍ ନିଆଯାଇଥିଲା। ଆମେରିକା ଓ ୱେଲ୍ସ ମ୍ୟାଚ ସହିତ ମଙ୍ଗଳବାର ଆର୍ଜେଣ୍ଟିନା-ସୌଦୀ ଆରବ ମ୍ୟାଚରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ମ୍ୟାଚ ସମୟରେ ଷ୍ଟପେଜ ଟାଇମ ଅବଧି ବୃଦ୍ଧି କରିବା ସହିତ ଦର୍ଶକଙ୍କୁ ଅଧିକ ମନୋରଞ୍ଜନ ପାଇଁ ଏଭଳି କରିବାକୁ ଫିଫା ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଏହା ସହିତ ଗୋଲ ସେଲିବ୍ରେସନ୍ ପାଇଁ ଖେଳାଳିମାନେ ଅଧିକ ସମୟ ନେଉଥିବା ବେଳେ ଭିଡିଓ ରେଫରାଲ କାରଣରୁ ମଧ୍ୟ ମ୍ୟାଚ ବିଳମ୍ବିତ ହେଉଥିବା କହିଛନ୍ତି ମ୍ୟାଚ ଅଫିସିଆଲ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ ଯୋଡ଼ୋ ଯାତ୍ରାରେ ଆଜି ଯୋଗଦେବେ ପ୍ରିୟଙ୍କା



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ନୂଆଦିଲ୍ଲୀ ,୨୨।୧୧(ପି.ଟି.)

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ବୁଧବାର ମଧ୍ୟପ୍ରଦେଶରେ ପ୍ରବେଶ କରୁଥିବାବେଳେ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏଥିରେ ସାମିଲ ହେବେ ବୋଲି ବରିଷ୍ଠ ନେତା ଜୟରାମ ରମେଶ ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ୭ରେ ତାମିଲନାଡୁର କନ୍ୟାକୁମାରୀରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଏହା ତାମିଲନାଡୁ, କେରଳ, କର୍ନାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ମହାରାଷ୍ଟ୍ର ଅତିକ୍ରମ କରିଛି। ଏହି ପଦଯାତ୍ରାରେ ପ୍ରଥମ ଥର ପାଇଁ ପ୍ରିୟଙ୍କା ସାମିଲ ହେବାକୁ ଯାଉଛନ୍ତି। ମଙ୍ଗଳବାର ପଦଯାତ୍ରୀମାନେ ବିଶ୍ରାମ ନେଇଥିବାବେଳେ ବୁଧବାର ଯାତ୍ରା ବୁରହାନ୍‌ପୁର ନିକଟରେ ମଧ୍ୟପ୍ରଦେଶରେ ପ୍ରବେଶ କରିବ। ପ୍ରିୟଙ୍କା ସେଠାରେ ଅନ୍ୟମାନଙ୍କ ସହ ସାମିଲ ହେବେ ଏବଂ ୪ ଦିନ ରହିବେ। ମଧ୍ୟପ୍ରଦେଶର ଖଣ୍ଡୱା, ଇନ୍ଦୋର, ଉଜ୍ଜୟିନୀ ଆଦି ଜିଲା ଅତିକ୍ରମ କରି ଡିସେମ୍ବର ୫ରେ ଯାତ୍ରା ରାଜସ୍ଥାନରେ ପ୍ରବେଶ କରିବ। ରାହୁଲ ଦୁଇଟି ଜ୍ୟୋତିର୍ଲିଙ୍ଗ ମନ୍ଦିର ଖଣ୍ଡୱାର ଓମ୍‌କାରେଶ୍ୱର ଏବଂ ଉଜ୍ଜୟିନୀର ମହାକାଳେଶ୍ୱର ପରିଦର୍ଶନ କରିବେ। ସେ ତାନ୍ତିଆ ମାମାଙ୍କ ଜନ୍ମସ୍ଥାନ ଭ୍ରମଣ କରିବେ ଏବଂ ୨୯ରେ ଇନ୍ଦୋରରେ ଏକ ଖବରଦାଦା ସମ୍ମିଳନୀ କରିବେ ବୋଲି ମଧ୍ୟପ୍ରଦେଶ କଂଗ୍ରେସ ସୂତ୍ରରୁ ଜଣାପଡ଼ିଛି।

# ଥରୁରଙ୍କ ଗସ୍ତକୁ ନେଇ କେରଳ କଂଗ୍ରେସ ଦୁଇଭାଗ

ନୂଆଦିଲ୍ଲୀ,୨୨।୧୧

ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କ ମାଲାବାର ଗସ୍ତକୁ ନେଇ କେରଳ କଂଗ୍ରେସରେ ଫାଟ ଦେଖାଦେଇଛି। ତାଙ୍କର ଏହି ୪ ଦିନିଆ ଗସ୍ତରେ ବହୁ ଲୋକ ସାମିଲ ହୋଇଥିଲେ। ତେବେ ରାଜ୍ୟ କଂଗ୍ରେସରେ ଗୋଷ୍ଠୀବାଦକୁ ବରଦାସ୍ତ କରାଯିବ ନାହିଁ ବୋଲି ବିରୋଧୀ ଦଳ ନେତା ଭି.ଡି. ସାଥିସାନ୍ କହିଛନ୍ତି। ଥରୁରଙ୍କ ଗସ୍ତକୁ ନେଇ କଂଗ୍ରେସରେ ବିବାଦ ଜୋର୍‌ଦାର ହୋଇଛି। ଥରୁର ଗୋଷ୍ଠୀଙ୍କ ଶକ୍ତି ବୃଦ୍ଧିକୁ ନେଇ ରାଜ୍ୟ କଂଗ୍ରେସ ନେତାମାନେ ବିବ୍ରତ ହୋଇପଡ଼ିଛନ୍ତି। ସେ କାହାକୁ ଭୟ କରନ୍ତି ନାହିଁ, ଓ ତାଙ୍କୁ ଭୟ କରିବାର କୌଣସି କାରଣ ନାହିଁ ବୋଲି ଥରୁର କହିଛନ୍ତି। ଯଦିଓ ଦଳ ପକ୍ଷରୁ ଆନୁଷ୍ଠାନିକ ଭାବେ ତାଙ୍କ ଗସ୍ତକୁ ବିରୋଧ କରାଯାଇ ନାହିଁ, ତେବେ ଜଣେ ନେତା ତାଙ୍କ ନାଁ ନ ନେଇ ଚେତାବନୀ ଦେଇଛନ୍ତି। ବିଧାନସଭା ନିର୍ବାଚନରେ ଦୁଇଥର ପରାଜିତ ହୋଇଥିବା କଂଗ୍ରେସର ସ୍ଥିତି ସୁଧୁରୁଥିବାବେଳେ ରାଜ୍ୟରେ ଦଳର ସମାନ୍ତରାଳ କାର୍ଯ୍ୟକ୍ରମକୁ ସୁଯୋଗ ଦିଆଯିବ ନାହିଁ ବୋଲି ସାଥିସାନ୍ କହିଛନ୍ତି।

କୋଝିକୋଡ୍‌ରେ ଥରୁରଙ୍କ ପାଇଁ ହେବାକୁ ଥିବା ଯୁବକଂଗ୍ରେସ ସମାବେଶ ସ୍ଥଗିତ ରହିବା ପରେ ଗୋଟିଏ ଗୋଷ୍ଠୀ କଂଗ୍ରେସ ନେତାଙ୍କ ଚକ୍ରାନ୍ତ ପଦାରେ ପଡ଼ିଯାଇଛି। ଯୁବକଂଗ୍ରେସ ପକ୍ଷରୁ ରବିବାର 'ସଂଘ ପରିବାର ଓ ଧର୍ମନିରପେକ୍ଷତା ପ୍ରତି ଚ୍ୟାଲେଞ୍ଜ' ଶୀର୍ଷକରେ ସେମିନାର ହେବାର ଥିଲା। ଏହାକୁ ଅଘୋଷିତ ଭାବେ ନିଷେଧ କରାଯାଇଥିବା ଥରୁରଙ୍କ ସମର୍ଥକମାନେ କହିଛନ୍ତି।



ମହାରାଷ୍ଟ୍ର ରାଜ୍ୟପାଳ ଭଗତସିଂ କୋଶିଆରି ଛତ୍ରପତି ଶିବାଜୀଙ୍କ ବିଷୟରେ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ସୋଲାପୁରସ୍ଥିତ ଛତ୍ରପତି ଶିବାଜୀ ମହାରାଜ ଚୌକରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ କରାଯାଇଥିବା ମାନବଶୃଙ୍ଖଳ।

# ଭାଜପା ଇସ୍ତାହାର ପ୍ରତିଶ୍ରୁତି ପାଳନ କରିନି: ବିଜେଡି

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ଚାଷୀ ପ୍ରସଙ୍ଗରେ ବିଜେଡି ଓ ଭାଜପା ମଧ୍ୟରେ ତୁ ତୁ ମେ ମେ ଲାଗି ରହିଛି। ଉଭୟ ଦଳ ପରସ୍ପର ବିରୋଧରେ ଦୋଷ ଲଦିବା ଆରମ୍ଭ କରିଦେଇଛନ୍ତି। ତେବେ ଚାଷୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳାର ଅଭିଯୋଗ ଆଣି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା କହିଥିଲା ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ୧.୫ ଗୁଣ ବୃଦ୍ଧି କରିବେ। କିନ୍ତୁ ସେମାନେ ତାହା କଲେ ନାହିଁ। ସେହିଭଳି କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବେ କହି କୃଷକଙ୍କୁ ପ୍ରତାରଣା କରିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ ସେମାନେ ସେଭଳି କିଛି କରିନାହାନ୍ତି। ଆସନ୍ତା ଦିନରେ ଭାଜପାକୁ ଏହାର ଉଚିତ୍ ଜବାବ ମିଳିବ ବୋଲି ସସ୍ମିତ କହିଛନ୍ତି।

## ଧାନ କିଣା ଦାୟିତ୍ୱରେ ଥିବା ମନ୍ତ୍ରୀ କର୍ତ୍ତବ୍ୟ ଭୁଲିଗଲେଣି: ଭାଜପା

ରାଜ୍ୟର ଚାଷୀ ସେମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ଠିକ ମୂଲ୍ୟ ଏବଂ ବ୍ୟବସ୍ଥିତ ଭାବେ ବିକ୍ରି କରିବାକୁ ଚାହିଁ ରହିଛନ୍ତି। ହେଲେ ଏହି ବିଭାଗର ମନ୍ତ୍ରୀମାନେ ଏବେ ପଦ୍ମପୁର ଉପନିର୍ବାଚନ ପ୍ରଚାରରେ ମାତିଛନ୍ତି। ଧାନ କିଣା ଦାୟିତ୍ୱରେ ଥିବା କୃଷି ଏବଂ ସମବାୟ ଓ ଯୋଗାଣ ମନ୍ତ୍ରୀ ଯଦି ନିଜ କର୍ତ୍ତବ୍ୟକୁ ଭୁଲି ଦଳୀୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ ତେବେ ସୁବ୍ୟବସ୍ଥିତ ଧାନ କିଣାର ତଦାରଖ ଏବଂ ଚାଷୀ ସମସ୍ୟାର ସମାଧାନ କିଏ କରିବ ବୋଲି ମଙ୍ଗଳବାର ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ପ୍ରଶ୍ନ କରିଛନ୍ତି।

# ରମାଙ୍କ ବୋହୂଙ୍କୁ ଜିତାଇବାକୁ ଜଗି ବସିଛନ୍ତି ଉମା

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ରାଜନୈତିକ ପାଣିପାଗ ସବୁବେଳେ ଭିନ୍ନ। ସତ୍ୟବାଦୀର ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂଙ୍କ ରାଜନୈତିକ ଲଢ଼େଇ କଥା ମଧ୍ୟ ନିର୍ବାଚନମଣ୍ଡଳୀର ସମସ୍ତଙ୍କୁ ଭଲଭାବେ ଜଣା। ହେଲେ ଏବେ ପଦ୍ମପୁର ଉପନିର୍ବାଚନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଯାହା ସତ୍ୟବାଦୀ ଭୋଟରଙ୍କୁ ଆଶ୍ଚର୍ଯ୍ୟଚକିତ କରି ରଖିଛି। ରମା ରଞ୍ଜନଙ୍କ ବୋହୂ ବର୍ଷା ସିଂ ବରିହାଙ୍କୁ ଜିତାଇବା ଲାଗି ଉମାକାନ୍ତ ସାମନ୍ତରାୟ ଯାଇ ପଦ୍ମପୁର ନିର୍ବାଚନମଣ୍ଡଳୀର ପଦ୍ମପୁର ବ୍ଲକ ୧ ନମ୍ବର ଜୋନ୍‌ର ଚାରପାଲୀ ପଞ୍ଚାୟତକୁ ଜଗି ବସିଛନ୍ତି। ରାଜନୈତିକ ଶତ୍ରୁଙ୍କ ବୋହୂଙ୍କ ପାଇଁ ଉମା ଯାଇ ପ୍ରଚାର କରିବା କଥାକୁ ସତ୍ୟବାଦୀ ଭୋଟର ହଜମ କରିପାରୁନାହାନ୍ତି।

ଯଦି ଇତିହାସକୁ ଦେଖିବା ଉମାକାନ୍ତ ସାମନ୍ତରାୟ ଏବଂ ରମାରଞ୍ଜନ ବଳିଆରସିଂଙ୍କ ମଧ୍ୟରେ ଦୀର୍ଘଦିନ ହେଲା ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ୨୦୦୪ରେ ରମା ସତ୍ୟବାଦୀ ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇ ୫୨,୨୦୧ ଖଣ୍ଡ ଭୋଟ ପାଇ ପ୍ରଥମ ଥର ଲାଗି ବିଜୟୀ ହୋଇଥିଲେ। ସେତେବେଳେ ବିଜେଡି ଶଙ୍କର ପରିଡ଼ାଙ୍କୁ ପ୍ରାର୍ଥୀ କରିଥିଲା। ଏହି ନିର୍ବାଚନରେ କଂଗ୍ରେସରୁ ପ୍ରସାଦ ହରିଚନ୍ଦନ ପ୍ରାର୍ଥୀ ହୋଇଥିବା ବେଳେ ମୋଟ ୪୮,୮୦୭ ଖଣ୍ଡ ଭୋଟ୍ ପାଇଥିଲେ। ଶଙ୍କର ପରିଡ଼ା ମାତ୍ର ୧୪,୮୮୩ ଖଣ୍ଡ

## ରାଜନୀତିର ଅଜବ ଦୃଶ୍ୟ, ଭାଜପା ନେତାଙ୍କ ଘରୁ ବିଜେଡି ପ୍ରାର୍ଥୀ

ଭୋଟ ପାଇଥିଲେ। ହେଲେ ୨୦୦୯ରେ ବିଜେଡି ଉମାଙ୍କୁ ଟିକେଟ ଦେଇଥିଲା। ଫଳରେ ରମା ସ୍ୱାଧୀନ ପ୍ରାର୍ଥୀ ହେଲେ। ପ୍ରସାଦଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିଲା। ପ୍ରସାଦ ୪୪,୮୬୨ ଖଣ୍ଡ ଭୋଟ ପାଇଥିବାବେଳେ ଉମାଙ୍କୁ ୩୬,୫୮୨ ଏବଂ ରମା ୩୧,୯୮୭ ଖଣ୍ଡ ଭୋଟ ପାଇଥିଲେ। ତେଣୁ ଉମା ଓ ରମା କଳିରେ ପ୍ରସାଦ ଏହି ନିର୍ବାଚନରେ ବାଜି ମାରି ନେଇଥିଲେ। ଏହାପରେ ୨୦୧୪ରେ ପୁଣି ରମା ଓ ଉମାଙ୍କ କଳି ଦେଖିବାକୁ ମିଳିଥିଲା। ଏହି ନିର୍ବାଚନରେ ବିଜେଡି ରମାଙ୍କୁ ଟିକେଟ ଦେବା ଯୋଗୁ ଉମା ସେଥର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। କଂଗ୍ରେସରୁ ପ୍ରସାଦ ପ୍ରାର୍ଥୀ ହୋଇଥିଲେ। ଉକ୍ତ ନିର୍ବାଚନରେ ରମା ଏବଂ ଉମାଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ହେଲେ ଉମା ସ୍ୱାଧୀନ ପ୍ରାର୍ଥୀ ଭାବେ ୪୮,୩୧୯ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ। ରମାଙ୍କୁ ୪୬,୭୮୭ ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରସାଦ ୨୫,୯୦୫ଟି ଭୋଟ ପାଇଥିଲେ। ସେଥର ସ୍ୱାଧୀନ ଭାବେ ଅନ୍ୟ ଜଣେ ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ର ୧୫,୦୬୮ ଭୋଟ ନେବାରେ ସକ୍ଷମ ହୋଇଥିଲେ। ୨୦୧୪ ନିର୍ବାଚନରେ ଜିତିବା ପରେ ଉମା ବିଜେଡିରେ ମିଶିଥିଲେ।

ଉମାଙ୍କ ବିଜେଡିରେ ଯୋଗଦେବା କଥାକୁ ନେଇ ରମା ବିଜେଡି ଛାଡ଼ି କିଛିଦିନ ପରେ ଭାଜପାରେ ଯୋଗଦେବା ସହ ଶାସକ ଦଳ ବିରୋଧରେ ପ୍ରବଳ ବର୍ଷିଥିଲେ। ୨୦୧୯ ନିର୍ବାଚନରେ ଏହି ଆସନରେ ବିଜେଡିରୁ ଉମାଙ୍କୁ ଦଳ ଟିକେଟ ଦେଇଥିବା ବେଳେ ସେ ପୁଣିଥରେ ବିଜୟୀ ହୋଇଥିଲେ। ସେ ଏହି ନିର୍ବାଚନରେ ୮୦,୫୩୭ ଖଣ୍ଡ ଭୋଟ ପାଇଥିବାବେଳେ ଭାଜପା ଓମ୍ ପ୍ରକାଶ ମିଶ୍ରଙ୍କୁ ପ୍ରାର୍ଥୀ କରିଥିଲା। ଓମ୍ ଏହି ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିବା ସହ ୬୨,୭୨୫ ଖଣ୍ଡ ଭୋଟ ପାଇଥିଲେ। ରମାଙ୍କୁ ଏହି ନିର୍ବାଚନରେ ଭାଜପା ଟିକେଟ ଦେଇ ନ ଥିବାବେଳେ ପ୍ରସାଦ କଂଗ୍ରେସରୁ ପ୍ରାର୍ଥୀ ହୋଇ ୧୧,୨୭୩ ଖଣ୍ଡ ଭୋଟ ପାଇଥିଲେ। ସବୁବେଳେ ଟିକେଟ ନ ମିଳିଲେ ମଧ୍ୟ ସ୍ୱାଧୀନ ନାମାଙ୍କନ କରି ଆସୁଥିବା ରମା ପ୍ରଥମ ଥର ପ୍ରାର୍ଥୀ ହେଲେ ନାହିଁ। ୨୦୧୯ ନିର୍ବାଚନ ପରଠାରୁ ଭାଜପାର ୨ ଜଣ ନେତା ରମାରଞ୍ଜନ ଏବଂ ଓମ୍ ପ୍ରକାଶ ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ବୁଲାବୁଲି ଚଳାଇଛନ୍ତି। ତେବେ ୨୦୦୯ଠାରୁ ୨୦୧୯ ମଧ୍ୟରେ ରମା ଏବଂ ଉମା ବିଜେଡି ଟିକେଟ ଆଶାରେ ପରସ୍ପର ବିରୋଧରେ ସବୁବେଳେ ଲଢ଼େଇ କରିଆସୁଥିବା ଦେଖିବାକୁ ମିଳିଥିଲା। ଏହି ୨ ନେତା ପରସ୍ପରର ଘୋର ବିରୋଧୀ ହେଲେ ମଧ୍ୟ ପଦ୍ମପୁର ଉପନିର୍ବାଚନ ସବୁ ଓଲଟପାଲଟ କରିଛି।

ପଦ୍ମପୁରର ପୂର୍ବତନ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ପରେ ବିଜେଡି ତାଙ୍କ ଝିଅ ବର୍ଷାଙ୍କୁ ପ୍ରାର୍ଥୀ କରିଛି। ହେଲେ ବର୍ଷା ରମାଙ୍କ ପୁଅଙ୍କୁ ବିବାହ କରିଛନ୍ତି। ରମା ଭାଜପାରେ ଥିବା ସତ୍ତ୍ୱେ ବର୍ଷାଙ୍କୁ ବିଜେଡିରୁ ପ୍ରାର୍ଥୀ କରାଯିବା କଥା ବହୁ ଲୋକଙ୍କ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସେପଟେ ଉମା ଯାଇ ରମାଙ୍କ ବୋହୂଙ୍କୁ ଜିତାଇ ଆଣିବାକୁ ସବୁ ପ୍ରକାର ବଳ ଲଗାଇ ଦେଇଛନ୍ତି। ତେବେ ରାଜନୀତିର ଏହି ସମୀକରଣ ଦେଖିବା ପରେ ବିଗତ ଦିନରେ ରମାଙ୍କ ବିରୋଧରେ ଗର୍ଜି ଆସୁଥିବା ଉମାଙ୍କୁ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ବୋହୂ ପ୍ରାର୍ଥୀ ହେବାପରେ ରମା ବି କୁଆଡ଼େ ପ୍ରବଳ ଉତ୍ସାହିତ ଥିବା କର୍ମୀ ମହଲରେ ଆଲୋଚନା ଚାଲିଛି। ଉମାଙ୍କ ଯୋଗୁ ଦୀର୍ଘଦିନ ହେଲା ବିଜେଡିରୁ ସମ୍ପର୍କ ଛିନ୍ନ କରିଥିବା ରମାଙ୍କ ପାଇଁ କୁଆଡ଼େ ଶାସକ ଦଳ ପାଇଁ ବାଟ ଫିଟିବାକୁ ଯାଉଥିବା ଆଲୋଚନା ହେଉଛି। ତେବେ ଗତ ପଞ୍ଚାୟତ ନିର୍ବାଚନରେ ଦୁଇଟି ବ୍ଲକରୁ ଗୋଟିଏ ବ୍ଲକ ଉମାଙ୍କ ହାତରୁ ଖସିଯାଇଛି। ଏହାସହ ୬ ଜିଲା ପରିଷଦ ଆସନରୁ ୩ଟିରେ ବିଜେଡି ପରାଜିତ ହୋଇଛି। ତେଣୁ ଆଗକୁ ସତ୍ୟବାଦୀ ପାଇଁ ଦଳ କେଉଁ ନିଷ୍ପତ୍ତି ନେବ ତାହା ମଧ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ଯଦି ବର୍ଷା ପଦ୍ମପୁର ଆସନରୁ ବିଜୟୀ ହୁଅନ୍ତି, ତେବେ ସେ ତାଙ୍କ ଶାଶୁଘରକୁ ଫେରିବେ ନା ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବାକୁ ଯାଇ ସେଠାରେ ରହିବେ ସେନେଇ ବରଗଡ଼ ଜିଲାବାସୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି।


# Classified Everyday
0674-2580101, 2549949


# ବିନା ଅନୁମତିରେ ପ୍ରଚାର, ୨ ଗାଡ଼ି ଅଟକ

ପଦ୍ମପୁର,୨୨।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ତାତି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ରାଜନୈତିକ ଦଳଗୁଡ଼ିକ ପ୍ରତିଯୋଗୀ ମନୋଭାବ ରଖି ପ୍ରଚାର କରୁଛନ୍ତି। ତେବେ ନିର୍ବାଚନ ପ୍ରଚାର ପାଇଁ ପ୍ରଶାସନର ଅନୁମତି ବାଧ୍ୟତାମୂଳକ ଥିବାବେଳେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ମଙ୍ଗଳବାର ରିଟର୍ନିଂ ଅଫିସରଙ୍କ କୌଣସି ଅନୁମତି ନ ନେଇ ବିଜେଡିର ଗୋଟିଏ ଗାଡ଼ି (ନଂ.ଓଡ଼ି୧୭କ୍ୟୁ/୬୯୧୭) ଏବଂ କଂଗ୍ରେସର ଅନ୍ୟ ଏକ ଗାଡ଼ି (ନଂ.ଓଡ଼ି୦୩ୟୁ/୦୧୩୭) ପ୍ରଚାରରେ ବୁଲୁଥିଲେ। ପଦ୍ମପୁର ପୋଲିସ ଯାଞ୍ଚ କରିବା ବେଳେ ଆବଶ୍ୟକ ଅନୁମତି ନ ଥିବା ଜଣାପଡିବାରୁ ଉକ୍ତ ପ୍ରଚାର ଗାଡ଼ିକୁ ଅଟକ ରଖିଥିବା ଜଣାପଡ଼ିଛି।




MATRIMONIAL

BRIDE WANTED

Brahmin Boy, 1991, 5'11", B.Tech (NIT) serving Bangalore "SUNASANSAR". 9937512659, 8249969649. D-2044

**Gopal Boy height 5'9", Age-40 fair good looking contractor (Govt.) Father Engineer (Late) Gopal girl Fair, Tall, Educated from a good family wanted without S.E., S.T., others can contact. M- 9777665912.** D-1966

GROOM WANTED

ବୟସ-42, Postal Job କରୁଥିବା ବିଧବା, ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2067

Doctor Groom require for Brahmin lady Doctor, age-27, working in Public Sector in Bhubaneswar. Contact direct No.- 9778312631. D-2046

ବୟସ - 33, Government School Teacher, Divorce, ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7205988004. D-2068



REAL ESTATE

SALE

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

Luxurious 4BHK Duplex near Balianta Bazar. Land-1400 Construction- 2200- 85lakh. 9938219397, 9861022055. D-2056

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-73996

କଟକ - ଭୁବନେଶ୍ୱର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165. D-2069

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

Buy/ Sale. 5BHK Duplex Apollo Hospital-2.3cr, 4BHK Duplex Nandankanan- 85Lakh, 3BHK Apartment Rasulgarh Square- 89Lakh, 2BHK Simplex Nakhara- 39Lakh. 8984071303. D-2061




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

Newly open SPA positively health benefits expert therapist, Jagamara. 7849011931. D-73664

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

LOST

I, Ram Chandra Shaw, R/o. Vill/P.O. Sankara, Dist. Sundargarh declare that I have deposited Rs.16,625/- on dated 30.7.2016 vide money receipt No.A91816031 as security deposit against my office Order No.1614(4) dated 29.7.2016 before the Office of Executive Engineer, Sundargarh Electrical Division, Wesco Utility, Sundargarh. That receipt was lost somewhere and on my several attempts I could not traced out the same. D-2066

AFFIDAVIT

Affidavit in the Court of Executive Magistrate, Rayagada I, Soudamini Panigrahi Spouse of Sudheer Chandro Panigrahi, Indira Nagar 5th Lane, Rayagada, Odisha have changed my name from Soudamini Panigrahi to Soudamini Padhy vide affidavit Dr.no.705 Dated 22-11-2022 At Rayagada. D-2072

By virtue of an affidavit sworn before the Executive Magistrate, Sadar Sundargarh I Panchami Kamar, aged about 40 years, D/o- Giridhari Kamar, W/o- Apsar Panchabiha, resident of Vill- Babupada, Purnabasti, Jharsuguda, Ward No.-15, P.S./ Dist.-Jharsuguda declare that I have changed my name and address from Panchami Das, W/o- Sudarsan Das of Vill- Jamkani, Belpahar, Jharsuguda-768218 to Panchami Kamar, W/o- Apsar Panchabiha of Babupada, Purnabasti, Ward No.-15, Jharsuguda, Odisha, Pin- 768202. Henceforth I shall be known as Panchami Kamar, W/o- Apsar Panchabiha for all purpose. D-2065

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

୧୯ତମ ଶ୍ରାଦ୍ଧବାର୍ଷିକୀ



୰ରଘୁନାଥ ସାହୁ

୫୮, ବାପୁଜୀ ନଗର, ଭୁବନେଶ୍ୱର

ଆବିର୍ଭାବ: ୧୬।୦୨।୧୯୩୪
ତିରୋଧାନ: ୨୩।୧୧।୨୦୦୩

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୭୧୩୬୦

ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY ALL EDITION - B/W (Everyday)
MORE SPACE SAME PRICE

ନ୍ୟାଶନାଲ ଫାଇନାନ୍ସ

ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ ନ୍ୟାଶନାଲ ଫାଇନାନ୍ସ ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ। ସମସ୍ତ ଋଣ 2% ସୁଧ, 40% ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)
ଏଜେଣ୍ଟ ଆମନ୍ତ୍ରିତ –
9807641532

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୩/୨୦୨୨ | Bhubaneswar, Wednesday, November 23/ 2022




କାତାରର ଅଲ୍ ରାୟାନଠାରେ ମଙ୍ଗଳବାର ଅନୁଷ୍ଠିତ ଡେନମାର୍କ ବିପକ୍ଷ ଫିଫା ବିଶ୍ୱକପ ମ୍ୟାଚ ଅବସରରେ ଟ୍ୟୁନିସିଆ ସମର୍ଥକ।

# ଆର୍ଜେଣ୍ଟିନାକୁ ହରାଇ ବିପର୍ଯ୍ୟୟ ଘଟାଇଲା ସାଉଦି ଆରବ

**ଲୁସେଲ (କାତାର), ୨୨।୧୧**

ଚଳିତ ଫିଫା ବିଶ୍ୱକପ୍‌ର ତୃତୀୟ ଦିବସରେ ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟାଇଛି ସାଉଦି ଆରବ। ଲୁସେଲ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨ ଥର ଚାମ୍ପିୟନ ତଥା ଟାଇଟଲ ଫେଭରାଇଟ ଆର୍ଜେଣ୍ଟିନାକୁ ପରାସ୍ତ କରି ବିସ୍ମୟ ସୃଷ୍ଟି କରିଛି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଲିଓନେଲ ମେସିଙ୍କ ଗୋଲ ବଳରେ ଆର୍ଜେଣ୍ଟିନା ଅଗ୍ରଣୀ ରହିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ୫ ମିନିଟ ମଧ୍ୟରେ ଦୁଇଟି ଗୋଲ କରି ସୌଦୀ ଆରବ ୨-୧ ଗୋଲରେ ବିଜୟୀ ହୋଇ ଏହାର ଫୁଟବଲ ଇତିହାସରେ ଅନ୍ୟତମ ଶ୍ରେଷ୍ଠ ସଫଳତା ପାଇଛି। ଅନ୍ୟପକ୍ଷରେ ଆର୍ଜେଣ୍ଟିନାର କ୍ରମାଗତ ୩୬ ମ୍ୟାଚ ବିଜୟରେ ବ୍ରେକ୍ ଲାଗିଛି।

ଗ୍ରୁପ୍ 'ସି'ର ଏହି ମ୍ୟାଚରେ ମେସିଙ୍କ ମାଧ୍ୟମରେ ଆର୍ଜେଣ୍ଟିନା ଆରମ୍ଭରୁ ଆକ୍ରମଣ ଆରମ୍ଭ କରିଥିଲା। ୭ମ ମିନିଟରେ ସାଉଦି ଆରବର କନ୍ନୋ ଫାଉଲ କରିଥିଲେ। ଏହା ରେଫରିଙ୍କ ଦୃଷ୍ଟିକୁ ଏଡ଼ାଇ ଯାଇଥିଲେ ହେଁ ଆର୍ଜେଣ୍ଟିନାର ଭାର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି)ର ସହାୟତା ନେଇ ସଫଳ ହୋଇଥିଲା। ସାଉଦି ଆରବକୁ ଦଣ୍ଡ ସ୍ୱରୂପ ଆର୍ଜେଣ୍ଟିନାକୁ ପେନାଲ୍ଟି ଶୁଟ୍‌ଆଉଟ ସୁଯୋଗ ଦିଆଯାଇଥିଲା। ମେସି ଏହାକୁ ଗୋଲରେ ପରିଣତ କରି ୧୦ମ ମିନିଟରେ ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ୨୭ତମ ମିନିଟରେ ଆର୍ଜେଣ୍ଟିନାର ଲୌଟାରୋ ମାର୍ଟିନେଜ ଆଉ ଏକ ଗୋଲ ଦେଇଥିଲେ। ମାତ୍ର ସାଉଦି ଆରବ 'ଭାର୍'ର ସହାୟତା ନେଇଥିଲା। ଫରୱାର୍ଡ ଲାଇନ୍‌ର ଜଣେ ଖେଳାଳି ଅଫ୍‌ସାଇଡ୍‌ରେ ଥିବାରୁ ଗୋଲଟି ନାକଚ ହୋଇ ଯାଇଥିଲା। ଉଭୟ ଦଳର ଡଜନେରୁ ଊର୍ଦ୍ଧ୍ୱ ଅଫ୍‌ସାଇଡ୍ ଓ ଫାଉଲ ମଧ୍ୟରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଆର୍ଜେଣ୍ଟିନା ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧ ସମ୍ପୂର୍ଣ୍ଣ ଭାବରେ ସାଉଦି ଆରବ କବ୍‌ଜାରେ ଥିଲା। ଖେଳ ଆରମ୍ଭର ୩ ମିନିଟ ମଧ୍ୟରେ ଅର୍ଥାତ୍ ୪୮ତମ ମିନିଟରେ ସାଲେ



ଦୁଃଖାଭୀଭୂତ ଲିଓନେଲ ମେସି।

ଅଲ୍‌ଶେରୀ ଗୋଲ ପରିଶୋଧ କରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ଏହାପରେ ଅତି ଉତ୍ସାହୀ ଖେଳ ପ୍ରଦର୍ଶନ କରିଥିଲା ସାଉଦି ଆରବ। ୫୩ତମ ମିନିଟରେ ସଲିମ ଅଲ୍‌ଦାୱସାରି ଏକ ଗୋଲ ଦେଇ ଦଳକୁ ବହୁମୂଲ୍ୟ ଅଗ୍ରଣୀ କରାଇଥିଲେ। ଗୋଲ ପରିଶୋଧ ପାଇଁ ଆର୍ଜେଣ୍ଟିନା ଜୋରଦାର ପ୍ରୟାସ କରିଥିବାବେଳେ ଏହାର ଖେଳାଳିଙ୍କୁ ରୋକିବା ଉଦ୍ୟମରେ ବହୁ ଫାଉଲ୍ କରିଥିଲେ ସାଉଦି ଖେଳାଳି। ବିପଜ୍ଜନକ ପ୍ରଦର୍ଶନ ପାଇଁ ଏହି ଦଳର ଅବଦୁଲା ଅଲ୍‌ମାଲ୍‌କିଙ୍କୁ ୬୭ତମ ମିନିଟରେ ରେଫରି ୟେଲୋ କାର୍ଡ ଦେଖାଇଥିଲେ। ୭୫ତମ ମିନିଟରେ ଅଲୀ ଅଲ୍‌ବୁଲାହି, ୭୯ତମ ମିନିଟରେ ସଲିମ ଅଲ୍‌ଦାୱସାରି, ୮୨ତମ ମିନିଟରେ ସାଉଦ୍ ଅବଦୁଲାମିଦ୍, ୮୮ତମ ମିନିଟରେ ଅଲ୍-ଆବେଦ ଓ ୯୦+୨ ମିନିଟରେ ଅଲୱାଇସ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁଥ, ୫ମ ଓ ୬ଷ୍ଠ ଖେଳାଳିଭାବେ ୟେଲୋ କାର୍ଡ ପାଇଥିଲେ। ରେଫରିଙ୍କ ଶେଷ ହ୍ୱିସିଲ ବାଜିବା କ୍ଷଣି ସାଉଦି ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା। ଅନ୍ୟପକ୍ଷରେ ମେସିଙ୍କ ସମେତ ଆର୍ଜେଣ୍ଟିନାର ଅନ୍ୟ ଖେଳାଳିମାନେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ୨୦୦୬ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ପକ୍ଷରୁ ସର୍ବକନିଷ୍ଠ ଖେଳାଳି ଭାବେ ୧୮ ବର୍ଷ ୩୫୭ ଦିନର ହୋଇଥିବାବେଳେ ଗୋଲ ଦେଇଥିଲେ ମେସି। ଏଠାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ସେ ୩୫ ବର୍ଷ ୧୫୧ ଦିନରେ ଗୋଲ ଦେଇଛନ୍ତି। ଆର୍ଜେଣ୍ଟିନାର ବୟୋଜ୍ୟେଷ୍ଠ ଗୋଲ ସ୍କୋରର ରେକର୍ଡ ମାର୍ଟିନ ପାଲେର୍ମୋଙ୍କ ନାମରେ ଅଛି।



ଆର୍ଜେଣ୍ଟିନାକୁ ହରାଇବାପରେ ସାଉଦି ଆରବ ଖେଳାଳିଙ୍କ ପ୍ରତିକ୍ରିୟା।

## ଟ୍ୟୁନିସିଆ-ଡେନ୍‌ମାର୍କ ମ୍ୟାଚ ଡ୍ର

**ଅଲ୍ ରାୟାନ (କାତାର), ୨୨।୧୧**

ଚଳିତ ଫିଫା ବିଶ୍ୱକପର ଏଠାରେ ଅନୁଷ୍ଠିତ ଟ୍ୟୁନିସିଆ-ଡେନମାର୍କ ଗ୍ରୁପ୍ 'ଡି' ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ ସହ ଅଭିଯାନ ଆରମ୍ଭ କରିଛନ୍ତି। ବଲ୍ ପୋସେସନରେ ଡେନ୍‌ମାର୍କ (୫୦-୩୬%) ଆଗୁଆ ରହିଥିଲେ ହେଁ ଟ୍ୟୁନୁସିଆ କଡ଼ା ଟକ୍କର ଦେଇ ଗୋଲ କରିବାକୁ ସୁଯୋଗ ଦେଇ ନ ଥିଲା। ଉଭୟ ଦଳ ୧୨ ଥର ଲେଖାଏ ଗୋଲ ଦେବା ସୁଯୋଗ ସୃଷ୍ଟି କରିଥିଲେ ହେଁ ଡେନମାର୍କ ୬ ଥର ଏବଂ ଟ୍ୟୁନୁସିଆ ମାତ୍ର ଥରେ ଗୋଲପୋଷ୍ଟକୁ ଟାର୍ଗେଟ କରି ପାରିଥିଲା। ବିପଜ୍ଜନକ ଖେଳ ପାଇଁ ଡେନ୍‌ମାର୍କର ୨ ଜଣ ରାସମୁସ କ୍ରିଷ୍ଟେନସେନ, ମାଥିଆସ ଜେନସେନ ଏବଂ ଟ୍ୟୁନିସିଆର ଜଣେ ଖେଳାଳି ଟାହା ଖେନିସି ୟେଲୋ କାର୍ଡ ପାଇଥିଲେ। ଡେନମାର୍କ ୩-୫-୨ ଓ ଟ୍ୟୁନିସିଆ ୩-୪-୩ ଲାଇନ୍‌ଅପ୍‌ରେ ଖେଳିଥିଲେ।

### ଫିଫା ବିଶ୍ୱକପ
### (ଆଜିର ମ୍ୟାଚ)

**ମରକ୍କୋ ବନାମ କ୍ରୋଏସିଆ**
ସ୍ଥାନ: ଅଲ ବାଏଟ ଷ୍ଟାଡିୟମ,
ସମୟ: ଅପରାହ୍ନ ୩.୩୦

**ଜର୍ମାନୀ ବନାମ ଜାପାନ**
ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ,
ସମୟ: ସନ୍ଧ୍ୟା ୬.୩୦

**ସ୍ପେନ୍ ବନାମ କୋଷ୍ଟାରିକା**
ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ,
ସମୟ: ରାତି ୯.୩୦

**ବେଲ୍‌ଜିୟମ ବନାମ କାନାଡା**
ସ୍ଥାନ: ଅଲ୍ ରାୟାନ ଷ୍ଟାଡିୟମ
ସମୟ: ରାତି ୧୨.୩୦

## ବିଜୟ ସହ ଫ୍ରାନ୍ସର ଅଭିଯାନ ଆରମ୍ଭ

**ଦୋହା, ୨୨।୧୧:** ଗତଥର ଚାମ୍ପିୟନ ଫ୍ରାନ୍ସ ଚଳିତ ଫିଫା ବିଶ୍ୱକପରେ ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଅଲ ରାୟାନ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ 'ଡି'ର ମ୍ୟାଚରେ ଏହି ଦଳ ଓଲିଭର ଗିରୁଡଙ୍କ ଡବଲ ଷ୍ଟ୍ରାଇକ୍ ବଳରେ ଅଷ୍ଟ୍ରେଲିଆକୁ ୪-୧ ଗୋଲରେ ପରାସ୍ତ କରିଛି। ୧୯୯୮ ଓ ୨୦୧୮ରେ ଚାମ୍ପିୟନ ଫ୍ରାନ୍ସ ଏଥର ମଧ୍ୟ ଅନ୍ୟତମ ଟାଇଟଲ ଦାବିଦାର ରହିଛି। ଶକ୍ତିଶାଳୀ ଫ୍ରାନ୍ସ ବିପକ୍ଷରେ ଆକ୍ରମଣ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। କେବଳ ସେତିକି ନୁହେଁ ୯ମ ମିନିଟରେ କ୍ରେଗ୍ ଗୁଡୱିନଙ୍କ ଗୋଲବଳରେ ଅଗ୍ରଣୀ ମଧ୍ୟ ହାସଲ କରିଥିଲା। ମାଥ୍ୟୁ ଲେକିଙ୍କଠାରୁ ପାଇଥିବା ପାସ୍‌ର ସଦ୍‌ବ୍ୟବହାର କରିଥିଲେ ଗୁଡୱିନ। ମାତ୍ର ମ୍ୟାଚ ଆଗେଇବା ସହିତ ଫ୍ରାନ୍ସ ଆଧିପତ୍ୟ ବିସ୍ତାର କରିଥିଲା। ୨୭ତମ ମିନିଟରେ ଆଡ୍ରେନ ରାବିଅଟ ଗୋଲଟି ପରିଶୋଧକରି ମ୍ୟାଚରେ ଉଷ୍ମତା ଭରିଥିଲେ। ଏହାର ୫ ମିନିଟ ପରେ ଥିଓ ହେର୍ନାଣ୍ଡେଜଙ୍କ ପାସ୍‌କୁ ନିୟନ୍ତ୍ରଣକୁ ଆଣି ଓଲିଭର ଗିରୁଡ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଫ୍ରାନ୍ସ ୨-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ସମ୍ପୂର୍ଣ୍ଣ ଫ୍ରାନ୍ସ ନିୟନ୍ତ୍ରଣରେ ରହିଥିଲା। ୫୫ତମ ମିନିଟରେ ବିପଜ୍ଜନକ ପ୍ରଦର୍ଶନ ପାଇଁ ଅଷ୍ଟ୍ରେଲିଆର ମିଚ୍ ଡ୍ୟୁକ୍‌ଙ୍କୁ ରେଫରି ୟେଲୋକାର୍ଡ ଦେଇଥିଲେ। କିଲିଆନ ଏମବାପେ ୬୮ତମ ମିନିଟରେ ଗୋଟିଏ ଗୋଲ ଦେଇ ଫ୍ରାନ୍ସର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ୭୧ତମ ମିନିଟରେ ଓଲିଭର ଗିରୁଡ୍ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଫ୍ରାନ୍ସ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରି ଅଷ୍ଟ୍ରେଲିଆକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ପ୍ରଥମ ବିଜୟ ସହ ଫ୍ରାନ୍ସ ପୁରା ୩ ପଏଣ୍ଟ ପାଇଛି।

## ପଏଣ୍ଟ ବାଣ୍ଟିଲେ ୱେଲ୍ସ, ଆମେରିକା

**ଦୋହା, ୨୨।୧୧ (ପି.ଟି.):** ଅଲ୍ ରାୟାନ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପଏଣ୍ଟ ବାଣ୍ଟିଛନ୍ତି ଆମେରିକା ଓ ୱେଲ୍ସ। ବିଜୟ ଆଡକୁ ଅଗ୍ରସର ହେଉଥିବା ଆମେରିକା ୱାକର ଜିମରମ୍ୟାନଙ୍କ ସାମାନ୍ୟ ଭୁଲ ପାଇଁ ଦୁଇ ପଏଣ୍ଟ ହରାଇଥିଲା। ୩୬ତମ ମିନିଟରେ ଗୋଲ ସହିତ ଆମେରିକା ୧-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ମ୍ୟାଚର ୮୨ ତମ ମିନିଟରେ ଜିମରମ୍ୟାନଙ୍କ ବିପଜ୍ଜନକ ଖେଳ ପାଇଁ ୱେଲ୍ସକୁ ପେନାଲ୍ଟି ମିଳିଥିଲା। ଗୋଲ୍ ରକ୍ଷକ ମ୍ୟାଟ୍ ଟର୍ନରଙ୍କୁ ପରାସ୍ତ କରିବା ସହିତ ୧୦୯ ତମ ମ୍ୟାଚରୁ ୪୧ ତମ ଗୋଲ ସ୍କୋର କରିଥିଲେ ଗେରାଥ୍ ବେଲ୍।





ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚର ହିରୋ ସାଉଦି ଆରବ ଗୋଲକିପର ମହମ୍ମଦ ଅଲ୍-ଓୱାଇସ (ବାମ)। ମର୍ମାହତ ଜଣେ ଆର୍ଜେଣ୍ଟିନା ସମର୍ଥକ।

## ଲଭ୍ ଲେବଲ ଜର୍ସିକୁ ବାରଣ କଲା ଫିଫା

**ଦୋହା, ୨୨।୧୧ (ଏପି)**

ଏକ ରେଭ୍ ଫେଷ୍ଟିଭାଲ ସହ ବାଣିଜ୍ୟିକ ଯୋଗସୂତ୍ର ଥିବା କାରଣରୁ କାତାର ବିଶ୍ୱକପ୍‌ରେ 'ଲଭ୍' ଲେବଲ ଥିବା ଜର୍ସି ପରିଧାନ କରିବା ଲାଗି ବେଲଜିୟମ ପକ୍ଷରୁ କରାଯାଇଥିବା ଅନୁରୋଧକୁ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା (ଫିଫା) ପ୍ରତ୍ୟାଖ୍ୟାନ କରିଛି। ବିଶ୍ୱକପ୍‌ରେ ଖେଳାଳିମାନଙ୍କ ଜର୍ସି ଓ ସେମାନଙ୍କ ଉପକରଣ ଉପରେ ଫିଫାର ସ୍ୱତନ୍ତ୍ର ନିୟମ ରହିଛି। ଫିଫାର ରୁଲିଂ ପରେ ପାରମ୍ପରିକ ଲାଲ ରଙ୍ଗର ଜର୍ସି ପରିବର୍ତ୍ତେ ପ୍ରଥମ ବିକଳ୍ପ ଜର୍ସି ବ୍ୟବହାର କରିଥିବା ଲାଗି ବେଲଜିୟମ କରିଥିବା ଏହାର ଯୋଜନାକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଛି। ବେଲଜିଆନ ଫୁଟ୍‌ବଲ ମହାସଂଘ କହିଛି 'ଲଭ୍ ଛାପା' ଥିବା ଜର୍ସି ଟୁମରୋଲାଣ୍ଡ (ଏକ ବେଲଜିଆନ ଇଲେକ୍‌ଟ୍ରୋନିକ୍ ଡ୍ୟାନ୍ସ ମ୍ୟୁଜିକ୍ ଫେଷ୍ଟିଭାଲ) ସହ ବ୍ୟବସାୟିକ ସମ୍ପର୍କ ବୁଝାଉଥିବାରୁ ସେମାନେ ଯୋଜନାରୁ ଓହରିଯାଇଛନ୍ତି। ବେଲଜିୟମ ଏହାର ଦ୍ୱିତୀୟ




ପସନ୍ଦ ଜର୍ସି କିଛି ସପ୍ତାହ ପୂର୍ବେ ତିଆର କରିଥିଲା। ଫିଫା ଏହାର ରୁଲିଂ ଉପରେ କିଛି କହିବାକୁ ମନା କରିଦେଇଛି। ସୂଚନାଯୋଗ୍ୟ, ବେଲଜିୟମ ଓ ଅନ୍ୟ ୬ ୟୁରୋପୀୟ ଦଳ ଚାହୁଁଥିଲେ ସେମାନଙ୍କ ଅଧିନାୟକମାନେ କାତାରରେ ବିଭିନ୍ନ ରଙ୍ଗ ବିଶିଷ୍ଟ ହୃଦୟ ଆକୃତିର ଲୋଗୋ 'ଲଭ୍ ୱାନ' ଆର୍ମ ବ୍ୟାଣ୍ଡ ବ୍ୟବହାର କରନ୍ତୁ। ମାତ୍ର ଫିଫା ଏହାକୁ ଗ୍ରହଣ କରି ନ ଥିଲା ଏବଂ ଆର୍ମ ବ୍ୟାଣ୍ଡ୍ ପରିଧାନ କରି ପଡ଼ିଆକୁ ଓହ୍ଲାଇଲେ ପ୍ରତ୍ୟେକ ଅଧିନାୟକଙ୍କୁ ତୁରନ୍ତ ୟଲୋ କାର୍ଡ ଦିଆଯିବ ବୋଲି ଚେତାବନୀ ଦେଇଥିଲା। ଆର୍ମବ୍ୟାଣ୍ଡ୍ ଫିଫା ଉପକରଣ ନିୟମ ଉଲ୍ଲଂଘନ କରୁଛି, ଯାହାକି ନେଦରଲାଣ୍ଡ୍‌ର ଭେଦଭାବ ବିରୋଧୀ ଅଭିଯାନକୁ ବୁଝାଉଛି। ପରୋକ୍ଷରେ ଏହା ଆୟୋଜକ ଦେଶର ମାନବିକ ଅଧିକାର ରେକର୍ଡକୁ ଇଙ୍ଗିତ କରୁଛି। ଟୁର୍ନାମେଣ୍ଟ ଆରମ୍ଭ ହେବାର କିଛି ମାସ ପୂର୍ବରୁ ବିଶ୍ୱକପ୍‌ରେ ଭାଗ ନେଉଥିବା ସମସ୍ତ ୩୨ଟି ଦଳକୁ ସେମାନଙ୍କର ୩ ପ୍ରକାର ଟିମ୍ ୟୁନିଫର୍ମ ଓ ଡିଜାଇନ୍ ଫିଫାର ଅନୁମୋଦନ ନେଇଥାନ୍ତି। ଫିଫା କିନ୍ତୁ ବର୍ତ୍ତମାନ ବେଲଜିୟମର ଧଳା ରଙ୍ଗର ଜର୍ସିକୁ ଅନୁମୋଦନ ଦେଇଛି। ମାତ୍ର ଲଭ୍ ଲେବଲକୁ ଘୋଡାଇ ରଖିବାକୁ ହେବ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର,ବୁଧବାର, ନଭେମ୍ବର ୨୩/୨୦୨୨ (୧୨+୮= ୨୦ ପୃଷ୍ଠା) Bhubaneswar, Wednesday, November 23/2022 Page 20 ₹ 7.00 | ପୃଷ୍ଠା-୧



## ଶେହଜାଦାର ଟିଜର ଆଉଟ୍

ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଜନ୍ମଦିନ ଅବସରରେ ତାଙ୍କ ଅଭିନୀତ ଫିଲ୍ମ 'ଶେହଜାଦା'ର ଟିଜର ରିଲିଜ୍ ହୋଇଛି।

୦୨

୦୮

## ସିରାଜ ପ୍ଲେୟର ଅଫ୍ ଦି ମ୍ୟାଚ୍

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି୨୦ କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତୀୟ ବୋଲର ମହମ୍ମଦ ସିରାଜ।



# ଆସାମ-ମେଘାଳୟ ସୀମାରେ ଅଶାନ୍ତି

## ଗୁଳିମାଡ଼ରେ ଫରେଷ୍ଟ ଗାର୍ଡଙ୍କ ସମେତ ୬ ମୃତ

**୧୯୭୨ରେ ଆସାମରୁ ଅଲଗା ହୋଇ ମେଘାଳୟ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା। ଆସାମ ପୁନର୍ଗଠନ ଆଇନ, ୧୯୭୧କୁ ମେଘାଳୟ ଚ୍ୟାଲେଞ୍ଜ କରିବା ପରେ ସୀମାରେ ଥିବା ୧୨ ଅଞ୍ଚଳରେ ବିବାଦ ଦେଖାଦେଇଥିଲା। ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଦୀର୍ଘ ୫୦ ବର୍ଷ ଧରି ଲାଗିରହିଥିବା ସୀମା ବିବାଦର ଅନ୍ତ ଘଟାଇବା ପାଇଁ ଗତ ମାର୍ଚ୍ଚରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉଦ୍ୟମ କରିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ମେଘାଳୟ ପ୍ରତିପକ୍ଷ କନରାଡ୍ ସାଙ୍ଗ୍ମା ଏକ ଐତିହାସିକ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ରାଜିନାମା ଅନୁସାରେ ଦୁଇ ରାଜ୍ୟ ସଂଲଗ୍ନ ସୀମାର ୮୮୪.୯ କି.ମି ଅଞ୍ଚଳକୁ ନେଇ ରହିଥିବା ବିବାଦର ୭୦% ସମାଧାନ ହୋଇଗଲା ବୋଲି ସେତେବେଳେ ଶାହା କହିଥିଲେ। କିନ୍ତୁ ଏହି ବିବାଦ ଛିଣ୍ଡିନାହିଁ। ଏହାର ସଦ୍ୟ ଦୃଷ୍ଟାନ୍ତ ହେଉଛି ମଙ୍ଗଳବାର ଘଟିଥିବା ଗୁଳିକାଣ୍ଡ, ଯହିଁରେ ଆସାମର ଜଣେ ଫରେଷ୍ଟ ଗାର୍ଡ ଓ ମେଘାଳୟର ୫ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି।**



ଗୁଳିକାଣ୍ଡ ଘଟିଥିବା ମେଘାଳୟ ସୀମାନ୍ତ ମୁକ୍‌ରୋହ ଗ୍ରାମରେ ମୁତୟନ ହୋଇଥିବା ପୋଲିସ କର୍ମଚାରୀ।

**ଗୁଆହାଟୀ/ ନୂଆଦିଲ୍ଲୀ,୨୨।୧୧(ପି.ଟି.)**

ମେଘାଳୟର ୱେଷ୍ଟ ଜାଇନ୍ତିଆ ହିଲ୍ସର ମୁକ୍‌ରୋହ ଗ୍ରାମରେ ମଙ୍ଗଳବାର ଭୋର ସମୟରେ ବେଆଇନ କାଠ ଚାଲାଣକୁ ନେଇ ହିଂସାକାଣ୍ଡ ଘଟିଛି। କାଠଭର୍ତ୍ତି ଏକ ଟ୍ରକ୍‌କୁ ଆସାମ ବନ ବିଭାଗର ଏକ ଟିମ୍ ଅଟକାଇଥିଲା।

**■ ମେଘାଳୟର ୭ ଜିଲାରେ ମୋବାଇଲ୍ ଇଣ୍ଟରନେଟ ବନ୍ଦ**

ଟ୍ରକ୍‌ଟି ନ ଅଟକି ଦ୍ରୁତଗତିରେ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ବନ ଅଧିକାରୀମାନେ ଗୁଳି କରି ଏକ ଟାୟାରକୁ ପଙ୍କଚର କରିଦେଇଥିଲେ। ଡ୍ରାଇଭର, ହେଲ୍ପର ଓ ଆଉ ଜଣେ ବ୍ୟକ୍ତିଙ୍କୁ ଧରାଯାଇଥିବାବେଳେ ଅନ୍ୟମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଫରେଷ୍ଟ ଗାର୍ଡମାନେ ଘଟଣା ସମ୍ପର୍କରେ ଜିରିକେଣ୍ଡିଂ ଥାନାକୁ ସୂଚନା ଦେଇ ପୋଲିସ ସହାୟତା ମାଗିଥିଲେ। ସେଠାରେ ☞ପୃଷ୍ଠା-୬

## ଆଜିଠାରୁ ଦଶମ ଶ୍ରେଣୀ ଏସ୍‌ଏ-୧ ପରୀକ୍ଷା

**କଟକ ଅଫିସ, ୨୨।୧୧**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପ୍ରଥମ ସମ୍ମେଟିଭ ଆସେସମେଣ୍ଟ (ଏସ୍‌ଏ-୧) ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେବ। ରାଜ୍ୟରେ ମୋଟ ୫ଲକ୍ଷ ୩୨ହଜାର ୭୧୨ ପରୀକ୍ଷାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ନିମନ୍ତେ ଏହି ପରୀକ୍ଷା ଦେବାକୁ ଫର୍ମପୂରଣ କରିଛନ୍ତି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଏଥିପାଇଁ ବୋର୍ଡ ପକ୍ଷରୁ ୩୦ଜିଲାରେ ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସଂସ୍କୃତ ମଧ୍ୟମାରେ ଚଳିତବର୍ଷ ୨,୯୧୪ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ସେମାନେ ୧୦୮ଟି ପରୀକ୍ଷା କେନ୍ଦ୍ରରେ ☞ପୃଷ୍ଠା-୬

# ଅମିୟକାନ୍ତ, ଅକ୍ଷୟ ପରିଜାଙ୍କୁ ଇଡି ଜେରା

**ଅର୍ଚ୍ଚନାଙ୍କୁ ୭ଲକ୍ଷ ଦେଇଥିଲେ ଅମିୟ**





ଅମିୟକାନ୍ତ ଦାଶ ଓ ଅକ୍ଷୟ ପରିଜା

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାର ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତକୁ ଜୋର୍‌ଦାର କରୁଥିବାବେଳେ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ହନିଟ୍ରାପ୍‌ରେ ଫସି ଟଙ୍କା ଦେଇଥିବା ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନୋଟିସ କରି ଜେରା ପ୍ରକ୍ରିୟା ଆରମ୍ଭ କରିଛି ଇଡି। ମଙ୍ଗଳବାର ବ୍ୟବସାୟୀ ଅମିୟକାନ୍ତ ଦାଶ ଓ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ଏହି ଜେରାର ସାମ୍ନା କରିଛନ୍ତି। ଅମିୟକାନ୍ତ ସକାଳ ପ୍ରାୟ ୯ଟାରେ ନୟାପଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ☞ପୃଷ୍ଠା-୬

# ୫ ବ୍ୟାକ୍ଟେରିଆ ନେଇଛି ୬.୮ ଲକ୍ଷ ଭାରତୀୟଙ୍କ ଜୀବନ

**ୱାଶିଂଟନ୍, ୨୨।୧୧**

ଜଟିଳ ଓ ପ୍ରାଣଘାତୀ ରୋଗଗୁଡ଼ିକରେ ବିଶ୍ୱର ବହୁ ଲୋକଙ୍କ ମୃତ୍ୟୁ ଘଟୁଛି। ପ୍ରାଣ ହରାଉଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କ ପାଇଁ ବ୍ୟାକ୍ଟେରିଆ ସଂକ୍ରମଣ ବା ଇନ୍‌ଫେକ୍ସନ୍ କାଳ ସାଜୁଛି। ଭାରତରେ ମଧ୍ୟ ବହୁ ଲୋକ ସଂକ୍ରମଣଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଉପଯୁକ୍ତ ଔଷଧ ଉପଲବ୍ଧ ନ ହେବାରୁ ସେମାନଙ୍କ ମୃତ୍ୟୁ ଘଟୁଛି। ୨୦୧୯ରେ ଇନ୍‌ଫେକ୍ସନ



କାରଣରୁ ଭାରତରେ ମୋଟ ୬.୮ ଲକ୍ଷ ଲୋକଙ୍କ ଜୀବନ ଯାଇଥିବା ଲାନ୍‌ସେଟ୍ ମାଗାଜିନ୍‌ରେ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିଲାଗି ୫ ପ୍ରମୁଖ ବ୍ୟାକ୍ଟେରିଆ ଇ.କୋଲି, ଏସ୍. ନିମୋନିଆ, କେ.ନିମୋନିଆ, ଏସ୍. ୟୁରେୟସ୍ ଏବଂ ଏ. ବଉମାନକୁ ଦାୟୀ କରାଯାଉଛି। ଇ.କୋଲି ବ୍ୟାକ୍ଟେରିଆ ସର୍ବାଧିକ ୧.୬ ଲକ୍ଷ ଲୋକଙ୍କ ଜୀବନ ନେଇଛି।

୨୦୧୯ରେ ବ୍ୟାକ୍ଟେରିଆ ସଂକ୍ରମଣ ଯୋଗୁ ବିଶ୍ୱରେ ୭୭ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ☞ପୃଷ୍ଠା-୬



**ଏପିବିର ନୂତନ ସେବା**

**ଭୁବନେଶ୍ୱର:** ଏୟାରଟେଲ୍ ପେମେଣ୍ଟ୍ସ ବ୍ୟାଙ୍କ (ଏପିବି) ପକ୍ଷରୁ ନିକଟରେ ଏକ ନୂତନ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏପିବି ଗ୍ରାହକଙ୍କ ପାଇଁ ଫେସ୍ ଅଥେଣ୍ଟିକେଶନ ଆଧାରିତ ସେଭିଙ୍ଗ୍ସ ବ୍ୟାଙ୍କ ଆକାଉଣ୍ଟ ଓପେନିଂ ସେବାର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଏୟାରଟେଲ୍ ପେମେଣ୍ଟ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି,ଏପିବିରେ ଆମେ ନୂତନ ଟେକ୍ନୋଲୋଜି ସହ ଆମର ଡିଜିଟାଲ ସେବାଗୁଡିକର ଶୃଙ୍ଖଳାକୁ ମଧ୍ୟ ମଜଭୁତ କରିବା ଏବଂ ଆମର ଗ୍ରାହକଙ୍କୁ ଉପଭୋକ୍ତା-ଅନୁକୂଳ ଉନ୍ନତ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସମାଧାନ ପାଇଁ ପହଞ୍ଚ ପ୍ରଦାନ କରିବାରେ ବିଶ୍ୱାସ ରଖିଥାଉ।

# ଖସୁଛି ପେଟିଏମ୍‌ର ଶେୟାର ମୂଲ୍ୟ

**ନୂଆଦିଲ୍ଲୀ,୨୨।୧୧**

ଦେଶର ପ୍ରମୁଖ ଡିଜିଟାଲ ବ୍ୟାଙ୍କିଙ୍ଗ୍ ପ୍ଲାଟ୍‌ଫର୍ମ 'ପେଟିଏମ୍'ର ଶେୟାର କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି। ଫଳରେ ଗତ କିଛି ଦିନ ମଧ୍ୟରେ ପେଟିଏମ୍‌ର ପ୍ୟାରେଣ୍ଟ କମ୍ପାନୀ ୱାନ୍‌୯୭ କମ୍ୟୁନିକେଶନର ଶେୟାର ପ୍ରାୟ ସର୍ବନିମ୍ନସ୍ତରରେ ପହଞ୍ଚିଛି। ଏପରିକି ମଙ୍ଗଳବାର ଭାରତୀୟ ଶେୟାର ମାର୍କେଟରେ କମ୍ପାନୀ ଶେୟାର ୧୧%ରୁ ଅଧିକ ଖସିଥିବା ଜଣାପଡ଼ିଛି। ଫଳରେ କମ୍ପାନୀ ଶେୟାର ୪୭୫.୫୫ ଟଙ୍କା ହୋଇଯାଇଛି। ସେହିଭଳି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ଫଳାଫଳ ପରେ ଏହାର ବିଶେଷଣ କରାଯାଇଛି। ବଜାର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ବିଶେଷଣରୁ ଜଣାପଡ଼ିଛି, କମ୍ପାନୀ(ୱାନ୍‌୯୭ କମ୍ୟୁନିକେଶନ)ର ଇଣ୍ଟ୍ରାଡେରେ ୧୧% ହ୍ରାସ ସହ ୪୭୫.୫୫ ଟଙ୍କାରେ ରହିଛି। ପେଟିଏମ୍ ଶେୟାର ମୂଲ୍ୟରେ ଏହା ଅଲଟାଇମ ଲୋ ବୋଲି ମଧ୍ୟ କୁହାଯାଇଛି। ଏହା ପୂର୍ବରୁ ୨୦୨୨ ମେ ୧୨ରେ ମଧ୍ୟ ଏହାର ଶେୟାର ରେକର୍ଡ ନିମ୍ନଗାମୀ ହୋଇ ୫୧୧ ଟଙ୍କାରେ ରହିଥିଲା। ଅପରପକ୍ଷରେ ଗତ ୨ସପ୍ତାହ ମଧ୍ୟରେ ଉକ୍ତ ଫିନ୍‌ଟେକ୍ କମ୍ପାନୀର ଶେୟାର ପାଖାପାଖି ୨୬% ହ୍ରାସ ଘଟିଛି। ଏହି ଅନୁସାରେ ଏକ ବର୍ଷରେ ଶେୟାର ମୂଲ୍ୟରେ ପାଖାପାଖି ୬୪% ହ୍ରାସ ହୋଇଛି। ବର୍ତ୍ତମାନ ପେଟିଏମ୍ ଶେୟାର ତା'ର ଆଇପିଓ ପ୍ରାଇସ୍ ୨,୧୫୦ ଟଙ୍କାରୁ ୭୮% ତଳକୁ ଖସିସାରିଛି। ଶେୟାର ଲିଷ୍ଟିଂ ଦିନ ଅର୍ଥାତ୍ ୨୦୨୧ ନଭେମ୍ବର ୧୮ରେ କମ୍ପାନୀର ଶେୟାର ୧,୯୬୧ ଟଙ୍କାର ରେକର୍ଡ ସ୍ତରରେ ଖୋଲିଥିଲା। ସେହିପରି ଚଳିତ ବର୍ଷ ନଭେମ୍ବର ୧୭ରେ ସଫ୍ଟ ବ୍ୟାଙ୍କ ମାର୍କେଟ ଟ୍ରାଞ୍ଜାକ୍ସନ ଜରିଆରେ ପେଟିଏମ୍‌ର ପ୍ୟାରେଣ୍ଟ କମ୍ପାନୀ ୱାନ୍‌୯୭ କମ୍ୟୁନିକେଶନର ୪.୫% କୁ ୧,୬୩୧ଟଙ୍କାରେ ବିକ୍ରି କରିଦେଇଥିଲା। ଏହି ବିକ୍ରୟ ସହ ସଫ୍ଟ ବ୍ୟାଙ୍କରେ ପେଟିଏମ୍‌ର ଶେୟାର ହୋଲ୍ଡିଂସ ୧୭.୪୫%ରୁ ହ୍ରାସ ହୋଇ ୧୨.୯୫% ହୋଇଯାଇଛି। ଚଳିତ ସପ୍ତାହ ପ୍ରାରମ୍ଭରେ ପେଟିଏମ୍‌ରେ ନିବେଶ କରିଥିବା ପ୍ରି ଆଇପିଓ ଇନଭେଷ୍ଟର୍ସଙ୍କ ଲାଗି ଲକ୍ ଇନ୍ ପିରିୟଡ୍ ଶେଷହୋଇଯାଇଛି। ଫଳରେ ବ୍ରୋକ୍‌ରେଜ ଫାର୍ମ ବି ଅଫ୍ ଏ ସିକ୍ୟୁରିଟିଜଙ୍କ ସମୀକ୍ଷକ ପେଟିଏମ୍ ଲାଗି ନ୍ୟୁଟ୍ରଲ ରେକୋମେଣ୍ଡେଶନ କରିଛନ୍ତି। ବ୍ରୋକ୍‌ରେଜ ଫାର୍ମ ପେଟିଏମ୍‌ର ଫଣ୍ଡାମେଣ୍ଟାଲକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୨୨।୧୧**

ଭାରତୀୟ ଶେୟାର ବଜାରର ଫଳାଫଳ କ୍ରମାଗତ ଭାବେ ଉପର ତଳ ହେଉଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରିଦେଇଛି। କାରଣ ବିଗତ ୩ଟି କାର୍ଯ୍ୟଦିବସ କାରବାର ଫଳାଫଳ ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହୋଇଥିଲା। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ମଧ୍ୟ ହରାଇଛନ୍ତି। ମଙ୍ଗଳବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୭୪ (୨୭୪.୧୨) ପଏଣ୍ଟ ବଢ଼ି ୬୧,୪୧୯ (୬୧,୪୧୮.୯୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୮୪ (୮୪.୨୫) ପଏଣ୍ଟ ବୃଦ୍ଧି ଘଟି ୧୮,୨୪୪(୧୮,୨୪୪.୨୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ରାଜସୁନାଖଳାରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍




**ଭୁବନେଶ୍ୱର,୨୨।୧୧**

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ'ର ଆଉ ଏକ ଷ୍ଟୋର ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ନିକଟରେ ନୟାଗଡ଼ ଜିଲା ରାଜସୁନାଖଳାଠାରେ 'ଟ୍ରେଣ୍ଡ୍‌ସ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ଷ୍ଟୋର) ର ଶୁଭାରମ୍ଭ କରାଯାଇଛି। ୬୪୦୦ ବର୍ଗଫୁଟ ପରିମିତି ସ୍ଥାନରେ ଗଢ଼ି ଉଠିଥିବା ଏହି ଷ୍ଟୋର୍ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହ ଆକର୍ଷଣୀୟ ଅଫର ରହିଛି। ୩୯୯୯ଟଙ୍କାର କିଣାକିଣି କରି ୨୪୯ ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ୩୯୯୯ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ଟଙ୍କା ମୂଲ୍ୟର କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିଭଳି ଏହି ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ସହ ସ୍ଥାନୀୟ ଗ୍ରାହକମାନଙ୍କ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଏହାକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ରାଜସୁନାଖଳା ତଥା ଏହାର ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡସ ୱିୟର ଏବଂ ଫ୍ୟାସନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟ ସହ ଚମତ୍କାର କିଣାକିଣିର ଅନୁଭୂତି ପାଇପାରିବେ। ଉଲ୍ଲେଖଯୋଗ୍ୟ, ଟ୍ରେଣ୍ଡ୍‌ସ ବାସ୍ତବରେ ଭାରତର ଫ୍ୟାଶନ କ୍ଷେତ୍ରକୁ ଲୋକାଭିମୁଖୀ କରି ଫ୍ୟାଶନରେ ଗଣତନ୍ତ୍ରର ବିକାଶ କରିଛି। ଏହା ଭାରତର ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ କରିଛି ଏବଂ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର-୧, ଟିୟର-୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି ଓ ଭାରତର ପସନ୍ଦଯୋଗ୍ୟ ଫ୍ୟାଶନ ଶପିଂ ଡେଷ୍ଟିନେଶନ ହୋଇଛି।

# ଟାଟା ହିଟାଚି ପକ୍ଷରୁ ମାଇନିଂ ମେଶିନ ପ୍ରଦର୍ଶିତ




**ନୂଆଦିଲ୍ଲୀ,୨୨।୧୧**

ଦେଶର ପ୍ରମୁଖ ମେଶିନାରି ଉତ୍ପାଦକ କମ୍ପାନୀ 'ଟାଟା ହିଟାଚି' ନିକଟରେ ଆଇଏମ୍‌ଏମ୍‌ଇ-୨୦୨୨ ରେ ଅଂଶଗ୍ରହଣ କରି ତା'ର ଶକ୍ତିଶାଳୀ ମାଇନିଂ ମେଶିନଗୁଡ଼ିକୁ ପ୍ରଦର୍ଶିତ କରିଥିଲା। ଏପରିକି ହିଟାଚିର ଶକ୍ତିଶାଳୀ ମାଇନିଂ ଏକ୍ସାଭେଟର ମଡେଲ ଜେଡ୍‌ଏକ୍ସ ୮୭୦ଏଚ୍-୫ଜି ଓ ନୂଆକରି ଶୁଭାରମ୍ଭ ହୋଇଥିବା ଟାଟା ହିଟାଚିର ହ୍ୱିଲ୍ ଲୋଡର, ଜେଡ୍‌ଡବ୍ଲ୍ୟୁ୨୨୫-୬କୁ ପ୍ରଦର୍ଶନ କରିଛି। ଏହାଛଡା କମ୍ପାନୀ ଡ୍ରମ୍ କଟର ମଡେଲ କେଡିସି୪୫, କ୍ୱିକ୍ କପ୍‌ଲର ମଡେଲ ରେଞ୍ଜ୍‌୧୧ ଭଳି ଆଟାଚ୍‌ମେଣ୍ଟ ଓ ପାର୍ଟଗୁଡ଼ିକର ମଧ୍ୟ ପ୍ରଦର୍ଶନ କରିଛି, ଯାହାକୁ ମାଇନିଂ ମେଶିନାରିରେ ବ୍ୟବହାର କରାଯାଉଛି। ଏ ସମ୍ପର୍କରେ ଟାଟା ହିଟାଚିର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ସିଂହ କହିଛନ୍ତି, 'ଆଇଏମ୍‌ଏମ୍‌ଇରେ ଆମେ ଆମର ହାଇଡ୍ରାଉଲିକ୍ ଏକ୍ସାଭେଟର ଜେଡ୍‌ଏକ୍ସ ୮୭୦ଏଚ୍ ଓ ହ୍ୱିଲ୍ ଲୋଡର୍ ଜେଡ୍‌ଡବ୍ଲ୍ୟୁ ୨୨୫କୁ ପ୍ରଦର୍ଶିତ କରି ଖଣି କ୍ଷେତ୍ରରେ ଆମର ଅତୁଳନୀୟ ଶକ୍ତିକୁ ପ୍ରଦର୍ଶନ କରିଛୁ। ଏହା ସହିତ ଆମେ ମାଇନିଂ ଆଟାଚ୍‌ମେଣ୍ଟ ଓ ପାର୍ଟଗୁଡ଼ିକୁ ମଧ୍ୟ ପ୍ରଦର୍ଶନ କରିଛୁ। ଆଇଏମ୍‌ଏମ୍‌ଇ ୨୦୨୨ ଆମକୁ ସମସ୍ତ ଶିଳ୍ପ ହିତାଧିକାରୀଙ୍କ ସହ ନିୟୋଜିତ ଏବଂ ଖଣି କ୍ଷେତ୍ରରେ ଆମର ବିଶେଷଜ୍ଞତାକୁ ପ୍ରଦର୍ଶିତ କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି।

# ବଜାଜ୍ ଅଲ୍ ନ୍ୟୁ ପଲ୍‌ସର ପି୧୫୦ର ଶୁଭାରମ୍ଭ

**ଭୁବନେଶ୍ୱର,୨୨।୧୧**



ଦେଶର ପ୍ରମୁଖ ୨ ଚକିଆ ଯାନ ନିର୍ମାତା 'ବଜାଜ୍ ଅଟୋ'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପଲ୍‌ସର ସିରିଜ୍‌ର ନୂଆ ବାଇକ୍ ବଜାଜ୍ ଅଲ୍ ନ୍ୟୁ ପଲ୍‌ସର ପି୧୫୦ର ଶୁଭାରମ୍ଭ (ବଜାର ପ୍ରବେଶ) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନୂଆ ପଲ୍‌ସରରେ କମ୍ପାନୀ ଅନେକ କିଛି ବିଶେଷ ପରିବର୍ତ୍ତନ କରିଛି, ଆକର୍ଷଣୀୟ ଡିଜାଇନ ଏବଂ ଦମ୍‌ଦାର ଇଞ୍ଜିନ୍ କ୍ଷମତା ସହ ଏହି ବାଇକ୍ ୨ଟି ଭାରିଆଣ୍ଟର ବଜାର ପ୍ରବେଶ କରାଇଛି। ସେହିଭଳି କମ୍ପାନୀ ଏହି ବାଇକକୁ ସ୍ପୋର୍ଟି ଲୁକ୍ ତଥା ଡିଜାଇନ୍ ଦେବା ସହ ଏହାର ଓଜନକୁ ମଧ୍ୟ କମ୍ କରାଇଛି। ପଲ୍‌ସର ପି୧୫୦ ରେ କମ୍ପାନୀ ନୂଆ ୧୪୯.୬୮ ସିସି କ୍ଷମତାର ଇଞ୍ଜିନ୍ ବ୍ୟବହାର କରିଥିବା ବେଳେ ୧୪.୫ ପିଏସ୍ ପାୱାର ଏବଂ ୧୩.୫ ଏନ୍‌ଏମ୍‌ର ଟର୍କ ଉତ୍ପନ୍ନ କରିଥାଏ। ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଶର୍ମା କହିଛନ୍ତି, ଉଭୟ ବାଇକର ଓଜନ ପୂର୍ବ ମଡେଲ ତୁଳନାରେ ହ୍ରାସ କରାଯାଇଛି। ସେହିଭଳି ପାୱାର ଟୁ ରେସିଓ ପ୍ରାୟ ୧୧% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଫଳରେ ବାଇକରେ ୭୯୦ଏମ୍‌ଏମ୍‌ର ସିଟ୍ ହାଇଟ୍ ଏବଂ ମୋନୋଶକ୍ ସସ୍ପେନ୍‌ସନ ସହ ବାଇକର ରାଇଡିଂ ଏକ୍ସପେରିଏନ୍ସକୁ ଆହୁରି ଭଲ କରିଥାଏ। ଉକ୍ତ ବାଇକକୁ ରେସିଙ୍ଗ ରେଡ୍, କାରିବିଆନ ବ୍ଲୁ, ଏଭୋନି ବ୍ଲାକ୍ ରେଡ୍ ଏବଂ ଏଭୋନି ବ୍ଲାକ୍ ହ୍ୱାଇଟ୍ ଭଳି ୫ଟି ରଙ୍ଗରେ ଉପଲବ୍ଧ କରାଇଛି।

# ଆକ୍ସିସ ବ୍ୟାଙ୍କ-ଫ୍ଲିପ୍‌କାର୍ଟର ସହଯୋଗିତା

**ନୂଆଦିଲ୍ଲୀ,୨୨।୧୧**




ଆକ୍ସିସ ବ୍ୟାଙ୍କ ଓ ଫ୍ଲିପ୍‌କାର୍ଟ ମଧ୍ୟରେ ଏକ ଦ୍ୱିପାକ୍ଷିକ ବ୍ୟବସାୟିକ ସହଯୋଗିତା ସ୍ଥାପନ କରାଯାଇଛି। ସୁପର ଇଲାଇଟ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଲାଗି ଏହି ସହଯୋଗିତା ସ୍ଥାପନ କରାଯାଇଥିବା ଜଣାପଡ଼ିଛି। ଏପରିକି ଫ୍ଲିପ୍‌କାର୍ଟ ସୁପର କଏନ୍‌ସ ରିୱାର୍ଡ ପ୍ରୋଗ୍ରାମକୁ ବ୍ୟାପକ କରିବା ଏବଂ ଗ୍ରାହକମାନଙ୍କୁ ଉନ୍ନତ ଶପିଂ ଅନୁଭୂତି ପ୍ରଦାନ କରିବା ଲାଗି ଏହି କାର୍ଡରେ ଶପିଂ କରୁଥିବା ଗ୍ରାହକମାନଙ୍କ ଲାଗି ବ୍ୟାପକ ସୁବିଧା ରହିଛି। ସେହିଭଳି ପୂର୍ବରୁ ପ୍ରଚଳନରେ ଥିବା ଫ୍ଲିପ୍‌କାର୍ଟ ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ ୩ ନିୟୁତ ମାଇଲଖୁଣ୍ଟ ହାସଲ କରିବା ପରେ ଗ୍ରାହକମାନଙ୍କୁ ଅଧିକ ରିୱାର୍ଡ ପ୍ରଦାନ କରିବାକୁ ଏହି ସହଯୋଗିତାର ଉଦ୍ୟମ କରାଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ-କାର୍ଡସ୍ ଆଣ୍ଡ ପେମେଣ୍ଟ୍ସ ସଂଜୀବ ମୋଘେ କହିଛନ୍ତି, ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ସ୍ୱତନ୍ତ୍ର ଭାବେ ଏହା ପ୍ରସ୍ତୁତ କରାଯାଇଛି। ଏପରିକି ଏକ ନୂଆ ଭାରିଆଣ୍ଟର କ୍ରେଡିଟ୍ କାର୍ଡ ଫ୍ଲିପ୍‌କାର୍ଟ ଆକ୍ସିସ୍ ବ୍ୟାଙ୍କ ସୁପର ଇଲାଇଟ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଜରିଆରେ ଫ୍ଲିପ୍‌କାର୍ଟ ସହ ସହଯୋଗିତାକୁ ଆମେ ପରବର୍ତ୍ତୀ ସ୍ତରକୁ ନେଉଥିବାରୁ ଉଲ୍ଲସିତ ମନେକରୁଛୁ।

# ରୋଜଗାର ମେଳାରେ ୩୮୪ଙ୍କୁ ନିଯୁକ୍ତିପତ୍ର




**ଭୁବନେଶ୍ୱର,୨୨।୧୧**

ଗତ କିଛିଦିନ ହେଲା ଦେଶର ଯୁବପିଢ଼ିମାନଙ୍କୁ ରୋଜଗାର ମେଳା ମାଧ୍ୟମରେ କେନ୍ଦ୍ର ସରକାର ନିଯୁକ୍ତିପତ୍ର ବଣ୍ଟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ରେଳ ଅଡିଟୋରିୟମଠାରେ ରୋଜଗାର ମେଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏପରିକି ଓଡ଼ିଶାର ୩୮୪ଜଣ ଯୁବତୀଯୁବକଙ୍କୁ ମନ୍ତ୍ରୀ ନିଯୁକ୍ତିପତ୍ର ବଣ୍ଟନ କରିବା ସହ କହିଥିଲେ, ନୂତନ ଭାବେ ନିଯୁକ୍ତି ପାଇଥିବାଯୁବତୀଯୁବକ କର୍ମକ୍ଷେତ୍ରରେ ଯୋଗଦେବା ସମୟରେ ନିଷ୍ଠାର ସହ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସବୁବେଳେ ପାଳନକରନ୍ତୁ। ସେହିଭଳି ଲୋକଙ୍କ ସେବା କରିବା ଦ୍ୱାରା ସମାଜରେ ପରିବର୍ତ୍ତନ ଆସିପାରିବ ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ମେଳାର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ୨୩୯ ଜଣ ଯୁବକ ଓ ଯୁବତୀଙ୍କୁ ମନ୍ତ୍ରୀ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ଆସାମ ରାଇଫଲ୍ସ, ଏମ୍ସ ଭୁବନେଶ୍ୱର, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ରେଳ, ଇଏସ୍‌ଆଇସି, ହିନ୍ଦୁସ୍ଥାନ ଏରୋନୋଟିକ୍ସ ଲିମିଟେଡ୍, ଆଇଆଇଟି ଭୁବନେଶ୍ୱର, ଇନ୍‌କମ୍ ଟ୍ୟାକ୍ସ, ଆଇଟିବିପି, ଡାକ ବିଭାଗ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ସଶସ୍ତ୍ର ସୀମା ବଳ ଓ ରାଜ୍ୟସ୍ତରୀୟ ବ୍ୟାଙ୍କ ସମୂହରେ କାମ କରିବାର ସୁଯୋଗ ପାଇଛନ୍ତି। ଅପରପକ୍ଷରେ ୨୨ ଅକ୍ଟୋବରରେ ୧୦ ଲକ୍ଷ ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ବିଶାଳ ରୋଜଗାର ମେଳାର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଦେଶର ବିଭିନ୍ନ ରାଜ୍ୟର ଯୁବକ ଓ ଯୁବତୀଙ୍କୁ ୭୫,୦୦୦ ଏକକାଳୀନ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା। ସେହିପରି ମେଳାର ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ୪୫ଟି ସ୍ଥାନରେ ୭୧,୦୦୦ ଯୁବପିଢ଼ିଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି।

ତେବେ ନୂଆ ନିଯୁକ୍ତିଧାରୀଙ୍କୁ ଅନ୍‌ଲାଇନରେ ଓରିଏନଟେଶନ କୋର୍ସ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ 'କର୍ମଯୋଗୀ ପ୍ରାରମ୍ଭ ମୋଡ୍ୟୁଲ'ର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଡାଇରେକ୍ଟର ଆଶୁତୋଷ ବିଶ୍ୱାସ ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଆଇ-କ୍ରିଏଟ୍ ସହ ୱାର୍ଡୱିଜାର୍ଡର ଦ୍ୱିପାକ୍ଷିକ ରାଜିନାମା

**ନୂଆଦିଲ୍ଲୀ,୨୨।୧୧**

ଦେଶର ପ୍ରମୁଖ ନବସୃଜନଭିତ୍ତିକ ଷ୍ଟାର୍ଟଅପ୍ ଇନ୍‌କୁବେଟର ଆଇ-କ୍ରିଏଟ୍ ସହ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ରାଜିନାମା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆଇ-କ୍ରିଏଟ୍ ସହଯୋଗିତାରେ ୱାର୍ଡୱିଜାର୍ଡ ଦେଶର ଇଭି ଷ୍ଟାର୍ଟଅପ୍‌ଗୁଡ଼ିକୁ ମେଟରିଂ ଓ ଫଣ୍ଡିଂ ସହାୟତା ପ୍ରଦାନ କରିବ। ସେହିଭଳି ଅହମ୍ମଦାବାଦଠାରେ ଥିବା ଆଇ-କ୍ରିଏଟ୍ କ୍ୟାମ୍ପସ୍‌ରେ ଉଦ୍ୟୋଗୀମାନଙ୍କୁ ୱାର୍ଡୱିଜାର୍ଡ ପକ୍ଷରୁ ପ୍ରତ୍ୟକ୍ଷ ମେଟରିଂ ପ୍ରଦାନ କରାଯିବ। ସେହିପରି ଦେଶର ଷ୍ଟାର୍ଟଅପ୍ ପରିବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଭାରତକୁ ଏକ ନିଯୁକ୍ତି ସୃଷ୍ଟିକାରୀ ରାଷ୍ଟ୍ରରେ ପରିଣତ କରିବା ଲାଗି ଭାରତ ସରକାରଙ୍କ ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ରହିଥିବା ଲକ୍ଷ୍ୟ ଅନୁସାରେ ୱାର୍ଡୱିଜାର୍ଡ ଏବଂ ଆଇ-କ୍ରିଏଟ୍ ମଧ୍ୟରେ ସହଯୋଗିତା ସ୍ଥାପନ ହୋଇଛି।

ଏ ସମ୍ପର୍କରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ୟତିନ୍ ଗୁପ୍ତେ କହିଛନ୍ତି, ଆଇ-କ୍ରିଏଟ୍ ସହ ସହଯୋଗିତା ସ୍ଥାପନକରି ଆମେ ବେଶ୍ ଆନନ୍ଦିତ ଅଛୁ। ଏହି ସହଯୋଗିତା ଜରିଆରେ ଆମେ ପ୍ରତିଶ୍ରୁତିଭରା ଷ୍ଟାର୍ଟଅପ୍‌ଗୁଡ଼ିକ ସହ ଚିନ୍ତାଧାରାର ଆଦାନପ୍ରଦାନକୁ ସୁଦୃଢ଼ କରିବା ଏବଂ ଇଭି ଶିଳ୍ପକୁ ଭଲ ଭାବେ ବୁଝିବା ଲାଗି ସେମାନଙ୍କୁ ଆମର ବଜାର ଜ୍ଞାନ ଏବଂ ଅନୁଭବ ପ୍ରଦାନ କରିବାରେ ସହାୟକ ହେବାକୁ ଚାହୁଁଛୁ। ସେହିଭଳି ଆଇ-କ୍ରିଏଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ପୁନେକର କହିଛନ୍ତି, ଭାରତର ଇଭି କ୍ଷେତ୍ରରେ ଉଲ୍ଲେଖନୀୟ ନବସୃଜନକାରୀଙ୍କୁ ଚିହ୍ନଟ କରିବା ଏବଂ ବାସ୍ତବ ଦୁନିଆର ଶିଳ୍ପ ସମସ୍ୟାର ସମାଧାନ ଲାଗି ସେମାନଙ୍କୁ ବ୍ୟାପକ କରିବାକୁ ୱାର୍ଡୱିଜାର୍ଡରେ ଆମେ ଲକ୍ଷ୍ୟ ରଖିଛୁ।

# ଆଇସିଆଇସିଆଇର 'ପ୍ରୁ ସୁଖ୍ ସମୃଦ୍ଧି'

**ନୂଆଦିଲ୍ଲୀ,୨୧।୧୧**

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଏକ ନୂଆ ପାର୍ଟିସିପେଟିଙ୍ଗ୍ ସେଭିଙ୍ଗ୍ସ ପ୍ରଡକ୍ଟ 'ଆଇସିଆଇସିଆଇ ପ୍ରୁ ସୁଖ୍ ସମୃଦ୍ଧି'ର ଶୁଭାରମ୍ଭ କରାଯାଇଛି। ଏହା ଗ୍ରାହକଙ୍କୁ ବୋନସ ଆକାରରେ ନିଶ୍ଚିତ ଲାଭ ଓ ଅଭିବୃଦ୍ଧି ସମ୍ଭାବନାର ଦ୍ୱୈତ ଲାଭ ପ୍ରଦାନ କରୁଛି। ଏହାଛଡା ଏହାର ଲାଇଫ୍ କଭର୍ ଆୟ ଅବଧି ସମେତ ପଲିସିର ସମ୍ପୂର୍ଣ୍ଣ ଅବଧି ପାଇଁ ଜାରି ରହିବ। ଯାହା ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବ। ଏହି ଉତ୍ପାଦ ମହିଳାଗ୍ରାହକଙ୍କୁ ସେମାନଙ୍କ ସଞ୍ଚୟ ଯାତ୍ରା ଆରମ୍ଭ କରିବା ଓ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ପ୍ରୋତ୍ସାହିତ କରିବା ଲାଗି ଏକ ଉଚ୍ଚ ମାଚ୍ୟୁରିଟି ଲାଭ ପ୍ରଦାନ କରୁଛି। ଏହି ଦୀର୍ଘାବଧିର ସେଭିଙ୍ଗ୍ ପ୍ରଡକ୍ଟକୁ ଦୁଇଟି ଭାରିଆଣ୍ଟ ଇନ୍‌କମ୍ ଓ ଲମ୍ପ୍ ସମ୍‌ରେ ଉପଲବ୍ଧ କରାଯାଇଛି। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସ ଚିଫ୍ ଡିଷ୍ଟ୍ରିବ୍ୟୁଶନ ଅଫିସର, ଅମିତ୍ ପାଲ୍‌ଟା କହିଛନ୍ତି, ଆଇସିଆଇସିଆଇ ପ୍ରୁ ସୁଖ୍ ସମୃଦ୍ଧି ଗ୍ରାହକଙ୍କୁ ନିଜର ଆର୍ଥିକ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସକ୍ଷମ କରିବା ଲାଗି ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଏହି ବହୁମୁଖୀ ସଂଚୟ ଉତ୍ପାଦ ଏହାର 'ସେଭିଙ୍ଗ୍ସ ୱାଲେଟ୍' ଓ 'ସେଭ୍ ଦ ଡେଟ୍' ଭଳି ଫିଚରଗୁଡିକ ସହ ଗ୍ରାହକଙ୍କୁ ପରିବର୍ତ୍ତିତ ଆବଶ୍ୟକତା ଓ ଜୀବନ ପର୍ଯ୍ୟାୟରେ ଆର୍ଥିକ ଭାବେ ସୁରକ୍ଷିତ ରଖି ନିଜ ଜୀବନର ସଫଳତାକୁ ପାଳନ କରିବାକୁ ସକ୍ଷମ କରୁଛି।

# ବ୍ୟାଙ୍କ କର୍ମଚାରୀ ସଂଗଠନର ମହାଅଧିବେଶନ




**ଭୁବନେଶ୍ୱର,୨୨।୧୧**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର କ୍ଷେତ୍ର କର୍ମଚାରୀ ସଂଘ (ଏସ୍‌ବିଆଇଏସ୍‌ଏ,ଭୁବନେଶ୍ୱର ସର୍କଲ) ପକ୍ଷରୁ ନିକଟରେ ଏକ ବ୍ୟାଙ୍କ କର୍ମଚାରୀ ସଂଗଠନର ମହା ଅଧିବେଶନର ଆୟୋଜନ କରାଯାଇଥିଲା। ଓଡ଼ିଶା ରାଜ୍ୟ ବ୍ୟାଙ୍କ କର୍ମଚାରୀଙ୍କ ରାଷ୍ଟ୍ରୀୟ ସଂଘର ୭ମ ତ୍ରିବାର୍ଷିକ ସାଧାରଣ ସଭା ଓ ଅଖିଳ ଭାରତୀୟ କର୍ମଚାରୀ ସଂଘର ୭୫ତମ ବାର୍ଷିକ ସମ୍ମେଳନ ଏବଂ ୮ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘର ଶତବାର୍ଷିକୀ ସମାରୋହ ସ୍ଥାନୀୟ କୁରଙ୍ଗ ଶାସନସ୍ଥିତ ମୀରା କୋର୍ଟୟାର୍ଡ-୨ ଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ସଂଘଗୁଡ଼ିକ ମିଳିତ ମଞ୍ଚର ଆବାହକ ସଞ୍ଜୀବ କୁମାର ବନ୍ଦଲିଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା,ବ୍ୟାଙ୍କ କର୍ମଚାରୀଙ୍କ ରାଷ୍ଟ୍ରୀୟ ସଂଘର ସଭାପତି ଏସ୍.ସି.ବାଲାଜି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ବର୍ତ୍ତମାନ ପରିସ୍ଥିତିରେ ଅନେକ ସମସ୍ୟା ଓ ଚ୍ୟାଲେଞ୍ଜ ମଧ୍ୟରେ ବ୍ୟାଙ୍କର କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ଏପରିକି ଭାରତୀୟ ଅର୍ଥନୀତିରେ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗର ଯୋଗଦାନ ଓ ଭବିଷ୍ୟତରେ ଆସୁଥିବା ବିପଦ ଏବଂ ସମସ୍ତ ସଦସ୍ୟଙ୍କ ସର୍ବାଙ୍ଗୀନ କଲ୍ୟାଣ ସମ୍ପର୍କରେ ଅତିଥି ଓ ପ୍ରମୁଖ କର୍ମକର୍ତ୍ତା ମତପ୍ରକାଶ କରିଥିଲେ। ସେହିପରି ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳର ସଭାପତି ସ୍ୱାଧୀନ କୁମାର ଦାସ ଅତିଥି ପରିଚୟ ପ୍ରଦାନ ସାଙ୍ଗକୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲା ବେଳେ ସଂଘର ସାଧାରଣ ସମ୍ପାଦକ ରଘୁନାଥ ପ୍ରସାଦ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବତନ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସଂଘର ଉପ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଦାନ୍ତ ପକ୍ଷରୁ 'ଏକ୍ସଟ୍ରୁଜନ୍ ସେଗ୍‌ମେଣ୍ଟ'

**ନୂଆଦିଲ୍ଲୀ,୨୨।୧୧**



ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏକ୍ସଟ୍ରୁଜନ୍ ସେଗ୍‌ମେଣ୍ଟ'ର ଆୟୋଜନ କରାଯାଇଥିଲା। ବିଶେଷକରି ଭାରତୀୟ ଏକ୍ସଟ୍ରୁଜନ୍ ଶିଳ୍ପର ଉତ୍ପାଦକତା ବୃଦ୍ଧି ସମ୍ପର୍କରେ ଏକ ବୈଷୟିକ ମାଷ୍ଟରକ୍ଲାସ୍ ମଧ୍ୟ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ଭାରତ ସମେତ ୬୦ରୁ ଅଧିକ ଦେଶର ପ୍ରାୟ ୩୦୦ ଅଂଶଗ୍ରହଣକାରୀ ସାମିଲ ଥିଲେ। ଏପରିକି ମାଷ୍ଟରକ୍ଲାସ ଦୁନିଆର ଜଣାଶୁଣା ଏକ୍ସଟ୍ରୁଜନ୍ ବିଶେଷଜ୍ଞ ଜୋନାଥନ୍ ପାଙ୍ଗବର୍ନଙ୍କ ଦ୍ୱାରା ଉକ୍ତ ଅଧିବେଶନ ପରିଚାଳିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଜୋନାଥନ୍ ବେଦାନ୍ତର କଷ୍ଟମର ଟେକ୍ନିକାଲ ସର୍ଭିସ୍ (ସିଟିଏସ୍) ସେଲ୍ ପାଇଁ ବିଲେଟ୍ ଏକ୍ସଟ୍ରୁଜନ୍‌ର ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟ କରନ୍ତି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ଭାରତର ବୃହତମ ଆଲୁମିନିୟମ ଉତ୍ପାଦକ ତଥା ଦେଶର ସର୍ବବୃହତ୍ ବିଲେଟ୍ ରପ୍ତାନିକାରୀ ଭାବେ ଆମେ ଗୁଣବତ୍ତା,ବିଶ୍ୱସନୀୟତା ଏବଂ ନିର୍ମାଣ ଉତ୍କର୍ଷର ଧ୍ୱଜା ବହନକାରୀ। ସେହିଭଳି ସର୍ବୋଚ୍ଚ ଗୁଣାତ୍ମକ ଆଲୁମିନିୟମ ଉତ୍ପାଦ ଉତ୍ପାଦନରେ ମଧ୍ୟ ଆମର ପାରଦର୍ଶିତା ଭାରତୀୟ ଶିଳ୍ପରେ ବିଶ୍ୱ ଜ୍ଞାନ ଆଣିବାକୁ କମ୍ପାନୀର ଉତ୍ସାହ ସହ ମେଳଖାଉଛି। ଏହି ମାଷ୍ଟରକ୍ଲାସ୍ ପ୍ରତିକ୍ରିୟା ଅତ୍ୟନ୍ତ ଉତ୍ସାହଜନକ ଏବଂ ଆମ ଗ୍ରାହକମାନେ ଆଗକୁ ବଢ଼ିବା ପାଇଁ ଏହିପରି ଅନେକ ଜ୍ଞାନ ବିତରଣ ଅଧିବେଶନ କରିବାକୁ କମ୍ପାନୀ ଯୋଜନା ରଖିଛୁ। ସେହିଭଳି ଜୋନାଥନ କହିଥିଲେ, ଆଲୁମିନିୟମ ଏକ୍ସଟ୍ରୁଜନ୍ ଆଧୁନିକ ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ରହିଛି। ଏପରିକି ଆମେ ରହୁଥିବା ଘରଠାରୁ ଆରମ୍ଭ କରି ବିମାନ ସେବା ପର୍ଯ୍ୟନ୍ତ ସବୁଥିରେ ଏହାର ପ୍ରୟୋଗ କରାଯାଉଛି। ବେଦାନ୍ତ ଆଲୁମିନିୟମ ଦ୍ୱାରା ମାଷ୍ଟରକ୍ଲାସ୍ ଆକାରରେ ପ୍ରଦାନ କରାଯାଉଥିବା ପ୍ଲାଟ୍‌ଫର୍ମ ପାଇଁ ମୁଁ ଆନନ୍ଦିତ। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଚିଫ୍ ମାର୍କେଟିଂ ଅଫିସର ଆଲୋକ ରଞ୍ଜନ ଏବଂ ଗ୍ରାହକ ବୈଷୟିକ ସେବାର ମୁଖ୍ୟ ରାମ ସନ୍ଦୀପନ ଅଧିକାରୀ ଅଧିବେଶନରେ ଅଂଶଗ୍ରହଣକାରୀଙ୍କ ସହ କମ୍ପାନୀର ଅଫର ଏବଂ ଶିଳ୍ପଧାରା ଉପରେ ଅନ୍ତର୍ନିହିତ ସୂଚନା ପ୍ରଦାନ କରିଥିଲେ। ଅପରପକ୍ଷରେ ଦେଶର ପ୍ରମୁଖ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନର ଛାତ୍ରୀଛାତ୍ରୀମାନେ ମଧ୍ୟ ଉକ୍ତ ଅଧିବେଶନରେ ଯୋଗଦେଇଥିଲେ।

# 'ଗାଡ଼ି ଚୋରି ମାମଲାର ଫଇସଲା ହେଉଥିଲା'

## ଥାନାଧିକାରୀଙ୍କ ବଟି ଆଦାୟ ଅଭିଯୋଗର ନୂଆ ମୋଡ଼

**କଟକ ଅଫିସ,୨୨।୧୧**

କଟକ ଜିଲା କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି ଦୀନକୃଷ୍ଣ ମିଶ୍ର ବଟି ମାଗିବା ଅଭିଯୋଗ ଘଟଣାରେ ଜଣେ ଯୁବକଙ୍କ ବୟାନ ମଙ୍ଗଳବାର ଭିନ୍ନ ମୋଡ଼ ନେଇଛି। ବଟି ନୁହେଁ, ବରଂ ଗାଡ଼ି ଚୋରି ମାମଲାର ଫଇସଲା ହେଉଥିବା ସମ୍ପୃକ୍ତ ଯୁବକ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଯୁବକ ଜଣକ ହେଲେ କଟକ ପେନ୍‌ସନ୍ ଲେନ୍ ଅଞ୍ଚଳର ସେକ୍ ଆସିଫ୍।

ଆସିଫ୍‌ଙ୍କ କହିବାନୁଯାୟୀ, ବାଲିଯାତ୍ରା ବୁଲିବା ପାଇଁ ଆସି ନିକଟସ୍ଥ କାର୍ତ୍ତିକେଶ୍ୱରଗଡ଼ା ଷ୍ଟାଣ୍ଡରେ ତାଙ୍କର ବାଇକ୍ (ନଂ.ଓଡ଼ି୦୫ଡବ୍ଲ୍ୟୁ-୦୫୭୧) ରଖିଥିଲେ। ବାଲିଯାତ୍ରା ବୁଲି ଫେରିବା ପରେ ତାଙ୍କ ବାଇକ୍ ସେହି ଷ୍ଟାଣ୍ଡରେ ନଥିଲା। ପରେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ବାଇକ୍ ପାଇ ନଥିଲେ। ଏନେଇ ସେ ଗତ ୧୧ ତାରିଖରେ କ୍ୟାଣ୍ଟନମେଣ୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ବାଇକ୍ ଖୋଜି ବାହାର କରିବା ଓ ଏହାକୁ ଚୋରି କରିଥିବା ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଥିଲେ। ତେବେ ଏହି ମାମଲାର ସମାଧାନ ପାର୍କିଂ ଷ୍ଟାଣ୍ଡର ନିଲାମଧାରୀ ଓ ଆସିଫ୍‌ଙ୍କ ମଧ୍ୟରେ ଆପୋସ ବୁଝାମଣା ଜରିଆରେ କରିବା ପାଇଁ କ୍ୟାଣ୍ଟନମେଣ୍ଟ ଆଇଆଇସି ଉଦ୍ୟମ କରିଥିଲେ। ତେବେ ଗାଡ଼ି ମିଳିବାର ସମ୍ଭାବନା ନଥିବାରୁ ପାର୍କିଂ ଷ୍ଟାଣ୍ଡର ନିଲାମଧାରୀ ଗାଡ଼ି ବାବଦରେ କିଛି ଅର୍ଥ ଦେବାକୁ ଆଇଆଇସିଙ୍କ ମଧ୍ୟସ୍ଥତାରେ ଆଲୋଚନା କରାଯାଉଥିଲା। ଷ୍ଟାଣ୍ଡ ନିଲାମଧାରୀ ଭବାନୀ ଶଙ୍କର ବେଉରା ଓ ସ୍ମୃତିରଞ୍ଜନ ମିଶ୍ର ତାଙ୍କୁ ୪୦ ହଜାର ଟଙ୍କା ଚୋରି ଯାଇଥିବା ବାଇକ୍ ବାବଦରେ ଦେବାକୁ ରାଜି ହୋଇଥିଲେ। ମାତ୍ର ସେମାନେ ୨୦ ହଜାର ଟଙ୍କା ଦେଇଥିଲେ। ଅବଶିଷ୍ଟ ଟଙ୍କା ଦେବା ପାଇଁ ଆଇଆଇସି ମିଶ୍ର ସେମାନଙ୍କୁ ତାଗିଦ୍ କରିଥିଲେ ବୋଲି ଆସିଫ୍ ସୂଚନା ଦେଇଛନ୍ତି। ଏନେଇ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର କହିଛନ୍ତି, ଡିସିପି ଛୁଟିରେ ଅଛନ୍ତି। ବୁଧବାର ସେ କାର୍ଯ୍ୟରେ ଯୋଗଦେବେ। ତା'ପରେ ଏହାର ତଦନ୍ତ କରାଯିବ। ତଦନ୍ତବେଳେ କିଏ କେତେ ସତ କହୁଛନ୍ତି ବା ମିଛ କହୁଛନ୍ତି ତାହା ଧରାପଡ଼ିବ।

ସୂଚନାଯୋଗ୍ୟ, ବାଲିଯାତ୍ରାରେ ପାର୍କିଂ ଟେଣ୍ଡର ନେଇଥିବା ଜଣେ ବ୍ୟକ୍ତିଙ୍କଠାରୁ ବଟି ଦାବି କରିବା ସହ ନ ଦେଲେ ମିଥ୍ୟା କେସ୍‌ରେ ଫସାଇଦେବାକୁ ଆଇଆଇସି ମିଶ୍ର ଧମକ ଦେବାର ଭିଡିଓ ଭାଇରାଲ ହୋଇଥିଲା। ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ କଟକ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉକ୍ତ ଭାଇରାଲ ଭିଡିଓ ଉପରେ ବିସ୍ତୃତ ଭାବେ ସୂଚନା ଦିଆଯାଇଥିଲା। ଏଥିସହ ଆଇଆଇସି ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଡିଜିପିଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ପରେ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆଇଆଇସି ମିଶ୍ରଙ୍କୁ ଡିସିପି ଅଫିସକୁ ବଦଳି କରାଯାଇଥିଲା।



**ଦାରୁଦିଅଁଙ୍କୁ ଅସମ୍ମାନ:** ମଙ୍ଗଳବାର ପୁରୀ ବଡ଼ଦାଣ୍ଡରେ ଏକ ଟ୍ରଲିରେ ତିନିଠାକୁରଙ୍କ ପ୍ରତିମୂର୍ତ୍ତି ଖୋଲାରେ ନିଆଯାଉଛି। **(ଫଟୋ: ଯଜ୍ଞେଶ୍ୱର)**

# ଆଜି ଭାଜପା, କଂଗ୍ରେସ ବିଧାୟକ ଦଳ ବୈଠକ

## ୨୪ରୁ ବିଧାନସଭା ଷୋଡଶ ଅଧିବେଶନ

- ଚାଷୀ ସମସ୍ୟା ହେବ ମୁଖ୍ୟ ପ୍ରସଙ୍ଗ
- ଗୁରୁବାର ବିରୋଧୀଙ୍କ ସମ୍ମୁଖୀନ ଲାଗି ରଣନୀତି କରିବ ବିଜେଡି

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ବିଧାନସଭାର ଷୋଡଶ ଅଧିବେଶନ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ଉଭୟ ଶାସକ ଏବଂ ବିରୋଧୀ ନିଜ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଦେଲେଣି। ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଚାଲିଥିବାରୁ ବିରୋଧୀଙ୍କ ପକ୍ଷରୁ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଶାସକ ଦଳକୁ ଟାର୍ଗେଟ କରିବାକୁ ଯୋଜନା କରାଯାଇଥିବା ଜଣାପଡିଛି। ତେବେ ଶାସକ ଦଳ ମଧ୍ୟ କେନ୍ଦ୍ର ସରକାରଙ୍କ ବିରୋଧରେ ଅନେକ ଗୁଡିଏ ପ୍ରସଙ୍ଗକୁ ଏକାଠି କରି ବିରୋଧୀଙ୍କୁ ଟାର୍ଗେଟ କରିବା ଯୋଜନା କରାଯାଇଛି। ତେବେ ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଏହି ବୈଠକ ବସିବାକୁ ଥିବାବେଳେ କେଉଁସବୁ ପ୍ରସଙ୍ଗରେ ବିରୋଧୀଙ୍କ ମୁକାବିଲା କରାଯିବ ସେନେଇ ମୁଖ୍ୟତଃ ଆଲୋଚନା କରାଯିବ। ସେହିପରି ଭାଜପା ବିଧାୟକ ଦଳ ବୈଠକ ବୁଧବାର ଅପରାହ୍ନରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ବୈଠକରେ ଦଳର ରାଜ୍ୟ ପ୍ରଭାରୀ, ସଭାପତିଙ୍କ ସମେତ ବିଧାୟକ ଓ ଅନ୍ୟ କେତେଜଣ ବରିଷ୍ଠ ନେତା ଯୋଗଦେବେ। ଏଥିରେ ଦଳ କେଉଁସବୁ ପ୍ରସଙ୍ଗରେ ସରକାରଙ୍କୁ ଘେରିବ ସେନେଇ ସ୍ଥିର କରିବ। ମୁଖ୍ୟତଃ ଚାଷୀ ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି ଜଣାପଡିଛି। ଅନ୍ୟପଟେ କଂଗ୍ରେସ ବିଧାୟକ ଦଳ ବୈଠକ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହେବ। ଏଥିରେ କଂଗ୍ରେସ ପକ୍ଷରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ କେଉଁସବୁ ପ୍ରସଙ୍ଗ ଉଠାଯିବ ସେନେଇ ଆଲୋଚନା ହେବ। କଂଗ୍ରେସ ମୁଖ୍ୟତଃ ଚାଷୀ ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟକୁ ଟାର୍ଗେଟ କରିବ। ଏହାସହ ଅନ୍ୟ କେତେଗୁଡ଼ିଏ ପ୍ରସଙ୍ଗରେ ମଧ୍ୟ ବିଧାନସଭା ଘେରିବ ବୋଲି ଜଣାପଡିଛି।

# ସିଏଜି ଗଣତନ୍ତ୍ରର ଚକ୍ଷୁ : ପବ୍ଲିକ ଆକାଉଣ୍ଟ କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ମହାଲେଖାକାର କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଅଡିଟ୍ ସପ୍ତାହ ପାଳନ ଅବସରରେ ପ୍ରଥମ ଅଧିବେଶନରେ ପବ୍ଲିକ ଆକାଉଣ୍ଟସ କମିଟି, ସରକାରୀ ଉଦ୍ୟୋଗ କମିଟି ଓ ମହାଲେଖାକାର କାର୍ଯ୍ୟାଳୟ ସମ୍ବନ୍ଧୀୟ ଆଲୋଚନାଚକ୍ର ଲୋକସେବା କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ହୋଇଛି। ଏହି ଆଲୋଚନାଚକ୍ରରେ ପବ୍ଲିକ ଆକାଉଣ୍ଟସ କମିଟି ଅଧ୍ୟକ୍ଷ ମୋହନ ଚରଣ ମାଝି, ସରକାରୀ ଉଦ୍ୟୋଗ କମିଟି ଅଧ୍ୟକ୍ଷ ସୁଦାମ ମାରାଣ୍ଡି, ପୂର୍ବତଟ ରେଳବାଇର ଲେଖା ପରୀକ୍ଷା ମହାନିର୍ଦ୍ଦେଶକ ବିଭୁଦତ୍ତ ବସନ୍ତିଆ, ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା ଓ ମହାଲେଖାକାର ବିଶ୍ୱନାଥ ସିଂ ଜାଦୋନ ଯୋଗ ଦେଇଥିଲେ।

ପ୍ରଧାନ ମହାଲେଖାକାର ସ୍ୱାଗତ ଭାଷଣ ଅବସରରେ ନିର୍ବାହୀଙ୍କ ଉପରେ ବ୍ୟବସ୍ଥାପକଙ୍କ ନିୟନ୍ତ୍ରଣ କରିବା ବିଷୟରେ ପବ୍ଲିକ ଆକାଉଣ୍ଟସ କମିଟି ଓ ସରକାରୀ ଉଦ୍ୟୋଗ କମିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉଲ୍ଲେଖ କରିଥିଲେ। ଉତ୍ତରଦାୟିତ୍ୱ ଢାଞ୍ଚା ପବ୍ଲିକ ଆକାଉଣ୍ଟସ କମିଟି / ସରକାରୀ ଉଦ୍ୟୋଗ କମିଟି ଓ ଅଡିଟ ମଧ୍ୟରେ ପାରସ୍ପରିକ ସହଯୋଗ ରହିଲେ ଏହା ଉତ୍ତମ ସରକାରୀ ବ୍ୟବସ୍ଥା ଦିଗରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ପବ୍ଲିକ ଆକାଉଣ୍ଟସ କମିଟି ଅଧ୍ୟକ୍ଷ ମାଝି ସିଏଜି ଅନୁଷ୍ଠାନ ଗଣତନ୍ତ୍ରର ଚକ୍ଷୁ ଓ କର୍ଣ୍ଣ। ଏହାର କାର୍ଯ୍ୟ ପ୍ରଣାଳୀ, ଦୈନନ୍ଦିନ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟୀ ଚିହ୍ନଟ କରିବା ପ୍ରକ୍ରିୟା ସହିତ ସାଧାରଣ ଲୋକଙ୍କୁ ସାମିଲ କରାଗଲେ ଅଡିଟ ପ୍ରକ୍ରିୟା ଆହୁରି ଶାଣିତ ହେବ ବୋଲି ଦର୍ଶାଇଥିଲେ।

ସରକାରୀ ଉଦ୍ୟୋଗ କମିଟିର ଅଧ୍ୟକ୍ଷ ମାରାଣ୍ଡି ରାଷ୍ଟ୍ର ଗଠନରେ ଅର୍ଥନୀତି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଭାରତବର୍ଷ ଓ ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର। ଏକ ଜନମଙ୍ଗଳ ରାଷ୍ଟ୍ରରେ ପ୍ରାକୃତିକ ସମ୍ପଦର ବିନିଯୋଗରେ କିଭଳି ରାଷ୍ଟ୍ରର ଉନ୍ନତି କରାଯାଇପାରିବ ଓ ଏଥିରେ ଦୁର୍ନୀତି ରୋକିବାରେ ସିଏଜିର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ରାଜ୍ୟର ଆୟ ବ୍ୟୟର ହିସାବ ତଥା ଅବସରକାଳୀନ ଦେୟ ପ୍ରଦାନରେ ମହାଲେଖାକାର କାର୍ଯ୍ୟାଳୟର ଭୂମିକା ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଇଷ୍ଟକୋଷ୍ଟ ରେଲୱେର ଅଡିଟ ମହାନିର୍ଦ୍ଦେଶକ ବିଭୁଦତ୍ତ ବସନ୍ତିଆ, ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା ଓ ମହାଲେଖାକାର ଅଡିଟ ବିଶ୍ୱନାଥ ସିଂ ଜାଦୋନ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ ବିମାନ ଉଡ଼ାଣ ପାଇଁ ଟେଣ୍ଡର ଡାକିଲେ ରାଜ୍ୟ ସରକାର

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସିଧାସଳଖ ବିଦେଶକୁ ବିମାନ ଉଡ଼ିବ। ଏ ନେଇ ରାଜ୍ୟ ସରକାର ବିଭିନ୍ନ ଉଡ଼ାଣ ସଂସ୍ଥାଠାରୁ ଟେଣ୍ଡର ଆହ୍ୱାନ କରିଛନ୍ତି। ଦୁବାଇ, ସିଙ୍ଗାପୁର ଏବଂ ବ୍ୟାଙ୍କକକୁ ସିଧାସଳଖ ବିମାନ ସେବା ଯୋଗାଇ ଦେବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଅନ୍ତର୍ଜାତୀୟ ଉଡ଼ାଣ ପାଇଁ କେନ୍ଦ୍ର, ରାଜ୍ୟ ସରକାର କେତେକ ନିର୍ଦ୍ଦିଷ୍ଟ ଘରୋଇ ବିମାନ ଉଡ଼ାଣ ସଂସ୍ଥାକୁ ରିହାତି ଦେଉଛନ୍ତି। କୋଭିଡ୍-୧୯ ପରେ ଭୁବନେଶ୍ୱରରୁ ସିଧାସଳଖ ବିମାନ ଉଡ଼ାଣ ପାଇଁ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନ ନେବାରୁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଅନ୍ତର୍ଜାତୀୟ ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ବିମାନ ଇନ୍ଧନରେ ମୂଲ୍ୟଯୁକ୍ତ ଟିକସ(ଭାଟ୍) ଛାଡ଼ କରିଛନ୍ତି।




# ୨୬ରେ ରାଜ୍ୟବ୍ୟାପୀ ସମ୍ବିଧାନ ଦିବସ ପାଳନ ହେବ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହେବାର ଦିବସ ନଭେମ୍ବର ୨୬କୁ ସାରା ଦେଶରେ ସମ୍ବିଧାନ ଦିବସ ରୂପେ ପାଳନ ପାଇଁ ଜାତୀୟ ସ୍ତରରେ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ସଚିବ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ସରକାରୀ ଉଦ୍ୟୋଗ ବିଭାଗ ଅଧୀନ ସ୍କୁଲ, କଲେଜ, ସରକାରୀ ଉଦ୍ୟୋଗ ଓ ସ୍ୱୟଂଶାସିତ ପ୍ରତିଷ୍ଠାନଗୁଡ଼ିକରେ ଏହି ସମ୍ବିଧାନ ଦିବସ ସ୍ୱତନ୍ତ୍ର ଭାବେ ପାଳିତ ହେବ। ଏହି ଦିବସ ପାଳନ ସମୟରେ ଭାରତୀୟ ସମ୍ବିଧାନର ମୁଖବନ୍ଧକୁ ପାଠ କରାଯିବ। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ମୁଖ୍ୟ ନିର୍ଦ୍ଦେଶାଳୟ ଏବଂ ଜିଲାପାଳମାନେ ଏହି ଦିବସକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ପଦ୍ମପୁର ଉପନିର୍ବାଚନ ପାଇଁ ଛୁଟି ଘୋଷଣା

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ):** ପଦ୍ମପୁର ଉପନିର୍ବାଚନ ପାଇଁ ଛୁଟି ଘୋଷଣା ହୋଇଛି। ଆସନ୍ତା ଡିସେମ୍ବର ୫ ତାରିଖରେ ଭୋଟ ଗ୍ରହଣ କରାଯିବ। ଏହି ଦିବସକୁ ନିର୍ବାଚନମଣ୍ଡଳୀରେ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମଚାରୀମାନେ ଭୋଟ ଦେବା ପାଇଁ ଛୁଟି ଘୋଷଣା କରାଯାଇଛି। ଏ ନେଇ ଭାରତର ନିର୍ବାଚନ କମିଶନର (ଇସିଆଇ) ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠିଲେଖି ଜଣାଇଛନ୍ତି।




# ଅଭିଯୋଗକାରୀଙ୍କୁ କନଷ୍ଟେବଲଙ୍କ ମାଡ଼ ଭିଡିଓ ଭାଇରାଲ

**ଝାରସୁଗୁଡ଼ା ଅଫିସ,୨୨।୧୧**

ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନାକୁ ମଙ୍ଗଳବାର ହିଲ୍‌ଟପ୍ ଅଞ୍ଚଳର ଜଣେ ବୃଦ୍ଧ ଧାରଟଙ୍କା ଅସୁଲକୁ ନେଇ ଅଭିଯୋଗ କରିବା ପାଇଁ ଯାଇଥିଲେ। ଏହି ସମୟରେ ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲ ଉତ୍ତ୍ୟକ୍ତ ହୋଇ ବୃଦ୍ଧଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସେଠାରେ ଉପସ୍ଥିତ ଥିବା ମହିଳା ଅଧିକାରୀ ବାରଣ କରିଥିଲେ ସୁଦ୍ଧା କନଷ୍ଟେବଲ ଶୁଣି ନ ଥିଲେ। ଏ ନେଇ ବୃଦ୍ଧଙ୍କ ସମ୍ପର୍କୀୟ ଥାନାରେ ପହଞ୍ଚି ଆଇଆଇସିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ଏ ନେଇ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ କହିଛନ୍ତି, ଏହାର ତଦନ୍ତ କରାଯାଇ ସମ୍ପୃକ୍ତ କନଷ୍ଟେବଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୩ ହାଇସ୍କୁଲ୍ ଏବଂ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୧ (Summative Assessment-I) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଚଳିତ ବର୍ଷ ନଭେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିଅର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପ ମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍। ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

(ନବୀନ ପଟ୍ଟନାୟକ)

## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ବର୍ଷ ନଭେମ୍ବର ୨୩ରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୨୦୨୩ ହାଇସ୍କୁଲ୍ ଓ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୧ (Summative Assessment-I) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି। ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ। ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି।

(ସମୀର ରଞ୍ଜନ ଦାଶ)

# ‘ଲଭ୍ ଇନ୍ ଲଣ୍ଡନ୍’ରେ ସ୍ୱପ୍ନା


ଅନୁଭବଙ୍କ ସହ ସ୍ୱପ୍ନା

**ଢେଙ୍କାନାଳ ଅଫିସ:** ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ମଡେଲିଂ କରି ଚର୍ଚ୍ଚିତ ଚେହେରା ପାଲଟିଥିବା ଢେଙ୍କାନାଳର ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀଙ୍କୁ ପୁଣିଥରେ ରୁପେଲି ପରଦାରେ ଦେଖିବାକୁ ମିଳିବ। ଅପ୍‌କମିଂ ଓଡ଼ିଆ ସିନେମା ‘ଲଭ୍ ଇନ୍ ଲଣ୍ଡନ’ରେ ସେ ଅଭିନେତା ଅନୁଭବ ମହାନ୍ତିଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଲଣ୍ଡନରେ ଏହି ସିନେମାର ଶୁଟିଂ ଚାଲିଛି। ଏହା ନଭେମ୍ବର ୩୦ରେ ଶେଷ ହେବ ବୋଲି ଜଣାପଡ଼ିଛି। ଆସନ୍ତା ଜାନୁୟାରୀରେ ଏହି ଚଳଚ୍ଚିତ୍ର ରିଲିଜ ହେବା ସମ୍ଭାବନା ରହିଛି। ଏହି ଫିଲ୍ମର ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ପୁନର୍ବାର ଚର୍ଚ୍ଚାକୁ ଆସିଛନ୍ତି ସ୍ୱପ୍ନା। ବିଗ୍ ବଜେଟର ଓଡ଼ିଆ ଫିଲ୍ମ ‘ଲଭ୍ ଇନ୍ ଲଣ୍ଡନ’ ସ୍ୱପ୍ନାଙ୍କ ଅଭିନୀତ ଦ୍ୱିତୀୟ ସିନେମା। ଏଥିପୂର୍ବରୁ ସେ ‘ଟୁ ଚକୋଲେଟ୍’ରେ ଲିଡ୍ ରୋଲ୍‌ରେ ଅଭିନୟ କରି ଓଲିଉଡ୍‌ରେ ପାଦ ଥାପିଥିଲେ। ଏହାକୁ ବାଦ୍‌ଦେଲେ ମଡେଲିଂ ମଧ୍ୟ ତାଙ୍କର ନିଶା। ୨୦୨୧ରେ ଏମ୍‌ଟିଭିରେ ପ୍ରସାରିତ ସୁପର ମଡେଲ ପ୍ରତିଯୋଗିତାରେ ସେ ଥାର୍ଡ ରନର୍ସ ଅପ୍ ହୋଇଥିଲେ। ସେହିପରି ମ୍ୟାନ୍‌ମାରଠାରେ ଅନୁଷ୍ଠିତ ‘ମିସ୍ ଟୁରିଜମ୍ ୟୁନିଭର୍ସ’ ପ୍ରତିଯୋଗିତାରେ ମଧ୍ୟ ତୃତୀୟ ସ୍ଥାନ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ, ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳରେ ସ୍ୱପ୍ନାଙ୍କ ପୈତୃକ ଘର। ତାଙ୍କ ବାପା ବିଶ୍ୱଜିତ୍ ରାଉତରାୟ ମୁମ୍ବାଇ ଗୋରେଗାଓଁସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ। ମା’ ମଧୁମିତା ରାଉତରାୟଙ୍କ ପ୍ରେରଣାରେ ସେ ଗୋଟିଏ ପରେ ଗୋଟିଏ ସଫଳତାର ଶିଡ଼ି ଚଢ଼ି ଚାଲିଛନ୍ତି।

# ‘ଶେହଜାଦା’ ଟିଜର ଆଉଟ୍



ମୁମ୍ବାଇ

ବଲିଉଡ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ପାଇଁ ଆଜିର ଦିନର ଏକ ମହତ୍ୱ ରହିଛି। ମଙ୍ଗଳବାର ଅର୍ଥାତ୍ ନଭେମ୍ବର ୨୨ ହେଉଛି ଅଭିନେତାଙ୍କ ଜନ୍ମଦିନ। ଏଥର ତାଙ୍କ ଜନ୍ମଦିନ ଆହୁରି ଖାସ ହୋଇଯାଇଛି। କାରଣ ତାଙ୍କ ଅଭିନୀତ ଫିଲ୍ମ ‘ଶେହଜାଦା’ର ଟିଜର ମଙ୍ଗଳବାର ଆଉଟ ହୋଇଛି। ଆଉ ଏହା ଦର୍ଶକଙ୍କୁ ବେଶ ପସନ୍ଦ ଆସିଛି। ଏହା ଏକ କମେଡି ଆକ୍ସନ ଡ୍ରାମା ଫିଲ୍ମ। ଏଥିରେ କ୍ରିତି ସାନନଙ୍କୁ ବି ଦେଖିବାକୁ ମିଳିବ। ଏହି ଫିଲ୍ମ ଅଲ୍ଲୁ ଅର୍ଜୁନଙ୍କ ତେଲୁଗୁ ହିଟ ’ଅଲା ବୈକୁଣ୍ଠପୁରମୋଲ’ର ହିନ୍ଦି ରିମେକ, ଯାହା ୧୦ ଫେବୃୟାରୀ ୨୦୨୩ରେ ରିଲିଜ ହେବ। ଶହଜାଦାର ଟିଜରରେ କାର୍ତ୍ତିକ ଏକ ଆଲିଶାନ ହବେଲିର ଗେଟରୁ ଘୋଡା ଚଢି ଆସୁଥିବା ଦେଖାଯାଇଛି। ଏହାପରେ ସେ ଦୁଷ୍ଟ ପିଲାମାନଙ୍କୁ ପିଟୁଥିବା ଦେଖାଯାଇଛି। ଏହାସହ ସେ ଲଢାଇ ମଇଦାନରେ ବି ସ୍କୁଟରରେ ନଜର ଆସିଛନ୍ତି। ସୂଚନାଯୋଗ୍ୟ, କ୍ରିତି ସାନନ ସମୁଦ୍ର କୂଳରେ ଶେହଜାଦା ପାଇଁ ଡ୍ୟାନ୍ସ ଓ ୱିଂକ କରୁଥିବା ବେଳେ ଗ୍ଲାମରସ ଲୁକରେ ନଜର ଆସିଛନ୍ତି। ଯେହେତୁ ଏହା ଏକ ତେଲଗୁ ଫିଲ୍ମର ରିମେକ ତେଣୁ ଏଥିରେ ଆକ୍ସନକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

# ମଣିଷ ଟିସୁର ପ୍ରିଣ୍ଟ ବାହାର କରିବ ‘ମିଟୋ ପ୍ଲସ୍’

ନୂଆଦିଲ୍ଲୀ

ଏଣିକି ମଣିଷ ଟିସୁର ପ୍ରିଣ୍ଟ ଆଉଟ୍ ବାହାରିବ। ବାୟୋଇଙ୍କ୍ ବ୍ୟବହାର କରି ଏହି ପ୍ରିଣ୍ଟ ବାହାର କରାଯିବ। ତେବେ ଏ ନେଇ ଭାରତର ଷ୍ଟାର୍ଟଅପ୍ କମ୍ପାନୀ ମିଟୋ ପ୍ଲାସ ନାମରେ ଏକ ପ୍ରିଣ୍ଟର ମେଶିନ୍ ତିଆରି କରିଛି। ବର୍ତ୍ତମାନ ମିଟୋ ପ୍ରିଣ୍ଟର ବ୍ୟବହାର ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ (ଆଇଆଇଏସ୍‌ସି)ରେ ଆରମ୍ଭ କରାଯାଇଛି। ଆଇଆଇଏସ୍‌ସି ଏବଂ ଆଇଆଇଟି ମାଡ୍ରାସ୍ ମିଳିତ ଭାବେ ଥ୍ରୀ-ଡି ବାୟୋପ୍ରିଣ୍ଟରକୁ




ତିଆରି କରିଛନ୍ତି। ବର୍ତ୍ତମାନ ଏହି ପ୍ରିଣ୍ଟରର ମୂଲ୍ୟ ୧.୩ ବିଲିୟନ୍ ରହିଥିବାବେଳେ ୨୦୨୭ ବେଳକୁ ଏହା ୩.୩ ବିଲିୟନ୍ ଡଲାରରେ ପହଞ୍ଚିବ। ମେଡିସିନ୍ ତିଆରି କରିବାଠାରୁ ଆରମ୍ଭ କରି ଔଷଧ ପରୀକ୍ଷଣରେ ଏହାକୁ ବ୍ୟବହାର କରାଯାଇ ପାରିବ। ପ୍ଲାଷ୍ଟିକ୍ କିମ୍ବା ପେପରରେ କୌଣସି ପ୍ରିଣ୍ଟ ଆଉଟ୍ ମିଟୋ ପ୍ଲସ୍‌ରୁ ବାହାରି ନ ଥାଏ। ଏହା ବଦଳରେ ଏକାଧିକ ବାୟୋ ମ୍ୟାଟେରିଆଲ ସ୍ତର ଏହାର ପ୍ରିଣ୍ଟଆଉଟ୍‌ରୁ ବାହାରେ।

# ବିବାହ କରିବେ ଅର୍ଶୀ



**ମୁମ୍ବାଇ:** ବିବାହ କରିବେ ବିଗ୍ ବସ୍ ଫେମ ଅର୍ଶୀ ଖାଁ। ପ୍ରେମିକଙ୍କ ହାତ ଧରିବେ ବୋଲି ନିକଟରେ ଆର୍ଶୀ ଏକ ସାକ୍ଷାତକାରରେ କହିଛନ୍ତି। ହେଲେ ସେ କେବେ ଏବଂ କାହାକୁ ବିବାହ କରିବେ ତାହାକୁ ଗୋପନୀୟ ରଖିଛନ୍ତି। ପୂର୍ବରୁ ଅର୍ଶୀ ଈଶାନ ମସୀହଙ୍କୁ ଡେଟ୍ କରୁଥିଲେ। ଆସନ୍ତା ବର୍ଷ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ହେଲେ ନିଜ ଜୀବନକୁ ନେଇ କୌଣସି ଚର୍ଚ୍ଚା ହେଉ ବୋଲି ଆର୍ଶୀ ଚାହୁଁନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି।


**OFFICE OF THE EXECUTIVE ENGINEER**
**P.H.DIVISION,ANGUL**
Ph.(06764) 230431, Email:eephangul@yahoo.in
**GOVERNMENT OF ODISHA**
**e-Procurement Notice for PH Works**
**Bid Identification No.EE PH Division,**
**No.C-1616: Angul-11/2022-23,Dt.18.11.2022**

| | | | |
|---|---|---|---|
| 1. | Name of the Work | : | P.H. Works |
| 2. | Nos of Work | : | 1 (One) No. two bid system |
| 3. | Estimated Cost | : | Rs.557.38 lakhs |
| 4. | Period of Completion | : | 2 (Two) Calendar Months |
| 5. | Date & Time of availability of bid document | : | From 11.00 AM of 24.11.2022 to 5.00 PM of 08.12.2022 |
| 6. | Last date/time of receipt of bids in the portal | : | 5.00 PM of 08.12.2022 |
| 7. | Date & Time of opening of bid | : | 11.00 AM of 09.12.2022 |
| 8. | Name & Address of the Officer Inviting Bid | : | Executive Engineer P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd./- (Er.Bilash Kumar Behera)
Executive Engineer, P.H. Division, Angul
OIPR-13056/11/0006/2223


ଜାତୀୟ/ଅନ୍ତର୍ଜାତୀୟ

# ଆଫ୍‌ତାବଙ୍କ ପଲିଗ୍ରାଫ୍ ଟେଷ୍ଟ କରାଇଲା ପୋଲିସ


ଆଫ୍‌ତାବ ପୁନାୱାଲା


ଶ୍ରଦ୍ଧା ୱାକର

## ଶ୍ରଦ୍ଧା ହତ୍ୟାକାଣ୍ଡ

**ନୂଆଦିଲ୍ଲୀ,୨୨।୧୧:** ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧା ୱାକରଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ପୋଲିସ ହାଜତରେ ଥିବା ଆଫ୍‌ତାବ ପୁନାୱାଲାଙ୍କ ମଙ୍ଗଳବାର ସନ୍ଧ୍ୟାରେ ପଲିଗ୍ରାଫ୍ ଟେଷ୍ଟ କରାଯାଇଛି। ଇତିମଧ୍ୟରେ ଦିଲ୍ଲୀ ପୋଲିସ ପୂର୍ବରୁ ଦୁହେଁ ରହୁଥିବା ମେହରୁଲିସ୍ଥିତ ଭଡ଼ାଘର ବାଥ୍‌ରୁମ୍‌ରେ ରକ୍ତଦାଗ ସମେତ ଆଉ କେତେକ ପ୍ରମାଣ ପାଇଛି।

ହତ୍ୟା ଅଭିଯୁକ୍ତ ଆଫ୍‌ତାବଙ୍କୁ ଦିଲ୍ଲୀ ପୋଲିସ ମଙ୍ଗଳବାର ସାକେତ କୋର୍ଟରେ ହାଜର କରାଇ ପଲିଗ୍ରାଫ୍ ଟେଷ୍ଟ ପାଇଁ ଅନୁମତି ମାଗିଥିଲା। ବିଚାରପତି ବିଜୟଶ୍ରୀ ରାଠୋର ଆଫ୍‌ତାବଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ଅନୁମତି ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଦର୍ଶାଇଥିବା କାରଣ ମୁତାବକ ଅଧିକ ତଦନ୍ତ ପାଇଁ ଆଫ୍‌ତାବଙ୍କୁ ନଭେମ୍ବର ୨୬ ପର୍ଯ୍ୟନ୍ତ ରିମାଣ୍ଡରେ ରଖିବାକୁ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଅବିରଳ ଶୁକ୍ଲା ପୋଲିସକୁ ଅନୁମତି ପ୍ରଦାନ କରିଥିଲେ। ସେହିପରି ଆଫ୍‌ତାବଙ୍କୁ ଆଇନଜୀବୀ ଅବିନାଶ କୁମାର ଦେଇଥିବା ଆଇନଗତ ସହାୟତାକୁ ନେଇ କୋର୍ଟ ସନ୍ତୋଷ ବ୍ୟକ୍ତ କରିଥିଲେ। କୋର୍ଟରେ ଆଫ୍‌ତାବ ଦୋଷ ସ୍ୱୀକାର କରିଥିବାବେଳେ ଓକିଲ ଅବିନାଶ କୁମାର କହିଛନ୍ତି, ତାଙ୍କ ମହକିଲ ତଦନ୍ତରେ ପୋଲିସକୁ ସହଯୋଗ କରୁଛନ୍ତି। ଶ୍ରଦ୍ଧାଙ୍କୁ ହତ୍ୟା କରିଥିବା ନେଇ କୋର୍ଟରେ ଆଫ୍‌ତାବ ଦୋଷ ସ୍ୱୀକାର କରିନାହାନ୍ତି। ୨୮ ବର୍ଷୀୟ ଆଫ୍‌ତାବ ତାଙ୍କ ଲିଭ୍-ଇନ୍ ପାର୍ଟନରଙ୍କୁ ଗତ ମେ’ ୧୮ରେ ମେହରୁଲିର ଏକ ଆପାର୍ଟମେଣ୍ଟରେ ତଣ୍ଟିଚିପି ହତ୍ୟା କରିବା ପରେ ତାଙ୍କ ଶରୀରକୁ ୩୫ ଖଣ୍ଡ କରି ଜଙ୍ଗଲରେ ଫିଙ୍ଗିଥିବା ନେଇ ଦୋଷ ମାନିଥିବା ଦିଲ୍ଲୀ ପୋଲିସ କହିଥିଲା। ପଲିଗ୍ରାଫ୍ ଟେଷ୍ଟ ଦିନେରୁ ଦୁଇଦିନ ଚାଲିବା ପରେ ପୋଲିସ ତାଙ୍କର ନାର୍କୋ ଟେଷ୍ଟ କରି ସତ ବାହାର କରିବ। ତେବେ ଏହି ପରୀକ୍ଷାରୁ ମିଳୁଥିବା ପ୍ରମାଣ ଆଧାରରେ କେବଳ ପୋଲିସ ନିଜ ତଦନ୍ତକୁ ଆଗକୁ ବଢ଼ାଇପାରିବ। ଏହା କୋର୍ଟରେ ଗ୍ରହଣୀୟ ନୁହେଁ ବୋଲି ଫରେନ୍ସିକ୍ ସାଇନ୍ସ ଲାବରେଟୋରିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।


**OFFICE OF THE DIRECTOR**
**TEXT BOOK PRODUCTION & MARKETING**
Kharavel Nagar, Unit - III, Bhubaneswar - 751001
Tel. No.: 0674-2380871/72
email: directortbpmodisha@gmail.com

**TENDER NOTICE**
Bid Letter No. 7312/TBPM Date: 21.11.2022

**Description of Tender:**
**Open Tender for Preparation of Envelopes**

No. J-10: The quantities mentioned in the aforesaid tender schedules are approximate only and may increase or decrease on the basis of actual requirement. The tender paper can be obtained from the Office of the Director, Text Book Production & Marketing, Bhubaneswar on payment of non-refundable cash of Rs.10,000/- plus GST @ 18% i.e. Rs.11,800/- (Rupees eleven thousand eight hundred) only at the cash counter in cash - if purchased from cash section, TBPM and in case of downloaded from website: **DD/Banker's Cheque** drawn in any Nationalized/Scheduled Bank favouring Director, TBPM, payable at Bhubaneswar which will be annexed with the Technical Bid on any working day in between 10 A.M. to 5 P.M. as per the time schedule mentioned here under.

1. Date & time of availability of bid document:
   Starting date & time : 23.11.2022, 10 A.M.
   Closing date & time : 07.12.2022, 5 P.M.
   Date of Opening : 08.12.2022, 11.30 A.M.
2. Name & address of the O.I.T. : O/o. the Director, Text Book Production & Marketing, Bhubaneswar - 751001

While requesting for obtaining the Tender Schedule by post the desirous tenderer should keep in view the last date and time of submisison of tender as the undersigned will not be responsible for any postal delay as mentioned below. Tender submitted by any means beyond the stipulated date & time shall not be accpeted.
Instruction in detail to the tenderers shall be provided along with the tender schedule. The Director reserves the right to reject any or all the tenders without assigning any reason thereof. The details tender documents will be available in the website: **www.odisha.gov.in** school and mass education.

Sd./- Director
Text Book Production Marketing
Bhubaneswar-1
OIPR-02005/11/0002/2223



**Bhubaneswar Municipal Corporation**
Telephone: 0674-2431253, Fax:0674-2431253
E-mail Id: info@bmc.gov.in., Web:bmc.gov.in
Ref.No.BMC/PS/XXXXXI-Planning Cell-29-2022/2022/145/L2
Letter No.54161/BMC, BBSR Dated 19.11.2022
File No.XXXXXI-Planning Cell-29/2022

**PUBLIC NOTICE**

**No.C-1625:** It is brought to the notice of all owners/ developers/builders of residential apartment, commercial buildings & other establishments that the space designated for parking in the basement/ Stilt/Ground Floor/ Open Area in the approved building plan has been either partially or fully converted to other uses such as commercial/ store/office etc. thereby leading to parking of vehicles on adjacent roads which creates traffic problem & public nuisance.
This attracts action under Section 91 of ODA Act 1982 for violating the approved plan. If such conversions are not restored as parking as per the approved plan within one month of issue of this notice, actions under Section 92 (2) shall be initiated against such violators through sealing of the premises.

Sd./- Commissioner
Bhubaneswar Municipal Corporation
OIPR-13002/11/0162/2223



**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
Power House Square, Unit - V, Bhubaneswar
Tel. No.: 0674-2394873, Fax: 2391255/2391024
Email: sdaorissa@nic.in/eic-epcei@nic.in
Bureau of Energy Efficiency
Department of Energy

**INVITING LEADERS IN THE FIELD OF ENERGY CONSERVATION OF ODISHA**
**ODISHA STATE ENERGY CONSERVATION AWARDS - 2022**

No. AA-23: The Office of Engineer-in-Chief cum Principal Chief Electrical Inspector under The Department of Energy, Govt. of Odisha, as the State Designated Agency (SDA), Odisha invites applications from IT Industries, Commercial Buildings Hospitals, Educational Institutions, Hotels, MSMEs, Power Generation Companies (IPP & CPP) and Domestic prosumers (consumers with grid connected roof top solar power generation) of Odisha who have been making systematic attempts for efficient utilization and conservation of energy, for conferring State Energy Conservation Awards for 2022 based on their performance during Financial year 2021-2022. The last date of receipt of compelted applications is 7th December 2022.
For further details and to download the application forms, please vist the website: **eicelectricityodisha.nic.in**, Email: **sdaorissa@nic.in**.
The authority reserves the right to accept/reject any application without assigning any reason thereof.

Sd./- EIC(E)-cum-PCEI & SDA (O)
OIPR-04068/11/0008/2223



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
Email ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**“e” Procurement Notice for Road Work**
**Identification No.- Online Tender- Road N.C.B. No. 252 for 2022-23.**
**Letter No.4073/ Date:22.11.22**

**No.O-1308:** 1.Name of the work: Plan Road Work (CAPEX) for Year 2022-23 in the District of Mayurbhanj. 2. Total No. of work :-01 No. (One). 3. Estimated Cost :- Rs. 397.63 Lakhs (Approximately). 4. Eligible Class of Contractor : - As per annexure. 5. Period of Completion :- As per annexure. 6.Other details:-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.252 | Dt.25.11.2022 at 11.00 A.M. | Dt.09.12.2022 upto 5.00 P.M. | Dt. 08.12.2022 upto 5.00 P.M. | Dt.12.12.2022 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum/Addendum will be displayed in the above e_tender website only.

OIPR-25181/11/0050/2223 Sd./- Chief Construction Engineer, R.W.Circle, Baripada



**BHUBANESWAR DEVELOPMENT AUTHORITY**
AKASH SHOVA BUILDING, JAWAHARLAL NEHRU MARG, BHUBANESWAR-751001
Visit us at:http://bda.gov.in
Ref No.1088 Date:22.11.2022
**INVITATION FOR BIDS (IFB)**
No.CAD-2831: **BID IDENTIFICATION No.CH/BDA/04/22-23**

Chief Horticulturist, BDA, Bhubaneswar on behalf of Bhubaneswar Development Authority, Bhubaneswar invites tender on Percentage Rate in Single cover system for work Sl.No.1 & 2 and double cover system for work Sl.No.3 to be received in online mode only for the following work.

| Sl. No. | Name of Work | Approximate value of work ( Rs. in lakh) | Validity of Tender | Class of Contractor and other Registered/ Reputed Firms | Bid Security | Cost of document (in Rs.) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Mumtaj Ali Park (Horticulture Work) | 12.37 | 90 Days | “C” & “D” & Other Registered/Reputed Firm/ Nurseries/ Any Agency affiliated to Govt. having experience on Horticulture Development works | Bid Security declaration to be furnished as per Works Deptt. Order No.5984, Dt.27.04.21 | Rs.6000.00+ GST @ 18% Rs.1080.00 | 08.12.2022 upto 5.30 PM |
| 2 | Construction of BSNL Colony All in age park, Bhubaneswar (Horticulture Work) | 7.45 | 90 Days | “C” & “D” & Other Registered/Reputed Firm/ Nurseries/ Any Agency affiliated to Govt. having experience on Horticulture Development works | Bid Security declaration to be furnished as per Works Deptt. Order No.5984, Dt.27.04.21 | Rs.4000.00+ GST @ 18% Rs.1080.00 | 08.12.2022 upto 5.30 PM |
| 3 | Construction of 3 B (Birds, Bee & Buterfly) Park, Kharavela Nagar, Bhubaneswar | 27.58 | 90 Days | “C” & “B” & Other Registered/Reputed Firm/ Nurseries/ Any Agency having experience on Horticulture Development works | Bid Security declaration to be furnished as per Works Deptt. Order No.5984, Dt.27.04.21 | Rs.6000.00+ GST @ 18% Rs.1080.00 | 08.12.2022 upto 5.30 PM |

1. The Bid documents will be available in the website http://tendersodisha.gov.in. from 24.11.2022 to 5.30 P.M. of 08.12.2022. 2. All Corrigendum and Addendum will be published in the website only. 3. Other details can be seen in the bidding documents.

OIPR-13033/11/0372/2223 Sd./- Chief Horticulturist, BDA, Bhubaneswar

# ରାଜ୍ୟରେ ୧୭ଶହ ଜଳାଶୟ ପୁନରୁଦ୍ଧାର ହେବ

ଛତ୍ରପୁର,୨୨।୧୧(ଡି.ଏନ୍.ଏ) ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ରଷିକୁଲ୍ୟା ଜିଲ୍ଲା ପରିଷଦ ଭବନ ପରିସରରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ସହରାଞ୍ଚଳ ଜଳାଶୟ ପୁନର୍ଜୀବିକରଣ ନେଇ ଏକ ଦିନିକିଆ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜଳ ଅଭାବ ଦୂର କରିବା ପାଇଁ ଜଳାଶୟ ପୁନରୁଦ୍ଧାର କରାଯିବା ଜରୁରୀ। ଓଡ଼ିଶାରେ ପ୍ରାୟ ୧୭ଶହ ଜଳାଶୟ ପୁନରୁଦ୍ଧାର ଲକ୍ଷ୍ୟ ରଖାଯାଇଥିବା ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି। ୧୧୫ ସହରାଞ୍ଚଳରେ ଏହା କାର୍ଯ୍ୟକାରୀ ହେବ। ୨୦୨୪ ସୁଦ୍ଧା କାର୍ଯ୍ୟ ସରିବ। ଜଳାଶୟ ପୁନରୁଦ୍ଧାର କାର୍ଯ୍ୟ ମୁକ୍ତା ଯୋଜନା ଦ୍ୱାରା

## ଭୁବନେଶ୍ୱର ନିକୋ ପାର୍କ ପାଇଲଟ୍ ପ୍ରୋଜେକ୍ଟ

ମିଶନ ଶକ୍ତି ମହିଳା ସଂଘ କରିବେ। ପ୍ରଥମ ପାଇଲଟ ପ୍ରୋଜେକ୍ଟ ଭାବେ ଭୁବନେଶ୍ୱରର ନିକୋ ପାର୍କକୁ ନିଆଯାଇଛି। ସେଥିରେ ୧.୯୩ କୋଟି ଖର୍ଚ୍ଚ ହେବ। ୨୨ଟି ମହିଳା ସ୍ୱୟଂ ସହାୟକ ସଂଘ ଏଥିରେ ସାମିଲ ହୋଇଛନ୍ତି । ସହରାଞ୍ଚଳ ବିକାଶରେ ଗୋଷ୍ଠୀ ସହଭାଗିତା ଜରୁରୀ ବୋଲି ବିଭାଗୀୟ ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ କହିଥିଲେ। ଗଞ୍ଜାମ ଓ ଗଜପତି ଜିଲ୍ଲାର ମ୍ୟୁନିସିପାଲଟି ଏବଂ ଏନ୍ଏସିରେ ଥିବା ଜଳାଶୟଗୁଡିକ କିପରି ପୁନରୁଦ୍ଧାର ସମେତ ନବୀକରଣ ହୋଇପାରିବ, ସେ ଉପରେ ଆଲୋଚନା ହୋଇଥିଲା। କର୍ମଶାଳାରେ ଅତିରିକ୍ତ ସଚିବ ତଥା ମୁଖ୍ୟଯନ୍ତ୍ରୀ ଭକ୍ତ ଦାସ, ବିଭାଗୀୟ ଜଳାଶୟ ପୁନରୁଦ୍ଧାର ମୁଖ୍ୟ ଦେବ ସୁନ୍ଦର ମହାପାତ୍ର, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ପ୍ରମୁଖ ମୁଖ୍ୟ ବନସଂରକ୍ଷକ ଡକ୍ଟର ଅଜିତ ପଟ୍ଟନାୟକ, ଜଳାଶୟ ପୁନରୁଦ୍ଧାର ଉପଦେଷ୍ଟା ଅନୁପ କୁମାର ଦାସ, ପୂର୍ବତନ ଯନ୍ତ୍ରୀ ସୁବ୍ରତ ଦାସ, ଗଞ୍ଜାମ ଜିଲା ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ ଉପସ୍ଥିତ ଥିଲେ। ଗଞ୍ଜାମ ଓ ଗଜପତି ଜିଲାର ୨୦ ଏନ୍ଏସି, ବ୍ରହ୍ମପୁର ମହାନଗର ନିଗମ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ଅଧକ୍ଷାମାନେ ଯୋଗ ଦେଇଥିଲେ।

# ଶ୍ୱଶୁରଘରେ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ଖୁଣ୍ଟା,୨୨।୧୧(ଡି.ଏନ୍.ଏ) ଦାମ୍ପତ୍ୟ କଳହରୁ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଶ୍ୱଶୁର ଘରେ କଇଁଚିରେ ଭୁଷି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ପଥରା ପଞ୍ଚାୟତ ହିଞ୍ଜଳଗଡ଼ିଆ ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ମଧୁସୂଦନ ପୁର୍ତ୍ତିଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ସହାଗୀ ପୁର୍ତ୍ତି (୨୮) । ପୋଲିସ ସୂତ୍ରରୁ ଅନୁଯାୟୀ, ହିଞ୍ଜଳଗଡ଼ିଆ ଗ୍ରାମର ସହାଗୀ ୨୦୧୮ରେ ଉଦଳା ଥାନା ଅଧୀନ କାଇସାହି ଗ୍ରାମର ମଧୁସୂଦନଙ୍କୁ ଭଲ ପାଇ ବିବାହ କରିଥିଲେ। ଗତ ସପ୍ତାହେ ପୂର୍ବରୁ ମଧୁସୂଦନ ଓ ସହାଗୀ ଶ୍ୱଶୁର ଘର ହିଞ୍ଜଳଗଡ଼ିଆ ଗ୍ରାମକୁ ବୁଲି ଆସିଥିଲେ। ସୋମବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ମଧୁସୂଦନ ଏକ କଇଁଚି ସାହାଯ୍ୟରେ ସହାଗୀଙ୍କ ଛାତି, ପିଠି, ହାତ ଓ ଜଂଘକୁ ଭୁଷି ଦେଇଥିଲେ। ବାପ ଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବିଳମ୍ବିତ ରାତିରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ମଙ୍ଗଳବାର ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ କଇଁଚିକୁ ପୋଲିସ ଜବତ କରିଛି। ମୃତ ସହାଗୀଙ୍କ ଭାଇଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୩୨୮/୨୨) ରୁଜୁ ହୋଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# ଚାଷୀଙ୍କଠାରୁ ଲାଞ୍ଚ: କନିଷ୍ଠ କିରାଣି ଗିରଫ

ଝାରସୁଗୁଡ଼ା ଅଫିସ,୨୨।୧୧ ଝାରସୁଗୁଡ଼ା ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣି ଅଜୟ ପାଣ୍ଡେ ନିଜ କାର୍ଯ୍ୟାଳୟରେ ଜଣେ ଚାଷୀଙ୍କ ନିକଟରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କ ନିକଟରୁ ୪୦ହଜାର ୫ଶହ ଟଙ୍କିଆ ନୋଟ ଜବତ ହୋଇଛି। ଭିଜିଲାନ୍ସ ବିଭାଗ କିରାଣି ପାଣ୍ଡେଙ୍କ କଣ୍ଟାପାଲିସ୍ଥିତ ଭଡାଘର ଓ ରେଙ୍ଗାଲି ଥାନା ଅନ୍ତର୍ଗତ ଅତାବିରା ଗ୍ରାମ ବାସଭବନରେ ଚଢାଉକରି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ତାଙ୍କୁ ଗିରଫ କରି ଭିଜିଲାନ୍ସ ବିଭାଗ ପଚରାଉଚରା ଚଳାଇଛି। ସମ୍ପୃକ୍ତ ଚାଷୀଙ୍କ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ୨୫/୨୨) ରୁଜୁ ହୋଇଛି। ରାଉରକେଲା ଭିଜିଲାନ୍ସ ଏସ୍ପି ଦେବ ନାରାୟଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍ପି ପ୍ରଦୀପ କୁମାର ଆଇନ୍ଦ, ଇନ୍ସପେକ୍ଟର ସୁସ୍ମିତା ରଙ୍ଗାଲି, ସୁନ୍ଦରଗଡ ଡିଏସ୍ପି ସୁଧାଂଶୁ ଶେଖର ପୂଜାରୀ ଓ ଇନ୍ସପେକ୍ଟର ବୃନ୍ଦାବତୀ ଚାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ। ସୂଚନା ଅନୁଯାୟୀ ଲଇକେରା ବ୍ଲକ୍ କୁଲେମୁରା ଗ୍ରାମର ଚାଷୀ ପ୍ରେମାନନ୍ଦ ସା ଫସଲ ବୀମା କରିଥିଲେ। ଏଥିରେ କେତେକ ତ୍ରୁଟି ଯୋଗୁ ସେ ଫସଲ ବୀମା ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଥିଲେ। ପରେ ସେ ଏ ନେଇ କନିଷ୍ଠ କିରାଣି ପାଣ୍ଡେଙ୍କୁ ଯୋଗାଯୋଗ କରିଥିଲେ। କିରାଣିଙ୍କ ହସ୍ତକ୍ଷେପରେ ସେ ତାଙ୍କର ବୀମା ସହାୟତା ରାଶି ପାଇଥିଲେ । ଏ ବାବଦକୁ କିରାଣି ପାଣ୍ଡେ ଚାଷୀଙ୍କୁ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ନେଇ ପ୍ରେମାନନ୍ଦ ଭିଜିଲାନ୍ସ ବିଭାଗରେ ଲିଖିତ ଅଭିଯୋଗ କରିଥିଲେ ।


## କଳିଙ୍ଗ ବୈଶ୍ୟ ମହାସଂଘ, ଓଡ଼ିଶା, ନିର୍ବାଚନ କମିଟି

Website:www.kvms.in **ବିଜ୍ଞାପନ** Dt.22.11.2022

ଏତଦ୍ଦ୍ୱାରା କଳିଙ୍ଗ ବୈଶ୍ୟ ମହାସଂଘ ଅନ୍ତର୍ଗତ ସମସ୍ତ ନିୟମିତ ସଭ୍ୟ / ଅଇନୁଦାର ମହାସଂଘ ସ୍ୱୀକୃତି ପ୍ରାପ୍ତ ସମସ୍ତ ସଂଘ ଓ ଅଞ୍ଚଳମାନଙ୍କୁ ସୂଚିତ କରାଯାଉଅଛି ଯେ, ମହାସଂଘ କାର୍ଯ୍ୟନିର୍ବାହୀ କମିଟିର ନିଷ୍ପତ୍ତି କ୍ରମେ ଆଗାମୀ ତା.୧୧.୧୨.୨୦୨୨ ରିଖ ରବିବାର ଦିନ ମହାସଂଘର ସାଧାରଣ ଅଧିବେଶନ ସହ ମହାସଂଘ କର୍ମକର୍ତ୍ତା । (ସଭାପତି, ଉପ-ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ) ନିର୍ବାଚନ ଖେମୁଣ୍ଡି ଅଞ୍ଚଳ ଅନ୍ତର୍ଗତ ଦିଗପହଣ୍ଡି ବଡଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବା ନେଇ ଏ ସମ୍ବନ୍ଧରେ ନିର୍ବାଚନ କମିଟି ଦ୍ୱାରା ପୂର୍ବରୁ ପ୍ରେରଣ କରାଯାଇଥିବା କାର୍ଯ୍ୟସୂଚୀ (Schedule) ପ୍ରକାରେ ବର୍ତ୍ତମାନ ସୁଦ୍ଧା ସମାପ୍ତି ହୋଇସାରିଥିବା ସମସ୍ତ କାର୍ଯ୍ୟସୂଚୀକୁ କିଛି ଅନିବାର୍ଯ୍ୟ କାରଣ ଯୋଗୁଁ ରଦ୍ଦ କରାଗଲା । ଯେଉଁ ଯେଉଁ ସଦସ୍ୟମାନେ ଟ.୧୦୦୦.୦୦ ଙ୍କା ଜମା ଦେଇ ନାମାଙ୍କନ ପତ୍ର କ୍ରୟ କରିଥିଲେ, ସେହିମାନେ ଟ.୧୦୦୦.୦୦ଙ୍କର ରସିଦ (ନାମାଙ୍କନ ଫର୍ମ କ୍ରୟ ସମୟରେ ପ୍ରାପ୍ତ) ନିର୍ବାଚନ କମିଟି ନିକଟରେ ହସ୍ତାନ୍ତର କରି ସେମାନଙ୍କ ଟଙ୍କା ଫେରସ୍ତ ନେବେ ।

ସ୍ୱା./-(କେ.ଗୋପାଳ କୃଷ୍ଣ ସେନାପତି), ଅଧ୍ୟକ୍ଷ, ନିର୍ବାଚନ କମିଟି

## କଳିଙ୍ଗ ବୈଶ୍ୟ ମହାସଂଘ, ଓଡ଼ିଶା, ନିର୍ବାଚନ କମିଟି

Website:www.kvms.in **ବିଜ୍ଞାପନ** Dt.23.11.2022

ଏତଦ୍ଦ୍ୱାରା କଳିଙ୍ଗ ବୈଶ୍ୟ ମହାସଂଘ ଅନ୍ତର୍ଗତ ସମସ୍ତ ନିୟମିତ ସଭ୍ୟ, ମହାସଂଘ ସ୍ୱୀକୃତିପ୍ରାପ୍ତ ସମସ୍ତ ସଂଘ ଓ ଅଞ୍ଚଳମାନଙ୍କୁ ସୂଚିତ କରାଯାଉଅଛି ଯେ, ମହାସଂଘ କାର୍ଯ୍ୟନିର୍ବାହୀ କମିଟିର ନିଷ୍ପତ୍ତି କ୍ରମେ ଆଗାମୀ ତା.୧୧.୧୨.୨୦୨୨ ରିଖ ରବିବାର ଦିନ ମହାସଂଘର ସାଧାରଣ ଅଧିବେଶନ ସହ ମହାସଂଘ କର୍ମକର୍ତ୍ତା (ସଭାପତି, ଉପ-ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ) ନିର୍ବାଚନ ଖେମୁଣ୍ଡି ଅଞ୍ଚଳ ଅନ୍ତର୍ଗତ ଦିଗପହଣ୍ଡି ବଡଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ । ଗତ ତା.୧୫.୧୧.୨୦୨୨ ରିଖ ଦିନ ନିର୍ବାଚନ କମିଟି ଦ୍ୱାରା ପ୍ରକାଶିତ ଚୂଡାନ୍ତ ପ୍ରତିନିଧି/ଭୋଟର ତାଲିକାକୁ ନେଇ ନିମ୍ନରେ ଦର୍ଶାଯାଇଥିବା ପରିବର୍ତ୍ତିତ କାର୍ଯ୍ୟସୂଚୀ (**Reschedule**) ପ୍ରକାରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରାଯିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଅଛି ।

### କାର୍ଯ୍ୟସୂଚୀ

୧.ତା.୨୪.୧୧.୨୦୨୨ (ଗୁରୁବାର) ଓ ତା.୨୫.୧୧.୨୦୨୨ (ଶୁକ୍ରବାର) ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ.୧୧.୦୦ ଠାରୁ ଅପରାହ୍ନ ଘ.୦୫.୦୦ ମଧ୍ୟରେ **ନାମାଙ୍କନ ପତ୍ର ଉପଲବ୍ଧ ।**

୫. ତା.୨୫.୧୧.୨୦୨୨ (ଶୁକ୍ରବାର) ବ୍ରହ୍ମପୁର ଜୌରାସାହି ସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ.୧୧.୦୦ ଠାରୁ ଅପରାହ୍ନ ଘ.୦୫.୦୦ ପର୍ଯ୍ୟନ୍ତ **ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ ।**

୬. ତା.୨୬.୧୧.୨୦୨୨ (ଶନିବାର): ଅପରାହ୍ନ ଘ.୦୫.୦୦ ସମୟରେ ପ୍ରାର୍ଥିପତ୍ର ଯାଞ୍ଚ ପରେ ବୈଧ **ପ୍ରାର୍ଥୀ ତାଲିକା ପ୍ରକାଶନ ।**

୭.ତା.୨୭.୧୧.୨୦୨୨ (ରବିବାର): ବ୍ରହ୍ମପୁର ଜୌରାସାହି ସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ.୧୦.୦୦ ଠାରୁ ଅପରାହ୍ନ ଘ.୦୧.୦୦ ପର୍ଯ୍ୟନ୍ତ **ପ୍ରାର୍ଥିପତ୍ର ପ୍ରତ୍ୟାହାର ।**

୮. ତା.୨୭.୧୧.୨୦୨୨ (ରବିବାର) ଅପରାହ୍ନ ଘ.୦୪.୦୦ ସମୟରେ ସମସ୍ତ ପଦବୀ ପାଇଁ **ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ।**

୯.ତା.୧୧.୧୨.୨୦୨୨ (ରବିବାର) ସମୟ: ଘ.୧୨.୦୦ ଠାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ । ଭୋଟ ଗ୍ରହଣ: ଅପରାହ୍ନ ଘ.୧୨.୩୦ ଠାରୁ ଘ.୪.୦୦ (ସ୍ଥାନ ଦିଗପହଣ୍ଡି ବଡଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପ)

୧୦. ତା.୧୧.୧୨.୨୦୨୨ (ରବିବାର):ଭୋଟ ଗ୍ରହଣ ସମାପ୍ତି ପରେ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭୋଟ ଗଣତି କାର୍ଯ୍ୟକ୍ରମ ଓ ତତ୍ପରେ **ନିର୍ବାଚିତ ପ୍ରାର୍ଥୀମାନଙ୍କ ନାମ ଘୋଷଣା ଓ ଶପଥ ପାଠ ।**

ସ୍ୱା./-(କେ.ଗୋପାଳ କୃଷ୍ଣ ସେନାପତି)
ଅଧ୍ୟକ୍ଷ, ନିର୍ବାଚନ କମିଟି

## ପୂର୍ବ ତଟ ରେଳପଥ

### ଜାନୁଆରୀ-2023 ପାଇଁ ଡିପୋ ଏବଂ ମଣ୍ଡଳ ଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ

### ଇ-ନିଲାମର ଅନୁସୂଚୀ

| ମାସ | ମୁଖ୍ୟାଳୟ/ମଣ୍ଡଳ | ତାରିଖ |
|---|---|---|
| ଜାନୁଆରୀ 2023 | ମଞ୍ଚେଶ୍ୱର ଡିପୋ | 04.01.23, 11.01.23, 18.01.23 & 25.01.23 |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 03.01.23, 10.01.23, 17.01.23, 24.01.23 & 31.01.23 |
| | ୱାଲ୍ଟିୟର ମଣ୍ଡଳ | 02.01.23, 09.01.23, 16.01.23, 23.01.23 & 30.01.23 |
| | ସମ୍ବଲପୁର ମଣ୍ଡଳ | 06.01.23, 13.01.23, 20.01.23 & 27.01.23 |

'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ରୋଡ୍ ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଙ୍ଗ୍ (ସୁଇଚ୍, କ୍ରସିଙ୍ଗ୍, ଫିସ୍ ପ୍ଲେଟ୍ , ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ୍, ବଫର ପ୍ଲଞ୍ଜର, ଟର୍ଣ୍ଣିଙ୍ଗ୍ ଏବଂ ବୋରିଙ୍ଗ୍ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍-ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଳବାଇ ବିଦ୍ୟୁତୀକରଣ ର ସ୍କ୍ରାପ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ । ରେଳବାଇ ପ୍ରଶାସନର ଅନ୍ୟ ଆଇଟମଗୁଡ଼ିକୁ ମଧ୍ୟ ନିଲାମର ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି । ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟାବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କ୍ୟାଟଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସମ୍ବନ୍ଧିତ ନିଲାମ ସଂଚାଳନ ପ୍ରାଧିକରଣ ଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍: www.ireps.gov.in ରେ ଉପଲବ୍ଧ ହେବ ।

PR-729/N/22-23 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

## DEPARTMENT OF WATER RESOURCES
## EXECUTIVE ENGINEER, KALAHANDI MINOR IRRIGATION DIVISION, BHAWANIPATNA

Near Planning & Monitoring Unit, Bhawanipatna
At/P.O.: Bhawanipatna, Dist.: Kalahandi, PIN - 766001
No. A-747 E-Mail: eemikldbpt@gmail.com

### ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE
(WORLD BANK PROJECT ID: P163533)

### REQUEST FOR BIDS (RFB), E-Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS

RFB No.: OIIPCRA-KAL/W2-1/2022-23 Date: 18.11.2022

| | |
|---|---|
| Name of the work | Civil Construction in Minor Irrigation Projects |
| Total No. of Work | 16 Nos. |
| Estiamte Cost of Work(s) | Varies approximately from Rs.7.83 lakhs to Rs.77.11 lakhs (Total Estimated Cost of the 16 Nos. of works Rs.524.39 lakh) |
| Cost of Bid Document | Free of Cost |
| Time for Completion | Refer to DTCN |
| Availability of Bid documents | From 25.11.2022 at 10.00 hrs. to 24.12.2022 upto 15.00 hrs. through online |
| Date of Pre Bid Meeting | 03.12.2022 from 11.30 hrs. to 14.00 hrs. |
| Period for receipt of bid(s) | From 25.11.2022 at 10.00 hrs. to 24.12.2022 upto 15.00 hrs. |
| Payment of Bid Cost/Bid Security | Shall be paid online through the e-procurement portal of Govt. of Odisha |
| Date of Opening of the Bid | On dated 24.12.2022 at 15.30 hrs. |
| Details about the tender | Available in website **www.dowrodisha.gov.in** and **www.tendersodisha.gov.in**. |
| Name/Address of the OIT | Executive Engineer, Kalahandi M.I. Division, Bhawanipatna, Near Planning & Monitoring Unit, Bhawanipatna, At/P.O.: Bhawanipatna, Dist.: Kalahandi, PIN - 766001, E-mail: **eemikldbpt@gmail.com** |

Sd./- Er. Pramod Ku. Palai, Executive Engineer
OIPR-32035/11/0009/2223 Kalahandi M.I. Division, Bhawanipatna

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## GOVERNMENT OF ODISHA
No. O-1307
## OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK
ee_rwbdk2@yahoo.co.in

### "e" Procurement Notice for Road Works
**Identification Online Tender 06/RWD/BDK-II/2022-23 Dtd.21.11.2022**

1. Name of the Work : Road work as per Annexure
2. Total Number of Works : 18 Nos.
3. Approximate Estimated Cost : (Rs.1.29 - Rs.42.02) lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details : The details are as follows

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | Date & Time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Bhadrak | 06 | 25.11.2022 at 4.00 P.M. | 06.12.2022 upto 4.00 P.M. | 05.12.2022 upto 3.00 P.M. | 07.12.2022 at 11.00 A.M. |

7. Further details can be seen from the e-procurement portal **"https://www.tendersorissa.gov.in"**.
8. Any other changes/corrigendum may be seen only in website **www.tendersorissa.gov.in**.

OIPR-25090/11/0010/2223 Sd./- Superintending Engineer, R.W. Division-II, Bhadrak

## ODISHA HYDRO POWER CORPORATION LTD.
(A Gold Rated State PSU)
### O/o. Sr. GENERAL MANAGER, RENGALI HYDRO ELECTRIC PROJECT
P.O.: RENGALI DAM SITE, PIN- 759105, DIST.- ANGUL (ODISHA)
TEL.: 06760-277214, FAX: 06760-277324, email: sgmel500@gmail.com
No.: RHEP/C&P/PUR-III-179/8120 Date: 21.11.2022

### NOTICE INVITING TENDER No. RHEP- 65/2022-23

No. CAD-2821: Sealed tenders are invited in single part basis for the following purchase as mentioned below in sealed envelopes from manufacturer/ authorized dealer/channel partner of LUMINOUS/MICROTEK/LIVGUARD/ EXIDE/V-GUARD/SU KAM

| Sl. No. | Description of Material | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of 8 KVA, 96 Volt Solar Inverter on Buy-Back Basis for Erector's Hostel of RHEP, Rengali | Rs.708/- (Rs.600/- + GST @ 18%) | In Lieu of EMD, Bid Security Declaration form to be Submitted | From Dtd. 23.11.2022 to Dtd. 03.12.2022 upto 11.30 A.M. | Dtd. 03.12.2022 upto 12.00 Noon | Dt.03.12.22 at 12.30 P.M |

For details and further correspondence/corrigendum, please visit our website **www.ohpcltd.com**.

OIPR-04022/11/0092/2223 Sd./- C & P Head, RHEP, Rengali

## GOVERNMENT OF ODISHA
## OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO.-II, SAMBALPUR
E-mail: eesbprnbdivision2@gmail.com, Phone: 0663-2410104
BID IDENTIFICATION No. SE/R and B/SBP II/12 (Online)/2022-23

### E-Procurement Notice

No. 3442 Dated: 17.11.2022

No. B-869: The Executive Engineer, Sambalpur (R&B) Division No. II, Sambalpur on behalf of Governor of Odisha, invites Percentage Rate bids in Double Cover System in ONLINE MODE.

1. No. of work : 03 (Three) Nos. of Road Work
2. Tender Cost : Rs.10,000/-
3. Class of Contractor : "B" Class Contractors
4. Availability of Bid document in the website : 18.00 hours of 24.11.2022 to 17.00 hours of 05.12.2022
5. Date of Opening of Tenders : 11.30 hours on Dt.06.12.2022
6. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only.

Sd./- Executive Engineer
Sambalpur (R&B) Division No. II
OIPR-34136/11/0014/2223

## SAMBALPUR DEVELOPMENT AUTHORITY
Saliha Bagicha, Lion's Lane, Sambalpur - 768001
Ph. No.: 2401098, Email: secretarysdasbp@gmail.com
No. 799/SDA XVI-12/2022 Sambalpur dated the 21st November, 2022

### SELECTION OF CONSULTANT FOR PREPARATION OF DETAILED PROJECT REPORT AND PROVIDE PROJECT MANAGEMENT CONSULTANCY SERVICES FOR CONSTRUCTION OF COMMERCIAL COMPLEX OF SDA INCLUDING SITE DEVELOPMENT

The Secretary, Sambalpur Development Authority, Sambalpur invites sealed proposals from reputed registered agencies/ firms/consultants for **"Preparation of detailed project report and provide project management consultancy services for construction of commercial complex of SDA including site development over Plot No. 233/3403 & 238/3404 at Modipada, Sambalpur".**

The interested agencies are required to submit the proposal along with required documents to Secretary, SDA by Speed Post/Registered Post/Courier latest by Dt.26.12.2022 upto 3.00 P.M. The RFP can be downloaded from website **www.sdasambalpur.com** from Dt.24.11.2022, EMD and Rs.11,800.00 as cost of RFP shall be submitted in the form of Demand Draft of any Nationalized Bank/Scheduled Bank drawn in favour of Sambalpur Development Authority, Sambalpur payable at Sambalpur. The Secretary, SDA reserves the right to change the terms and conditions, select/ reject any application without assigning any reason thereof.

All the amendment/corrigendum or releted information regarding this RFP process will be published on Authorities webstie only. So hereby prospective bidders are advised to visit the same on regular basis. The received proposals will be opened on the schedule dates as notified in the RFP paper, in the office chamber of the Secretary, SDA, Sambalpur in presence of the applicant, who wish to attend.

Sd./- Secretary
S.D.A., Sambalpur

## NOTICE INVITING BID
## ODISHA STATE MEDICAL CORPORATION LIMITED (OSMCL)
Infront of Ram Mandir, Convent Square, Unit - III, Bhubaneswar - 751001
Tel.: (0674) 2380950, Website: www.osmcl.nic.in, E-mail: drugs-osmcl@gov.in
Bid Ref. No. OSMCL/2022-23/DRUGS-KIDNEY/16 Date: 22.11.2022

No. CAD-2823: Online Bids through **e-Tender Portal (https://tendersodisha.gov.in)** are invited from eligible bidders for supply **of Post-Kidney Transplant Drugs as per the particulars mentioned below:**

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 22.11.2022, 3 P.M. | |
| 2. | Date & time for submission of queries by E-Mail ID: **drugs-osmcl@gov.in** | 24.11.2022 upto 5.00 P.M. | |
| 3. | Date & time of Online bid submission | Start Date & Time | End Date & Time |
| | | 28.11.2022, 3 P.M. | 12.12.2022, 6.00 P.M. |
| 4. | Date & time for submission of Tender Documents, Tender Document Fee of tender document | Start Date & Time | End Date & Time |
| | | 13.12.2022, 10 A.M. | 20.12.2022, 11.00 A.M. |
| 5. | Date & time of Online Technical Bid Opening | 20.12.2022, 11.30 A.M. | |
| 6. | Date of Opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/ reject any part thereof or all the bids without assigning any reason thereof.

Sd./- Managing Director, OSMC Ltd., Odisha
OIPR-10112/11/0044/2223

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
(ଭୂ-ଅର୍ଜନ ଉପବିଭାଗ)
Email:laokpt@gmail.com, Phone Mo.-06852-251480

ସଂଖ୍ୟା.୨୨୩/୨୨, XXIV-16/22 (L.A.) ତାରିଖ- ୦୩.୧୧.୨୦୨୨

### ଅଧିସୂଚନା

No. X-47: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୋରାପୁଟ-ସିଙ୍ଗାପୁର ଦୋହରୀକରଣ ରେଳପଥ ପ୍ରକଳ୍ପ ନିମନ୍ତେ ମୌଜା-ବିରିଗୁଡା, ଥାନା-ଲକ୍ଷ୍ମୀପୁର (ନଂ.୦୫) ତହସିଲ-ଲକ୍ଷ୍ମୀପୁର, ଜିଲ୍ଲା-କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ଏ.୪.୯୭୯ କର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act,2013) ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧.ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ-ସିଙ୍ଗାପୁର ଦୋହରୀକରଣ ରେଳପଥ ପ୍ରକଳ୍ପ ।
୨.ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ- ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବିଶାଖାପାଟଣା
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ଓଡିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟାRDM-LAB-KPT-009-2021-32660/R&DM ତାରିଖ ୨୩.୦୯.୨୦୨୨ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଜିଲ୍ଲାପାଳ, କୋରାପୁଟ ।
୬. ଜମିର ବିବରଣୀ

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ-ଲକ୍ଷ୍ମୀପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିରିଗୁଡା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ୨୧.୧୯୨ | ୪.୯୭୯ | ଏଥିସହିତ ସଂଲଗ୍ନ ଅଛି |

ତଫସିଲ-ଖ
(ପୁନର୍ବାସ ଜମିର ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ-ଲକ୍ଷ୍ମୀପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିରିଗୁଡ଼ା | ଗ୍ରାମାଞ୍ଚଳ | ପ୍ରଯୁଜ୍ୟ ନୁହେଁ | | | | | |

### ବ୍ୟକ୍ତିଗତ ଜମି

| | ୧ | ୨ | ୩ | ୪ | ୫ | ୬ | ୭ | ୮ |
|---|---|---|---|---|---|---|---|---|
| କ୍ରମିକ ନଂ. | ଗ୍ରାମ ପଞ୍ଚାୟତ | ମୌଜା | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଅଧିଗ୍ରହଣ ରକବା (ଏକରରେ) | କିସମ | ଅଭିଲିଖିତ ରୟତଙ୍କ ନାମ |
| ୧. | ଓଡିଆପେଣ୍ଠ | ବିରିଗୁଡା | ୨ | ୫୧୩ | ୧.୨୫୦ | ୦.୨୫୦ | ଡଙ୍ଗର-୨ | ମାଣ୍ଡିଙ୍ଗା ଆହାରି,ମାଣ୍ଡିଆ ସାରୁ, ପି:ମାଣ୍ଡିଙ୍ଗା ରୁପୁ |
| ୨. | ଓଡିଆପେଣ୍ଠ | ବିରିଗୁଡା | ୭ | ୫୦୯ | ୧.୨୬୦ | ୦.୦୨୦ | ଡଙ୍ଗର-୨ | ମାଣ୍ଡିଙ୍ଗା କସାରି,ମାଣ୍ଡିଙ୍ଗା ମନୁ,ପି:ମାଣ୍ଡିଙ୍ଗା ରୁପୁଣା,ମାଣ୍ଡିଙ୍ଗା ପାଲି,ପି:ମାଣ୍ଡିଙ୍ଗା ତୁରୁପୁ, ପି:ମାଣ୍ଡିଙ୍ଗା ରୁପା |
| ୩. | ଓଡିଆପେଣ୍ଠ | ବିରିଗୁଡା | ୧୬ | ୧୫୦ | ୦.୨୪୦ | ୦.୨୪୦ | ଡଙ୍ଗର-୨ | ନିତ୍ୟା ମାଣ୍ଡିଙ୍ଗା, ପି:ଜୟରାମ ମାଣ୍ଡିଙ୍ଗା |
| ୪. | ଓଡିଆପେଣ୍ଠ | ବିରିଗୁଡା | ୮୦/୩୫୩ | ୧୫୦/୧୭୩୩ | ୦.୨୩୦ | ୦.୨୩୦ | ଡଙ୍ଗର-୨ | ପଦନା ମାଣ୍ଡିଙ୍ଗା, ପି:ଜୟରାମ ମାଣ୍ଡିଙ୍ଗା |
| ୫. | ଓଡିଆପେଣ୍ଠ | ବିରିଗୁଡା | ୮୩/୩୫୪ | ୧୫୦/୧୭୩୪ | ୦.୨୩୦ | ୦.୨୩୦ | ଡଙ୍ଗର-୨ | ଗୋବିନ୍ଦ ମାଣ୍ଡିଙ୍ଗା, ପି:ଜୟରାମ ମାଣ୍ଡିଙ୍ଗା |
| ୬. | ଓଡିଆପେଣ୍ଠ | ବିରିଗୁଡା | ୧୮ | ୧୨୦ | ୧.୦୭୦ | ୦.୮୩୧ | ଡଙ୍ଗର-୨ | ମାଣ୍ଡିଙ୍ଗା କାବୁ, ପି:ମାଣ୍ଡିଙ୍ଗା ନରି |
| ୭. | ଓଡିଆପେଣ୍ଠ | ବିରିଗୁଡା | ୧୯ | ୬୬୬ | ୦.୨୯୦ | ୦.୧୩୮ | ଡଙ୍ଗର-୨ | ମାଣ୍ଡିଙ୍ଗା ଜାଗିଲି,ପି:ମାଣ୍ଡିଙ୍ଗା ଦେରୁକୁ,ମାଣ୍ଡିଙ୍ଗା ସାକରି,ପି:ମାଣ୍ଡିଙ୍ଗା ଭୁମୁରି |
| ୮. | ଓଡିଆପେଣ୍ଠ | ବିରିଗୁଡା | ୨୧ | ୭୭୪ | ୦.୧୨୦ | ୦.୧୧୦ | ଡଙ୍ଗର-୨ | ମାଣ୍ଡିଙ୍ଗା କୁମୁରା,ମାଣ୍ଡିଙ୍ଗା କାଙ୍ଗୁ,ପି:ମାଣ୍ଡିଙ୍ଗା ରେଲି |
| ୯. | ଓଡିଆପେଣ୍ଠ | ବିରିଗୁଡା | ୨୨ | ୧୨୧ | ୦.୭୯୦ | ୦.୭୧୪ | ଡଙ୍ଗର-୨ | ମାଣ୍ଡିଙ୍ଗା ଟିମା,ମାଣ୍ଡିଙ୍ଗା ହିଡି, ପି:ମାଣ୍ଡିଙ୍ଗା ଦାସ,ମାଣ୍ଡିଙ୍ଗା ଦୋରା, ମାଣ୍ଡିଙ୍ଗା ବାସୁ,ପି:ମାଣ୍ଡିଙ୍ଗା କୋସମା |
| ୧୦. | ଓଡିଆପେଣ୍ଠ | ବିରିଗୁଡା | ୩୭ | ୫୧୦ | ୦.୬୮୦ | ୦.୦୩୪ | ଡଙ୍ଗର-୨ | ମାଣ୍ଡିଙ୍ଗା ବୁରୁବିନା, ପି:ମାଣ୍ଡିଙ୍ଗା ଉମ୍ବୁରେ |
| ୧୧. | ଓଡିଆପେଣ୍ଠ | ବିରିଗୁଡା | ୪୫ | ୫୧୨ | ୦.୯୧୦ | ୦.୧୭୦ | ଡଙ୍ଗର-୨ | ମାଣ୍ଡିଙ୍ଗା ବରାଳ, ପି:ମାଣ୍ଡିଙ୍ଗା ଦେରୁକୁ |
| ୧୨. | ଓଡିଆପେଣ୍ଠ | ବିରିଗୁଡା | ୫୩ | ୫୧୪ | ୩.୦୬୦ | ୦.୧୧୦ | ଡଙ୍ଗର-୨ | ମାଣ୍ଡିଙ୍ଗା ମାହୁ, ମାଣ୍ଡିଙ୍ଗା ବାରୁସୁ, ମାଣ୍ଡିଙ୍ଗା କୁରୁମା,ପି:ମାଣ୍ଡିଙ୍ଗା ଦେଇ |
| ୧୩. | ଓଡିଆପେଣ୍ଠ | ବିରିଗୁଡା | ୫୮ | ୫୧୧ | ୦.୬୫୦ | ୦.୦୭୫ | ଡଙ୍ଗର-୨ | ମାଣ୍ଡିଙ୍ଗା ରାନୁ, ପି:ମାଣ୍ଡିଙ୍ଗା ଖ୍ରିମତି,ମାଣ୍ଡିଙ୍ଗା ଉରୁକୁଡି,ପି:ମାଣ୍ଡିଙ୍ଗା ଟିକିନା |
| ୧୪. | ଓଡିଆପେଣ୍ଠ | ବିରିଗୁଡା | ୫୯ | ୭୮୬ | ୦.୬୫୦ | ୦.୧୩୨ | ଡଙ୍ଗର-୨ | ମାଣ୍ଡିଙ୍ଗା ରାକୁ, ପି:ମାଣ୍ଡିଙ୍ଗା ତପୁ |
| ୧୫. | ଓଡିଆପେଣ୍ଠ | ବିରିଗୁଡା | ୬୪ | ୬୬୯ | ୦.୧୦୦ | ୦.୧୦୦ | ଡଙ୍ଗର-୨ | ମାଣ୍ଡିଙ୍ଗା ସନି, ମାଣ୍ଡିଙ୍ଗା କିର୍ସାଣୀ, ପି:ମାଣ୍ଡିଙ୍ଗା ନନ୍ଦ ମାଣ୍ଡିଙ୍ଗା ଲୁଗାଁ, ମାଣ୍ଡିଙ୍ଗା ବୁଲୁକା, ପି:ମାଣ୍ଡିଙ୍ଗା ସାଙ୍ଗନା |
| ୧୬. | ଓଡିଆପେଣ୍ଠ | ବିରିଗୁଡା | ୬୫ | ୬୭୦ | ୦.୧୩୦ | ୦.୧୩୦ | ଡଙ୍ଗର-୧ | ମାଣ୍ଡିଙ୍ଗା ସମୁଦୁ, ପି:ମାଣ୍ଡିଙ୍ଗା ସମ୍ବରୁ |
| ୧୭. | ଓଡିଆପେଣ୍ଠ | ବିରିଗୁଡା | ୬୬ | ୬୭୧ | ୦.୧୩୦ | ୦.୦୧୩ | ଡଙ୍ଗର-୧ | ମାଣ୍ଡିଙ୍ଗା ସେନାପତି, ପି:ମାଣ୍ଡିଙ୍ଗା କୁସୁମ |
| ୧୮. | ଓଡିଆପେଣ୍ଠ | ବିରିଗୁଡା | ୭୮ | ୧୫୧ | ୦.୩୩୦ | ୦.୩୩୦ | ଡଙ୍ଗର-୨ | ମାଣ୍ଡିଙ୍ଗା ହିକିନା, ମାଣ୍ଡିଙ୍ଗା ରଥି, ମାଣ୍ଡୁଙ୍ଗା ମୂର୍ତ୍ତୀ, ମାଣ୍ଡିଙ୍ଗା ସାଧୁ, ମାଣ୍ଡିଙ୍ଗା ଦାମ, ପି:ମାଣ୍ଡିଙ୍ଗା ଲାଛନା |
| ୧୯. | ଓଡିଆପେଣ୍ଠ | ବିରିଗୁଡା | ୮୦ | ୬୬୪ | ୦.୧୬୦ | ୦.୦୬୮ | ଡଙ୍ଗର-୩ | କୁଲିସିକା ହେପୁରା, ପି:କୁଲିସିକା ଲେଙ୍ଗୁଣା |
| ୨୦. | ଓଡିଆପେଣ୍ଠ | ବିରିଗୁଡା | ୮୦/୨୬ | ୫୯୩/୧୪୨୫ | ୨.୦୦୦ | ୦.୦୧୧ | ଡଙ୍ଗର-୩ | ମାଣ୍ଡିଙ୍ଗା ପାଇକ, ପି:କିରିସାନି ମାଣ୍ଡିଙ୍ଗା |
| ୨୧. | ଓଡିଆପେଣ୍ଠ | ବିରିଗୁଡା | ୮୦/୨୭ | ୫୯୩/୧୪୨୬ | ୧.୫୬୦ | ୦.୪୨୬ | ଡଙ୍ଗର-୩ | ନାଟିକା ଭରତ, ପି:ନାଟିକା ହାରୁଗୁଣା |
| ୨୨. | ଓଡିଆପେଣ୍ଠ | ବିରିଗୁଡା | ୮୦/୩୦ | ୫୯୩/୧୪୨୯ | ୧.୯୭୦ | ୦.୦୨୩ | ଡଙ୍ଗର-୩ | କୁଲିସିକା ଗଆଁ, ପି:କୁଲିସିକା ବୁଦୁ |
| ୨୩. | ଓଡିଆପେଣ୍ଠ | ବିରିଗୁଡା | ୮୦/୩୧ | ୫୯୩/୧୪୩୦ | ୧.୭୦୦ | ୦.୧୫୩ | ଡଙ୍ଗର-୩ | ମାଣ୍ଡିଙ୍ଗା ବୁଦୁରୁ, ପି:ମାଣ୍ଡିଙ୍ଗା ଜାଗିଲି |
| ୨୪. | ଓଡିଆପେଣ୍ଠ | | ୮୦/୩୨ | ୫୯୩/୧୪୩୧ | ୧.୩୨୦ | ୦.୧୦୧ | ଡଙ୍ଗର-୩ | ମାଣ୍ଡିଙ୍ଗା ଲିମ, ପି:ମାଣ୍ଡିଙ୍ଗା ଜଗୁ |
| ୨୫. | ଓଡିଆପେଣ୍ଠ | | ୮୦/୯୨ | ୭୭୭ | ୦.୨୩୦ | ୦.୧୦୦ | ଡଙ୍ଗର-୨ | କୁଲସିକା କୁମୁଟି, ପି:କୁଲସିକା କୁସନ |
| ୨୬. | ଓଡିଆପେଣ୍ଠ | | ୮୦/୩୫୯ | ୭୭୫/୧୭୬୧ | ୦.୦୭୦ | ୦.୦୭୦ | ଡଙ୍ଗର-୧ | ପିତାମ୍ବର ମାଣ୍ଡିଙ୍ଗା, ପି:ବିଶି ମାଣ୍ଡିଙ୍ଗା |
| ୨୭. | ଓଡିଆପେଣ୍ଠ | | ୮୦/୩୬୦ | ୭୭୫ | ୦.୨୨୦ | ୦.୨୨୦ | ଡଙ୍ଗର-୧ | ଦନାଇ ମାଣ୍ଡିଙ୍ଗା, ସ୍ୱା: ରଘୁନାଥ ମାଣ୍ଡିଙ୍ଗା |
| | | | ମୋଟ ରକବା (ଏକରରେ) | | ୨୧.୧୯୨ | ୪.୯୭୯ | | |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଲକ୍ଷ୍ମୀପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ନେଣଦେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, କୋରାପୁଟଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

### ଭୂମି ଅନୁସୂଚୀ
### ଜମିର ତାଲିକା

କୋରାପୁଟ-ସିଙ୍ଗାପୁର ଦୋହରୀକରଣ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ । ମୌଜା-ରାଜନପଣଷଗୁଡା, ଥାନା-ଲକ୍ଷ୍ମୀପୁର (ନଂ.୦୮), ତହସିଲ-ଲକ୍ଷ୍ମୀପୁର, ଜିଲ୍ଲା-କୋରାପୁଟ, ବ୍ୟକ୍ତିଗତ ଜମି ପୂର୍ବ ପୃଷ୍ଠାରେ ଦର୍ଶାଇ ଦିଆଗଲା ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କୋରାପୁଟ

OIPR-24057/14/0067/2223

## ପ୍ରଥମ ପୃଷ୍ଠାରୁ...

### ଅମିୟକାନ୍ତ, ଅକ୍ଷୟ ...

ହୋଇଥିଲେ। ସେ ୨୦୨୧ ଓ ୨୦୨୨ରେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ଟଙ୍କା ପଠାଇଥିବା ବେଳେ ଇଡି ଜାଣିବାକୁ ପାଇଥିଲା। ତେବେ ଏହି ଟଙ୍କା ସେ କାହିଁକି ପଠାଇଥିଲେ ଓ ଆଉକିଛି ଆର୍ଥିକ ସହାୟତା ଦେଇଥିଲେ କି ସେନେଇ ଇଡି ଅଧିକାରୀମାନେ ତାଙ୍କୁ ଘୁଣ୍ଡାଘୁଣ୍ଡି ପ୍ରଶ୍ନ ପଚାରିଥିଲେ। ୮ ଘଣ୍ଟା ଜେରା ପରେ ଅପରାହ୍ନ ପ୍ରାୟ ୫ଟାରେ ଅମିୟକାନ୍ତ ଇଡି ଅଫିସରୁ ବାହାରିଥିଲେ। ଏହି ସମୟରେ ସେ ଗଣମାଧ୍ୟମକୁ କହିଥିଲେ, ଅର୍ଚ୍ଚନାଙ୍କ ସହ ଫେସ୍‌ବୁକରେ ପରିଚୟ ହୋଇଥିଲା। ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ମେଡିକେଲରେ ଥିବାବେଳେ ତାଙ୍କ ଚିକିତ୍ସା ପାଇଁ ଚେକ୍‌ରେ ସେ ୭ ଲକ୍ଷ ଟଙ୍କାରୁ ଅଧିକ ଦେଇଥିଲେ ବୋଲି କହିଛନ୍ତି। ସେହିପରି ଅକ୍ଷୟ ପରିଡ଼ା ମଧ୍ୟ ପୂର୍ବାହ୍ନରେ ଇଡି ଅଫିସରେ ହାଜର ହୋଇଥିଲେ। ହନିଟ୍ରାପ ମାମଲାରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳୀ ତାଙ୍କୁ ୩ କୋଟି ଟଙ୍କା ମାଗିଥିଲେ ବୋଲି ନୟାପଲ୍ଲୀ ଥାନାରେ ଅକ୍ଷୟ ଅଭିଯୋଗ କରିଥିଲେ। ଏହି ବିଷୟକୁ ନେଇ ଇଡି ତାଙ୍କୁ ପଚରାଉଚରା କରୁଛି। ଅର୍ଚ୍ଚନା କିଛି ଜଗବନ୍ଧୁଙ୍କ କିଛି ଟଙ୍କା ଦେଇଥିଲେ କି ସେନେଇ ତଥ୍ୟ ରଖିଛନ୍ତି ଅକ୍ଷୟ। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳୀ ଗିରଫଦାରି ଭୟରେ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଚର୍ଚ୍ଚା ହେଉଛି। ଇଡି ତାଙ୍କୁ ନୋଟିସ କରିଥିବାରୁ ସେ ବୁଧବାର ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି। ଶ୍ରଦ୍ଧାଞ୍ଜଳୀଙ୍କୁ ଜେରାକରି ବେଆଇନ ଆର୍ଥିକ କାରବାର ସମ୍ପର୍କରେ ବହୁ ତଥ୍ୟ ପାଇବାକୁ ଆଶା ରଖୁଛନ୍ତି ଅଧିକାରୀମାନେ। ଇଡି ଜେରା ଆରମ୍ଭ ହୋଇଥିବାରୁ ନୋଟିସ ପାଇଥିବା ଅନ୍ୟମାନଙ୍କ ମଧ୍ୟରେ ଛନକା ପଶିଛି। କେଉଁ ରାଜନେତା ଓ ଅଫିସର ଇଡି ଜେରାର ସାମ୍ନା କରିବେ, ସେମାନଙ୍କ ମୁହିଁରୁ ଅର୍ଚ୍ଚନାଙ୍କ କଳାସାମ୍ରାଜ୍ୟକୁ ନେଇ ଆଉ କ'ଣ ନୂଆ ଗୁମର ପାଇବ ଇଡି ସେନେଇ ଆଲୋଚନା ଜୋର୍ ଧରିଛି।

### କମିଶନରେଟ ପୋଲିସ ସହଯୋଗ କରୁ ନ ଥିବା ସୂଚନା

ଅର୍ଚ୍ଚନାଙ୍କ ହନିଟ୍ରାପ କେଳେଙ୍କାରୀରେ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ପ୍ରଭାବଶାଳୀ ରାଜନେତାଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ଲାଗି ରହିଛି। ଅର୍ଚ୍ଚନାଙ୍କ ନାଁରେ ଅଭିଯୋଗ ଓ ତାଙ୍କୁ ଗିରଫ ପରେ ବି ପୋଲିସ ପକ୍ଷରୁ ଘଟଣାକୁ ଲୁଚାଯାଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶନ ପରେ ସି ଦୁଇ ଥାନାର ଦୁଇ ଅଧିକାରୀ, ଡିସିପି ଓ ପୋଲିସ କମିଶନଙ୍କ ମୁହଁ ଖୋଲି ନ ଥିଲେ। ଏପରିକି ପୋଲିସର ଏକପାଖିଆ ତଦନ୍ତକୁ ନେଇ ନାନା ଅଭିଯୋଗ ଉଠିଥିଲା। ଏବେ ଇଡିକୁ କମିଶନରେଟ ପୋଲିସ ସହଯୋଗ କରୁ ନ ଥିବା ଚର୍ଚ୍ଚା ହେଉଛି। ଜବତ ମୋବାଇଲ, ଲାପଟପ ଆଦିକୁ ପୋଲିସ ଇଡିକୁ ଦେବାରେ ବିଳମ୍ବ କରୁଥିବା ଜଣେ ଅଧିକାରୀ କହିଛନ୍ତି। ଏପରିସ୍ଥିତିରେ ପୋଲିସର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୫ ବ୍ୟାକ୍ଟେରିଆ...

୫୪.୯%ଙ୍କ ପ୍ରାଣହାନି ଏହି ୫ ବ୍ୟାକ୍ଟେରିଆଙ୍କ ସଂକ୍ରମଣ ହେତୁ ଘଟିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ତଥ୍ୟ ଅନୁସାରେ ପାଖାପାଖି ୩୩ ପ୍ରକାର ବ୍ୟାକ୍ଟେରିଆ ପାଥୋଜେନ୍ (ଜର୍ମ) ସାରା ବିଶ୍ୱରେ ୧୧ ପ୍ରକାର ସଂକ୍ରାମକ ରୋଗ ସୃଷ୍ଟି କରିଛନ୍ତି। ଏସ୍. ଯୁରେସ୍ ବ୍ୟାକ୍ଟେରିଆ ସଂକ୍ରମଣ ବିଶେଷକରି ୧୩୫ ଦେଶରେ ଦେଖାଯାଉଥିବାବେଳେ ୧୫ ବର୍ଷରୁ ଅଧିକ ବୟସ ବର୍ଗଙ୍କ କ୍ଷେତ୍ରରେ ଏହା ଅଧିକ ପ୍ରାଣଘାତୀ ସାବ୍ୟସ୍ତ ହୋଇଛି। ଅନ୍ୟପକ୍ଷେ ଏସ୍. ନିମୋନିଆ ସଂକ୍ରମଣର ଶିକାର ହୋଇ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁ ଘଟିଛି। ୩ ବର୍ଷ ପୂର୍ବେ ପ୍ରମୁଖ ୩ ବ୍ୟାକ୍ଟେରିଆ ଦ୍ୱାରା ସୃଷ୍ଟ ସଂକ୍ରମଣ ଯୋଗୁ ବିଶ୍ୱରେ ୭ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୨ ନିୟୁତ ଆକ୍ରାନ୍ତଙ୍କ କ୍ଷେତ୍ରରେ ଶ୍ୱାସକ୍ରିୟାରେ ଅନିୟମିତତା ଦେଖାଯାଇଥିବାବେଳେ ୧ ନିୟୁତଙ୍କ ପେଟରେ ସଂକ୍ରମଣ ଦେଖାଯାଇଥିଲା। ବିଭିନ୍ନ ରୋଗୀଙ୍କ ଶରୀରରେ ସଂକ୍ରମଣର ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଇଥାଏ। ସଂକ୍ରମଣଜନିତ ମୃତ୍ୟୁ ରୋକିବା ପାଇଁ ଗ୍ଲୋବାଲ୍ ହେଲ୍‌ଥ କମ୍ୟୁନିଟି ପକ୍ଷରୁ ବହୁମୁଖୀ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଗ୍ଲୋବାଲ ବର୍ଡେନ୍ ଅଫ୍ ଡିଜିଜ୍, ଇନ୍‌ଜୁରିଜ୍ ଆଣ୍ଡ ରିସ୍କ ଫ୍ୟାକ୍ଟର (ଜିବିଡି) ପକ୍ଷରୁ ପ୍ରକାଶିତ ଅଧ୍ୟୟନ ରିପୋର୍ଟରେ ଦର୍ଶାଯାଇଛି। ସଂକ୍ରମଣ ବୋଝକୁ ଦୂର କରିବା ଲାଗି ଆଣ୍ଟିବାୟୋଟିକ୍‌ର ବ୍ୟବହାରକୁ କମାଇବା ଜରୁରୀ। ସେହିପରି ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଟିକା ପ୍ରସ୍ତୁତ କରାଯିବା ସହ ମହଙ୍ଗୁ ଔଷଧକୁ ସଂକ୍ରମଣ ରୋକିବାରେ ବ୍ୟବହାର ପଦ୍ଧତି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

### ଆସାମ-ମେଘାଳୟ ...

ପୋଲିସ ପହଞ୍ଚିବା ପରେ ସକାଳ ୫ଟାରେ ମେଘାଳୟ ସୀମାର ବହୁ ଗ୍ରାମବାସୀ ଅସ୍ତ୍ରଶସ୍ତ୍ର ଧରି ଆସିଥିଲେ। ସେମାନେ ଫରେଷ୍ଟ ଗାର୍ଡ ଓ ପୋଲିସ କର୍ମଚାରୀମାନଙ୍କୁ ଘେରାଉ କରିବା ସହ ଗିରଫ ବ୍ୟକ୍ତିମାନଙ୍କୁ ତୁରନ୍ତ ଛାଡ଼ିଦେବାକୁ ଦାବି କରିଥିଲେ। ଏତିକିରେ ଅଧିକାରୀମାନେ ସ୍ଥିତିକୁ ଆୟତ୍ତକୁ ଆଣିବା ପାଇଁ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଆସାମର ଫରେଷ୍ଟ ଗାର୍ଡ ବିଦ୍ୟାସିଂ ଲେଖ୍‌ତେଙ୍କ ସମେତ ମେଘାଳୟର ଖାସି ସମ୍ପ୍ରଦାୟର ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସୀମାରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି କିନ୍ତୁ ନିୟନ୍ତ୍ରଣାଧୀନ ଥିବା ୱେଷ୍ଟ କର୍ବି ଆଙ୍ଗଲୋଙ୍ଗ୍ ଏସ୍‌ପି ଇମ୍‌ଦାଦ୍ ଅଲୀ ସୂଚନା ଦେଇଛନ୍ତି। ତେବେ ଫରେଷ୍ଟ ଗାର୍ଡ ବିଦ୍ୟାସିଂଙ୍କ ଦେହରେ କିପରି ଗୁଳି ବାଜିଲା ତାହା ସ୍ପଷ୍ଟ ହୋଇ ନ ଥିବା ଏସ୍‌ପି କହିଛନ୍ତି। ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମା ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିଛନ୍ତି। ଆସାମ ପୋଲିସ ପ୍ରଥମେ ଗୁଳି ଚଳାଇଥିବା ସେ କହିଛନ୍ତି। ହ୍ୱାଟ୍‌ସଆପ୍, ଫେସ୍‌ବୁକ୍ ଓ ଟୁଇଟର ଭଳି ସୋସିଆଲ ମିଡିଆର ଦୁରୁପଯୋଗ ହେଲେ ଶାନ୍ତିଭଙ୍ଗ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ମେଘାଳୟ ସରକାର ୭ ଜିଲାରେ ମୋବାଇଲ ଇଣ୍ଟରନେଟ୍/ ଡେଟା ସେବାକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରୁ ୪୮ ଘଣ୍ଟା ପାଇଁ ବନ୍ଦ କରିଦେଇଛନ୍ତି। ଏହାସହ ଘଟଣାର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସାଙ୍ଗମା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହ ଫୋନ୍‌ରେ ଆଲୋଚନା କରିଛନ୍ତି।

### ଆଜିଠାରୁ ଦଶମ ...

ପରୀକ୍ଷା ଦେବେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୭ ହଜାର ୮୧ ଜଣ ପରୀକ୍ଷାର୍ଥୀଙ୍କ ନିମନ୍ତେ ବୋର୍ଡ ଦ୍ୱାରା ୧୪୭ ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରତିଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା କରାଯିବ। ପରୀକ୍ଷାର ପ୍ରଥମ ଦିନ ଅର୍ଥାତ ୨୩ ତାରିଖରେ ଇଂରାଜୀ ବିଷୟରୁ ପରୀକ୍ଷା ଆରମ୍ଭ ହେବ। ସେହିଭଳି ୨୫ରେ ଗଣିତ, ୨୬ରେ ପ୍ରଥମ ଭାଷା, ୨୮ରେ ସାଧାରଣ ବିଜ୍ଞାନ, ୨୯ରେ ସାମାଜିକ ବିଜ୍ଞାନ ଏବଂ ୩୦ରେ ତୃତୀୟ ଭାଷା ବିଷୟରେ ପରୀକ୍ଷା ହେବ। କପି ରୋକିବାକୁ ୩୬ଟି ସ୍କ୍ୱାଡ୍ ବୋର୍ଡ ଦ୍ୱାରା ଗଠିତ ହୋଇଥିବାବେଳେ ଜିଲାସ୍ତରରେ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ୭୪ ସ୍କ୍ୱାଡ୍ ରହିଛନ୍ତି।

# ଚଳନ୍ତା ବାଇକ୍‌ରେ ନିଆଁ

ଚମ୍ପୁଆ, ୨୨।୧୧(ଡି.ଏନ.ଏ.)



କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ନୂଆଗାଁଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ ଆରୋହୀ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୟୂରଭଞ୍ଜ ଜିଲା ରରୁଆଁ ଅଞ୍ଚଳର ଶ୍ରବଣ କୁମାର ମହାନ୍ତି ଚମ୍ପୁଆ ଅଞ୍ଚଳରୁ କାମ ସାରି ବାଇକ୍ ( ନଂ. ଓଡି୦୯ଟି୮୪୭୧) ଯୋଗେ ରରୁଆଁ ଫେରୁଥିବା ବେଳେ ସାତକୁରୁଣିଆ ହୁଡି ନିକଟରେ ବାଇକ୍‌ରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ଅଳ୍ପ ଦୂରରେ ଥିବା ନୁଆଗାଁ ଛକଠାରେ ଗାଡିଟି ଠିଆ କରିବାରୁ ହଠାତ୍ ନିଆଁ ହୁତ ହୁତୁ ହୋଇ ଜଳିବାକୁ ଲାଗିଲା। ଫଳରେ ଗାଡିଟି ସମ୍ପୂର୍ଣ୍ଣ ଭାବରେ ପୋଡିଯାଇଥିଲା। ସୌଭାଗ୍ୟବଶତଃ ଆରୋହୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।


## OFFICE OF THE CCSO-CUM-DISTRICT MANAGER O.S.C.S.C. LTD., KEONJHAR
### OFFICE QUOTATION

Tender Call Notice No. 2701 Dated: 21.11.2022

No. CAD-2816: Sealed quotations/tenders are invited from interested reputed Tavel Agencies/Tour Operators or Private individuals for providing one Bolero, which shall confirm to the Terms and Conditions (Annexure - II) for Paddy Procurement Operation relating to the KMS 2022-23 ending with 30th September' 2023 from the date of execution of agreement on monthly rent basis @ 31,000/- per month. The details of guidelines hiring of the Bolero relating to the KMS 2022-23 is available in district website: **www.kendujhar.nic.in** which may please be referred to. However the following dates are given below for awareness among the participating/intending tenderer.

| | |
|---|---|
| Last date of receipt of Tender Paper | Dt.05.12.2022 at 5.00 P.M. |
| Opening of Tender Paper | Dt.06.12.2022 at 11.30 A.M. |

Sd./- Chief CSO-cum-District Manager
OSCSC Ltd., Keonjhar
OIPR-07048/11/0008/2223

## ଡ଼ପୌରପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା
## MUNICIPAL OFFICE, JHARSUGUDA

e-Mail: jsgmunicipality@yahoo.com, jharsugudam.hud@nic.in
Fax: 06645-270274, Ph.: 06645-273019

No. 5122/JM Dt.18.11.2022

### SHORT QUOTATION CALL NOTICE

No. C-1618: Sealed quotations in prescribed form are invited from the intending registered Firms/Suppliers/Manufactures for supply of Double Wheel Bins as per the specification mentioned in quotation schedule for sanitation use of Jharsuguda Municipality. The quotation will be received upto 1.00 P.M. on Dt.28.11.2022 which will be opened on Dt.29.11.2022 at 4.00 P.M. in presence of teh quotationers or their authorised representatives. The quotationers must have to submit Xerox copy of the GST Clearance Certificate and PAN Card along with their quotations failing which the quotation shall not be considered. The quotations can also be sent by Registered Post/Speed Post which should reach the undersigned within stipulated date & time. Any quotation received beyond the above stipulated date & time shall not be entertained.
The quotation scheduled can be obtained from the municipal office on payment of Rs.1000/- (Rupees one thousand) only in office hour. The authority reserves the right to accept or cancel any or all the quotations without assigning any reason thereof.

Sd./- Executive Officer
Jharsuguda Municipality
OIPR-13165/11/0029/2223

## OFFICE OF THE MUNICIPAL COUNCIL: KEONJHARGARH

email- keonjharm.hud@rediffmail.com

Invitation for Bids (IFB) 'e' Procurement NOTICE
Bid Identification No.KGM-06/2022-23
Letter No 8671/KGM/ Date.21.11.2022

**No.C-1624:**On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement
1. Nature of work: Civil Work
2. No. of Work : 12 Nos.
3. Value of works: Rs. 8,79,363/- to 19,96,762/-
4. Date & Time of availability of Bid document in the portal: From. 23.11.2022 at 11.00 A.M. up to 02.12.2022 at 5.00 P.M.
5.Date of Opening of bid in portal. 06.12.2022 at 11.00 A.M.
6. Name & address of the officer in Inviting Bid- EO, Keonjharagrh Municipality. Further details can be seen from Website: www.tendersorissa.gov.in

Executive Officer
Keonjhargarh Municipality
OIPR-13115/11/0008/2223

## ନିଲାମ ଇସ୍ତାହାର

No. MM-288: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲରୁ ୨୦୨୨-୨୩ (୨୦୨୩ ବର୍ଷର) କାଜୁ ବାଦାମ ସଂଗ୍ରହ କରିବା ପାଇଁ ନିମ୍ନ ଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁଯାୟୀ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ବିକ୍ରି ସର୍ତ୍ତ ଓ କାଜୁ ବାଦାମ ସଂଗ୍ରହ ସ୍ୱତନ୍ତ୍ର ନିୟମାବଳୀ ଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରୁ ମିଳିପାରିବ। ନିଲାମ ସମାପ୍ତି ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିଲାମ ସମ୍ବନ୍ଧୀୟ ବିଶେଷ ବିବରଣୀ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଦିବସରେ ଦିବା ୧୧ଘଣ୍ଟାଠାରୁ ୫ଘଣ୍ଟା ମଧ୍ୟରେ ମିଳିପାରିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୦୭।୧୨।୨୦୨୨ | ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | ଟାଙ୍ଗୀ, ରଣପୁର, ବାଲୁଗାଁ ଓ ଖୋର୍ଦ୍ଧା ବନାଞ୍ଚଳ | ଦିବା ୧୧ଘ. |

ଉପରୋକ୍ତ ଦିନରେ ବିକ୍ରୟ ହୋଇ ନଥିବା ତଥା ନାକଚ (Quashed), ବାଜ୍ୟାପ୍ତି ଓ ଅନ୍ୟ କୌଣସି ଲଟ୍ ନିମ୍ନ ଲିଖିତ ତାରିଖ ଓ ଜାଗାରେ ପୁନଃ ପ୍ରକାଶ୍ୟ ଭାବେ ନିଲାମ କରାଯିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧୭।୧୨।୨୦୨୨ | ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | ଟାଙ୍ଗୀ, ରଣପୁର, ବାଲୁଗାଁ ଓ ଖୋର୍ଦ୍ଧା ବନାଞ୍ଚଳ | ଦିବା ୧୧ଘ. |
| ୨୯।୧୨।୨୦୨୨ | ଖଣ୍ଡୀୟ ବନାଧିକାରୀ, ଖୋର୍ଦ୍ଧା ବନଖଣ୍ଡଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | ଟାଙ୍ଗୀ, ରଣପୁର, ବାଲୁଗାଁ ଓ ଖୋର୍ଦ୍ଧା ବନାଞ୍ଚଳ | ଦିବା ୧୧ଘ. |

ସ୍ୱା./- ଖଣ୍ଡୀୟ ବନାଧିକାରୀ
ଖୋର୍ଦ୍ଧା ବନଖଣ୍ଡ, ଖୋର୍ଦ୍ଧା
OIPR-08139/11/0009/2223

## INDIRA GANDHI INSTITUTE OF TECHNOLOGY
Sarang, Dhenkanal - 759146
(An Autonomous Institute of Govt. of Odisha)

No. IGIT/ACA-EXAM-1258 Date: 22.11.2022

### SPOT ADMISSION FOR VACANT SEATS

No. KK-257: Some seats in B.Tech., Electrical (EWS), Mechanical (EWS), Civil, Metallurgical & Materials Engineering, Chemical & Production Engineering are lying vacant in IGIT, Sarang. Interested/eligible students may come directly to the Institute on 25.11.2022 for admission to the above courses. For detailed information please visit the Institute website **www.igitsarang.ac.in**. You may contact 9438111311 & 8249521055 regarding admission.

Sd./- Director
OIPR-14091/11/0035/2223

## ODISHA UNIVERSITY OF AGRICULTURE & TECHNOLOGY
BHUBANESWAR - 3
Letter No. ACD-1/ADM-0010/2022/OSWAS/18882/UAT
Dt. 21st, November, 2022

### UNDER GRADUATE SPOT COUNSELING & ADMISSION NOTICE 2022-23

No. KK-254: Seats (101) in different UG courses and categories are available for Spot Counseling and Admission from the Spot rank list as per Clause 7.3.2 of UG Prospectus 2022-23. All seats for Spot Admission will be cost sharing seats. The seats are likely to increase as all seats vacated by cancellation of admission till 12.12.2022 (5 P.M.) will be included for spot counseling & admission.
The candidates who have been awarded rank in OUAT UG Admission - 2022 are eligible to apply. Candidates interested to participate in spot counseling & admission must register online by logging in through their registered email id and mobile number through OUAT website **"www.ouat.nic.in** or **https://ouat-lokaseba-odisha.in/"** paying a registration fees of Rs.500/- (Mandatory). The spot counseling and admission programme is given below.

| Sl. No. | Programme | Date |
|---|---|---|
| 1 | Online Registration | 24.11.2022 to 29.11.2022 |
| 2 | Availability of Intimation-cum-Rank Card | 05.12.2022 |
| 3 | Spot Counselling and Admission | 13.12.2022 & 14.12.2022 |

Candidates must visit OUAT website: **www.ouat.nic.in** for
i) Vacant seat position available for spot counseling and admission.
ii) Guideline for UG Spot counseling and admission.

OIPR-01036/11/0032/2223 Sd./- Registrar

## GOVERNMENT OF ODISHA
## "e" PROCUREMENT NOTICE
## Rajgangpur Municipality
Bid Identification No. - EO/RGP/03 of 2022-23
e-mail ID- rajgangpurmunicipality@gmail.com

No.C-1621: No. 4612, Dated 21.11.2022

1) Total Number of Work : 07 (Seven) Nos. Imp. of B.T. Road, Boundary wall etc.
2) Approximate Estimated Cost : 15.00 Lakhs to 27.86 Lakhs
3) Period of Completion : 120 Days
4) Date & time of availability of the bid documents in the portal : 23.11.2022 at 11.00 A.M. to 04.12.2022 upto 5.00 P.M.
5) Last date of receipt of Bids in the portal : 04.12.2022 up to 5.00 P.M. (Online)
6) Bids Receipt online shall be opened on : 05.12.2022 at 11.00 A.M. [On Line)
7) Name & address of the Officer Inviting Bid : Executive Officer, Rajgangpur Municipality
8) The Bidders have to participate in ONLINE bidding only; further details can be seen from the e-procurement portal. http;//tendersodisha.gov.in.

Sd./- M.Lakra
Executive Officer, Rajgangpur Municipality
OIPR-13094/11/0006/2223

## PRADHAN MANTRI GRAM SADAK YOJANA (PMGSY)
### e-Procurement Notice
PMGSY Online-BLGR-16/2022-23

No. O-1303: The Chief Construction Engineer, R.W. Circle, Bolangir on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Bolangir & subarnapur for 2 number of packages with estimated cost totaling to Rs.4.18 Cr. including their maintenance for five years from the eligible contractors registered with State PWD/ CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropirate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement Dtd.30.11.2022.
**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original Bid Security in approved format (c) original Affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R.W. Circle, Bolangir**, on a date not later than three working days after the opening of technical qualification part of the Bid, either by Registered Post or By Hand, failing which the bids shall be declared non-responsive.
**Last date/time for receipt of bids through e-procurement: 15.12.2022** upto 5.00 P.M. For further details please log on to **www.pmgsytenders.gov.in**.

Sd./- Chief Construction Engineer
R.W. Circle, Bolangir
OIPR-25118/11/0017/2223

## DIRECTORATE OF MINES & GEOLOGY STEEL & MINES DEPARTMENT
GOVERNMENT OF ODISHA
Email: directormines1@orissaminerals.gov.in
Date: November 23, 2022

### NOTICE INVITING TENDER
"Invitation of Bids for Grant of Mining Lease for Bauxite and Limestone"

No. G-32: In exercise of the powers conferred by Section 10 (B) of the Mines and Minerals (Development and Regulation) Act, 1957 and in accordance with the Mineral (Auction) Rules, 2015 as amended from time to time notified there under, the Government of Odisha has identified **05 (Five) Minerals Blocks** as under for electronic auction and hereby invites tenders for the purpose of grant of Mining Lease:
**a) 3 (Three) Mineral Blocks of Bauxite**
**b) 2 (Two) Mineral Blocks of Limestone**
Accordingly, financial bids are invited in digital format only and technical bids are invited both in digital and physical format from eligible bidders.
Eligibility conditions, date and time for participating in the electronic auction are provided in the Tender Document. Detailed Tender Documents along with timelines, notifications, updates and other details for the e-auction process for the mineral blocks are available in electronic form only and can be downloaded from the website of MSTC Limited: **(https://www.mstcecommerce.com/auctionhome/mlcl/index.jsp)**.
Interested and eligible bidders can register themselves on the above website. On successful registration, eligible bidders will obtain login ID and password necessary for participation in the e-auction process. Model Tender Document and Mineral Block Summary are available free of cost on the website of MSTC Limited.
Last date for purchase of Tender document after payment of a tender fee on website of e-auction platform provider is January 09, 2023 and the last date for submission of the bid is January 16, 2023 on or before 17.00 hours (Indian Standard Time). The price of tender document for each mineral block is Rs.5,00,000/- (Rupees Five Lakh) for the 3 (Three) Bauxite Block and the price of tender document for each of the 2 (two) limestone block is Rs.2,00,000/- (Rupees two lakh). Garramura Limestone Block and Uskalvagu Limestone Block are being auctioned under second attempt of auction as per clause (b) of sub-rule (11) of rule 9 of Mineral (Auction) Rules 2015 and amendments thereunder. The bidders who has purchased the Tender document for limestone blocks in the first attempt of auction vide. NIT dated October 22, 2021 are exempted from paying the Tender document fee.

**List of Mineral Blocks for Auction**

| Sr. No. | Name of the Block | District | Mineral | Type of Block |
|---|---|---|---|---|
| 1 | Ballada Bauxite Block | Koraput | Bauxite | Virgin Block |
| 2 | Sijimali Bauxite Block | Kalahandi & Rayagada | Bauxite | Virgin Block |
| 3 | Kutrumali Bauxite Block | Kalahandi & Rayagada | Bauxite | Virgin Block |
| 4 | Garramura Limestone Block | Nuapada | Limestone | Virgin Block |
| 5 | Uskalvagu Limestone Block | Malkangiri | Limestone | Virgin Block |

OIPR-30028/11/0003/2223 Sd./- Director of Mines & Geology, Odisha

## ଓଡ଼ିଶା ସରକାର
## କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

ସଂଖ୍ୟା ୧୬୫୦ କଟକ ତା: ୦୪।୧୧।୨୦୨୨

No.I-09:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କଟକ ଜିଲ୍ଲାର ହାଡୁଆ ଜଳସେଚନ ପ୍ରକଳ୍ପର ହାଡୁଆ ଜଳଭଣ୍ଡାର ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ଓଲବ, ଥାନା- କାନପୁର ନଂ. ୩୩, ତହସିଲ- ନରସିଂହପୁର, ଜିଲ୍ଲା- କଟକରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୮୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R Act, 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

#### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ହାଡୁଆ ଜଳସଚେନ ପ୍ରକଳ୍ପର ହାଡୁଆ ଜଳଭଣ୍ଡାର ନିମନ୍ତେ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ହାଡୁଆ ଜଳସେଚନ ବିଭାଗ, ନରସିଂହପୁର, ଜିଲ୍ଲା-କଟକ ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରୀ କରିବା ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ନରସିଂହପୁର, ବଡ଼ମ୍ବା ଓ ତିଗିରିଆ ବ୍ଲକରେ କୃଷିର ବିକାଶ ସହ ଅର୍ଥନୀତିର ବିକାଶ ହେବ । ଧାରା ୮(୨) ମୁତାବକ ପ୍ରକାଶିତ ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଆଠଗଡ଼ ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କଟକ | ନରସିଂହପୁର | ଓଲବ | ଗ୍ରାମାଞ୍ଚଳ | | | ଏ ୩.୨୧ | ଏ ୨.୮୧ | ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଗଲା |

ଉକ୍ତ ଜମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି କଟକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଭବାନୀ ଶଙ୍କର ଚୟନୀ
ଜିଲ୍ଲାପାଳ, କଟକ

#### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା. ୦୪/୨୦୨୨

ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର, କଟକର ହାଡୁଆ ଜଳଭଣ୍ଡାର ନିମନ୍ତେ
ମୌଜା: ଓଲବ, ଥାନା- କାନପୁର-ନଂ. ୩୩, ତହସିଲ-ନରସିଂହପୁର, ଜିଲ୍ଲା - କଟକ

| ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା | ଅଧିସୂଚିତ ଜମିର ପରିମାଣ | କିସମ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୨ (ରୟତି) | ୧୦୬୩ | ୨.୦୨ | ୨.୦୨ | ତଇଳା | ଖଲେଶ୍ୱର ଦେହୁରୀ, ଚନ୍ଦ୍ର ଦେହୁରୀ, ମନ୍ଦର ଦେହୁରୀ, ଆର୍ତ୍ତ ଦେହୁରୀ, ପି: ଅରକ୍ଷିତ ଦେହୁରୀ, ଅମ୍ବିକା ଦେହୁରୀ, ସ୍ୱା: ଅରକ୍ଷିତ ଦେହୁରୀ, ଜା: ସୁଦ, ବା: ନିଜଗାଁ |
| ୧୬ (ରୟତି) | ୧୦୬୫ | ୦.୫୮ | ୦.୩୦ | ତଇଳା | ଘନଶ୍ୟାମ ସାମଲ, ପି: ପ୍ରାଣବନ୍ଧୁ ସାମଲ, ପ୍ରଦୀପ କୁମାର ସାମଲ, ଲିଲି ସାମଲ, ପି: ଦୀନବନ୍ଧୁ ସାମଲ, ନିଳ ସାମଲ, ସ୍ୱା: ଦୀନବନ୍ଧୁ ସାମଲ, ଜା: ସୁଦ, ବା: ନିଜଗାଁ |
| ୪୩ (ରୟତି) | ୧୦୬୨ | ୦.୪୩ | ୦.୪୩ | ତଇଳା | ପ୍ରଫୁଲ୍ଲ ଦେହୁରୀ, ଦେବାର୍ଚ୍ଚନା ଦେହୁରୀ, ପି: ଅନନ୍ତ ଦେହୁରୀ, ଡାଲିମ୍ବ ଦେହୁରୀ, ସ୍ୱା: ଅନନ୍ତ ଦେହୁରୀ, ନିତ୍ୟାନନ୍ଦ ଦେହୁରୀ, ପି: କାଳନ୍ଦୀ ଦେହୁରୀ, ଜା: ସୁଦ, ବା: ନିଜଗାଁ |
| ୫୬ (ରୟତି | ୧୦୬୦ | ୦.୧୮ | ୦.୦୬ | ତଇଳା | ମାଧବ ଦେହୁରୀ, ସୁରଜ ଦେହୁରୀ, ପି: ଅନ୍ତର୍ଯ୍ୟାମୀ ଦେହୁରୀ, ପାଦର ଦେହୁରୀ, ପି: ସପନି ଦେହୁରୀ, ଅଗାଧୁ ଦେହୁରୀ, ଲୋଚନ ଦେହୁରୀ, ଜୟ ଦେହୁରୀ, ପି: ମହରଗା ଦେହୁରୀ, ମାଟିଆଣୀ ଦେହୁରୀ, ସ୍ୱା: ମହରଗା ଦେହୁରୀ, ଜା: ସୁଦ, ବା: ନିଜଗାଁ |
| ମୋଟ | | ଏ୩.୨୧ | ଏ୨.୮୧ | | |

Amin | Revenue Inspector | Spl., L.A. & R.O., Hadua Irrigation Project, Nursinghpur, Cuttack | Collector Cuttack
OIPR-24178/14/0019/2223

# ପନିପରିବା ସମ୍ପର୍କରେ...



**କୋ**ବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲଫାନ୍‌କିମ୍ବା ୫୦୦ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ । ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ । ଏହାର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ ।

# ନଳିତା ଚାଷରେ କୋଡ଼ାଖୁସା

**ନ**ଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଗଜାହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଏବଂ ଘାସ ବାଛି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବା ଲାଗି ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।



# ରାଶିର ଉନ୍ନତ କିସମ



**ରା**ଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବରଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ୍ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

# ନଡ଼ିଆଗଛରେ କାଳିମୁଣ୍ଡି ପୋକ ଦମନ



ପ୍ର. ବିଷ୍ଣୁ ଚରଣ ଜେନା

**ପୃ**ଥିବୀର ସାମୁଦ୍ରିକ ଜଳବାୟୁ ଉପଲବ୍ଧ ୯୩ ଦେଶରେ ନଡ଼ିଆଚାଷ କରାଯାଏ। ଭାରତରେ ମଧ୍ୟ ଏହି ଚାଷର ଆଦର ରହିଛି। ଆମ ଦେଶର କେରଳରେ ଏହି ଚାଷ ବହୁଳ ଭାବରେ ହେଉଛି। କେରଳର ଚାଷୀମାନେ ସେଠାରେ ଥିବା ସର୍ବଭାରତୀୟ ନଡ଼ିଆ ଗବେଷଣା ପ୍ରକଳ୍ପର ବୈଜ୍ଞାନିକମାନଙ୍କ ସହଯୋଗରେ ନଡ଼ିଆରୁ ପ୍ରାୟ ୫୦ ପ୍ରକାର ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରୁଛନ୍ତି।

ଆମ ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ନଡ଼ିଆଚାଷ କରାଯାଉଛି। ନଡ଼ିଆର ବ୍ୟବହାର ଧାର୍ମିକ ଅନୁଷ୍ଠାନରେ ବେଶି ପରିମାଣରେ ହେଉଥିବାରୁ ଏହାକୁ 'ଶ୍ରୀଫଳ' ମଧ୍ୟ କୁହାଯାଏ। ବିବାହ, ବ୍ରତ, ଭିନ୍ନ ଭିନ୍ନ ପୂଜାପାର୍ବଣ ଓ ଗୃହ ପ୍ରବେଶ ଆଦି ମାଙ୍ଗଳିକ କାର୍ଯ୍ୟରେ ନଡ଼ିଆର ଆବଶ୍ୟକତା ରହିଛି। ୧୯୯୯ ମହାବାତ୍ୟାରେ ଓଡ଼ିଶାର ପୁରୀ, ଜଗତ୍‌ସିଂହପୁର ଏବଂ କଟକ ଜିଲାରେ ନଡ଼ିଆ ଚାଷରେ ବିପୁଳ କ୍ଷତି ଘଟିଛି। ଯାହା କିଛି ଗଛ ବଞ୍ଚି ରହିଛି ସେଗୁଡ଼ିକୁ ଗଣ୍ଡାପୋକ, ନାଲି ତାଳ ଘୁଣିପୋକ ଏବଂ କାଳିମୁଣ୍ଡି ପୋକ ଆକ୍ରମଣ କରୁଥିବାର ଦୃଷ୍ଟାନ୍ତ ମିଳୁଛି। କାଳିମୁଣ୍ଡି ପୋକ ତନ୍ମଧ୍ୟରୁ ବିଶେଷ କ୍ଷତିକାରକ। ନଡ଼ିଆ, ପଇଡ଼ ପାଣି ଏବଂ ଏହାର କଅଁଳିଆ ସସକୁ ମନୁଷ୍ୟ ସିଧାସଳଖ ବ୍ୟବହାର କରିବା ଯୋଗୁ ନଡ଼ିଆ ଫସଲରେ କୀଟନାଶକ ପ୍ରୟୋଗକୁ ବାରଣ କରାଯାଇଛି। କାଳିମୁଣ୍ଡି ପୋକ, ଅଣ୍ଡା, ଶୂକ ଓ ଖୋଷା ପରେ ପୂର୍ଣ୍ଣାଙ୍ଗପ୍ରାପ୍ତ ପ୍ରଜାପତି ରୂପ ଧାରଣ କରି ନଡ଼ିଆ ବଗିଚାରେ ଉଡ଼ିବୁଲେ। ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ପାଉଁଶିଆ ରଙ୍ଗର। ନଡ଼ିଆ ବାହୁଙ୍ଗାର ପୁରୁଣା ପତ୍ରର ତଳ ଅଂଶରେ ମାଈ ପୋକଟି ପ୍ରାୟ ୧୨୫ଟି ଅଣ୍ଡା ଦେଇଥାଏ। ଗ୍ରୀଷ୍ମଋତୁରେ ୩–୫ ଦିନ ପରେ ଅଣ୍ଡାରୁ ଛୁଆ ବାହାରେ। ଛୁଆର ମୁଣ୍ଡ କଳା ରଙ୍ଗ ହୋଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ। ଛୁଆମାନେ ନଡ଼ିଆ ବାହୁଙ୍ଗାରେ ଥିବା ପତ୍ରଗୁଡ଼ିକରୁ ସବୁଜକଣା (କ୍ଲୋରୋଫିଲ୍)ଗୁଡ଼ିକୁ ଖାଇ ବାହୁଙ୍ଗାର ପତ୍ରରେ ବଙ୍କା ବଙ୍କା ସୁଡଙ୍ଗ (ଜିଗ୍‌ଜାଗ୍ ଗ୍ୟାଲେରି) ତିଆରି କରନ୍ତି ଏବଂ ତା' ଭିତରେ ରହି ପତ୍ରକୁ ନଷ୍ଟ କରନ୍ତି। ସୁଡଙ୍ଗ ଭିତରେ ସେମାନେ ପ୍ରାୟ ୪୫ ଦିନ ରହିବା ପରେ ବାହୁଙ୍ଗାରେ ଖୋଷାବସ୍ଥା ପ୍ରାପ୍ତ ହୁଅନ୍ତି। ସୁଡ଼ଙ୍ଗରେ ପୋକଗୁଡ଼ିକ ମଳତ୍ୟାଗ କରନ୍ତି। ଏହି ପୋକର ଆକ୍ରମଣ ଯୋଗୁ ନଡ଼ିଆଗଛର ପତ୍ରରେ ହେଉଥିବା ଖାଦ୍ୟ ପ୍ରକ୍ରିୟାକରଣରେ ବାଧା ସୃଷ୍ଟି ହୁଏ। ଫଳରେ ନଡ଼ିଆଗଛରେ ଖୁବ୍ କମ୍ ସଂଖ୍ୟକ ନଡ଼ିଆ ସୃଷ୍ଟି ହୁଏ। କ୍ଷତିର ପରିମାଣ ବୃଦ୍ଧି ଯୋଗୁ ଦୂରକୁ ନଡ଼ିଆ ଗଛଗୁଡ଼ିକ ପୋଡ଼ିଗଲା ପରି ଦେଖାଯାଏ।

ଜୈବିକ ଉପାୟ ଅବଲମ୍ବନ କରି ଏହି ପୋକକୁ ବିନାଶ କରାଯାଏ। ଏହାର ଶତ୍ରୁ ପୋକ (ନାଚୁରାଲ ଇନେମି)କୁ ବ୍ୟବହାର କରାଯାଉଛି। ଏହି ଶତ୍ରୁ ପୋକଟି ଛୋଟ ଭଅଁର ଜାତୀୟ। ଏମାନେ ୨ ପ୍ରକାର ପ୍ରଜାତିର ଯଥା ବ୍ରାକନ ହିବେଟର ଓ ବ୍ରାକନ ବ୍ରେଭିକରନିସ୍। ଏହି ଉପକାରୀ କୀଟଗୁଡ଼ିକୁ କୀଟଶାଳାରେ ଉତ୍ପାଦନ କରି ଚାଷୀଭାଇମାନଙ୍କୁ ଦିଆଯାଏ। ପୋକ ଆକ୍ରମିତ ନଡ଼ିଆ ଗଛ ପ୍ରତି ୫୦ଟି ପୂର୍ଣ୍ଣାଙ୍ଗପ୍ରାପ୍ତ ଭଅଁର କିମ୍ବା ୫୦ଟି ଭଅଁର ଖୋଷା ସନ୍ଧ୍ୟା ସମୟରେ ନଡ଼ିଆ ଗଛରେ ଚଢ଼ି କୀଟଟିକୁ ଛାଡ଼ି ଦିଆଯାଏ। ଏହି ଖୋଷାଗୁଡ଼ିକୁ ପୋଷ୍ଟ କାର୍ଡରେ ଲଗାଯାଇଥାଏ। ତେଣୁ ନଡ଼ିଆଗଛ ଚଢ଼ାଳି ସହଜରେ ଉପକାରୀ କୀଟକୁ ଗଛ ଉପରକୁ ନେଇ ଛାଡ଼ିପାରେ। ରୌଦ୍ରତାପ ସମୟରେ ନଡ଼ିଆ ଗଛରେ ପୋକଟିକୁ ଛାଡ଼ିବା ମନା। କାରଣ ସୂର୍ଯ୍ୟକିରଣ ଯୋଗୁ ଏହି ପୋକଗୁଡ଼ିକ ମରିଯାଆନ୍ତି। ୭–୧୦ଦିନ ବ୍ୟବଧାନରେ ୩–୪ ଥର ଏହି ଭଅଁର ଜାତୀୟ ଉପକାରୀ ପୋକକୁ ନଡ଼ିଆ ବଗିଚାରେ ଛଡ଼ାଯାଇଥାଏ। ନଡ଼ିଆ ବଗିଚାରେ ଏମାନେ ବଞ୍ଚି ରହି ନିଜର ବଂଶବିସ୍ତାର କରି କାଳିମୁଣ୍ଡି ପୋକର ଛୁଆଗୁଡ଼ିକୁ ଖାଇଦିଅନ୍ତି। ଏହି ଉପକାରୀ କୀଟଗୁଡ଼ିକ ଭୁବନେଶ୍ୱରସ୍ଥିତ କୃଷି ମହାବିଦ୍ୟାଳୟର କୀଟତତ୍ତ୍ୱ ବିଭାଗ ଏବଂ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ ଅଧୀନରେ ଥିବା ବରମୁଣ୍ଡା ଗ୍ରାମ, ବାଲେଶ୍ୱର, ଟାଙ୍ଗୀ, ଜଗତ୍‌ସିଂହପୁର ଓ ଛତ୍ରପୁରଠାରେ ଥିବା କୀଟ ଉତ୍ପାଦନଶାଳାରେ ଉପକାରୀ କୀଟମାନଙ୍କର ବଂଶବୃଦ୍ଧି କରାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି।



"କାଳିମୁଣ୍ଡି ପୋକ, ଅଣ୍ଡା,ଶୂକ ଓ ଖୋଷା ପରେ ପୂର୍ଣ୍ଣାଙ୍ଗପ୍ରାପ୍ତ ପ୍ରଜାପତି ରୂପ ଧାରଣ କରି ନଡ଼ିଆ ବଗିଚାରେ ଉଡ଼ିବୁଲେ। ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ପାଉଁଶିଆ ରଙ୍ଗର। ନଡ଼ିଆ ବାହୁଙ୍ଗାର ପୁରୁଣା ପତ୍ରର ତଳ ଅଂଶରେ ମାଈ ପୋକଟି ପ୍ରାୟ ୧୨୫ଟି ଅଣ୍ଡା ଦେଇଥାଏ। ଗ୍ରୀଷ୍ମଋତୁରେ ୩–୫ ଦିନ ପରେ ଅଣ୍ଡାରୁ ଛୁଆ ବାହାରେ। ଛୁଆର ମୁଣ୍ଡ କଳା ରଙ୍ଗ ହୋଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ। ଛୁଆମାନେ ନଡ଼ିଆ ବାହୁଙ୍ଗାରେ ଥିବା ପତ୍ରଗୁଡ଼ିକରୁ ସବୁଜକଣା (କ୍ଲୋରୋଫିଲ୍)ଗୁଡ଼ିକୁ ଖାଇ ବାହୁଙ୍ଗାର ପତ୍ରରେ ବଙ୍କା ବଙ୍କା ସୁଡ଼ଙ୍ଗ (ଜିଗ୍ ଜାଗ୍ ଗ୍ୟାଲେରି) ତିଆରି କରନ୍ତି ଏବଂ ତା' ଭିତରେ ରହି ପତ୍ରକୁ ନଷ୍ଟ କରନ୍ତି।"

–ପୂର୍ବତନ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର
ମୋ : ୯୬୬୮୫୯୨୧୩୦

# ପ୍ରାଣୀଙ୍କ ଯତ୍ନ



**ଗୋ**ରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କର ନାଲି ଝାଡା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩–୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର୍ ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ଡାଲୁଅ ଧାନ ତଳି

**ଡା**ଲୁଅ ଧାନ ପାଇଁ ତଳି ପକାଇବା କାମ ଚଳିତ ମାସ ଶେଷସୁଦ୍ଧା ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ । ପାଇଁ ତଳି ପ୍ରସ୍ତୁତି ପୂର୍ବରୁ ପ୍ରଥମେ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩–୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଣ୍ଡା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣିପାଣି ଉପଚାର କରନ୍ତୁ । ଡାଲୁଅ ଧାନର ସହଳ କିସମ ବିହନ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀ ଧାନ । ମଧ୍ୟମ କିସମ ବିହନ ଭାବରେ ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ–୧୦୦୧ ଚୟନ କରିପାରନ୍ତି। ଅନ୍ୟପକ୍ଷରେ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ। ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍‌ସି କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ।



# ସମନ୍ୱିତ କୃଷି ସହ ମାଛଚାଷ ଓ ପ୍ରାଣୀପାଳନ

(ଦ୍ୱିତୀୟ ଭାଗ)

**ମାଛ–କୁକୁଡ଼ା ପାଳନ :** ମାଛଚାଷ ସହ କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟ । କୁକୁଡ଼ାର ମଳ ପୋଖରୀର ଏକ ଉତ୍କୃଷ୍ଟ ଜୈବିକଖତର ଆବଶ୍ୟକତା ପୂରଣ କରିଥାଏ। କୁକୁଡ଼ାର ମଳ ସିଧାସଳଖ ପୋଖରୀରେ ପକାଇଲେ ସେଥିରୁ ଅଧିକ ପ୍ଲାଙ୍କ୍‌ଟନ ବା ପ୍ଲବକ ସୃଷ୍ଟି ହୋଇଥାଏ । ମାଛମାନେ ତାକୁ ଖାଇ ବଞ୍ଚନ୍ତି । କୁକୁଡ଼ା ନଷ୍ଟ କରୁଥିବା ଦାନାକୁ ମଧ୍ୟ ମାଛମାନେ ଖାଇଥାନ୍ତି । କୁକୁଡ଼ାଘର ପୋଖରୀ ହୁଡ଼ା ଉପରେ ବା ପୋଖରୀ ଭିତରକୁ ଅଧା ଝୁଲାଇ ତିଆରି କଲେ କୁକୁଡ଼ା ମଳ ଓ ନଷ୍ଟ ହେଉଥିବା ଖାଦ୍ୟ ସିଧାସଳଖ ପୋଖରୀରେ ପଡ଼େ ଏବଂ୦ ମାଛମାନେ ତାକୁ ଖାଇଥାନ୍ତି । ଏକ ଏକର ପୋଖରୀରେ ମାଛଚାଷ ପାଇଁ ଦରକାର ହେଉଥିବା ଖତସାର ୨୦୦ରୁ ୨୪୦ଟି କୁକୁଡ଼ାଙ୍କଠାରୁ ମିଳିଥାଏ। ଗୋବରଖତ ସହିତ ତୁଳନା କଲେ, କୁକୁଡ଼ା ଖତରେ ଅଧିକ ୬ଗୁଣ ଯବକ୍ଷାରଜାନ, ୧୦ ଗୁଣ ଫସ୍‌ଫରସ୍ ଓ ୪ ଗୁଣ ପୋଟାସିୟମ ନିହିତ ଥାଏ । ଏକ ଏକର ଜମିରେ ମାଛ–କୁକୁଡ଼ା ସମନ୍ୱିତ ଚାଷ କଲେ ବର୍ଷକୁ ପ୍ରାୟ ୧୮୦୦ ରୁ ୨୦୦୦ କି.ଗ୍ରା ମାଛ, ୨୮୦୦୦ ଅଣ୍ଡା ଓ ୪୦୦ କି.ଗ୍ରା. କୁକୁଡ଼ା ମାଂସ ମିଳିଥାଏ । ସେହିପରି ପ୍ରତି ଏକ ହେକ୍ଟର ପାଣି ଆକାର ପାଇଁ ୫୦୦ରୁ ୬୦୦ ସଂଖ୍ୟାକୁ କୁକୁଡ଼ା ପାଳନ କରାଯାଏ ।

**ଆୟ–** ଏକ ହେକ୍ଟର ପୋଖରୀ ଥିବା ଫାର୍ମରୁ ବର୍ଷକୁ ୨ରୁ ୩ଟନ ମାଛ, ୫୦ ହଜାର ଅଣ୍ଡା ଏବଂ ପ୍ରାୟ ୮ଶହ ରୁ ୧ ହଜାର କି.ଗ୍ରା. କୁକୁଡ଼ା ମାଂସ ମିଳିଥାଏ। ୨ ଲକ୍ଷ ୧୦ ହଜାରରୁ ଖର୍ଚ୍ଚ ପ୍ରାୟ ୯୦ ହଜାରରୁ ୧ ଲକ୍ଷ ବାଦ୍ ଦେଲେ ନେଟ୍ ଲାଭ ହେଉଛି ୧ ଲକ୍ଷ ୧୦ ହଜାର ଟଙ୍କା ହେବ ।

ବ୍ରଏଲର କୁକୁଡ଼ା ପାଳନ କରିବାର ଯୋଜନା ଥିଲେ ପ୍ରତି ୧୦୦ଟି କୁକୁଡ଼ା ପାଇଁ (କୁକୁଡ଼ା ଛୁଆ ଦାନା ଓ ଔଷଧ ଖର୍ଚ୍ଚ ସମେତ) ମୋଟ ୪ ହଜାର ୮ଶହ ଟଙ୍କା ଖର୍ଚ୍ଚ ହେବ ଏବଂ ମାତ୍ର ୨ ମାସରେ ଏଥିରେ ଖର୍ଚ୍ଚ ପରେ ପ୍ରାୟ ୯୦୦ ଟଙ୍କା ଲାଭ ହେବ।

**ମାଛ–ବତକ ପାଳନ :** ବତକ ପାଳନ ପାଇଁ ଉଭୟ ସ୍ଥଳଭାଗ ଓ ଜଳଭାଗ ଆବଶ୍ୟକ । ତେଣୁ ମାଛଚାଷ ପୋଖରୀ ଏଥିପାଇଁ ବେଶ୍ ସହାୟକ ହୋଇଥାଏ। ମାଛଚାଷ ସହିତ ବତକ ପାଳନକୁ ସମନ୍ୱିତ କଲେ ଉଭୟ ମାଛ ଓ ବତକ ପରସ୍ପରଠାରୁ ଉପକାର ପାଇଥାନ୍ତି। ଗୋଟିଏ ଏକର ପୋଖରୀରେ ମାଛଚାଷ ସହ ୮୦ ରୁ ୧୨୦ଟି ବତକ ଚାଷ କରାଯାଇପାରିବ। ବତକମାନେ ପାଣିରୁ ଛୋଟ ଛୋଟ ଗଛ, ପୋକଜୋକ, ଗେଣ୍ଡା, ଶାମୁକା ଓ ବେଙ୍ଗଫୁଲା ଆଦି ଖାଇ ସଫା କରିଦିଅନ୍ତି। ବତକ ପାଳନ ଦ୍ୱାରା ସେମାନଙ୍କର ମଳମୂତ୍ର ମାଛମାନଙ୍କର ଏକ ଉତ୍କୃଷ୍ଟ ଖାଦ୍ୟ ମଧ୍ୟ ହୋଇଥାଏ। ନଷ୍ଟ ହେଉଥିବା ବତକମାନଙ୍କ ଖାଦ୍ୟ ଓ ଅଧାହଜମ ଖାଦ୍ୟ ମାଛମାନେ ଖାଆନ୍ତି। ବତକମାନେ ପାଣିରେ ପହଁରିବା ଦ୍ୱାରା ପାଣିରେ ଅମ୍ଳଜାନ ପରିମାଣ ବୃଦ୍ଧିପାଏ। ଫଳରେ ମାଛର ଓଜନ ବୃଦ୍ଧି ପାଇଥାଏ। ତେଣୁ ବତକମାନଙ୍କୁ ଜୈବିକ ବାୟୁ ସଞ୍ଚାଳକ ବା ବାଓ ଏରେଟର କୁହାଯାଇଥାଏ । ପୋଖରୀରେ ତଳେ ଥିବା ପଙ୍କ ଘାଣ୍ଟିବା ଦ୍ୱାରା ଏହାର ଉର୍ବରତା ମଧ୍ୟ ବଢ଼ିଥାଏ ।

ବତକ ତା'ର ଆହାରର ପ୍ରାୟ ୭୦ରୁ ୭୫ ଭାଗ ଖାଦ୍ୟ ପୋଖରୀରୁ ପାଇ ବଢ଼େ । ଫଳରେ ବାହାର ଖାଦ୍ୟ କମ୍ ଦେବାକୁ ପଡ଼ିଥାଏ । ତେଣୁ ପୋଖରୀ ପରିଷ୍କାର ହେବା ସଂଗେ ସଂଗେ ତା' ବଦଳରେ ବତକର ବୃଦ୍ଧି ଯୋଗୁ ଅତି ଅଳ୍ପ ଖର୍ଚ୍ଚରେ ବତକ ମାଂସ ଓ ଅଣ୍ଡା ମିଳିଥାଏ । ଗୋଟିଏ ଏକର ଅଞ୍ଚଳରୁ ଅପେକ୍ଷାକୃତ କମ୍ ଖର୍ଚ୍ଚରେ ଅଧିକ ପ୍ରାଣିଜ ପୁଷ୍ଟିସାର ଯଥା – ମାଛ, ମାଂସ ଓ ଅଣ୍ଡା ମିଳିଥାଏ।

ଗୋଟିଏ ବତକ ହାରାହାରି ଦିନକୁ ୧୨୫ ରୁ ୧୫୦ ଗ୍ରାମ୍ ମଳତ୍ୟାଗ କରେ । ହେକ୍ଟର ପ୍ରତି ୨୦୦ରୁ ୩୦୦ ବତକ ପାଳନ କରାଯାଏ । ସେହି ବତକମାନଙ୍କ ପାଖରୁ ବର୍ଷକୁ ହାରାହାରି ୧୦ ରୁ ୧୫ ହଜାର କି.ଗ୍ରା. ମଳ ପୋଖରୀରେ ମିଳିଥାଏ, ଯାହାକି ପୋଖରୀ ଜୈବିକ ଖତର ଆବଶ୍ୟକତା ମେଣ୍ଟାଇ ଥାଏ। ବତକମାନଙ୍କୁ ଖାଇବାକୁ ଦିଆଯାଉଥିବା ଦାନାରୁ ବ୍ୟବହୃତ ହୋଇ ନ ପାରି ଯେତିକି ବଳିପଡ଼େ ଏବଂ ବତକମାନଙ୍କ ମଳରେ ଥିବା ଅଧା ହଜମ ଖାଦ୍ୟ, ପୋଖରୀର ଉର୍ବରତା ବୃଦ୍ଧି କରିବା ସହିତ ମାଛଖାଦ୍ୟ ରୂପେ ମଧ୍ୟ ବ୍ୟବହୃତ ହୋଇଥାଏ ।



**ଆୟ –** ଏକ ଏକର ପୋଖରୀରେ ମାଛ ଓ ବତକ ପାଳନ କଲେ ୧୨୦ ରୁ ୧୬୦୦ କି.ଗ୍ରା. ମାଛ, ୬୦୦ରୁ ୭୦୦ଟି ଅଣ୍ଡା ଓ ୨୦୦ରୁ ୨୫୦ କି.ଗ୍ରା. ବତକ ମାଂସ ମିଳିଥାଏ । ସେହିପରି ମାଛ ଓ ବତକ ପାଳନରେ ବର୍ଷକୁ ହେକ୍ଟର ପ୍ରତି ୨ ଟନ୍‌ରୁ ୩ ଟନ୍ ମାଛ ୮ ହଜାରରୁ ୧୦ ହଜାର ଅଣ୍ଡା ଏବଂ ୫୦୦ରୁ ୬୦୦ କି.ଗ୍ରା. ବତକ ମାଂସ ମିଳିପାରିବ । ମୋଟ ହାରାହାରି ଆୟ ୧ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ ପ୍ରାୟ ୬୦ ହଜାର ଟଙ୍କା ବାଦ୍ ଦେଲେ, ନେଟ୍ ଲାଭ ମିଳିବ ୭୦ ହଜାର ଟଙ୍କା ।

**–ଡା. ବୀରକିଶୋର ପରିଡ଼ା**
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୩/୨୦୨୨ Bhubaneswar, Wednesday, November 23/ 2022

# ସିରିଜ ଜିତିଲା ଭାରତ

ନାପିୟର,୨୨।୧୧(ପି.ଟି.)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଟି୨୦ ସିରିଜର ଅନ୍ତିମ ମ୍ୟାଚ ଟାଇ ହେବା ଫଳରେ ଭାରତ ୧-୦ରେ ସିରିଜ ଜିତି ନେଇଛି। ସିରିଜର ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଜିତି ନେଇଥିଲା ଭାରତ। ଅନ୍ତିମ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଡେଭନ କନ୍‌ୱେଙ୍କ ୫୯ ଓ ଗ୍ଲେନ ଫିଲିପ୍ସଙ୍କ ୫୪ ରନ ବଳରେ ୧୬୦ ରନରେ ଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂ ୪ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୯ ଓଭରରେ ୪ ଉଇକେଟ ହରାଇ ୭୫ ରନ କରିଥିବା ବେଳେ ବର୍ଷା ହୋଇଥିଲା। ଡର୍କୱର୍ଥ ଲୁଇସ୍ ମେଥଡ୍ ଅନୁସାରେ ମ୍ୟାଚ୍ ଟାଇ ହେବାରୁ ଭାରତ ସିରିଜ ଜିତି ନେଇଥିଲା।

ୱିଲିୟମ୍‌ସନ୍‌ଙ୍କ ଅନୁପସ୍ଥିତିରେ ଟସ୍ ଜିତି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଓପନର ଡେଭନ କନ୍‌ୱେ ସର୍ବାଧିକ ୫୯ ରନ୍ କରିଥିଲେ। ୪୯ ବଲ୍ ଖେଳି ସେ ୫ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ୍ ଫିଲିପ୍ସ ୫୪ ରନ୍ କରିଥିଲେ। ଫିଲିପ୍ସଙ୍କ ଇନିଂସରେ ୫ ଚୌକା ଓ ୩ ଛକା ସାମିଲ ଥିଲା। ତେବେ ସିରାଜ ଓ ଅର୍ଶଦୀପ ନିୟମିତ ବ୍ୟବଧାନରେ ଉଇକେଟ ହାସଲ କରିବା ଫଳରେ ଘରୋଇ ଦଳ ୧୯.୪ ଓଭରରେ ୧୬୦ ରନ୍‌ରେ ସୀମିତ ରହିଥିଲା।


ନ୍ୟୁଜିଲାଣ୍ଡ ବିପକ୍ଷରେ ଟି୨୦ ସିରିଜ ବିଜୟୀ ଭାରତୀୟ ଦଳ।

## ଅନ୍ତିମ ଟି୨୦ ଟାଇ

୧୬୧ ରନର ପିଛା କରୁଥିବା ଭାରତ ପକ୍ଷରୁ ଦୁଇ ଓପନର ରିଷଭ ପନ୍ତ(୧୧) ଓ ଇଶାନ କିଶନ(୧୦) ପୁନର୍ବାର ବିଫଳ ହୋଇଥିଲେ। ତେବେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା(୩୦*)ଙ୍କ ଇନିଂସ ବଳରେ ଭାରତ ୯ ଓଭରରେ ୪ ଉଇକେଟ ହରାଇ ୭୫ ରନ୍ କରିଥିଲା। ଡର୍କୱର୍ଥ ଲୁଇସ ନିୟମ ଅନୁସାରେ ସ୍କୋର ଟାଇ ରହିଥିଲା। ବର୍ଷା କାରଣରୁ ସୁପର ଓଭର ଖେଳ ସମ୍ଭବ ନ ହେବାରୁ ସିରିଜ୍ ଜିତି ନେଇଥିଲା ଭାରତ। ମହମ୍ମଦ ସିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଓ ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

# ଅଷ୍ଟ୍ରେଲିଆର କ୍ଲିନ୍‌ସୁଇପ୍

**ମେଲବୋର୍ନ, ୨୨।୧୧ (ଏପି):** ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୨୨୧ରନରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୩-୦ରେ ସିରିଜ ବିଜୟୀ ହୋଇଛି। ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ମଙ୍ଗଳବାର ଖେଳାଯାଇଥିବ ଏହି ମ୍ୟାଚରେ ଅଷ୍ଟ୍ରେଲିଆକୁ ଜିତାଇବାରେ ଟ୍ରାଭିସ୍ ହେଡ୍ ଓ ଡେଭିଡ୍ ୱାର୍ନର ବିଶେଷ ଭୂମିକା ଗ୍ରହଣ କରିଥିଲେ। ଏହି ଓପନିଂ ଯୋଡ଼ି ପ୍ରଥମ ଉଇକେଟରେ ୨୬୯ ରନ ଯୋଗ କରିଥିଲେ। ୱାର୍ନର ଓ ହେଡ୍‌ଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୩୫୫ ରନ କରିଥିଲା। ଏମ୍‌ସିଜିରେ ଏହା ହେଉଛି ସର୍ବୋଚ୍ଚ ସ୍କୋର। ହେଡ୍ ତାଙ୍କ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଶତକ ଅବସରରେ ୧୩୦ ବଲ୍‌ରୁ ୧୫୨ ରନ କରିଥିଲେ। ଏହି ଫର୍ମାଟରେ ତାଙ୍କର ଏହା ହେଉଛି ସର୍ବୋଚ୍ଚ ସ୍କୋର। ୱାର୍ନର ୧୦୬ ରନ କରିଥିଲେ। ଇଂଲଣ୍ଡ ତରଫରୁ ମାତ୍ର ୬ଟି ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଫାଷ୍ଟ ବୋଲର ଓଲି ଷ୍ଟୋନ୍ ମ୍ୟାଚ୍‌ରେ ୮୫ ରନ ବିନିମୟରେ ୪ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ଇନିଂସରେ ଦୁଇ ଥର ବର୍ଷା ବାଧକ ହେବା ଦ୍ୱାରା ଗେମ୍‌କୁ ୪୮ ଓଭର ବିଶିଷ୍ଟ କରାଯାଇଥିଲା। ଡିଏଲ୍‌ଏସ୍ ପଦ୍ଧତି ଅନୁସାରେ ଇଂଲଣ୍ଡ ପାଇଁ ୩୬୪ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଇଂଲଣ୍ଡ ୩୨ ଓଭରରେ ୧୪୨ ରନରେ ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଜାସନ ରୟ ୩୮ ରନ କରିଥିଲେ।

# ରୋନାଲ୍ଡୋଙ୍କ ସହ ସମ୍ପର୍କ ଛିନ୍ନ କଲା ମାଞ୍ଚେଷ୍ଟର



କ୍ରିଷ୍ଟିଆନୋ ରୋନାଲ୍ଡୋ

ଲଣ୍ଡନ,୨୨।୧୧

ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସହିତ ସମ୍ପର୍କ ଛିନ୍ନ କରିଛି ଫୁଟବଲ କ୍ଲବ ମାଞ୍ଚେଷ୍ଟର ୟୁନାଇଟେଡ୍। ଏକ ଖବରଦାତା ସମ୍ମିଳନୀରେ ମାଞ୍ଚେଷ୍ଟର ୟୁନାଇଟେଡ ଓ ଏହାର ମ୍ୟାନେଜର ଏରିକ୍ ଟେନ୍ ହାଗଙ୍କ ବିଷୟରେ ମନ୍ତବ୍ୟ ଦେଇଥିଲେ। ଏହାକୁ ଫୁଟବଲ କ୍ଲବ ପକ୍ଷରୁ ବିରୋଧ ମଧ୍ୟ କରାଯାଇଥିଲା। ତେବେ ରୋନାଲ୍ଡୋଙ୍କ ବୟାନର ଦୁଇ ଦିନ ପରେ କ୍ଲବ୍ ପକ୍ଷରୁ ତାଙ୍କ ସହିତ ଚୁକ୍ତିନାମାକ ରଦ୍ଦ କରି ଦିଆଯାଇଛି। ରୋନାଲ୍ଡୋ ମାଞ୍ଚେଷ୍ଟର ୟୁନାଇଟେଡ ସହିତ ନିଜର ଦ୍ୱିତୀୟ କାର୍ଯ୍ୟକାଳରେ ସାପ୍ତାହିକ ୫ ଲକ୍ଷ ପାଉଣ୍ଡର ଅର୍ଥରାଶି ନେଉଥିବା ବେଳେ ଜୁଲାଇ ୨୦୨୩ ଯାଏ ଏହି ଚୁକ୍ତି ବୈଧ ଥିଲା। ୩୭ ବର୍ଷୀୟ ରୋନାଲ୍ଡୋ ୨୦୦୩ରୁ ୨୦୦୯ ଯାଏ କ୍ଲବ ସହିତ ରହିଥିବା ବେଳେ ପୁନର୍ବାର ୨୦୨୧ରେ ପ୍ରତ୍ୟାବର୍ତ୍ତନ କରିଥିଲେ। ୟୁନାଇଟେଡ ପକ୍ଷରୁ ୩୪୬ଟି ମ୍ୟାଚ ଖେଳିଥିବା ବେଳେ ସେ ୧୪୫ଟି ଗୋଲ ସ୍କୋର କରିଛନ୍ତି। ଟଟ୍ଟେନହାମ୍ ହଟସ୍ପର ବିପକ୍ଷରେ ସବଷ୍ଟିଚ୍ୟୁଟ ଭାବରେ ଖେଳିବାକୁ ରୋନାଲ୍ଡୋ ମନା କରିବା ପରେ ଏହି ବିବାଦର ସୂତ୍ରପାତ ହୋଇଥିଲା। ମାଞ୍ଚେଷ୍ଟର ୟୁନାଇଟେଡ୍ ପକ୍ଷରୁ ତାଙ୍କୁ ଏକ ସପ୍ତାହ ନିଲମ୍ବନ କରିଥିଲା। ସାକ୍ଷାତକାରରେ ରୋନାଲ୍ଡୋ କହିଥିଲେ ସେ ଟିମର ମ୍ୟାନେଜର ଏରିକ୍ ଟେନ୍ ହାଗଙ୍କୁ ସମ୍ମାନ କରନ୍ତି ନାହିଁ। ଏରିକ୍ ତାଙ୍କୁ ସମ୍ମାନ ଦେଉ ନଥିବାରୁ ସେ ମଧ୍ୟ ସମ୍ମାନ ଦେବାକୁ ପସନ୍ଦ କରନ୍ତି ନାହିଁ ବୋଲି ରୋନାଲ୍ଡୋ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବିଶ୍ୱକପରେ ଗୁରୁବାର ପର୍ତ୍ତୁଗାଲ ଗୁରୁବାର ଘାନା ବିପକ୍ଷରୁ ଏହାର ଅଭିଯାନ ଆରମ୍ଭ କରିବ।

# ନୂଆ ଫର୍ମାଟରେ ଖେଳାଯିବ ଆସନ୍ତା ଟି୨୦ ବିଶ୍ୱକପ୍

**ନୂଆଦିଲ୍ଲୀ, ୨୨।୧୧ (ପି.ଟି.):** ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ୨୦୨୪ ଏକ ଭିନ୍ନ ଫର୍ମାଟରେ ଖେଳାଯିବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରଥମ ରାଉଣ୍ଡ ପରେ ସୁପର ୮ ପର୍ଯ୍ୟାୟ ଖେଳାଯିବ। ୨୦୨୧ ଓ ୨୦୨୨ ସଂସ୍କରଣ ପ୍ରଥମ ରାଉଣ୍ଡ ପରେ ସୁପର ୧୨ ଖେଳାଯାଇଥିଲା। କିନ୍ତୁ ପରବର୍ତ୍ତୀ ଟୁର୍ନାମେଣ୍ଟରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟରେ ୮ଟି ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ୱେଷ୍ଟଇଣ୍ଡିଜ ଓ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ରେ ଖେଳାଯିବାକୁଥିବା ଟୁର୍ନାମେଣ୍ଟର ପରବର୍ତ୍ତୀ ସଂସ୍କରଣ ପାଇଁ ୧୨ଟି ଦଳ ସ୍ଥାନ ପକ୍କା କରିସାରିଛନ୍ତି। ଆୟୋଜକ ହିସାବରେ ୱେଷ୍ଟଇଣ୍ଡିଜ ଓ ୟୁଏସ୍‌ଏକୁ ପ୍ରଥମ ଦୁଇ ସ୍ଥାନ ମିଳିଛି।

# କିଟ୍ ଟେନିସ ଦଳକୁ ସର୍ବଭାରତୀୟ ଯୋଗ୍ୟତା

ଭୁବନେଶ୍ୱର, ୨୨।୧୧
(କ୍ରୀଡ଼ା ପ୍ରତିନିଧି)

ନୂଆଦିଲ୍ଲୀଠାରେ ଚାଲିଥିବା ଇଷ୍ଟଜୋନ୍ ୟୁନିଭର୍ସିଟି ଟେନିସ (ମହିଳା ଓ ପୁରୁଷ) ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରି କିଟ୍ ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ଟୁର୍ନାମେଣ୍ଟ ଏବଂ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପାଇଁ ଯୋଗ୍ୟତା ଅର୍ଜନ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କିଟ୍ ପୁରୁଷ ଦଳ ୨-୧ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ଏବଂ ମହିଳା ଦଳ ଗୁଆହାଟୀର କଟନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ କିଟ୍ ପୁରୁଷ ଓ ମହିଳା ଦଳ ରାୟପୁରର ପଣ୍ଡିତ ରବି ଶୁକ୍ଳା ବିଶ୍ୱବିଦ୍ୟାଳୟ ଦଳକୁ ଭେଟିବ। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ଟୁର୍ନାମେଣ୍ଟ ମୁରଥାଲସ୍ଥିତ ଦୀନବନ୍ଧୁ ଛୋଟୁରାମ



କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ଟେନିସ ଦଳ।

ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ଡିସେମ୍ବର ୨ରୁ ୬ ଏବଂ ୨୦୨୨-୨୩ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହେବ। କିଟ୍ ପୁରୁଷ ଦଳରେ କବିର ହଂସ, ଆଦିତ୍ୟ ଶତପଥୀ, ପ୍ରତ୍ୟୁଷ ମହାନ୍ତି, ଆଶିଷ କୁମାର ପରିଡ଼ା, ଯଶରାଜ ନାୟକ ଏବଂ ମହିଳା ଦଳରେ ଋତୁପର୍ଣ୍ଣା ଚୌଧୁରୀ, ଅଭିଲାଷା ବିସ୍ତା, ରିୟା ମର୍ଦରାଜ ଓ ସାକ୍ଷୀ ବରୁଆ ସାମିଲ ଅଛନ୍ତି। ମହମ୍ମଦ ଅନିମୁଲ ହକ୍ କୋଚ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସର୍ବଭାରତୀୟ ଯୋଗ୍ୟତା ପାଇଥିବାରୁ ଉଭୟ ମହିଳା ଓ ପୁରୁଷ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଦିଲୀପ ତିର୍କୀଙ୍କ ଉପରେ ପ୍ରଦର୍ଶନୀ

**ଭୁବନେଶ୍ୱର, ୨୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ପୂର୍ବତନ ଭାରତୀୟ ଅଧିନାୟକ ତଥା ବର୍ତ୍ତମାନର ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ କ୍ରୀଡ଼ା ଜୀବନ ଉପରେ ଏକ ପ୍ରଦର୍ଶନୀ ଚଳିତମାସ ୨୪ ଓ ୨୫ରେ ସୂଚନା ଭବନରେ ଅନୁଷ୍ଠିତ ହେବ। ଓଡ଼ିଶା ପ୍ରଥମ ଅନ୍ତର୍ଜାତୀୟ ସିନିୟର ହକି ଖେଳାଳି ଦିଲୀପ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡିଫେଣ୍ଡରଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। କ୍ରୀଡ଼ା ଖବରଦାତା ସମ୍ବିତ ମହାପାତ୍ର 'ସାବାସ ଦିଲୀପ' ଶୀର୍ଷକରେ ଏହି ପ୍ରଦର୍ଶନୀର ପରିକଳ୍ପନା କରିଛନ୍ତି।

# ସହିଦନଗର-ସିଡିଏ ଲାୟନ୍ସ ଫାଇନାଲ

ପୁରୁଣା ଭୁବନେଶ୍ୱର, ୨୨।୧୧( ଡ଼ି.ଏନଏ.)

ସ୍ଥାନୀୟ କେଶୁରା କ୍ରିକେଟ ପଡ଼ିଆରେ ଚାଲିଥିବା ଏକାମ୍ର କପ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ସହିଦ ନଗରକୁ ଭେଟିବ ସିଡିଏ ଲାୟନ୍ସ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସହିଦ ନଗର ଏମ୍‌ବିଏସ୍‌କୁ ପରାସ୍ତ କରିଛି। ପ୍ରଥମ ବ୍ୟାଟିଂ କରି ସହିଦନଗର ର୍ନିଦ୍ଧାରିତ ୧୦ ଓଭର ରେ ୬ ଉଇକେଟ ହରାଇ ୧୬୩ ରନ କରିଥିଲା। ଜବାବରେ ଏମ୍‌ବିଏସ୍ ଦଳ ର୍ନିଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ୧୩୩ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ସହିଦନଗର ଦଳ ର ଜଗନ ୭୮ ରନ କରି ମ୍ୟାନ ଅଫ ମ୍ୟାଚ ପୁରସ୍କାର ପୂର୍ବତନ ଖେଳାଳି ଧର୍ଯ୍ୟଶୀଳ ପ୍ରଧାନଙ୍କଠାରୁ ଗ୍ରହଣ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ସିଡିଏ ଲାୟନ୍ସ ପ୍ରତିପକ୍ଷ ରକ୍‌ଷ୍ଟାରକୁ ହରାଇ ଦେଇଛି। ପ୍ରଥମ ବ୍ୟାଟିଂ କରି ରକଷ୍ଟାର ଦଳ ର୍ନିଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୧୧୨ରନ କରିଥିଲା। ଜବାବରେ ସିଡିଏ ଲାୟନ୍ସ ୧୦ ଓଭର ରେ ୬ ଉଇକେଟ ହରାଇ ୧୧୫ ସଂଗ୍ରହ କରି ୪ ଉଇକେଟ ରେ ବିଜୟ ହାସଲ କରିଥିଲା। ସିଡିଏ ଦଳର ଜଗନ ମ୍ୟାନ ଅଫ ମ୍ୟାଚ ପୁରସ୍କାର କ୍ୟାପିଡ଼ିଲ ମାଲିକ ଶକ୍ତି ମିଶ୍ରଙ୍କଠାରୁ ଗ୍ରହଣ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ରମେଶ ଦାସ ଓ ତପନ ଭୋଳ।

# ଆମେରିକାକୁ ପରାସ୍ତକରି କ୍ୱାର୍ଟରରେ ଭାରତ

## ୱାର୍ଲ୍ଡ ଟିମ୍ ଚେସ୍ ଚାମ୍ପିୟନଶିପ୍

ଜେରୁଜେଲମ, ୨୨।୧୧ (ପି.ଟି.)

ଭିଦିତ୍ ଗୁଜରାଠୀ ଓ ଏସ୍.ଏଲ୍ ନାରାୟଣନଙ୍କ ବିଜୟ ଯୋଗୁ ଭାରତ ୩-୧ରେ ଯୁକ୍ତରାଷ୍ଟ୍ର ଆମେରିକାକୁ ପରାସ୍ତ କରି ଏଠାରେ ଚାଲିଥିବା ଫିଡେ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍‌ରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟରେ ଭାରତର ଏହା ଦ୍ୱିତୀୟ ବିଜୟ ହୋଇଥିବା ବେଳେ ବୁଧବାର କ୍ୱାର୍ଟରଫାଇଲରେ ଫ୍ରାନ୍ସକୁ ଭେଟିବ। ମଙ୍ଗଳବାର ପୁଲ୍-'ବି'ରେ ଏକ ୫ମ ରାଉଣ୍ଡ ମ୍ୟାଚରେ ଗୁଜରାଠୀ ତାଙ୍କଠାରୁ ଉଚ୍ଚ ର୍ୟାଙ୍କିଂପ୍ରାପ୍ତ ହାନ୍ସ ନିମାନଙ୍କୁ ୩୭ ମୁଭ୍‌ରେ ହରାଇ ଦେଇଥିବାବେଳେ ନାରାୟଣନ ଭାରୁଝାନ୍ ଆକୋବାଏନ୍ ୩୮ ମୁଭ୍‌ରେ ପରାସ୍ତ କରିଥିଲେ। ଆଲେକ୍‌ଜାଣ୍ଡର ଓନିସ୍‌ଚୁକ୍ ଓ ୟୁନିସ୍କି କ୍ୱେସେଡା ପେରେଜଙ୍କ ବିପକ୍ଷ ଗେମ୍‌କୁ ଯଥାକ୍ରମେ ନିହାଲ ସରିନ୍ ଓ ଏସ୍‌ପି ସେଥୁରମଣ ଡ୍ର ରଖିଥିଲେ। ଅନ୍ୟ କ୍ୱାର୍ଟରଫାଇନାଲ ମ୍ୟାଚ ଚାଇନା ବନାମ ପୋଲାଣ୍ଡ, ସ୍ପେନ ବନାମ ଆଜରବୈଜାନ ଏବଂ ୟୁକ୍ରେନ୍ ବନାମ ଉଜ୍‌ବେକିସ୍ତାନ ମଧ୍ୟରେ ହେବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ।